# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁଲାଇ ୨୬/୨୦୨୩ (୧୬ ପୃଷ୍ଠା) Bhubaneswar, Wednesday, July 26/2023 Page 16 | ₹ 7.00

www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul

୪୯ଶ ଭାଗ ୨୪୧ ସଂଖ୍ୟା VOLUME 49 ISSUE 241 SAMBALPUR ମୂଲ୍ୟ ₹୭/-


# ଯାଞ୍ଚରେ କଟକଣା ବଢ଼ାଉଛି ଦୁର୍ଘଟଣା

କେମିତି ଚାଲିଛି କାରଖାନା? କେତେ ସୁରକ୍ଷିତ ଏହାର ପରିବେଶ? ଅନେକ ହଜାର ଶ୍ରମିକ କର୍ମଚାରୀ ଯେଉଁଠାରେ କାମ କରୁଛନ୍ତି, ସେଠାରେ ସେମାନେ ବିପଦମୁକ୍ତ ତ? ମାତ୍ର ମାସେ ବ୍ୟବଧାନରେ ଢେଙ୍କାନାଳ ଜିଲାର ଦୁଇଟି ବଡ଼ ଶିଳ୍ପ ପ୍ରତିଷ୍ଠାନରେ ଘଟିଥିବା ଦୁଇଟି ବଡ଼ଧରଣର ବିସ୍ଫୋରଣ ଏଭଳି ଗୁଡ଼ାଏ ପ୍ରଶ୍ନ ଛିଡ଼ା କରାଇଛି। ୨୦୧୩ ପରଠାରୁ କେନ୍ଦ୍ର ସରକାର କମ୍ପାନୀକୁ ସୁହାଇବା ଭଳି ନିୟମ ଆଣିବା ଏବଂ ରାଜ୍ୟ ଶ୍ରମ ଓ ଇଏସ୍‌ଆଇ ବିଭାଗ ଅଧୀନ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ (ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ଡାଇରେକ୍ଟୋରେଟ୍)ର କ୍ଷମତା ସଙ୍କୁଚିତ କରାଯିବା ଫଳରେ ନିରୀକ୍ଷଣ କାର୍ଯ୍ୟ ଠିକ୍ ଭାବେ ହୋଇପାରୁନାହିଁ। ଫଳରେ ଶିଳ୍ପାନୁଷ୍ଠାନଗୁଡ଼ିକ ବୈଷୟିକ ତ୍ରୁଟି ଲୁଚାଇବାକୁ ପ୍ରୟାସ କରୁଛନ୍ତି, ଯାହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଥିବା କୁହାଯାଉଛି।

- କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ କ୍ଷମତା ସଙ୍କୁଚିତ
- କେନ୍ଦ୍ର ସରକାରଙ୍କ ନିୟମ ନିରୀକ୍ଷଣରେ ଅଡୁଆ



**ଢେଙ୍କାନାଳ, ୨୫।୭(ରତନ ନାୟାର)**

କେନ୍ଦ୍ରୀୟ ଗାଇଡ୍‌ଲାଇନ୍ ଅନୁଯାୟୀ ପରିଚାଳିତ ହେଉଛି ଶିଳ୍ପାନୁଷ୍ଠାନ। କେନ୍ଦ୍ର ସରକାର ଯେଉଁ ନିୟମ ଜାରି କରିବେ, ତାହାକୁ ମାନିବାକୁ ରାଜ୍ୟ ବାଧ୍ୟ। ହେଲେ କମ୍ପାନୀକୁ ସୁହାଇବା ଭଳି ନିୟମ ଏବେ ଶ୍ରମିକ ଓ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। କଳକାରଖାନା ସୁରକ୍ଷା ବ୍ୟବସ୍ଥା ନିରୀକ୍ଷଣ ଗୁରୁଦାୟିତ୍ୱ ତୁଲାଉଥିବା ରାଜ୍ୟ ଶ୍ରମ ଓ ଇଏସ୍‌ଆଇ ବିଭାଗ ଅଧୀନ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ (ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ଡାଇରେକ୍ଟୋରେଟ୍)ର କ୍ଷମତାକୁ ୨୦୧୩ ପରଠାରୁ କ୍ରମାଗତ ଭାବେ ସଙ୍କୁଚିତ କରିଦିଆଯାଇଛି। ଯାଞ୍ଚରେ କଟକଣା ଲଗାଇ ଦିଆଯାଇଛି। ଫଳରେ ଶିଳ୍ପାନୁଷ୍ଠାନଗୁଡ଼ିକରେ ନିୟମିତ ଅନୁଧ୍ୟାନ କରିବା କଷ୍ଟକର ହୋଇପଡ଼ିଛି। ମାସ ମାସ ଧରି ତନଖି ହେଉ ନ ଥିବାରୁ ବୈଷୟିକ ତ୍ରୁଟି ଧରାପଡୁନାହିଁ। ଫଳରେ ଆକସ୍ମିକ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଟାଟା ଷ୍ଟିଲ୍ ମେରାମଣ୍ଡଳୀରେ ଜୁନ୍ ୧୩ରେ ଏବଂ ହିନ୍ଦୋଳ ବ୍ଲକ ଖାଡ଼ବନ୍ଧସ୍ଥିତ ରୁଙ୍ଗ୍‌ଟା ମାଇନ୍ସ ଷ୍ଟିଲ୍ ପ୍ଲାଣ୍ଟରେ ଜୁଲାଇ ୨୦ରେ ଦୁଇଟି ବଡ଼ ଧରଣର ବିସ୍ଫୋରଣ ପରେ କେନ୍ଦ୍ର ସରକାରଙ୍କ ଏଭଳି ନିୟମ ଓ କମ୍ପାନୀ ପ୍ରୀତି ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

## ପରିବାରରେ ହିଂସା

## ପହଞ୍ଚିଲେ ରାଷ୍ଟ୍ରପତି ପୃଷ୍ଠା ୩


DSPL-164

ଓଡ଼ିଶା ସରକାର

प्रधान मंत्री आवास योजना-ग्रामीण
Pradhan Mantri Awaas Yojana-Gramin

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ସମ୍ପର୍କିତ ଜରୁରୀ ସୂଚନା

- ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ୫୩,୭୯୩ ସମ୍ଭାବ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ଗୃହ ମଞ୍ଜୁର ପାଇଁ ଚିହ୍ନଟ କରିଛନ୍ତି।
- ଏହି ତାଲିକା ତା ୨୬/୦୭/୨୦୨୩ ରିଖ ରୁ ତା ୦୨/୦୮ /୨୦୨୩ ରିଖ ପର୍ଯ୍ୟନ୍ତ ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ।
- ତାଲିକାରେ କୌଣସି ଅଯୋଗ୍ୟ ବ୍ୟକ୍ତି ସ୍ଥାନ ପାଇଥିଲେ, ସେମାନଙ୍କ ବିରୁଦ୍ଧରେ ବ୍ଲକ/ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଆପତ୍ତି ବାକ୍ସରେ ନିଜର ଆପତ୍ତି ଦାଖଲ କରିବାକୁ ଅନୁରୋଧ।
- ଟୋଲ ଫ୍ରି ନମ୍ବର: ୦୬୭୪ -୧୫୫୩୩୫/୬୮୧୭୭୭୭ ରେ ଅଥବା www.rhodisha.gov.in ପୋର୍ଟାଲ୍ ମାଧ୍ୟମରେ ମଧ୍ୟ ଆପତ୍ତି ଦାଖଲ କରିପାରିବେ।
- ଯୋଗ୍ୟ ହିତାଧିକାରୀ ମନୋନୟନରେ ରାଜ୍ୟ ସରକାରଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର

OIPR-19001/13/0013/2324



DSPL - 163

ଓଡ଼ିଶା ସରକାର

5

## ନିଯୁକ୍ତି ପର୍ବ

ଆମ ଯୁବଶକ୍ତି ପାଇଁ ନୂଆ ସୁଯୋଗ

ନୂଆ ନିଯୁକ୍ତି

୨୧ଟି ବିଷୟରେ ୩୨୫ ସ୍ନାତକୋତ୍ତର ଶିକ୍ଷକ

ଓ

ମେଧା ସମ୍ବର୍ଦ୍ଧନା ସମାରୋହ

କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ୨୦୨୩ ମସିହା ଦ୍ୱାଦଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ତଥା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ

୨୬ ଜୁଲାଇ ୨୦୨୩ ॥ ଅପରାହ୍ନ ୫ ଟା ୩୦
କନ୍‌ଭେନ୍‌ସନ୍ ସେଣ୍ଟର, ଲୋକସେବା ଭବନ, ଭୁବନେଶ୍ୱର



ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

OIPR-11033/13/0010/2324

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଜୁଲାଇ , ୨୦୨୩

**୪୦୦ କାର୍ ବୁଡ଼ିଗଲା**

ଗ୍ରେଟର ନୋଏଡାରେ ମଙ୍ଗଳବାର ପାଖାପାଖି ୪୦୦ କାର୍ ବର୍ଷା ଜଳରେ ବୁଡ଼ିଯାଇଥିବା ଭିଡିଓ ଭାଇରାଲ ହୋଇଛି। ହିଣ୍ଡନ ନଦୀ ଜଳସ୍ତର ବଢ଼ିବା କାରଣରୁ କାର୍‌ଗୁଡ଼ିକ ବୁଡ଼ିଯାଇଛି। ଅନ୍ୟପକ୍ଷେ ଯମୁନା ଜଳସ୍ତର ପୁଣି ବିପଦ ସଙ୍କେତ ଉପରକୁ ଆସିଛି। ଆଗାମୀ ଦିନରେ ରାଜଧାନୀ ଦିଲ୍ଲୀରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ: ଯବାନ ନିଲମ୍ବିତ

**ନୂଆଦିଲ୍ଲୀ,୨୫।୭:** ମଣିପୁରରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ଯବାନଙ୍କୁ ନିଲମ୍ବନ କରାଯାଇଛି। ଯୁଦ୍ଧ ପୋଷାକ ସହ ଇନ୍‌ସାସ୍ ରାଇଫଲ ଧରିଥିବା ହେଡ୍ କନ୍‌ଷ୍ଟେବଲ ସତୀଶ ପ୍ରସାଦ ମହିଳାଙ୍କୁ ଗାଳିଗୁଲଜ କରୁଥିବାର ଭିଡିଓ ସିସିଟିଭିରେ କଏଦ ହେବା ପରେ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଗତ ୨୦ ତାରିଖରେ ଇମ୍ଫାଲ ୱେଷ୍ଟ ଜିଲାରେ ଏହି ଘଟଣା ଘଟିଥିଲା। ଅଭିଯୋଗ ମିଳିବା ପରେ ଅଭିଯୁକ୍ତ ଯବାନଙ୍କୁ ସେହିଦିନ ନିଲମ୍ବନ କରାଯାଇଥିବା ବିଏସ୍‌ଏଫ୍‌ର ଜଣେ ଅଧିକାରୀ କହିଛନ୍ତି।

### ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍ ବହିଷ୍କୃତ

**ୱାଙ୍ଗ୍ ୟି ହେଲେ ନୂଆ ମନ୍ତ୍ରୀ**


କିନ୍ ଗାଙ୍ଗ୍


ୱାଙ୍ଗ୍ ୟି

**ବେଜିଂ,୨୫।୭:** ମାସେ ହେଲା ସର୍ବସାଧାରଣରେ ଦେଖିବାକୁ ମିଳୁ ନ ଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରୀ କିନ୍ ଗାଙ୍ଗ୍‌ଙ୍କୁ ମଙ୍ଗଳବାର ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଛି। ୱାଙ୍ଗ୍ ୟିଙ୍କୁ ନୂଆ ବହିର୍ବ୍ୟାପାର ମନ୍ତ୍ରୀ ନିଯୁକ୍ତ କରିବା ଲାଗି ଚାଇନାର ଶୀର୍ଷ ବ୍ୟବସ୍ଥାପିକା ଭୋଟ୍ ଦେଇଥିଲା। କିନ୍‌ଙ୍କୁ ବହିଷ୍କାର କରାଯିବାର କାରଣ ଦର୍ଶାଯାଇ ନ ଥିବାବେଳେ ବ୍ୟବସ୍ଥାପିକାର ନିଷ୍ପତ୍ତି ଉପରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ସ୍ୱାକ୍ଷର କରିଛନ୍ତି। କିନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କର ଘନିଷ୍ଠ ଥିଲେ। ଜୁନ୍ ୨୫ରେ କିନ୍ ରୁଷିଆର ଉପବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରେ ରୁଡେଙ୍କୋଙ୍କୁ ବେଜିଂରେ ଭେଟିବା ପରେ ତାଙ୍କର ଆଉ ଦର୍ଶନ ମିଳି ନ ଥିଲା। ତାଙ୍କୁ ମନ୍ତ୍ରିମଣ୍ଡଳରୁ ବହିଷ୍କାର କରାଯାଇଛି କିମ୍ବା ସେ କୌଣସି ତଦନ୍ତର ସମ୍ମୁଖୀନ ହୋଇଛନ୍ତି ବୋଲି ତାଙ୍କ ଅନୁପସ୍ଥିତିରେ ଚର୍ଚ୍ଚା ହେଉଥିଲା। ନୂଆ ବହିର୍ବ୍ୟାପାର ମନ୍ତ୍ରୀ ଭାବେ ୱାଙ୍ଗ୍‌ଙ୍କୁ ନିଯୁକ୍ତି ଦିଆଯିବା ସତ୍ତ୍ୱେ କିନ୍ କେଉଁଠି ଅଛନ୍ତି, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ।

### ରୁଷିଆରେ ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ନିଷିଦ୍ଧ

**ମସ୍କୋ,୨୫।୭:** ରୁଷିଆରେ ଏଣିକି ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ନିଷିଦ୍ଧ। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏ ସଂକ୍ରାନ୍ତୀୟ ବିଲ୍‌ରେ ସୋମବାର ସ୍ୱାକ୍ଷର କରିଛନ୍ତି। ଲିଙ୍ଗ ପରିବର୍ତ୍ତନ ନେଇ କରାଯାଉଥିବା ଡାକ୍ତରୀ ପ୍ରକ୍ରିୟାକୁ ବନ୍ଦ କରିବା ଉଦ୍ଦେଶ୍ୟରେ ଏହି ଆଇନ ଅଣାଯାଇଛି। ପୂର୍ବରୁ ରୁଷିଆ ପାର୍ଲାମେଣ୍ଟ ଉଭୟ ଗୃହରେ ଉକ୍ତ ଆଇନ ପାସ୍ ହୋଇଥିଲା। ଲିଙ୍ଗ ପରିବର୍ତ୍ତନ ଦ୍ୱାରା ଦେଶର ପାରମ୍ପରିକ ମୂଲ୍ୟ ପ୍ରଭାବିତ ହେଉଥିବା ଯୋଗୁ ଏହି ଆଇନ ଅଣାଯାଇଥିବା କୁହାଯାଇଛି। ଖାଲି ଅସ୍ତ୍ରୋପଚାର ନୁହେଁ, ବରଂ ଲିଙ୍ଗ ପରିବର୍ତ୍ତନ ପାଇଁ କରାଯାଉଥିବା ହରମୋନାଲ ଥେରାପିକୁ ମଧ୍ୟ ନୂଆ ଆଇନରେ ବ୍ୟାନ୍ କରାଯାଇଛି। ଆଇନ ପାଇଁ ଏଲ୍‌ଜିବିଟିକ୍ୟୁ କମ୍ୟୁନିଟି ଲୋକଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିବା ସାମାଜିକକର୍ମୀ କହିଛନ୍ତି। ଲିଙ୍ଗ ପରିବର୍ତ୍ତନ ନ କରିପାରି ଅନେକେ ଆତ୍ମହତ୍ୟା କରିବା ସହ ଜୀବନ ହାରିବାର ଉଦ୍ୟମ କରିପାରନ୍ତି। ୨୦୨୦ରେ ଦେଶରେ ସମଲିଙ୍ଗୀ ବିବାହ ବ୍ୟାନ୍ କରାଯାଇଥିଲା। ତେବେ ଏ ସଂକ୍ରାନ୍ତରେ ସମଲିଙ୍ଗୀଙ୍କ ଠାରେ ଦେଖାଯାଉଥିବା ମାନସିକ ରୋଗର ନିବାରଣ ପାଇଁ ହସ୍ପିଟାଲରେ ସେକ୍ସୋଲୋଜିଷ୍ଟ ନିଯୁକ୍ତ କରାଯିବ। ତେବେ ଏହି ନୂଆ ନିୟମକୁ ଖୁବ୍ ଶୀଘ୍ର ଲାଗୁ କରାଯିବ।




## ମଣିପୁର ହିଂସା: ମିଜୋରାମରେ ଜୋରଦାର ବିକ୍ଷୋଭ

**ସାମିଲ ହେଲେ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା**

ଆଇଜଲ,୨୫।୭

ହିଂସାପ୍ରବଣ ମଣିପୁରର ଜନସାଧାରଣଙ୍କ ସମର୍ଥନରେ ମଙ୍ଗଳବାର ମିଜୋରାମରେ ଜୋର୍‌ଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ୫ ସିଭିଲ ସୋସାଇଟିର ମହାସଂଘ କୋଅର୍ଡିନେଶନ କମିଟି ପକ୍ଷରୁ ରାଜଧାନୀ ଆଇଜଲ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରାଲିର ଆୟୋଜନ କରାଯାଇଥିଲା। ଆଇଜଲ ରାଲିରେ ମୁଖ୍ୟମନ୍ତ୍ରୀ ଜୋରାମଥାଙ୍ଗା, ଉପମୁଖ୍ୟମନ୍ତ୍ରୀ ତନଲୁଇଆ, ମନ୍ତ୍ରୀ ଓ ଦଳମତ ନିର୍ବିଶେଷରେ ବିଧାୟକମାନେ ସାମିଲ ହୋଇଥିଲେ। ହଜାର ହଜାର ଲୋକ ପ୍ଲାକାର୍ଡ ଓ ପୋଷ୍ଟର ଧରି ରାଲିରେ ଯୋଗ ଦେଇଥିଲେ। ଆଇଜଲ ବିକ୍ଷୋଭରେ ପ୍ରବଳ ଗହଳି ଯୋଗୁ ସହର ଏକପ୍ରକାର ବନ୍ଦ ହୋଇଯାଇଥିଲା। ରାଲିକୁ ସମର୍ଥନ ଜଣାଇ ଶାସକ ଏମ୍‌ଏନ୍‌ଏଫ୍ ଏବଂ ବିରୋଧୀ ଦଳ ଭାଜପା, କଂଗ୍ରେସ, ଜୋରାମ ପିପୁଲ୍ସ ମୁଭ୍‌ମେଣ୍ଟ ମଧ୍ୟ ସେମାନଙ୍କ କାର୍ଯ୍ୟାଳୟକୁ ବନ୍ଦ ରଖିଥିଲେ। ମଣିପୁରରେ ହିଂସା ବନ୍ଦ ଲାଗି ଏନ୍‌ଜିଓ କୋଅର୍ଡିନେଶନ କମିଟିର ଅଧ୍ୟକ୍ଷ କେନ୍ଦ୍ରକୁ ଆହ୍ୱାନ ଦେଇଛନ୍ତି।

# ରାଜ୍ୟ ସଭାରେ ଖାର୍ଗେ-ଗୋୟଲ ମୁହାଁମୁହିଁ

**ମଣିପୁର ପ୍ରସଙ୍ଗ**

ନୂଆଦିଲ୍ଲୀ,୨୫।୭(ପି.ଟି.)



ମଣିପୁର ପ୍ରସଙ୍ଗରେ ଆଲୋଚନାକୁ ନେଇ ରାଜ୍ୟ ସଭାରେ ଗୃହର ନେତା ପୀୟୂଷ ଗୋୟଲ ଏବଂ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କ ମଧ୍ୟରେ ମଙ୍ଗଳବାର ଜୋର୍‌ଦାର ବାକ୍‌ଯୁଦ୍ଧ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୃହରେ ଉପସ୍ଥିତ ରହନ୍ତୁ ବୋଲି ଖାର୍ଗେ ଦାବି କରିଥିବାବେଳେ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାର ମଧ୍ୟ ଗୃହରେ ଆଲୋଚନା ହେଉ ବୋଲି ଗୋୟଲ କହିଥିଲେ। ପ୍ରଶ୍ନୋତ୍ତର କାଳ ଆରମ୍ଭ ହେବାଠାରୁ ବିରୋଧୀମାନେ ଗୃହରେ ହଟ୍ଟଗୋଳ କରିବା ସହ 'ମଣିପୁର, ମଣିପୁର' ସ୍ଲୋଗାନ ଦେଇଥିଲେ। ରୁଲ୍ ୨୬୭ ଅନୁଯାୟୀ ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ନୋଟିସ ଦେଇଥିବାବେଳେ ସରକାର ଏଥିପାଇଁ ପ୍ରସ୍ତୁତ ନାହାନ୍ତି ବୋଲି ଖାର୍ଗେ କହିଥିଲେ। ଏହାର ଜବାବରେ ରାଜସ୍ଥାନ, ଛତିଶଗଡ଼, ତେଲଙ୍ଗାନା ଓ ପଶ୍ଚିମବଙ୍ଗରେ ମହିଳା ନିର୍ଯାତନା ପ୍ରସଙ୍ଗରେ ଆଲୋଚନା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ପ୍ରସ୍ତୁତ ଅଛନ୍ତି ବୋଲି ଗୋୟଲ କହିଥିଲେ। ମୋଦି ବାହାରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବିଷୟରେ କହୁଛନ୍ତି, ହେଲେ ଗୃହକୁ ଆସି ମଣିପୁର ସ୍ଥିତି ସମ୍ପର୍କରେ ଅବଗତ କରାଉ ନାହାନ୍ତି କାହିଁକି ବୋଲି ଖାର୍ଗେ ପ୍ରଶ୍ନ କରିଥିଲେ। ବିରୋଧୀ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ପାଇଁ ସୁଯୋଗ ଦେଉନାହାନ୍ତି ବୋଲି ଗୋୟଲ ଅଭିଯୋଗ କରିଥିଲେ।

## ଅନାସ୍ଥା ପ୍ରସ୍ତାବ ଆଣିପାରନ୍ତି ବିରୋଧୀ



ମଣିପୁର ହିଂସା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ଆସି ବିବୃତି ରଖୁ ନ ଥିବାରୁ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର କେତେକ ଦଳ କେନ୍ଦ୍ର ସରକାରଙ୍କ ବିରୋଧରେ ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଛନ୍ତି। ଅନାସ୍ଥା ନୋଟିସ୍ ପ୍ରଦାନ ପ୍ରସ୍ତାବ ଉପରେ ମଙ୍ଗଳବାର ସକାଳେ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲିଆନ୍ସ (ଇଣ୍ଡିଆ)ର ସହଯୋଗୀ ଦଳମାନଙ୍କ ବୈଠକରେ ଆଲୋଚନା ହୋଇଥିଲା। ମଣିପୁର ପ୍ରସଙ୍ଗରେ ସରକାରଙ୍କୁ ଅଡୁଆରେ ପକାଇବାକୁ ୪ ଦିନ ହେଲା ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଲାଗିରହିଛି। ୨୦୧୮ ଜୁଲାଇ ୨୦ରେ ମୋଦି ସରକାରଙ୍କ ବିରୋଧରେ ବିରୋଧୀ ପ୍ରଥମ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ସରକାରଙ୍କ ସପକ୍ଷରେ ୩୨୫ ଏମ୍‌ପି ଭୋଟ ଦେଇଥିବାବେଳେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମାତ୍ର ୧୨୬ ଭୋଟ ପଡ଼ିଥିଲା। ଏବେ ନିମ୍ନ ସଦନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏର ନିରଙ୍କୁଶ ସଂଖ୍ୟାଗରିଷ୍ଠତା ଥିବାରୁ ଅନାସ୍ଥା ପ୍ରସ୍ତାବର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି।

## ଟ୍ରେନ୍ ଟିକେଟ ବୁକିଂ ବାଧାପ୍ରାପ୍ତ

**ଆଇଆର୍‌ସିଟିସି ୱେବ୍‌ସାଇଟ ଡାଉନ**

ମୁମ୍ବାଇ,୨୫।୭

ବୈଷୟିକ କାରଣରୁ ଇଣ୍ଡିଆନ୍ ରେଲ୍‌ୱେ କ୍ୟାଟରିଂ ଆଣ୍ଡ ଟୁ୍ୟରିଜମ୍ କର୍ପୋରେଶନ (ଆଇଆର୍‌ସିଟିସି)ର ୱେବ୍‌ସାଇଟ ଏବଂ ମୋବାଇଲ୍ ଆପ୍ଲିକେଶନ ମଙ୍ଗଳବାର ଦୀର୍ଘ ସମୟ ପର୍ଯ୍ୟନ୍ତ ଡାଉନ୍ ରହିବାରୁ ଟିକେଟ ବୁକିଂ ବାଧାପ୍ରାପ୍ତ ହୋଇଥିଲା। କେତେକ ଯାତ୍ରୀ ଆଇଆର୍‌ସିଟିସି ୱେବ୍‌ସାଇଟ୍ କିମ୍ବା ମୋବାଇଲ୍ ଆପ୍‌ରେ ଟିକେଟ ବୁକିଂ ପାଇଁ ଉଦ୍ୟମ କଲାବେଳେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଇଥିଲା କିନ୍ତୁ ଟିକେଟ ବୁକ୍ ହୋଇ ନ ଥିଲା। ଅଟୋମେଟିକ୍ ଟିକେଟ୍ ଭେଣ୍ଡିଂ ମେଶିନ୍ (ଏଟିଭିଏମ୍) ଗୁଡ଼ିକ ଜରିଆରେ ଅଣସଂରକ୍ଷିତ ଟିକେଟ କିଣାଯାଉଥିବାବେଳେ ସେଥିରେ ମଧ୍ୟ ସମସ୍ୟା ଦେଖାଦେଇଥିଲା। ଫଳରେ ମଙ୍ଗଳବାର ସକାଳଠାରୁ ଟ୍ରେନ୍ ଯାତ୍ରୀମାନେ ଟିକେଟ ନ ପାଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଆଇଆର୍‌ସିଟିସିର ଟିକେଟିଂ ସହଯୋଗୀଙ୍କ ଜରିଆରେ ଟିକେଟ ବୁକିଂରେ ମଧ୍ୟ ସମସ୍ୟା ଦେଖାଦେଇଥିବାର କେତେଜଣ ଯାତ୍ରୀ ଅଭିଯୋଗ କରିଥିଲେ। ସେଣ୍ଟର ଫର୍ ରେଲ୍‌ୱେ ଇନ୍‌ଫର୍ମେଶନ ସିଷ୍ଟମ୍ (ସିଆର୍‌ଆଇଏସ୍)ର ଟେକ୍‌ନିକାଲ ଟିମ୍ ପହଞ୍ଚି ସମସ୍ୟାର ସମାଧାନ କରିଥିଲେ। ଆମାଜନ, ମେକ୍‌ମାଇଁଟ୍ରିପ୍ ଓ ଅନ୍ୟାନ୍ୟ ପ୍ଲାଟ୍‌ଫର୍ମରୁ ଟିକେଟ ବୁକ୍ କରିବାକୁ ଯାତ୍ରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ସୋମବାର ରାତି ୨ଟା ୫୬ରୁ ମଙ୍ଗଳବାର ଅପରାହ୍ନ ୧ଟା ୨୮ ପର୍ଯ୍ୟନ୍ତ ଆଇଆର୍‌ସିଟିସି ୱେବ୍‌ସାଇଟରେ ଟେକ୍‌ନିକାଲ ସମସ୍ୟା ଦେଖାଦେଇଥିଲା ବୋଲି କେନ୍ଦ୍ରୀୟ ରେଲୱେ ପକ୍ଷରୁ କୁହାଯାଇଛି। ୧ଟା ୨୮ ମିନିଟ୍ ପରେ ୱେବ୍‌ସାଇଟ୍ ସ୍ୱାଭାବିକ ହୋଇଥିଲା।

## ବୀରେନ୍ ସିଂଙ୍କ ଇସ୍ତଫା ଦାବିକଲେ ଡିସିଡବ୍ଲ୍ୟୁ ମୁଖ୍ୟ

ଇମ୍ଫାଲ,୨୫।୭


ସ୍ୱାତୀ ମାଲିୱାଲ

ମଣିପୁର ହିଂସା ଘଟଣାରେ ଦିଲ୍ଲୀ ମହିଳା କମିଶନ(ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂଙ୍କ ଇସ୍ତଫା ଦାବି କରିଛନ୍ତି। ସେ ଦିଲ୍ଲୀରୁ ଆସି ପୀଡ଼ିତାଙ୍କୁ ଭେଟିପାରୁଥିବାବେଳେ ମୁଖ୍ୟମନ୍ତ୍ରୀ ଆସିପାରୁନାହାନ୍ତି କାହିଁକି ବୋଲି ସ୍ୱାତୀ ପ୍ରଶ୍ନ କରିଥିଲେ। ଜାତିଆଣ ହିଂସା ବେଳେ ମେ' ୪ରେ ଦୁଇଜଣ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ପରେଡ୍ କରାଯାଇଥିଲା। ସେମାନେ ଗଭୀର ମାନସିକ ଆଘାତ ପାଇଥିବାବେଳେ ଏପର୍ଯ୍ୟନ୍ତ କୌଣସି ସହାୟତା ପାଇ ନାହାନ୍ତି। ସରକାରରୁ କେହି ଦୁଇ ପୀଡ଼ିତାଙ୍କୁ ଭେଟିବା ଲାଗି ନ ଆସିବା ଦୁର୍ଭାଗ୍ୟଜନକ ବୋଲି ସ୍ୱାତୀ କହିଛନ୍ତି। ଡିସିଡବ୍ଲ୍ୟୁ ଅଧ୍ୟକ୍ଷା ପୀଡ଼ିତାଙ୍କ ପରିବାରକୁ ଭେଟିବା ଅବସରରେ ହିଂସାକାଣ୍ଡ ପାଇଁ ରାଜ୍ୟ ସରକାରଙ୍କୁ ନିନ୍ଦା କରିଥିଲେ।

## ମଣିପୁରକୁ ଆଂଶିକ ଫେରିଲା ଇଣ୍ଟରନେଟ୍ ସେବା

ନୂଆଦିଲ୍ଲୀ,୨୫।୭

ମଣିପୁରରେ ଜାତିଆଣ ହିଂସା ଯୋଗୁ ଦୁଇ ମାସରୁ ଊର୍ଦ୍ଧ୍ୱ ଇଣ୍ଟରନେଟ୍ ସେବା ବନ୍ଦ ରହିବା ପରେ ମଙ୍ଗଳବାର ଆଂଶିକ ଫେରିଛି। ଯେଉଁମାନେ ଷ୍ଟାଟିକ୍ ଆଇପି ସଂଯୋଗ ନେଇଛନ୍ତି, ସେମାନେ ସୀମିତ ଇଣ୍ଟରନେଟ୍ ସେବା ଉପଲବ୍ଧ କରିପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ଅନ୍ୟ କୌଣସି ସଂଯୋଗ ଲାଗି ଏହି ସେବା ଉପଲବ୍ଧ ହେବ ନାହିଁ। ଯଦି କୌଣସି ଉପଭୋକ୍ତା ଅନ୍ୟ ପ୍ରକାର ସଂଯୋଗର ବ୍ୟବହାର କରୁଥିବା ଜଣାପଡ଼େ ସେଥିପାଇଁ ସେବା ପ୍ରଦାନକାରୀ ଦାୟୀ ରହିବେ। ଷ୍ଟାଟିକ୍ ଆଇପି ଠିକଣାର ପରିବର୍ତ୍ତନ ହୋଇ ନ ଥାଏ। ସେମାନଙ୍କ ଉପରେ ଆଇନ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷ ସହଜରେ ନଜର ରଖିପାରିବେ। ୱାଇ-ଫାଇ ହଟ୍‌ସ୍ପଟ୍‌କୁ ଅନୁମତି ଦିଆଯାଇ ନାହିଁ। ସେହିପରି ଉପଭୋକ୍ତାଙ୍କ ପାଇଁ ସୋସିଆଲ ମିଡିଆ ୱେବ୍‌ସାଇଟ ଉପଲବ୍ଧ ହେବ ନାହିଁ। ଉପଭୋକ୍ତାଙ୍କୁ ଭର୍ଚୁଆଲ ଘରୋଇ ନେଟ୍‌ୱର୍କ (ଭିପିଏନ୍) ସଫ୍ଟୱେର ହଟାଇବାକୁ ହେବ। ଦୀର୍ଘଦିନ ଧରି ଇଣ୍ଟରନେଟ୍ ସେବା ବନ୍ଦ ରହିବା ଫଳରେ ମଣିପୁର ସରକାର ତୀବ୍ର ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ଇଣ୍ଟରନେଟ୍ ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ନାମଲେଖା, ଭ୍ରମଣ ଆଦି ବିଭିନ୍ନ ସେବା ବାଧାପ୍ରାପ୍ତ ହୋଇଥିଲା। ଗୁଜବ, ମିଛ ଖବର ପ୍ରଚାର କରି ହିଂସାକୁ ଉସୁକାଇବାରୁ ଲୋକଙ୍କୁ ଦୂରେଇ ରଖିବା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିବା ଜରୁରୀ ଥିଲା ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଅଢ଼େଇ ମାସରୁ ଊର୍ଦ୍ଧ୍ୱ ହିଂସା ଜାରି ରହିଥିବାରୁ ସରକାରଙ୍କ ଇଣ୍ଟରନେଟ୍ ବନ୍ଦ ନିଷ୍ପତ୍ତି ଉପରେ ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଥିଲେ। ମଣିପୁର ଜାତିଆଣ ହିଂସାରେ ୧୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିବାବେଳେ ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ଅସ୍ଥାୟୀ ଶିବିରରେ ଆଶ୍ରୟ ନେଇଛନ୍ତି।

## ପୂର୍ବତନ ମନ୍ତ୍ରୀ ଗୋପାଳ କାଣ୍ଡା ଦୋଷମୁକ୍ତ

**ଏୟାରହୋଷ୍ଟେସ୍ ଗୀତିକା ଶର୍ମା ଆତ୍ମହତ୍ୟା ମାମଲା**

ନୂଆଦିଲ୍ଲୀ,୨୫।୭


ଗୀତିକା ଶର୍ମା


ଗୋପାଳ କାଣ୍ଡା

ପୂର୍ବତନ ଏୟାରହୋଷ୍ଟେସ୍ ଗୀତିକା ଶର୍ମାଙ୍କୁ ଆତ୍ମହତ୍ୟା ପାଇଁ ବାଧ୍ୟ କରିବା ମାମଲାରେ ହରିୟାଣାର ପୂର୍ବତନ ମନ୍ତ୍ରୀ ଗୋପାଳ କାଣ୍ଡା ଓ ତାଙ୍କ ସହଯୋଗୀ ଅରୁଣା ଚଢ଼ାଙ୍କୁ ଦିଲ୍ଲୀର ଏକ ଅଦାଲତ ମଙ୍ଗଳବାର ଦୋଷମୁକ୍ତ କରିଛନ୍ତି। ତଦନ୍ତକାରୀ ସଂସ୍ଥା ସେମାନଙ୍କ ବିରୋଧରେ ଉପଯୁକ୍ତ ତଥ୍ୟ ପ୍ରମାଣ ଦାଖଲ କରିବାରେ ବିଫଳ ହୋଇଥିବା କୋର୍ଟ କହିଛନ୍ତି। ଅଦାଲତ କାଣ୍ଡା ଓ ତାଙ୍କ ସହଯୋଗୀଙ୍କୁ ୧ ଲକ୍ଷ ଟଙ୍କା ବ୍ୟକ୍ତିଗତ ମୁଚାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ଆବଶ୍ୟକ ହେଲେ ପୋଲିସରେ ହାଜର ହେବା ଲାଗି କହିଛନ୍ତି।

ଭୂପିନ୍ଦର ସିଂ ହୁଡା ସରକାରରେ ଗୃହମନ୍ତ୍ରୀ ଥିବା କାଣ୍ଡାଙ୍କ ଏମ୍‌ଏଲ୍‌ଡିଆର୍ ଏୟାରଲାଇନ୍ସର ପୂର୍ବତନ ଏୟାରହୋଷ୍ଟେସ୍ ଗୀତିକା ୨୦୧୨ ଅଗଷ୍ଟ ୫ରେ ଦିଲ୍ଲୀର ଅଶୋକ ବିହାର ବାସଭବନରେ ଆତ୍ମହତ୍ୟା କରିଥିଲେ। କାଣ୍ଡା ଓ ତାଙ୍କ ସହଯୋଗୀ ଚଢ଼ା ହଇରାଣ କରିବାରୁ ସେ ଆତ୍ମହତ୍ୟା କଲେ ବୋଲି ଗୀତିକା ତାଙ୍କ ସୁଇସାଇଡ ନୋଟ୍‌ରେ ଲେଖିଥିଲେ। ମାମଲା ଦାଏର ପରେ ହରିୟାଣା ଲୋକହିତ ପାର୍ଟି ନେତା ତଥା ସିର୍ସା ବିଧାୟକ କାଣ୍ଡା ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ ବିରୋଧରେ ଆଇପିସିର ଦଫା ୩୦୬, ୫୦୬, ୨୦୧, ୧୨୦ବି, ୪୬୬ରେ ମାମଲା ରୁଜୁ ହୋଇଥିଲା। ଏହା ବ୍ୟତୀତ ବଳାତ୍କାର ଓ ଅପ୍ରାକୃତ ଯୌନ ସମ୍ପର୍କ ନେଇ ଧାରା ୩୭୬ ଓ ୩୭୭ ଲାଗିଥିଲେ ହେଁ ଦିଲ୍ଲୀ ହାଇକୋର୍ଟ ପରେ ଏହାକୁ ବାଦ୍ ଦେଇଥିଲେ।

## ବର୍ଷକରେ ୧୬ ହଜାର ଲୋକଙ୍କୁ ଭେଟିଛନ୍ତି ରାଷ୍ଟ୍ରପତି

ନୂଆଦିଲ୍ଲୀ,୨୫।୭


ଦ୍ରୌପଦୀ ମୁର୍ମୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କାର୍ଯ୍ୟକାଳକୁ ମଙ୍ଗଳବାର ଗୋଟିଏ ବର୍ଷ ପୂରିଛି। ବର୍ଷକରେ ରାଷ୍ଟ୍ରପତି ମୋଟ ୧୬,୦୦୦ ବ୍ୟକ୍ତି ବିଶେଷ ସ୍ୱତନ୍ତ୍ର ସାକ୍ଷାତ୍ କରିଛନ୍ତି। ଏଥିସହ ରାଜସ୍ଥାନ, ପଶ୍ଚିମବଙ୍ଗ, ତେଲଙ୍ଗାନା, ଝାଡ଼ଖଣ୍ଡ, ମହାରାଷ୍ଟ୍ର, କର୍ନାଟକ, ଓଡ଼ିଶା ଏବଂ ଉତ୍ତରପ୍ରଦେଶ ଗସ୍ତ ସମୟରେ ମୁର୍ମୁ ଆଦିବାସୀ ଗ୍ରୁପ୍ ୧,୭୫୦ ଜଣ ସଦସ୍ୟଙ୍କୁ ଭେଟିଛନ୍ତି। ସେହିପରି ଗୋଟିଏ ବର୍ଷରେ ମୁର୍ମୁ ଛଅଟି ଉତ୍ତର-ପୂର୍ବ ରାଜ୍ୟ ଗସ୍ତ କରିଛନ୍ତି। ପ୍ରଥମ ଆଦିବାସୀ ମହିଳା ଭାବେ ରାଷ୍ଟ୍ରପତି ହୋଇଥିବା ମୁର୍ମୁ ଅଦ୍ୟାବଧି କେନ୍ଦ୍ର ସରକାରଙ୍କ ୨୦ଟି ବିଲ ଏବଂ ରାଜ୍ୟ ସରକାରଙ୍କ ୨୩ଟି ବିଲ୍‌କୁ ସ୍ୱୀକୃତି ପ୍ରଦାନ କରିଛନ୍ତି।

## ଲାଞ୍ଚ ଟଙ୍କା ଗିଳିଦେଲେ ରାଜସ୍ୱ କର୍ମଚାରୀ

ଭୋପାଳ,୨୫।୭



ମଧ୍ୟପ୍ରଦେଶ କାଷ୍ଟନି ରାଜସ୍ୱ ବିଭାଗ ପଟୱାରି (ରେକର୍ଡକିପର୍) ଲାଞ୍ଚ ନେଇ ଧରାପଡ଼ିଛନ୍ତି। ଜବଲପୁର ଲୋକାୟୁକ୍ତର ସ୍ପେସିଆଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଏସ୍‌ପିଇ) ତାଙ୍କୁ ଲାଞ୍ଚ ନେବା ସମୟରେ ଗିରଫ କରିଛି। ଧରାପଡ଼ିବା ପରେ ପଟୱାରି ଗଜେନ୍ଦ୍ର ସିଂ ଲାଞ୍ଚ ଟଙ୍କାକୁ ଗିଳି ଦେଇଥିଲେ। ଏକ ଜମିବାଡ଼ି ସଂକ୍ରାନ୍ତୀୟ ମାମଲାରେ ଅଭିଯୋଗକାରୀ ଚନ୍ଦନ ସିଂ ଲୋଧିଙ୍କୁ ଗଜେନ୍ଦ୍ର ୪,୫୦୦ ଟଙ୍କା ମାଗିଥିଲେ। ଏ ନେଇ ଚନ୍ଦନ ସିଂ ଜବଲପୁର ଲୋକାୟୁକ୍ତ ବିଭାଗରେ ଅଭିଯୋଗ କରିଥିଲେ। ଗଜେନ୍ଦ୍ର ଚନ୍ଦନଙ୍କଠାରୁ ଲାଞ୍ଚ ନେବା ସମୟରେ ଏସ୍‌ପିଇ ଟିମ୍ ତାଙ୍କୁ ଗିରଫ କରିବାରୁ ସେ ଲାଞ୍ଚ ଟଙ୍କାକୁ ଗିଳିଦେଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାରେ ଗଜେନ୍ଦ୍ର ଗିଳିଥିବା ଟଙ୍କାକୁ ଡାକ୍ତର ବାହାର କରିଥିଲେ। ଗଜେନ୍ଦ୍ରଙ୍କ ବିରୋଧରେ ମାମଲା ରୁଜୁ ପରେ ତଦନ୍ତ ଆରମ୍ଭ ହୋଇଛି।

# ମଣିପୁରରେ ଭାରତର ବିଚାରଧାରା ପୁନଃ ପ୍ରତିଷ୍ଠା କରିବୁ: ରାହୁଲ

ନୂଆଦିଲ୍ଲୀ,୨୫।୭

**ବିରୋଧୀ ମେଣ୍ଟ ନାଁକୁ ନେଇ ବର୍ଷିଲେ ମୋଦି**



ବିରୋଧୀ ମେଣ୍ଟର ନୂଆ ନାଁ 'ଇଣ୍ଡିଆ'କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଜୋର୍‌ଦାର ବର୍ଷିଛନ୍ତି। ଉକ୍ତ ନାଁକୁ ପରିହାସ କରି 'ଇଷ୍ଟ ଇଣ୍ଡିଆ କମ୍ପାନୀ' ଏବଂ ଆତଙ୍କବାଦୀ ସଂଗଠନ 'ଇଣ୍ଡିଆନ ମୁଜାହିଦ୍ଦିନ' ଓ 'ପିପୁଲ୍ସ ଫ୍ରଣ୍ଟ ଅଫ୍ ଇଣ୍ଡିଆ'ରେ ମଧ୍ୟ ଇଣ୍ଡିଆ ଶବ୍ଦ ରହିଥିବା କହିଥିଲେ। ଏଭଳି ଦିଶାହୀନ ବିରୋଧୀଙ୍କୁ ସେ କେବେ ଦେଖି ନ ଥିବା ପ୍ରଧାନମନ୍ତ୍ରୀ ଭାଜପା ସଂସଦୀୟ ଦଳର ସାପ୍ତାହିକ ବୈଠକରେ କହିଥିଲେ। ସୂଚନାଯୋଗ୍ୟ, ୨୦୨୪ ଲୋକ ସଭା ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା ଲାଗି ଗତ ସପ୍ତାହରେ ବେଙ୍ଗାଲୁରୁରେ ୨୬ ବିରୋଧୀ ଦଳ ଏକାଠି ହୋଇଥିବାବେଳେ ସେମାନଙ୍କ ମେଣ୍ଟର ନାମ ଇଣ୍ଡିଆ (ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲିଆନ୍ସ) ରଖିଥିଲେ। ଇଣ୍ଡିଆ ନାଁ ବ୍ୟବହାର କରିବାରେ କିଛି ମିଳିବ ନାହିଁ। ଦେଶର ନାଁ ବ୍ୟବହାର ଦ୍ୱାରା ଜନସାଧାରଣ ବିଭ୍ରାନ୍ତ ହେବେ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିବା ଭାଜପା ନେତା ରବିଶଙ୍କର ପ୍ରସାଦ ସୂଚନା ଦେଇଛନ୍ତି। ବିରୋଧୀ ପରାଜିତ, କ୍ଲାନ୍ତ ଏବଂ ନିରାଶ। ସେଥିପାଇଁ ମୋଦିଙ୍କୁ ବିରୋଧ କରିବା ସେମାନଙ୍କର ଏକମାତ୍ର ଏଜେଣ୍ଡା। ଏଥିରୁ ସେମାନେ ବିରୋଧୀ ହୋଇ ରହିବା ଲାଗି ମନସ୍ଥିର କରିଥିବା ସେମାନଙ୍କ ଆଚରଣରୁ ଜଣାପଡୁଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ବିରୋଧୀ ମେଣ୍ଟକୁ ଆପଣ ଯାହା କୁହନ୍ତୁ, କିନ୍ତୁ ଆମେ 'ଇଣ୍ଡିଆ'। ମଣିପୁର ସମସ୍ୟା ସମାଧାନ କରିବାରେ ଓ ପ୍ରତ୍ୟେକ ମହିଳା ଓ ଶିଶୁଙ୍କ ଆଖିରୁ ଲୁହ ପୋଛିବାରେ ଆମେ ସହାୟତା କରିବୁ ବୋଲି ରାହୁଲ କହିଛନ୍ତି। ମଣିପୁରରେ ଭଲ ପାଇବା ଓ ଶାନ୍ତି ଫେରାଇ ଆମେ ଇଣ୍ଡିଆ ବିଚାରଧାରା ପୁନଃପ୍ରତିଷ୍ଠା କରିବୁ ବୋଲି ରାହୁଲ ଟୁଇଟ୍ କରିଥିଲେ।

# ପହଞ୍ଚିଲେ ରାଷ୍ଟ୍ରପତି

- ସ୍ୱାଗତ କଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ବିଚାରପତି
- କାର୍‌କେଡରୁ ଓହ୍ଲାଇ ରାସ୍ତାରେ ଚାଲି ଚାଲି ଲୋକଙ୍କୁ ଭେଟିଲେ
- ରାଜଭବନରେ କଳିଙ୍ଗ ଅତିଥି ଭବନର ଭିତ୍ତିପ୍ରସ୍ତର ସ୍ଥାପନ କଲେ
- ଆଜି କଟକ କାର୍ଯ୍ୟକ୍ରମରେ ଯୋଗ ଦେବେ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ମଙ୍ଗଳବାର ଅପରାହ୍ନରେ ସ୍ୱାଗତ କରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର।

**ଭୁବନେଶ୍ୱର, ୨୫।୭(ସୁନିତ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର ସର୍ବୋଚ୍ଚ ଆସନରେ ଶପଥ ନେବାର ମଙ୍ଗଳବାର ଠିକ୍ ବର୍ଷେ ପୂରଣ ହୋଇଛି। ଏପରି କି ସଂଯୋଗବଶତଃ ସେ ଏହି ଦିନ ଜନ୍ମମାଟିରେ ଆସି ପହଞ୍ଚିଛନ୍ତି। ୩ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ମୁର୍ମୁ ମଙ୍ଗଳବାର ବାୟୁସେନାର ସ୍ୱତନ୍ତ୍ର ବିମାନ ଯୋଗେ ଭୁବନେଶ୍ୱର ବିମାନବନ୍ଦରରେ ସନ୍ଧ୍ୟା ୫ଟା ୫୯ ମିନିଟରେ ପହଞ୍ଚିଥିଲେ। ସେଠାରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର, ମୁଖ୍ୟଶାସନ ସଚିବ ପ୍ରଦୀପ ଜେନା ଏବଂ ପୋଲିସ ଡିଜି ସୁନୀଲ ବଂଶଲ, ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ବିମାନବନ୍ଦରରୁ ରାଷ୍ଟ୍ରପତିଙ୍କ କାରକେଡ୍ ରାଜଭବନ ଅଭିମୁଖେ ବାହାରିଥିଲା। ତାଙ୍କୁ ସ୍ୱାଗତ ଜଣାଇବା ଲାଗି ପାରମ୍ପରିକ ଗୀତ, ନାଚରେ ରାଜଧାନୀର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଥିଲା। ତେବେ ଆସିବାବେଳେ ବାଟରେ ରାଷ୍ଟ୍ରପତି ଗାଡ଼ିରୁ ଓହ୍ଲାଇ ପାରମ୍ପରିକ ନାଚଗୀତ ମାଧ୍ୟମରେ ତାଙ୍କୁ ସ୍ୱାଗତ ଜଣାଉଥିବା ଲୋକମାନଙ୍କୁ ଭେଟିଥିଲେ। ସେଠାରେ ରାଷ୍ଟ୍ରପତି ଚାଲି ଚାଲି କିଛି ବାଟ ଯାଇଥିବା ମଧ୍ୟ ଦେଖିବାକୁ ମିଳିଥିଲା। ତାଙ୍କୁ ଦେଖିବା ପାଇଁ ମଧ୍ୟ ରାସ୍ତା ପାର୍ଶ୍ୱରେ ବହୁ ଲୋକ ଏକତ୍ରିତ ହୋଇ ରହିଥିଲେ। ରାଜଭବନରେ ରାଷ୍ଟ୍ରପତିଙ୍କ କାରକେଡ୍ ପହଞ୍ଚିବାପରେ ସେଠାରେ କଳିଙ୍ଗ ଅତିଥିଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମ ପରେ ରାଜଭବନ ପରିସରରେ ଆୟୋଜିତ ଅତୁଟ ବନ୍ଧନ ପରିବାରର ହିତାଧିକାରୀ ଡାକ୍ତରୀ ଛାତ୍ରୀଛାତ୍ରମାନଙ୍କ ସହ ଏକ ଭାବବିନିମୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରପତି ଭାବେ ଶପଥ ନେବାର ଏକ ବର୍ଷ ପୂରଣ ହେଉଥିବାରୁ ତାଙ୍କୁ ରାଜଭବନ ପରିସରରେ ଅଭିନନ୍ଦନ ଜଣାଯାଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ସମେତ ରାଜଭବନର ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ କେକ୍ ମଧ୍ୟ କଟାଯାଇଥିଲା।

ରାଷ୍ଟ୍ରପତି ବୁଧବାର କଟକ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚି ସ୍ଥିର ହୋଇଛି। ସକାଳ ୮ଟାରେ ରାଷ୍ଟ୍ରପତି ରାଜଭବନରୁ ବାହାରି ଭୁବନେଶ୍ୱର ବିମାନବନ୍ଦରରୁ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଟକ ନରାଜ ପର୍ଯ୍ୟନ୍ତ ଯିବେ। ସେଠାରୁ କଟକ ଚଣ୍ଡୀ ମନ୍ଦିରରେ ତାଙ୍କ କାରକେଡ୍ ପହଞ୍ଚିବ। ସେଠାରେ ପ୍ରାୟ ୧୫ମିନିଟର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କଟକ ଚଣ୍ଡୀଙ୍କୁ ଦର୍ଶନ କରି ସେଠାରୁ ମଧୁବାବୁଙ୍କ ଘର ପରିଦର୍ଶନରେ ସେ ଯିବେ। ଏହାପରେ ନେତାଜୀଙ୍କ ବାସଭବନ ଓ ନେତାଜୀ ସଂଗ୍ରହାଳୟ ବୁଲିବା କାର୍ଯ୍ୟକ୍ରମ ରହିଛି। ପୂର୍ବାହ୍ନ ୧୦ଟା ୪୫ରେ କଟକ ଇଣ୍ଡୋର ଷ୍ଟାଡିୟମରେ ରାଷ୍ଟ୍ରପତି ପହଞ୍ଚିବେ। ସେଠାରେ ଓଡ଼ିଶା ହାଇକୋର୍ଟର ୭୫ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ପରେ ଜଷ୍ଟିସ ସଂଗ୍ରହାଳୟ ବୁଲି ଓଡ଼ିଶା ହାଇକୋର୍ଟ ଜଜ୍ ଲାଉଞ୍ଜରେ ମଧ୍ୟାହ୍ନ ଭୋଜନ କରିବେ। ୨ଟା ୫୦ରେ ଏସ୍‌ସିବି ମେଡିକାଲ କଲେଜ୍ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଯୋଗଦେବେ। ଅପରାହ୍ନ ୪ଟା ୧୫ରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୧୦ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସେଠାରୁ ସନ୍ଧ୍ୟା ୬ଟା ୩୦ରେ କାର୍ଯ୍ୟକ୍ରମ ସାରି ପୁଣି ରାଜଭବନ ଫେରି ଆସିବାର କାର୍ଯ୍ୟକ୍ରମ ରହିଛି।

# ଚନ୍ଦ୍ରୟାନ-୩ର ପଞ୍ଚମ କକ୍ଷ ଉତ୍ଥାନ ସଫଳ

**ବେଙ୍ଗାଲୁରୁ, ୨୫।୭**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ବୈଜ୍ଞାନିକମାନେ ମଙ୍ଗଳବାର ଚନ୍ଦ୍ରୟାନ-୩ର ପଞ୍ଚମ ପୃଥିବୀ କୈନ୍ଦ୍ରିକ କକ୍ଷ ଉତ୍ଥାନ ସଫଳତାର ସହ ସମ୍ପନ୍ନ କରିଛନ୍ତି। ଫଳରେ ପୃଥିବୀଠାରୁ ଚନ୍ଦ୍ରୟାନର ସର୍ବନିମ୍ନ ଦୂରତା ୨୩୬ କିଲୋମିଟର ଏବଂ ସର୍ବାଧିକ ଦୂରତା ୧,୨୭,୬୦୯ କିଲୋମିଟରକୁ ବୃଦ୍ଧି ପାଇବ। ଚନ୍ଦ୍ରୟାନ ଲଞ୍ଚ ହେବାର ୧୧ତମ ଦିନରେ ପଞ୍ଚମ ମାନୋଭର କରାଯାଇଛି। ଏହା ପରେ ଚନ୍ଦ୍ରୟାନ ସିଧା ଚନ୍ଦ୍ରର କକ୍ଷପଥ ମଧ୍ୟରେ ପ୍ରବେଶ କରିବ। ଅଗଷ୍ଟ ୧ ତାରିଖ ରାତି ୧୨ରୁ ୧ଟା ମଧ୍ୟରେ ଏହି ଟ୍ରାନ୍ସ-ଲୁନାର ଇଞ୍ଜେକ୍ସନ (ଟିଏଲ୍‌ଆଇ) କରିବାକୁ ଇସ୍ରୋ ଯୋଜନା କରିଛି। ଟିଏଲ୍‌ଆଇର ୫ ଦିନ ପରେ ଏହା ଚନ୍ଦ୍ର କକ୍ଷପଥରେ ପହଞ୍ଚିବ।



ଆଉ କେତେକ ମାନୋଭର ପରେ ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନର ସଫ୍ଟ ଲ୍ୟାଣ୍ଡିଂ ପାଇଁ ଉଦ୍ୟମ କରାଯିବ। ଜୁଲାଇ ୧୪ରେ ଚନ୍ଦ୍ରୟାନ-୩ ଲଞ୍ଚ୍ ହେବା ପରେ ୪ଟି କକ୍ଷ ଉତ୍ଥାନ ଅଭିଯାନ ସଫଳ ହୋଇଥିଲା। ପ୍ରଥମ ଦୁଇଟି କକ୍ଷ ଉତ୍ଥାନ ୧୫ ଓ ୧୬ ତାରିଖରେ ହୋଇଥିବାବେଳେ ୧୮ରେ ତୃତୀୟ ଏବଂ ୨୦ ତାରିଖରେ ଚତୁର୍ଥ ମାନୋଭର କରାଯାଇଥିଲା। ଚତୁର୍ଥ କକ୍ଷ ଉତ୍ଥାନ ପରେ ଏହାର କକ୍ଷପଥ ୭୧,୩୫୧x୨୩୩ କିଲୋମିଟରକୁ ବୃଦ୍ଧି ପାଇଥିଲା।

# ବଜ୍ରପାତରେ ୩ ଜୀବନ ଗଲା

**ଉଦଳା,(ସନ୍ତୋଷ କୁମାର ବାଛିନୀ)/ବଡ଼ସାହି (ଦୀପକ ବୁଗୁଡେଇ/ସମ୍ବିତ କୁମାର ରାଉତ)/ ବାଙ୍ଗିରିପୋଷି(ସଞ୍ଜୟ ଅଗ୍ରୱାଲ),୨୫।୭**

ମୟୂରଭଞ୍ଜ ଜିଲା କପ୍ତିପଦା, ବଡ଼ସାହି ଓ ବାଙ୍ଗିରିପୋଷି ଅଞ୍ଚଳରେ ମଙ୍ଗଳବାର ବଜ୍ରପାତରେ ୩ ଜଣଙ୍କ ମୃତ୍ୟୁ ହୋଇଛି। କପ୍ତିପଦା ଥାନା ଅଧୀନ ପଥରସାହି ଗ୍ରାମର ବିରଞ୍ଚି ନାଏକ ସୋମବାର କୋଲିଅଳମ ଗ୍ରାମରେ ଚାଲିଥିବା ବିଲ କାମ ଦେଖିବାକୁ ଯାଇଥିଲେ। ବିଲ ନିକଟରେ ଥିବା ଗଛମୂଳେ ବସି କାମ ତଦାରଖ କରୁଥିବା ବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ବଡ଼ସାହି ଥାନା ପ୍ରତାପପୁର ପଞ୍ଚାୟତ ଅଧୀନ ସାନ ନୂଆଗାଁ ଗ୍ରାମରେ ହଳ କରୁଥିବା ସମୟରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପ୍ରଶାନ୍ତ ବିନ୍ଧାଣି(୫୦)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବାଙ୍ଗିରିପୋଷି ଥାନା ଅଧୀନ କୁସୁମବନ୍ଧ ଗ୍ରାମରେ ବଜ୍ରପାତ ଯୋଗୁ ବାବୁଲୁ ବେହେରା (୪୫)ଙ୍କ ମୃତ୍ୟୁ ହୋଇଛି। ସେ ଗାଁ ନିକଟସ୍ଥ ଚାଷ ବିଲରେ କାମ କରୁଥିଲା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେଠାରେ କାମ କରୁଥିବା ଅନ୍ୟ ୨ ଜଣ ମଧ୍ୟ ଗୁରୁତର ହୋଇଥିବା ସୂଚନା ମିଳିଛି।

# ଚିନ୍ତା ବଢ଼ାଇଲାଣି ତଥ୍ୟ ପ୍ରଘଟ ଖର୍ଚ୍ଚ

*ଡେଟା ବ୍ରିଚ୍ ବା ତଥ୍ୟ ପ୍ରଘଟ ଏବେ ଚିନ୍ତାର କାରଣ ସାଜିଲାଣି। ଟେକ୍ନୋଲୋଜି କମ୍ପାନୀ ଇଣ୍ଟରନ୍ୟାଶନାଲ୍ ବିଜନେସ୍ ମେଶିନ କର୍ପୋରେଶନ(ଆଇବିଏମ୍) ରିପୋର୍ଟ ଅନୁସାରେ ଭାରତରେ ପ୍ରତ୍ୟେକ ତଥ୍ୟ ପ୍ରଘଟର ହାରାହାରି ମୂଲ୍ୟ ୧୭.୯କୋଟି ଟଙ୍କାରେ ପହଞ୍ଚିଲାଣି। ୨୦୨୦ ମସିହାଠାରୁ ଏହି ମୂଲ୍ୟ ୨୮% ବୃଦ୍ଧି ପାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।*

- ହାରାହାରି ମୂଲ୍ୟ ୧୭.୯କୋଟି ଟଙ୍କାକୁ ବୃଦ୍ଧି
- ୨୦୨୦ ଅପେକ୍ଷା ୨୮% ବଢ଼ିଲାଣି

**ନୂଆଦିଲ୍ଲୀ, ୨୫।୭(ଆଇଏଏନ୍‌ଏସ୍)**

ଭାରତରେ ଇଣ୍ଟରନେଟ ବ୍ୟବହାର ବଢ଼ୁଥିବାବେଳେ ଏହା ଉପରେ ଅଧିକାଂଶ କାର୍ଯ୍ୟ ନିର୍ଭର କରିବାକୁ ପଡ଼ୁଛି। ହେଲେ ଡେଟା ବ୍ରିଚ୍ ବିପଦ ଏବେ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଭାରତରେ ପ୍ରତ୍ୟେକ ତଥ୍ୟ ପ୍ରଘଟର ମୂଲ୍ୟ ବୃଦ୍ଧି ୪୫%ରେ ପହଞ୍ଚିବା ସହ ତଦନ୍ତ ପ୍ରକ୍ରିୟାରେ ମଧ୍ୟ ପ୍ରଘଟ ଆଶଙ୍କା ଦେଖାଦେଲାଣି ବୋଲି ଆଇବିଏମ୍ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ୨୦୨୩ରେ ପ୍ରତ୍ୟେକ ତଥ୍ୟ ପ୍ରଘଟର ହାରାହାରି ମୂଲ୍ୟ ୧୭.୯ କୋଟି ଟଙ୍କାରେ ପହଞ୍ଚିଲାଣି, ଯାହାକି ୨୦୨୦ ପରଠାରୁ ୨୮% ଅଧିକ ବୋଲି କୁହାଯାଇଛି। ଭାରତରେ ସାଧାରଣ ଭାବେ ଫିସିଂ ଦ୍ୱାରା ପାଖାପାଖି ୨୨% ତଥ୍ୟ ପ୍ରଘଟ ହେଉଥିବାବେଳେ ଚୋରି ଏବଂ ଆପୋସ ବୁଝାମଣା ଦ୍ୱାରା ୧୬% ତଥ୍ୟ ପ୍ରଘଟ ହେଉଥିବା ଜଣାପଡ଼ିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ସ୍ୱୟଂକ୍ରିୟ ବ୍ୟବସ୍ଥା ଦ୍ୱାରା ତଥ୍ୟ ପ୍ରଘଟ ହ୍ରାସ ପାଇଥାଏ। ଏପରି କି ଏହି ବ୍ୟବସ୍ଥା ଲାଗୁ କରିଥିବା କମ୍ପାନୀ ବା ସଂଗଠନଗୁଡ଼ିକରେ ତଥ୍ୟ ପ୍ରଘଟ ସମ୍ପର୍କିତ ତଦନ୍ତ ସମୟ ସୀମା ହ୍ରାସ ପାଇପାରିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ଭାରତରେ ଥିବା ଅଧିକାଂଶ ସଂଗଠନ ଏହି ଟେକ୍ନୋଲୋଜି ଲାଗୁ କରି ନ ଥିବା ଆଇବିଏମ୍ ଇଣ୍ଡିଆର ଟେକ୍ନୋଲୋଜି ଉପାଧ୍ୟକ୍ଷ ବିଶ୍ୱନାଥ ରାମାସ୍ୱାମୀ କହିଛନ୍ତି। ଭାରତରେ ପବ୍ଲିକ୍ କ୍ଲାଉଡ୍, ପ୍ରାଇଭେଟ କ୍ଲାଉଡ୍ ଅନ୍‌ପ୍ରେମ୍ ଆଦି ସାଇଟ୍ ଦ୍ୱାରା ପ୍ରାୟ ୨୮% ତଥ୍ୟ ପ୍ରଘଟ ହେଉଛି। ବିଶେଷକରି ତଥ୍ୟ ପ୍ରଘଟକାରୀମାନେ ବିଭିନ୍ନ ସ୍ଥିତିରେ ଲୋକମାନଙ୍କ ସହିତ ଅପୋସ ବୁଝାମଣା କରି ତଥ୍ୟ ପ୍ରଘଟ କରିଥାନ୍ତି। ବିଶ୍ୱସ୍ତରରେ ପ୍ରାୟ ୯୫% ସଂଗଠନଗୁଡ଼ିକ ଏକାଧିକ ତଥ୍ୟ ପ୍ରଘଟର ଶିକାର ହୋଇଥାନ୍ତି। ଏଆଇ ଟେକ୍ନୋଲୋଜି ଆପଣାଇଥିବା କମ୍ପାନୀଗୁଡ଼ିକର ତଥ୍ୟ ପ୍ରଘଟ ସମ୍ବନ୍ଧିତ ହିସାବ ଅନ୍ୟ କମ୍ପାନୀଗୁଡ଼ିକଠାରୁ ୯.୫କୋଟି ଟଙ୍କା କମ୍ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।



**ଆଜିର ମନ୍ତବ୍ୟ**
"ପାର୍ଲାମେଣ୍ଟରେ ଅଚଳାବସ୍ଥା ଦୂରକରି ମଣିପୁର ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀଙ୍କ ମୂଲ୍ୟବାନ ସହଯୋଗ ଆବଶ୍ୟକ। ସେମାନେ ଦଳମତ ନିର୍ବିଶେଷରେ ମଣିପୁର ସମସ୍ୟାର ସ୍ଥାୟୀ ସମାଧାନ ବାହାର କରନ୍ତୁ।
– ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଝାଟିକି ମାଟି**
**କୁମ୍ଭାରୁଣୀକି ଦି' ପାଇଟି ।**

କୁମ୍ଭାରୁଣୀ ମାଟିହାଣ୍ଡି ଗଢ଼ିଥାଏ । ଏ କାମ ନ ଥିଲାବେଳେ ସେ ଝାଟିମାଟି କାମରେ ବ୍ୟସ୍ତ ରୁହେ ବୋଲି ଏଠାରେ ଉଲ୍ଲେଖ କରାଯାଇଛି ।

**ଝିଅ ଝିଆଣୀ**
**ଦବା ନବା ଯାଏ ମୁହଁ ଚାହାଣି**
**ନ ଦେଲେ କରନ୍ତି ବାଙ୍କ ଚାହାଣି ।**

ଯୌତୁକ ଏକ ସାମାଜିକ ବ୍ୟାଧି । ଏହା ଏକ କଳଙ୍କିତ ପ୍ରଥା ହୋଇଥିଲେ ମଧ୍ୟ ବିବାହ ବେଳେ ଝିଅ ଘର ପକ୍ଷରୁ ଅନେକ ବସ୍ତୁ ବା ଜିନିଷ ଦାନ ଆକାରରେ ଦିଆଯାଉଥିବା ଲକ୍ଷ୍ୟ କରାଯାଇଥାଏ । ଦବାନବା ଠିକ୍ ଥିଲେ ଝିଅଝିଆଣୀ ବାପଘରକୁ ଯିବା ଆସିବାରେ କିଛି ବାରଣ ରହ ନ ଥାଏ କି ସମ୍ପର୍କରେ ମଧ୍ୟ କିଛି ସମସ୍ୟା ବା ଆଞ୍ଚ ଆସି ନ ଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ଆଜି ବନ୍ଦ ରହିବ କଟକସ୍ଥିତ ବିଭିନ୍ନ କାର୍ଯ୍ୟାଳୟ

**ଭୁବନେଶ୍ୱର,୨୫।୭(ଅନିଲ ଦାସ)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବୁଧବାର ସେ କଟକ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ କଟକ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଓଡ଼ିଶା ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ଅନୁରୋଧ କ୍ରମେ ବୁଧବାର କଟକସ୍ଥିତ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି କଟକ ରାଜସ୍ୱ ବିଭାଗ କମିଶନର ଘୋଷଣା କରିଛନ୍ତି। ମଙ୍ଗଳବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ରାଷ୍ଟ୍ରପତିଙ୍କ କଟକ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି କଟକସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁରେ ଅବସ୍ଥାପିତ ସମସ୍ତ କାର୍ଯ୍ୟାଳୟ ଆର୍‌ଡିସି (କେନ୍ଦ୍ରୀୟ ଡିଭିଜନ୍), ଜିଲାପାଳଙ୍କ କାର୍ଯ୍ୟାଳୟ, ଉପଜିଲାପାଳଙ୍କ କାର୍ଯ୍ୟାଳୟ,ସବ୍‌ରେଜିଷ୍ଟ୍ରାର, ପିଡି ଡିଆର୍‌ଡିଏ, ପରିବହନ କାର୍ଯ୍ୟାଳୟ, ଜିଲା ଅବକାରୀ କାର୍ଯ୍ୟାଳୟ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜ୍ୟ ପରିବହନ କର୍ତ୍ତୃପକ୍ଷ କମିଶନରଙ୍କ କାର୍ଯ୍ୟାଳୟ, ଜିଲା ଟ୍ରେଜେରି, ଆଡ୍‌ଭୋକେଟ ଜେନେରାଲଙ୍କ କାର୍ଯ୍ୟାଳୟ, ତହସିଲଦାରଙ୍କ କାର୍ଯ୍ୟାଳୟ, କଲେକ୍ଟୋରେଟ୍ ପରିସର ସ୍ଥିତ ଏସ୍‌ବିଆଇ ମୁଖ୍ୟ କାର୍ଯ୍ୟାଳୟ ଓ ୟୁକୋ ବ୍ୟାଙ୍କ, ବାର୍ କାଉନ୍‌ସିଲ ନିକଟସ୍ଥ କର୍ପୋରେଶନ ବ୍ୟାଙ୍କ, ହାଇକୋର୍ଟ କ୍ୟାମ୍ପସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟ, ଚାନ୍ଦିନୀଚୌକସ୍ଥିତ ମୁଖ୍ୟ ପୋଷ୍ଟ ଅଫିସ୍, କଲେକ୍ଟୋରେଟ୍ ସମ୍ମୁଖସ୍ଥ ପୋଷ୍ଟ ଅଫିସ୍, ହାଇକୋର୍ଟ କ୍ୟାମ୍ପସ୍ଥିତ ପୋଷ୍ଟ ଅଫିସ ଏବଂ ହାଇକୋର୍ଟ ନିକଟସ୍ଥ ଏଲ୍‌ଆଇସି ଅଫିସ୍ ଜୁଲାଇ ୨୬ ତାରିଖରେ ବନ୍ଦ ରହିବ।

ରାଷ୍ଟ୍ରପତିକଟକରେଓଡ଼ିଶାହାଇକୋର୍ଟର୭୫ତମପ୍ରତିଷ୍ଠାଦିବସସମାରୋହ, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଏବଂ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ବାର୍ଷିକ ଉତ୍ସବରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି।

# ଜୁଲାଇ ୩୧ ସୁଦ୍ଧା ଖରିଫ ଫସଲବୀମା କରାଇନେବାକୁ ପରାମର୍ଶ

**ଭୁବନେଶ୍ୱର,୨୫।୭(ଅନିଲ ଦାସ)**

**ପ୍ରଧାନମନ୍ତ୍ରୀ ଫସଲବୀମା**

ରାଜ୍ୟର ଚାଷୀମାନଙ୍କ ହିତ ଦୃଷ୍ଟିରୁ ୨୦୨୩ ଖରିଫ ଋତୁରେ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ଚାଷୀମାନଙ୍କୁ ଅନ୍ତର୍ଭୁକ୍ତ କରିବା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ଫସଲବୀମା ଯୋଜନାରେ ଅଧିକରୁ ଅଧିକ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବା ପାଇଁ କହିଛନ୍ତି। ଚଳିତ ଜୁଲାଇ ୩୧ ତାରିଖକୁ ଖରିଫ ଫସଲବୀମା ସମୟସୀମା ଭାବେ ଧାର୍ଯ୍ୟ କରାଯାଇଥିବା ବେଳେ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ଜିଲାପାଳଙ୍କୁ ପରାମର୍ଶ ଦିଆଯାଇଛି।

# ୧୨୫୦ କୋଟିର ୮ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ

**ଭୁବନେଶ୍ୱର,୨୫।୭(ଅନିଲ ଦାସ)**

**ରାଜ୍ୟସ୍ତରୀୟ ସିଙ୍ଗଲୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ**

**ସୃଷ୍ଟିହେବ ୩୬୪୦ ନିଯୁକ୍ତି ସୁଯୋଗ**

ରାଜ୍ୟ ସରକାର ୧୨୫୦ କୋଟି ଟଙ୍କାର ୮ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୩୬୪୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଅଧିକ ପୁଞ୍ଜିନିବେଶକୁ ଆକୃଷ୍ଟ କରିବ। ବୈଠକରେ ପୋଷାକ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ବି.କେ. ଇଣ୍ଟରନ୍ୟାଶନାଲ ପ୍ରାଇଭେଟ୍ ଲିମିଟେଡ୍‌କୁ ଖୋର୍ଦ୍ଧାଠାରେ ଏକ ମୋଜା ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ଦିଆଯାଇଛି। ଏଥିରେ କମ୍ପାନୀ ୫୨ କୋଟି ଟଙ୍କାର ପୁଞ୍ଜିନିବେଶ କରିବ। ଏହା କାର୍ଯ୍ୟକ୍ଷମ ହେଲେ ୮୦୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିବ। ସେହିପରି ମମତା ଫେବ୍ରିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧାଠାରେ ୫୦ କୋଟି ଟଙ୍କା ବିନିଯୋଗରେ ରେଡିମେଡ୍ ପୋଷାକ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା କରିବ। ଏଥିରେ ୨ ହଜାର ଜଣଙ୍କୁ ନିଯୁକ୍ତି ମିଳିପାରିବ। ସେହିପରି କଳିଙ୍ଗନଗରଠାରେ ଇସ୍ପାତ (ଡାଉନଷ୍ଟ୍ରିମ୍) କ୍ଷେତ୍ରରେ ଏକ ପ୍ରତିଷ୍ଠିତ ନିର୍ମାତା ୧୪୭.୬୪ କୋଟି ଟଙ୍କାର ୧,୮୦,୦୦୦ ସଂଖ୍ୟକ ଇସ୍ପାତ କବାଟ ଓ ଝରକା ସହ ଅନ୍ୟାନ୍ୟ ଉତ୍ପାଦ ୟୁନିଟ୍ ସ୍ଥାପନ କରିବେ। ଏଥିରେ ୧୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ନାଜୋନ୍ ଟ୍ୟୁବ୍ ଉତ୍କଳ ଲିମିଟେଡ୍ ୧୦୫ କୋଟି ଟଙ୍କା ବିନିଯୋଗରେ ଯାଜପୁର ଜିଲା କଳିଙ୍ଗନଗରଠାରେ ୧,୬୦,୦୦୦ ମେଟ୍ରିକ୍ ଟନ୍ ଏମ୍.ଏସ୍. ବର୍ଗାକାର ଓ ଆୟତାକାର ପାଇପ୍ ଓ ଟ୍ୟୁବ୍ ପ୍ରଭୃତି ନିମନ୍ତେ ଏକ ୟୁନିଟ୍ ପ୍ରତିଷ୍ଠା କରିବ। ଏଥିରେ ୫୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ଏଥିସହିତ କମ୍ପାନୀ ପୂର୍ବରୁ ଥିବା କାରଖାନାକୁ ସମ୍ପ୍ରସାରଣ କରିବାକୁ ଯୋଜନା କରିଛି। ସେହିପରି ବେଦାନ୍ତ ସୁନ୍ଦରଗଡ଼ଠାରେ ୮୦ କୋଟି ଟଙ୍କା ବ୍ୟୟରେ ବାର୍ଷିକ ୪.୫ ନିୟୁତ ଟନ୍ ଏମ୍‌ପିଟିଏ ଲୁହାପଥର ବିଶୋଧନ ପ୍ଲାଣ୍ଟ ସ୍ଥାପନ କରିବ। ଏହି ପ୍ଲାଣ୍ଟରେ ୧୫୨ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ସୋନପୁରଠାରେ ୨୭୧ କୋଟି ଟଙ୍କା, ବଲାଙ୍ଗୀରରେ ୨୫୦ କୋଟି ଟଙ୍କା ଏବଂ ନବରଙ୍ଗପୁରଠାରେ ୨୯୩.୫୪ କୋଟି ଟଙ୍କାରେ ସ୍ଥାପନ ହେବାକୁ ଥିବା ଇଥାନଲ ପ୍ଲାଣ୍ଟକୁ ସିଙ୍ଗଲ୍‌ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିରେ ଅନୁମୋଦନ ମିଳିଛି। ଏହି ଶସ୍ୟଭିତ୍ତିକ ପ୍ଲାଣ୍ଟରେ ପ୍ରାୟ ୪୦୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବା ସମ୍ଭାବନା ରହିଛି। ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ଅନୁକୂଳ ବ୍ୟବସାୟିକ ବାତାବରଣ ସୃଷ୍ଟି କରିବା ଦିଗରେ ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ପୂର୍ବ ଭାରତରେ ପାଦ ଥାପିବାକୁ ଚାହୁଁଥିବା ଶିଳ୍ପଗୁଡ଼ିକ ପାଇଁ ଓଡ଼ିଶା ଏକ ଆକର୍ଷଣୀୟ ସ୍ଥାନରେ ପରିଣତ ହେଉଛି।

# ଥାଇଲାଣ୍ଡରେ ଭାରତର ରାଷ୍ଟ୍ରଦୂତଙ୍କୁ ଭେଟିଲେ ରାଜ୍ୟ ପର୍ଯ୍ୟଟନ ପ୍ରତିନିଧି ମଣ୍ଡଳୀ



**ଭୁବନେଶ୍ୱର,୨୫।୭(ଅନିଲ ଦାସ)**

ରାଜ୍ୟ ପର୍ଯ୍ୟଟନ ନିର୍ଦ୍ଦେଶକ ରାମଚନ୍ଦ୍ର ଯାଦବଙ୍କ ନେତୃତ୍ୱରେ ଥାଇଲାଣ୍ଡ ଗସ୍ତରେ ଥିବା ରାଜ୍ୟ ପର୍ଯ୍ୟଟନ ବିଭାଗର ଏକ ପ୍ରତିନିଧିମଣ୍ଡଳୀ ମଙ୍ଗଳବାର ବ୍ୟାଙ୍କକଠାରେ ଭାରତର ରାଷ୍ଟ୍ରଦୂତ ନଗେଶ ସିଂଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ପ୍ରତିନିଧିଦଳ ତାଳପତ୍ରରେ ହୋଇଥିବା ପାରମ୍ପରିକ ପଟ୍ଟଚିତ୍ର, ଉତ୍ତରୀୟ, ରଘୁରାଜପୁର ମାସ୍କ, ତମ୍ବାରେ ତିଆରି କଇଁଛ ଏବଂ ଅନ୍ୟାନ୍ୟ ହସ୍ତ ନିର୍ମିତ କଳାକୃତି ପ୍ରଦାନ କରିଥିଲେ। ଓଡ଼ିଶା ଏବଂ ଥାଇଲାଣ୍ଡ ମଧ୍ୟରେ ପର୍ଯ୍ୟଟନକୁ କିପରି ଆହୁରି ଅଧିକ ପ୍ରୋତ୍ସାହନ ଯୋଗାଇ ଦିଆଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ଫାଷ୍ଟ ସେକ୍ରେଟାରି ଧର୍ମେନ୍ଦ୍ର ସିଂ, ଓଡ଼ିଶା ପର୍ଯ୍ୟଟନ ଓଏସ୍‌ଡି ଅଂଶୁମାନ ରଥ ଏବଂ ଫିକି ନିର୍ଦ୍ଦେଶକ ମନୀଷ ଆହୁଜା ଉପସ୍ଥିତ ଥିଲେ।

# ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ସର୍ବଦଳୀୟ ବୈଠକ

**ଭୁବନେଶ୍ୱର, ୨୫।୭(ସୁନିତ୍ ମିଶ୍ର)**

- ରାଜନୈତିକ ଦଳର ଜିଲା ସଭାପତି ନିଯୁକ୍ତ କରିବେ ବୁଥ୍‌ସ୍ତରୀୟ ଏଜେଣ୍ଟ
- ୨୦୨୪ ସାଧାରଣ ନିର୍ବାଚନ ପାଇଁ ଚାଲିଛି ପ୍ରସ୍ତୁତି
- ନୂଆ ଏବଂ ମୃତ ଭୋଟରଙ୍କୁ ଚିହ୍ନଟ ଲାଗି ଜୋର୍‌ଦାର ହେବ ପ୍ରକ୍ରିୟା

ଆଗାମୀ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ସାରା ରାଜ୍ୟର ୧୪୭ ବିଧାନସଭା ନିର୍ବାଚନ ମଣ୍ଡଳୀର ୩୭,୬୦୬ଟି ବୁଥ୍‌ରେ ସର୍ବେକ୍ଷଣ କରାଯାଇଥିଲା। ଏଥିରେ ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ମଙ୍ଗଳବାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ଆୟୋଜନ କରିଥିଲେ।

ରାଜନୈତିକ ଦଳଗୁଡ଼ିକ ଦ୍ୱାରା ବୁଥ୍‌ସ୍ତରରେ ଏଜେଣ୍ଟ ନିଯୁକ୍ତି ସହ ସେମାନଙ୍କୁ ପରିଚୟ ପ୍ରଦାନ ନିମନ୍ତେ ରାଜନୈତିକ ଦଳର କର୍ମକର୍ତ୍ତାଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ପରାମର୍ଶ ଦେଇଛନ୍ତି। ରାଜନୈତିକ ଦଳର ଜିଲା ସଭାପତିମାନେ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତି କରିବା ସହ ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ କରିବେ। ନିଯୁକ୍ତି ପାଇଥିବା ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କ ଏକ ତାଲିକା ସମ୍ପୃକ୍ତ ପଞ୍ଜୀକରଣ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିବେ। ଯେଉଁମାନଙ୍କୁ ବୁଥ୍‌ସ୍ତରୀୟ ଏଜେଣ୍ଟ ଭାବେ ନିଯୁକ୍ତ କରାଯିବ, ସେମାନେ ସମ୍ପୃକ୍ତ ବୁଥ୍ ଅଞ୍ଚଳର ପଞ୍ଜୀକୃତ ଭୋଟର ହୋଇଥିବା ଦରକାର। ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ବୁଥ୍‌ସ୍ତରୀୟ ସର୍ବେକ୍ଷଣ ଆସନ୍ତା ୨୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ଏଜେଣ୍ଟମାନେ ଯେପରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ନିର୍ଭୁଲ୍ ତଥ୍ୟ ସଂଗ୍ରହ କରିବେ ସେଥିପ୍ରତି ଧ୍ୟାନ ଦିଆଯିବ। ବୁଥ୍‌ସ୍ତରୀୟ ଅଧିକାରୀମାନେ ବିଏଲ୍‌ଓ ଆପ୍ ଜରିଆରେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଭୋଟର ତାଲିକାରେ ନାମ ପଞ୍ଜୀକରଣ ନିମନ୍ତେ ଥିବା ୪ଟି ଯୋଗ୍ୟତାସୂଚକ ତାରିଖ ସୁଦ୍ଧା ଯେଉଁ ନୂତନ ଭୋଟରଙ୍କ ବୟସ ୧୮ ବର୍ଷ ପୂରଣ ହେଉଥିବ, ସେମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବେ। ବୁଥ୍ ଅଞ୍ଚଳରୁ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ଏବଂ ମୃତ ଭୋଟରଙ୍କ ତଥ୍ୟ ଆପ୍ ମାଧ୍ୟମରେ ସଂଗ୍ରହକରି ସମ୍ପୃକ୍ତ ଭୋଟର ତାଲିକା ପଞ୍ଜୀକରଣ ଅଧିକାରୀଙ୍କୁ ପ୍ରଦାନ କରିବେ। ଭୋଟର ତାଲିକାରେ ନାମ ନ ଥିବା ଯୋଗ୍ୟ ଭୋଟରଙ୍କ ନାମ ତାଲିକାଭୁକ୍ତ କରିବା ନିମନ୍ତେ ମଧ୍ୟ ଆବଶ୍ୟକ ତଥ୍ୟ ସଂଗ୍ରହ କରାଯିବା ପରେ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କରାଯାଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ବିଶେଷକରି ଭୋଟରଙ୍କ ମତଦାନ ନିମନ୍ତେ ସମସ୍ତ ପ୍ରକାର ସୁବିଧା ସୁଯୋଗ, ନିର୍ବାଚନ ପରିଚାଳନା ନିମନ୍ତେ ନିୟୋଜିତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ତାଲିମ ପ୍ରଦାନ ଏବଂ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ବିଶେଷ ଧ୍ୟାନ ଦିଆଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ ସର୍ବଦଳୀୟ ବୈଠକରେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସର୍ବଦଳୀୟ ବୈଠକରେ ଭାଜପାର ସରୋଜ କୁମାର କର, ଅଶୋକ କୁମାର ମିଶ୍ର, ବହୁଜନ ସମାଜବାଦୀ ପାର୍ଟିର ମଧୁସୂଦନ ଯାଦବ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କସିଷ୍ଟ)ର ଦୁଷ୍ମନ୍ତ କୁମାର ଦାସ, କଂଗ୍ରେସର ଶିବାନନ୍ଦ ରାୟ ଓ ଏଏପିର ସୌମ୍ୟରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଯାଞ୍ଚରେ କଟକଣା...

ପ୍ରଥମ ପୃଷ୍ଠାରୁ...

ଆଡ଼କୁ ଅଙ୍ଗୁଳି ଉଠିଛି। ୨୦୧୩ ପୂର୍ବରୁ କଳକାରଖାନାଗୁଡ଼ିକରେ ନିୟମିତ ଯାଞ୍ଚ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ନିର୍ଦ୍ୱନ୍ଦ୍ୱରେ କରିପାରୁଥିଲା। ସେମାନଙ୍କ ଉପରେ କୌଣସି କଟକଣା ନ ଥିଲା। ଫଳରେ ବିଭାଗୀୟ ଅଧିକାରୀମାନେ ସନ୍ଦେହ ପରିସରକୁ ଆସୁଥିବା ଯେ କୌଣସି କମ୍ପାନୀ ପରିଦର୍ଶନ କରିପାରୁଥିଲେ। ସେମାନଙ୍କ ରିପୋର୍ଟ ଆଧାରରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ତେବେ ୨୦୧୩ ପରବର୍ତ୍ତୀ ସମୟରେ ଏଥିରେ କଟକଣା ଲାଗୁ କରିଦିଆଯାଇଛି। ପରିବର୍ତ୍ତିତ ନିୟମ ଅନୁଯାୟୀ ମେଜର ଆକ୍ସିଡେଣ୍ଟ ହାଜାର୍ଡ (ଏମ୍‌ଏଏଚ୍) ଅନ୍ତର୍ଭୁକ୍ତ ବୃହତ୍ ଶିଳ୍ପପ୍ରତିଷ୍ଠାନଗୁଡ଼ିକୁ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ବାର୍ଷିକ ମାତ୍ର ୨ ଥର ଯାଞ୍ଚ କରିପାରିବେ। ସେହିପରି ୨ ସିବି କ୍ୟାଟେଗୋରି ଅଧୀନ କମ୍ପାନୀଗୁଡ଼ିକୁ ଜୋନ୍‌ସ୍ତରୀୟ ଅତିରିକ୍ତ ନିର୍ଦ୍ଦେଶକ ବର୍ଷକୁ ମାତ୍ର ଥରୁଟିଏ ଯାଞ୍ଚ କରିପାରିବେ। ତେବେ ଯାଞ୍ଚ ସେମାନଙ୍କ ଇଚ୍ଛାଧୀନ ନୁହେଁ। ଏଥିଲାଗି କେନ୍ଦ୍ରୀୟ ଅନୁମତି ମିଳିବା ଆବଶ୍ୟକ। ଫଳରେ ବିଭାଗୀୟ ଅଧିକାରୀମାନେ ଏବେ ଆଉ ପୂର୍ବ ଭଳି ସନ୍ଦେହ ଭିତରେ ଆସୁଥିବା କାରଖାନା ପରିଦର୍ଶନ କରିପାରୁନାହାନ୍ତି କି ତ୍ରୁଟି ଧରିପାରୁନାହାନ୍ତି। କେବଳ ଦୁର୍ଘଟଣା ଘଟିଲେ କମ୍ପାନୀ ପରିଦର୍ଶନ କରି ପ୍ରାଥମିକ ତଦନ୍ତ ରିପୋର୍ଟ ଦେବାରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର କ୍ଷମତା ସୀମିତ ହୋଇ ରହିଯାଇଛି। ଅନ୍ୟପଟେ ଅଘଟଣ ଘଟିଲେ କମ୍ପାନୀ କର୍ତ୍ତୃପକ୍ଷ ପ୍ରକୃତ କ୍ଷୟକ୍ଷତି, ମୃତାହତଙ୍କ ସଂଖ୍ୟା ସହଜରେ ଲୁଚାଇ ଦେଉଛନ୍ତି। ଏହାଦ୍ୱାରା ସେମାନେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତି ଯାଉଥିବା ଅଭିଯୋଗ ହେଉଛି। ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ ଯେ, ଫ୍ୟାକ୍ଟ୍ରି ଆଣ୍ଡ୍ ବଏଲର ଡାଇରେକ୍ଟୋରେଟ୍‌ର ପଦସ୍ଥ ଅଧିକାରୀ ନିଜ କ୍ଷମତାର ଅପବ୍ୟବହାର କରି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ହଇରାଣ ହରକତ କରୁଥିଲେ। ଏହାପରେ କମ୍ପାନୀଗୁଡ଼ିକ କେନ୍ଦ୍ର ସରକାର ଫେରାଦ ହେବା ପରେ ଏଭଳି ଅଙ୍କୁଶ ଜାରି କରାଯାଇଛି। ଏପରି କି ଦୁର୍ଘଟଣାଜନିତ ରିପୋର୍ଟ ବାହାରେ ପ୍ରକାଶ ନ କରିବାକୁ ବାହ୍ୟ ଚାପ ମଧ୍ୟ ପଡୁଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଢେଙ୍କାନାଳସ୍ଥିତ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ସହ ନିର୍ଦ୍ଦେଶିକା ପୁଷ୍ପାମିତ୍ରା ଜେନା କୁହନ୍ତି, ପୂର୍ବଭଳି ଆଉ ନିୟମିତ ଯାଞ୍ଚ କରାଯାଉନାହିଁ। ବର୍ଷକୁ ଥରେ ମେଜର ଆକ୍ସିଡେଣ୍ଟ ହାଜାର୍ଡ ଏବଂ ୨ ସିବି କାଟେଗୋରିର କାରଖାନାକୁ ଯାଞ୍ଚ କରାଯାଇପାରିବା ନିର୍ଦ୍ଦେଶ ରହିଛି।

### ଲୁଚିଯାଉଛି ପ୍ରକୃତ ତଥ୍ୟ

୨୦୦୮ ଅକ୍ଟୋବରରେ ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଭୂଷଣ ଷ୍ଟିଲ୍ (ବର୍ତ୍ତମାନର ଟାଟା ଷ୍ଟିଲ୍) ପ୍ଲାଣ୍ଟରେ ବିସ୍ଫୋରଣ ଘଟିଥିଲା। ଏଥିରେ ୬ଜଣ ଗୁରୁତର ହୋଇଥିଲେ। ୨୦୧୩ରେ ମଧ୍ୟ ଅନୁରୂପ ଭାବେ ଦୁର୍ଘଟଣା ଘଟିଥିଲା। ୨୦୨୩ ଜୁନ୍ ୧୩ରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପରିସରରେ ଅନୁରୂପ ଦୁର୍ଘଟଣା ଘଟିଥିଲା। କାରଖାନାର ବ୍ଲାଷ୍ଟ ଫର୍ଣ୍ଣେଶ ଷ୍ଟିମ୍ ଲାଇନ୍ ଫାଟି ଉତ୍ତପ୍ତ ବାଷ୍ପ ନିର୍ଗମନ ହେବାରୁ ୧୯ଜଣ ଆହତ ହୋଇଥିଲେ। ତନ୍ମଧ୍ୟରୁ ଚିକିତ୍ସାଧୀନ ଅବସ୍ଥାରେ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣା ମନରୁ ନ ଲିଭୁଣୁ ଗତ ଜୁଲାଇ ୨୦ରେ ରୁଙ୍ଗଟା ଷ୍ଟିଲ୍ ପ୍ଲାଣ୍ଟରେ ଅନୁରୂପ ଅଘଟଣ ଘଟିଲା। କାରଖାନାର ଏସ୍‌ଏମ୍‌ଏସ୍ ଫେଜ୍-୧ (ବି) ୪ ନମ୍ବର ଇଣ୍ଡକ୍ସନ ଫର୍ଣ୍ଣେସ୍‌ର ଜିଏଲ୍‌ଡି ଟ୍ରିପ୍ ହୋଇ ହଠାତ୍ ବନ୍ଦ ହୋଇଯାଇଥିଲା। ଫଳରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥିଲା। କଏଲଗୁଡ଼ିକ ଲିକେଜ ହୋଇ ତରଳ ଲୁହା ବାହାରି ଆସିଥିଲା। ଏଥିରେ ଜଣେ ଯନ୍ତ୍ରୀଙ୍କ ସମେତ ୨ଜଣ ଗୁରୁତର ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ହେଲେ ଉପରୋକ୍ତ କୌଣସି ଗୋଟିଏ ଘଟଣାରେ ପ୍ରକୃତ ତଥ୍ୟ ସାର୍ବଜନୀନ କରାଯାଇନାହିଁ କିମ୍ବା ମୃତାହତଙ୍କୁ ଦିଆଯାଇଥିବା କ୍ଷତିପୂରଣ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇନାହିଁ। ଶିଳ୍ପାୟନର ସ୍ୱପ୍ନ ଦେଖାଇ ଜିଲାରେ ସ୍ଥାପିତ ହୋଇଥିବା ଶିଳ୍ପାନୁଷ୍ଠାନଗୁଡ଼ିକରେ ବାରମ୍ବାର ଏଭଳି ବଡ଼ ଦୁର୍ଘଟଣା ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଶ୍ରମିକ ଓ କର୍ମଚାରୀଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଜିଲାରେ ୪୬ ଶିଳ୍ପାନୁଷ୍ଠାନ

ଢେଙ୍କାନାଳ ଜିଲାରେ କ୍ଷୁଦ୍ର, ବୃହତ୍ ଏବଂ ମଧ୍ୟମ ବର୍ଗର ମୋଟ୍ ୪୬ ଶିଳ୍ପାନୁଷ୍ଠାନ ରହିଛି। ତନ୍ମଧ୍ୟରୁ ଟାଟା ଷ୍ଟିଲ୍ ମେରାମଣ୍ଡଳି ଏକମାତ୍ର ଏମ୍‌ଏଏଚ୍ କ୍ୟାଟେଗୋରିରେ ଆସୁଛି। ସେହିପରି ରୁଙ୍ଗଟା ଷ୍ଟିଲ୍ ଏବଂ ବିଆର୍‌ଜି (ବର୍ତ୍ତମାନର ରିମ୍‌ଝିମ୍) ୨ ସିବି କାଟେଗୋରି ଅନ୍ତର୍ଭୁକ୍ତ। ଜିଏମ୍‌ଆର, ଏମ୍‌ଜିଏମ୍, ନବ କମ୍ପାନୀ, ନର୍ଭେରାମ, ଉତ୍କଳ ଆଜବେଷ୍ଟସ, ଇଣ୍ଡିଆନ ପଟାସ ଲିମିଟେଡ୍ ଏବଂ ପରଜଙ୍ଗସ୍ଥିତ ରାଣା କମ୍ପାନୀ ଷ୍ଟିଲ୍ ଭଳି ଅନ୍ୟାନ୍ୟ କ୍ଷୁଦ୍ର ଏବଂ ମଧ୍ୟମ ବର୍ଗ କମ୍ପାନୀ କାର୍ଯ୍ୟକ୍ଷମ ଅଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ପାପଗ୍ରହଯୁକ୍ତ ସପ୍ତମଚନ୍ଦ୍ର ହେତୁ ଅର୍ଥଲାଭ ହେଲେ ମଧ୍ୟ ସମସ୍ୟା ମଧ୍ୟରେ ଚଳିବାକୁ ପଡ଼ିବ। ଭୋଗବିଳାସରେ ବାଧାବିଘ୍ନ ଘଟିଲେ ମଧ୍ୟ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ମନ ବୁଝିଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ସହକର୍ମୀମାନେ ସୁବିଧାବାଦୀ ଭଳି କାମ କରିବେ।

**ବୃଷ**
ରବିଙ୍କ ସୁପ୍ରଭାବରେ ସୁଯୋଗ ଆପଣା ଛାଏ ଆସିବା ସଙ୍ଗକୁ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ। ତଥାପି ସାମାଜିକ ସ୍ତରରେ ମଧ୍ୟସ୍ଥତା କରି ଅପମାନିତ ହୋଇପାରନ୍ତି। ଆଲୋଚନା ସମୟରେ ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ। ପାରିବାରିକ କ୍ଷେତ୍ରରେ ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ।

**ମିଥୁନ**
କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ଏଣେ ମାନସିକ ଅସ୍ଥିରତା ହେତୁ ପରିବାରରେ ମଧ୍ୟ ବିରକ୍ତିଭାବ ସୃଷ୍ଟି ହେବ। କଳା, ସାହିତ୍ୟ ଓ ସଂଗୀତ ସମାରୋହ, ପ୍ରବଚନ, କ୍ରୀଡ଼ାକ୍ଷେତ୍ରରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କର୍କଟ**
କର୍ମକ୍ଷେତ୍ରରେ ସୁଯୋଗର ସଦ୍ ବ୍ୟବହାର କରି ଅଭିଳଷିତ କାମ ହାସଲ କରିପାରିବେ। ପରିବାର ସଦସ୍ୟଙ୍କ ଅନୁରୋଧ ରକ୍ଷା କରି ମନୋରଞ୍ଜନ ଜିନିଷ କ୍ରୟ କରିପାରନ୍ତି। ଭାବପ୍ରବଣତାବଶତଃ ବନ୍ଧୁଙ୍କ ନିକଟରେ ପ୍ରକାଶ କରି ସମସ୍ୟାକୁ ନିମନ୍ତ୍ରଣ କରିବେ। କୌଣସି ଘଟଣାକୁ ନେଇ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ**
କୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତାକରି କାମ କଲେ ଉପକୃତ ହେବେ। ବନ୍ଧୁଙ୍କ ଦୋଷ, ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ଶେଷ ମୁହୂର୍ତ୍ତରେ କର୍ମକ୍ଷେତ୍ରରେ କୌଣସି ସୁଯୋଗ ହାତ ମୁଠାରୁ ଖସିଯାଇପାରେ। ପାରିବାରିକ ସମସ୍ୟାରେ ଚିନ୍ତିତ ହେବା ଜଣାଯାଏ।

**କନ୍ୟା**
କର୍ମକ୍ଷେତ୍ରରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ ଓ ବ୍ୟବସାୟିକ ଦିଗରୁ ଉପକୃତ ହେବେ। ପରିସ୍ଥିତି ଯାହା ହେଉନା କାହିଁକି ଆପଣ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ।

**ତୁଳା**
କର୍ମକ୍ଷେତ୍ରରେ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ବ୍ୟସ୍ତତା ଅନୁଭବ କରିବେ। କୌଣସି କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରନ୍ତି। ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବିଛା**
ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଉଥିବାର ଅନୁଭବ କରିବେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କର୍ମକ୍ଷେତ୍ରରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବ୍ୟବସାୟ ଓ ପରିବହନର ସମସ୍ୟା ଲାଗି ବ୍ୟସ୍ତ ରହିବେ।

**ଧନୁ**
ବହୁ ଦିନର ଅଭିଳାଷକୁ ପୂରଣ କରିବାକୁ ଯାଇ ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ପ୍ରତିଟି କ୍ଷେତ୍ରରେ ସହମତି ଭିତ୍ତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆଜିର କାମ ସକାଶେ ସ୍ୱାସ୍ଥ୍ୟ ପାଇଁ ପ୍ରତିକୂଳ ପ୍ରଭାବ ପଡ଼ିବ ନାହିଁ।

**ମକର**
କର୍ମକ୍ଷେତ୍ରରେ ଠିକ୍ କଥା କହିବା କାରଣରୁ ସହକର୍ମୀଙ୍କ ସହ ସମ୍ପର୍କ ହାନି ଘଟିପାରେ। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁମାନଙ୍କ ସାହଚର୍ଯ୍ୟରେ ମୂଲ୍ୟବାନ ଦ୍ରବ୍ୟ ଲାଭ ହୋଇପାରେ। କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ**
ପରିବାରରେ ପିଲାମାନଙ୍କୁ କେନ୍ଦ୍ରକରି ସମସ୍ୟାବିଷୟରେ ମନ ଭାରାକ୍ରାନ୍ତ ରହିପାରେ। ଅତ୍ୟାବଶ୍ୟକ ଜିନିଷଟି ସକାଶେ ଅନ୍ୟମାନଙ୍କ ସହ ତର୍କ ଓ ବିବାଦ ବଢ଼ିବ। ସତର୍କତା ଅଭାବରୁ ଟଙ୍କା ପଇସା ହଜାଇ ଧାର କରଜ କରି ଫେରିବାକୁ ପଡ଼ିବ।

**ମୀନ**
ପାରିବାରିକ ଶୃଙ୍ଖଳା ରକ୍ଷା କରି ସମସ୍ୟା ସମାଧାନରେ ସଫଳତା ଅର୍ଜନ କରିବେ। ଶେଷ ସମୟରେ ସମସ୍ୟା ସମାଧାନ ସହ ବିଦେଶ ଯାତ୍ରା ଯୋଗର ସୁଯୋଗ ମିଳିବ। ଆନୁଷ୍ଠାନିକ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କୃତକାର୍ଯ୍ୟ ହେବେ। ଉପରିସ୍ଥ ଅଧିକାରୀଙ୍କ ସହାୟତାରୁ ପ୍ରତିକୂଳ ପରିସ୍ଥିତିକୁ ସୁଧାରି ନେବେ।

ଆଜି ଶ୍ରାବଣ (ମଳ) ଶୁକ୍ଳପକ୍ଷର ବୁଧାଷ୍ଟମୀ ବୁଧବାର, ଜୁଲାଇ ୨୬ ତାରିଖ, ଅନ୍ତର୍ଜାତୀୟ ହେନ୍ତାଳ ଦିବସ, କାର୍‌ଗିଲ୍ ବିଜୟ ଦିବସ, ଓଡ଼ିଶା ହାଇକୋର୍ଟର ପ୍ରତିଷ୍ଠା ଦିବସ। ରାଶି ନକ୍ଷତ୍ର-ଦିବା ଘ.୧୧.୧୧ମି. ଗତେ ସ୍ୱାତୀ/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୩ମି. ଗତେ ଘ.୦୭.୦୭ମି. ମଧ୍ୟେ, ଘ.୧୦.୧୫ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୩ମି. ଗତେ ଘ.୦୧.୩୦ମି. ମଧ୍ୟେ ରାହୁକାଳ।

G20 भारत 2023 INDIA | MINISTRY OF COMMERCE AND INDUSTRY GOVERNMENT OF INDIA | 75 Azadi Ka Amrit Mahotsav

# ନୂଆ ଭାରତକୁ ମିଳିଛି ବିଶ୍ୱସ୍ତରୀୟ ପ୍ରଦର୍ଶନୀ ଏବଂ ବୈଶ୍ୱିକ ବାଣିଜ୍ୟିକ ଗତିବିଧି ପାଇଁ ଏକ ନୂଆ ପ୍ରତୀକ









## ଅନ୍ତର୍ଜାତୀୟ କନଭେନ୍‌ସନ୍ ସେଣ୍ଟର

(ପ୍ରଗତି ମଇଦାନ)ର

**ଲୋକାର୍ପଣ**

ପ୍ରଧାନମନ୍ତ୍ରୀ

**ନରେନ୍ଦ୍ର ମୋଦିଙ୍କ**

ଦ୍ୱାରା

**ତାରିଖ: ୨୬ ଜୁଲାଇ, ୨୦୨୩ । ସମୟ: ସନ୍ଧ୍ୟା ୬.୩୦ ଘଟିକା**

**ସ୍ଥାନ: ପ୍ରଗତି ମଇଦାନ, ନୂଆଦିଲ୍ଲୀ**

### କନଭେନ୍‌ସନ୍ ସେଣ୍ଟରର ପ୍ରମୁଖ ବୈଶିଷ୍ଟ୍ୟାବଳୀ

- **ଭାରତର ସବୁଠାରୁ ବଡ଼ ସମ୍ମିଳନୀ ସ୍ଥାନ;** ଫ୍ରାଙ୍କଫର୍ଟ ଏବଂ ସାଂଘାଇ ଭଳି ବିଶ୍ୱର ଶ୍ରେଷ୍ଠ ୧୦ଟି ପ୍ରଦର୍ଶନୀ ଏବଂ ସମ୍ମିଳନୀ କମ୍ପ୍ଲେକ୍ସ ଭାବେ ଗଣା ହେବ
- ୨୬ଟି ଫୁଟବଲ ପଡ଼ିଆ ସମତୁଲ୍ୟ **୧.୫ ଲକ୍ଷ ବର୍ଗ ମିଟର** ଆବୃତ କ୍ଷେତ୍ରରେ ବିସ୍ତୃତ
- ୭ଟି ନୂଆ ବିଶାଳକାୟ **ପ୍ରଦର୍ଶନୀ କକ୍ଷ** ଏବଂ ୩ଟି ଭବ୍ୟ **ମୁକ୍ତାକାଶ ରଙ୍ଗମଞ୍ଚ** ଦ୍ୱାରା ସୁସଜ୍ଜିତ
- ମିଳିତ ଭାବେ ୭,୦୦୦ ଲୋକ ବସିପାରୁଥିବା **ଭବ୍ୟ ବହୁ-ଉଦ୍ଦେଶ୍ୟ ହଲ୍ ଏବଂ ପ୍ଲେନାରୀ ହଲ୍**, ଯାହା ଅଷ୍ଟ୍ରେଲିଆର ବିଖ୍ୟାତ ସିଡ୍‌ନୀ ଅପେରା ହାଉସ୍‌ର ଦର୍ଶକ କ୍ଷମତାଠାରୁ ଅଧିକ ଅଟେ
- **୫,୫୦୦ ରୁ ଅଧିକ ଗାଡ଼ି** ପାଇଁ ପାର୍କିଂ ଜାଗା
- **ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କ** ପାଇଁ ଅନୁକୂଳ ବିଲ୍ଡିଂ
- ଉତ୍କୃଷ୍ଟ **ସଡ଼କ ସଂଯୋଗ** ଏବଂ ପଞ୍ଚତାରକା ହୋଟେଲଗୁଡ଼ିକ ସମୀପରେ ଅବସ୍ଥିତ
- **ଏମ୍‌ଏସ୍‌ଏମ୍‌ଇ ତଥା କାରିଗରମାନଙ୍କ** ପାଇଁ ବୈଶ୍ୱିକ ପ୍ଲାଟ୍‌ଫର୍ମ
- ୨୪x୭ ନିରୀକ୍ଷଣ ପାଇଁ **ସମନ୍ୱିତ କମାଣ୍ଡ ଓ କଣ୍ଟ୍ରୋଲ ସେଣ୍ଟର**
- **5G ଇଣ୍ଟରନେଟ୍ ଏବଂ 10G ଇଣ୍ଟ୍ରାନେଟ୍** ବ୍ୟାଣ୍ଡୱିଡ୍‌ଥ ସହିତ ବାଧାରହିତ କନେକ୍ଟିଭିଟି
- **ବିଳାସ, ନମନୀୟତା, ସୁରକ୍ଷା, ସୁଗମ ଲଜିଷ୍ଟିକ୍ସ ସୁବିଧା ଏବଂ ବିବିଧ ଖାଦ୍ୟ ଓ ପାନୀୟ** ବିକଳ୍ପ, ସବୁକିଛି ଗୋଟିଏ ସ୍ଥାନରେ
- Ek Bharat Shreshtha Bharat — ଦେଶର ବିଭିନ୍ନ ସ୍ଥାନରୁ ସଂଗୃହୀତ **ବଛା ବଛା କଳା କୃତି ଏବଂ ମନୋନୀତ ସାମଗ୍ରୀ**, ଯାହା 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଭାବନାକୁ ସମାହିତ କରିଥାଏ

CBC 05101/13/0002/2324

To experience the Convention Centre, please scan this QR code

Live Telecast on DD News

For more information: www.indiatradefair.com

ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ-ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ ତତ୍ତ୍ୱଗୁଡିକୁ ଆବିଷ୍କାର ଓ ଅନୁଶୀଳନ କରିପାର- ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ କୁଦାମାରି ଯାଇପାର। **-ଶ୍ରୀମା**

# ପରିବାରରେ ହିଂସା

ସ୍ନେହଶ୍ରଦ୍ଧା ଓ ଉତ୍ତମ ବୁଝାମଣା ପାରିବାରିକ ସମ୍ପର୍କକୁ ମଜଭୁତ କରେ। କିନ୍ତୁ ଏବେ ହୁଏତ ଏହାର ଅଭାବ ଯୋଗୁ ପରିବାର ସଦସ୍ୟଙ୍କ ମଧ୍ୟରେ ମତଭେଦ ଓ ଅଶାନ୍ତି ଦେଖାଯାଉଛି ଏବଂ ଏହା ଚରମସୀମାରେ ପହଞ୍ଚି ଯାଉଛି । କ୍ଷୁଦ୍ର ପରିବାର ସଂଖ୍ୟା ଯେତେ ବଢ଼ିଚାଲିଛି ସେହି ଅନୁପାତରେ ଘରୋଇ ହିଂସା ଓ ତଜ୍ଜନିତ ମୃତ୍ୟୁ ବୃଦ୍ଧି ପାଉଥିବା ଦେଖାଯାଉଛି। ଜୁଲାଇ ୨୪ରେ ଓଡ଼ିଶାର ଦୁଇଟି ଓ ମହାରାଷ୍ଟ୍ରର ପୁଣେରେ ଗୋଟିଏ ଘଟଣାକୁ ଯଦି ଦେଖାଯାଏ ତେବେ ଘରୋଇ ହିଂସା ବା ବିବାଦ ଦେଶ ସାରା ବ୍ୟାପିବା ଭଳି ମନେହେଉଛି। ରାଜ୍ୟରେ ଦୁଇଟି ଘଟଣାରେ ୪ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ପୁଣେ ସହରର ଆସିଷ୍ଟାଣ୍ଟ ପୋଲିସ କମିଶନର ତାଙ୍କ ସ୍ତ୍ରୀ ଓ ପୁତୁରାକୁ ଗୁଳିକରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି। ଘରୋଇ ହିଂସା କେବଳ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ବାପ-ପୁଅ, ଭାଇ-ଭାଇ, ମା'ବାପା ଓ ସନ୍ତାନଙ୍କ ବିବାଦ ଯାଏ ଲମ୍ବିଛି। ପରିବାରରେ ଥିବା ବୁଢ଼ାବୁଢ଼ୀ କିମ୍ବା ଦୀର୍ଘ ସମୟ ଧରି ଅସୁସ୍ଥ ଥିବା ସମ୍ପର୍କୀୟଙ୍କ ଯତ୍ନ କିଏ ନେବ ବୋଲି ପ୍ରଶ୍ନକୁ ନେଇ ଅନେକ ବିବାଦ ଉପୁଜୁଥିବା ଦେଖାଯାଏ। ବହୁ ସମୟରେ ଏହାର ଶେଷ ପରିଣାମ ଭୟଙ୍କର ହେଉଛି। ବିବାଦର ସାମାଜିକ କିମ୍ବା ଆଇନଗତ ସମାଧାନରେ ଶିଥିଳତା ଏହାର କାରଣ ବୋଲି କୁହାଯାଇପାରେ। ଉଦାହରଣ ଭାବେ କେବଳ ମହିଳା ବିରୋଧୀ ପାରିବାରିକ ହିଂସାକୁ ଲକ୍ଷ୍ୟ କରାଯାଉ। ନ୍ୟାଶନାଲ କ୍ରାଇମ୍ ରେକର୍ଡ ବ୍ୟୁରୋ ରିପୋର୍ଟ ଅନୁଯାୟୀ ୨୦୦୧ରୁ ୨୦୧୮ରେ ଏହି ହିଂସା ୫୩% ବୃଦ୍ଧିପାଇଛି। ମହିଳାଙ୍କ ସୁରକ୍ଷା ଲାଗି ଆଇନ କରାଯାଇଛି। କିନ୍ତୁ ନ୍ୟାୟିକ ବିଚାର ଏତେ ଧିମା ଯେ ଏ ସମ୍ପର୍କିତ ମାମଲାର ତ୍ୱରିତ ବିଚାର କରାଯାଇପାରୁନାହିଁ। ସୁପ୍ରିମକୋର୍ଟଙ୍କ ଅନୁଯାୟୀ କେବଳ ମହିଳା ବିରୋଧୀ ଘରୋଇ ହିଂସାର ୪.୭ ଲକ୍ଷ ମାମଲା ଦେଶର ସବୁ ଜିଲାରେ ପଡ଼ିରହିଛି। ମାନବ ସମ୍ବଳ ଅଭାବ ଯୋଗୁ ଏହାର ବିଚାର କଷ୍ଟକର ହୋଇପଡ଼ିଛି। ଚିନ୍ତାର ବିଷୟ ହେଉଛି, କେତେକ ରାଜ୍ୟରେ ଏଥିପାଇଁ ସ୍ୱତନ୍ତ୍ର ନ୍ୟାୟିକ ବ୍ୟବସ୍ଥା ମଧ୍ୟ କରାଯାଇପାରିନାହିଁ। ଏପରିକି କେନ୍ଦ୍ରର ମିଶନ ଶକ୍ତି ଯୋଜନାରେ ଘରୋଇ ନିର୍ଯାତନାକୁ ରୋକିବା ଲାଗି ଓ ପୀଡ଼ିତାଙ୍କୁ ସହଯୋଗ କରିବାକୁ ବିଭିନ୍ନ ଜିଲାରେ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲେ ବି କର୍ମଚାରୀ ଅଭାବରୁ ଏଥିରୁ ଅଧିକାଂଶ ବନ୍ଦ ହୋଇଯାଇଛି ବୋଲି ୨୦୧୯ର ଏକ ରିପୋର୍ଟରୁ ଜଣାପଡ଼ିଛି। ଏହା କହିଲାବେଳକୁ ଏଠାରେ ଯୋଡ଼ିବାକୁ ହେବ ଯେ, ପାରିବାରିକ କନ୍ଦଳରେ ସରକାରୀ ହସ୍ତକ୍ଷେପ ଅଧିକାଂଶ ସମୟରେ ସମ୍ଭବପର ହୁଏ ନାହିଁ। ତେବେ କେବଳ ମହିଳାବିରୋଧୀ ହିଂସା ନୁହେଁ ଅନ୍ୟ ସବୁ ପ୍ରକାର ଘରୋଇ ହିଂସା ଅନଗ୍ରସର ସାମାଜିକ ସ୍ଥିତି, ଆର୍ଥିକ ସଙ୍କଟ ଓ ବ୍ୟବସ୍ଥାଗତ ସହଯୋଗର ଅଭାବ ଯୋଗୁ ବଢ଼ିବାରେ ଲାଗିଛି।

ଭାରତରେ ଘରୋଇ ହିଂସାକୁ ଦେଖିଲେ ଏହା ଯେଉଁଭଳି ବଢ଼ିଚାଲିଛି ତାହା ଚିନ୍ତାଜନକ। ମୁଖ୍ୟତଃ କୋଭିଡ୍ ମହାମାରୀ ପରେ ଏହା ଅଧିକ ହୋଇଛି। ବ୍ରିଟେନ୍‌ର ୱାର୍‌ୱିକ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ବେରୋଜଗାର ହାର ବଢୁଥିବାରୁ ଘରୋଇ ହିଂସା ବୃଦ୍ଧିପାଉଛି। ଏଥିରୁ ସ୍ପଷ୍ଟ ଯେ, କୋଭିଡ୍ ପରେ ଘରୋଇ ହିଂସାଜନିତ ହତ୍ୟା ଓ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବା ପଛରେ ବେରୋଜଗାର ଏକ ବଡ଼ କାରଣ । ଦେଶରେ ମୁଣ୍ଡ ପିଛା ଆୟ ସନ୍ତୋଷଜନକ ନ ହୋଇପାରିବା ପାରିବାରିକ ରୋଜଗାର ହ୍ରାସର ଅନ୍ୟ ଏକ ଦିଗ। ଭାରତ ସରକାରଙ୍କ ଇକୋନୋମିକ୍ ସର୍ଭେକୁ ଦେଖିଲେ ଭାରତର ଶ୍ରମ ଭାଗୀଦାରି ହାର ଏବେ ମାତ୍ର ୪୦%, ଯାହା ଦକ୍ଷିଣ ଏସିଆରେ ସବୁଠୁ କମ୍ । ଏହି ୪୦%କୁ ଯଦି ସମ୍ପୂର୍ଣ୍ଣ ଭାବେ ଶହେ ଧରିନିଆଯାଏ ତେବେ ତନ୍ମଧ୍ୟରୁ ୬୬% ପୁରୁଷ ହୋଇଥିବାବେଳେ ମାତ୍ର ୮.୮% ମହିଳା ଅଛନ୍ତି। ଯେତେ ତଥ୍ୟ ଦେଖିଲେ ମଧ୍ୟ ଆମକୁ ମନେରଖିବାକୁ ହେବ ଯେ, ଭାରତର ସାମାଜିକ ପରିସ୍ଥିତିରେ ଉପୁଜୁଥିବା ଆଧୁନିକ ଚିନ୍ତାଧାରା ପାଇଁ କୌଣସି ସ୍ଥାନ ରହୁନାହିଁ। ଉଦାହରଣସ୍ୱରୂପ, ପାଶ୍ଚାତ୍ୟ ଦେଶଗୁଡ଼ିକରେ ସ୍ୱାମୀ ଏବଂ ସ୍ତ୍ରୀ ମଧ୍ୟରେ ଅପଡ଼ ହୋଇ ଛାଡ଼ପତ୍ର ଦେବା ଏକ ସ୍ୱାଭାବିକ ଘଟଣା ଏବଂ ଏହା ବହୁଳ ସଂଖ୍ୟାରେ ହୋଇଥାଏ। ତାହା ସାମଗ୍ରିକ ସ୍ତରରେ ଗ୍ରହଣୀୟ ହୋଇଥିବାରୁ ଉଭୟ ପକ୍ଷ ଭିନ୍ନ ହୋଇ ମଧ୍ୟ ନୂତନ ଶୈଳୀରେ ଜୀବନ ବିତେଇବା ପାଇଁ ଚେଷ୍ଟା କରିଥାନ୍ତି। ଭାରତରେ ଛାଡ଼ପତ୍ର ଦେଇଥିବା ମହିଳାକୁ ସବୁବେଳେ ଏକ ଭିନ୍ନଦୃଷ୍ଟିରେ ସମାଜ ଦେଖିଥାଏ। ଭାରତ ଭଳି ଯେଉଁ ସବୁ ଦେଶର ସମାଜ ପୁରୁଷପ୍ରାଧାନ୍ୟ ମନୋଭାବ ପୋଷଣ କରିଥାଏ ସେଠିସବୁ ସମାଜରେ ମହିଳା ଏବଂ ପରିବାରର ବୃଦ୍ଧଙ୍କ ପ୍ରତି ଅସ୍ୱାଭାବିକ ଆଚରଣ ଅଧିକ ହୋଇଥାଏ। ଏଭଳି ପରିସ୍ଥିତିରେ କେବଳ ସରକାର ପରିବର୍ତ୍ତନ ଆଣିପାରିବେ ନାହିଁ। ଏଥିପାଇଁ ସାମାଜିକ ନେତୃତ୍ୱର ଆବଶ୍ୟକତା ରହିଛି, ଯାହାର ଘୋର ଅଭାବ ଭାରତରେ ଏବେ ଦେଖିବାକୁ ମିଳୁଛି।

# ମଣିପୁର ବର୍ବରତା ତୁଳନୀୟ ନୁହେଁ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ମେ' ମାସରେ ମଣିପୁରରେ ସଂଖ୍ୟାଗରିଷ୍ଠ ମେଇତେଇ ସମ୍ପ୍ରଦାୟର ଏକ ଉନ୍ମତ୍ତ ଭିଡ଼ ଦ୍ୱାରା ଦୁଇ ଜଣ କୁକି ଆଦିବାସୀ ସମ୍ପ୍ରଦାୟର ମହିଳାଙ୍କୁ ଉଲଗ୍ନ କରି ସେମାନଙ୍କୁ ରାସ୍ତାରେ ପରେଡ୍ କରାଇ ଶେଷରେ ସାମୂହିକ ବଳାତ୍କାର କରିବା ଭିଡିଓ ଭାଇରାଲ ହେବା ପରେ ଦେଶ ଓ ବାହାରେ ହଇଚଇ ସୃଷ୍ଟି ହୋଇଛି। ସ୍ୱାଭାବିକ ଭାବେ ଏହି ଘଟଣାକୁ ସମାଜର ସବୁ ମହଲରୁ ତୀବ୍ର ନିନ୍ଦା କରାଯିବା ସହ ସବୁଆଡ଼େ ବିଭିନ୍ନ ସାମାଜିକ ଓ ରାଜନୈତିକ ସଙ୍ଗଠନମାନଙ୍କ ପକ୍ଷରୁ ଜୋରଦାର ପ୍ରତିବାଦ ଦେଖିବାକୁ ମିଳିଛି।

ମଣିପୁରରେ ସଂଘଟିତ ଉପରୋକ୍ତ ବର୍ବରତା କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ଗତ ପ୍ରାୟ ତିନି ମାସ ଧରି ସେଠାରେ ଯେଉଁଭଳି ସାମ୍ପ୍ରଦାୟିକ ବିଦ୍ୱେଷ ଓ ହିଂସା ସମଗ୍ର ରାଜ୍ୟକୁ ଗ୍ରାସ କରିଛି ଏବଂ ସରକାରରେ ଥିବା ଲୋକେ ସେଥିପ୍ରତି ଆଖିବୁଜି ଦେଇଛନ୍ତି, ଏହି ଘଟଣା ତା'ର ତାର୍କିକ ପରିଣାମ ମାତ୍ର। ବରଂ ଏହି ଘଟଣା ପ୍ରଧାନମନ୍ତ୍ରୀଙ୍କ ବହୁପ୍ରଚାରିତ ୫୬ ଇଞ୍ଚର ଛାତି ଏବଂ ଭାଜପାର ଡବଲ ଇଞ୍ଜିନର ସରକାର ଯେ ସେଠାକାର ସାଧାରଣ ଜନତାଙ୍କ ଜୀବନ ଓ ମହିଳାଙ୍କ ଇଜ୍ଜତକୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି, ତାକୁ ପ୍ରମାଣିତ କରିଛି।

ଗତ ତିନି ମାସ ମଧ୍ୟରେ ବାରମ୍ବାର ବିଦେଶ ଗସ୍ତ କରିବାକୁ ସମୟ ପାଇଥିବା ପ୍ରଧାନମନ୍ତ୍ରୀ ଥରୁଟିଏ ମଣିପୁରକୁ ଯିବା ଦୂରର କଥା ସେଠାକାର ଲୋକଙ୍କୁ ଶାନ୍ତିରକ୍ଷା ପାଇଁ ପଦୁଟିଏ ନିବେଦନ କରି ବିବୃତି ଦେବା ଦେଖାଯାଇ ନ ଥିଲା। ତେବେ ମଣିପୁରର ଉପରୋକ୍ତ ସାମୂହିକ ବଳାତ୍କାରର ଭିଡିଓ ଏବଂ ତାକୁ ନେଇ ଦେଶର ଜନମାନସରେ ସୃଷ୍ଟି ହୋଇଥିବା ଭୟଙ୍କର ପ୍ରତିକ୍ରିୟା ଶେଷରେ ଆମର ଅନିଚ୍ଛାକୃତ ପ୍ରଧାନମନ୍ତ୍ରୀଙ୍କୁ ବିବୃତି ଦେବାକୁ ବାଧ କରିଛି। ବିଶେଷ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଏହି ଘଟଣାକୁ ସ୍ୱତଃ ସଜ୍ଞାନ ନେବା ଏବଂ ଅପରାଧୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ଯଦି ସକ୍ଷମ ନୁହଁ, ତା'ହେଲେ ଆମେ ନେବାକୁ ବାଧହେବୁ ବୋଲି ସରକାରକୁ ଚେତାବନୀ ଦେବା ପରେ ପ୍ରଧାନମନ୍ତ୍ରୀ ଏକ ବିବୃତି ଦେବାକୁ ବାଧ ହୋଇଛନ୍ତି। ଏପରି କି ଏଭଳି ବର୍ବରୋଚିତ ଘଟଣା ଘଟିବାର ଏତେଦିନ ପର୍ଯ୍ୟନ୍ତ ନୀରବତା ଅବଲମ୍ବନ କରି ଆସିଥିବା ରାଜ୍ୟ ସରକାର ଶେଷରେ ନ୍ୟାୟାଳୟର ଚେତାବନୀ ପରେ ଘଟଣାରେ ଅପରାଧୀଙ୍କୁ ଗିରଫ କରିବା ଆରମ୍ଭ କରିଛନ୍ତି।

ଦୀର୍ଘ ୭୮ ଦିନର ନୀରବତା ପରେ ପ୍ରଧାନମନ୍ତ୍ରୀ ସଂସଦ ଚାଲିଥିବା ବେଳେ ଗୃହ ଭିତରେ ବିବୃତି ନ ଦେଇ ଗୃହ ବାହାରେ ଏଭଳି ଏକ ସ୍ପର୍ଶକାତର ପ୍ରସଙ୍ଗରେ ମାତ୍ର ୩୬ ସେକେଣ୍ଡର ଯେଉଁ ବିବୃତି ଦେଇଛନ୍ତି ସେଥିରୁ ତାଙ୍କର ମଣିପୁରର ସମସ୍ୟା ନେଇ ଆନ୍ତରିକତା ଓ ଗାମ୍ଭୀରତାର ଅଭାବକୁ ସ୍ପଷ୍ଟ କରୁଛି। ସେ ରାଜନୀତି କରିବାକୁ ବି ପଛେଇ ନାହାନ୍ତି। ଘଟଣା ପାଇଁ ସେ ସିଧାସଳଖ ନିଜର ତଥା ନିଜ ସରକାରର ଅପାରଗତାକୁ ସ୍ୱୀକାର କରିବା ବଦଳରେ ମଣିପୁରର ବର୍ବରତା ସହିତ ଛତିଶଗଡ଼, ରାଜସ୍ଥାନ ଓ ପଶ୍ଚିମବଙ୍ଗ ପରି ଅନ୍ୟ ବିରୋଧୀ ଦଳ ଶାସିତ ରାଜ୍ୟଗୁଡ଼ିକର କିଛି ଘଟଣାକୁ ଏକାଠି ଉଲ୍ଲେଖ କରିଛନ୍ତି। ସତେଯେପରି ମଣିପୁର ଘଟଣାଟି ଦେଶର ସବୁ ରାଜ୍ୟରେ ପ୍ରତିଦିନ ଘଟୁଥିବା ଏକ ସାଧାରଣ ଘଟଣା ! ତେବେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଆସିବାର ତୁରନ୍ତ ପରେ ପରେ, ଭାଜପାର ସବୁ ନେତା ମିଡିଆରେ ମଣିପୁର ଘଟଣାକୁ ନିନ୍ଦା କରିବା ଛାଡ଼ି ଦେଇ ତାକୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ଆଇନ ଶୃଙ୍ଖଳା ପରିସ୍ଥିତି ସହିତ ତୁଳନା କରିବା ଆରମ୍ଭ କରିଦେଇଛନ୍ତି। ଏପରି କି ଏହି ଘଟଣାରେ ବ୍ୟଥିତ ହୋଇ ମାମଲାର ସ୍ୱତଃ ସଜ୍ଞାନ ନେଇଥିବା ଦେଶର ମୁଖ୍ୟ ବିଚାରପତିଙ୍କୁ ସେମାନଙ୍କ ଟ୍ରୋଲ ବାହିନୀ ପକ୍ଷରୁ ଟ୍ରୋଲ କରିବା ଦେଖାଯାଇଛି।



ତେବେ ମଣିପୁର ହେଉ କି ଦେଶର ଅନ୍ୟ କେଉଁଠି ହେଉ, ମହିଳା କିମ୍ବା ଆଦିବାସୀଙ୍କ ଉପରେ ଏଭଳି ହିଂସା ଗ୍ରହଣୀୟ ନୁହେଁ। ସରକାରମାନେ ଏଭଳି ଘଟଣାରେ ଅପରାଧୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ଦରକାର। କିନ୍ତୁ ମହିଳାଙ୍କ ବିରୋଧରେ ଯୌନ ହିଂସାର ଅନ୍ୟ ଉଦାହରଣ ଦେଇ ମଣିପୁରର ବୀଭତ୍ସତାକୁ ଛପାଯାଇ ପାରିବନି। ମହିଳାଙ୍କ ଉପରେ ହିଂସା କେବଳ ପଶ୍ଚିମବଙ୍ଗ କିମ୍ବା ରାଜସ୍ଥାନ କାହିଁକି ବରଂ ସାରା ଦେଶରେ ସବୁ ଦଳଙ୍କ ଶାସନରେ ଅବ୍ୟାହତ ରହିଛି। କିନ୍ତୁ ମଣିପୁରର ହିଂସା କେବଳ ବର୍ବରତାପୂର୍ଣ୍ଣ ନୁହେଁ ବରଂ ତାହା ସୁନିୟୋଜିତ ଭାବେ ଏକ ନିର୍ଦ୍ଦିଷ୍ଟ ଆଦିବାସୀ ସମ୍ପ୍ରଦାୟର ଓ ନିର୍ଦ୍ଦିଷ୍ଟ ଧର୍ମର ବୋଲି ହୋଇଛି। ଅତଏବ ଯେଉଁମାନେ ମଣିପୁରର ବୀଭତ୍ସତାକୁ ଅନ୍ୟ କିଛି ଘଟଣା ସହ ତୁଳନା କରି ତା'ର ବର୍ବରତାକୁ ହାଲୁକା କରି ଦେଖାଇବାକୁ ଚେଷ୍ଟା କରୁଛନ୍ତି, ସେମାନେ ଅପରାଧୀଙ୍କ ସହିତ ଗୋଟିଏ ଧାଡ଼ିରେ ଠିଆ ହୋଇଛନ୍ତି ବୋଲି କୁହାଯାଇପାରେ।

ଭାଇରାଲ ଭିଡିଓ ସାମ୍ନାକୁ ଆସିବା ପରେ ସେଠାକାର ମୁଖ୍ୟମନ୍ତ୍ରୀ ଏନ. ବିରେନ ସିଂ ସେଠାରେ ଏପରି ଶହ ଶହ ମାମଲା ଘଟିଛି ବୋଲି ଆଉ ଏକ ଦାୟିତ୍ୱହୀନ ମନ୍ତବ୍ୟ ଦେଇ ଘଟଣାକୁ ହାଲୁକା କରିବାକୁ ଚେଷ୍ଟା କରିଛନ୍ତି। ତେବେ ଭାଜପାର ନେତାମାନେ ନିଜକୁ ବଞ୍ଚେଇବା ପାଇଁ ଯାହା ବି କୁହନ୍ତୁ ମଣିପୁରର ବର୍ବରତା ଆଦୌ ଏକ ସାଧାରଣ ଅପରାଧ ଘଟଣା ନୁହେଁ। ଦୁଇ କୁକି ଆଦିବାସୀ ମହିଳାମାନଙ୍କ ନଗ୍ନ ପରେଡ୍‌ର ଭାଇରାଲ ଭିଡିଓ ସାମ୍ନାକୁ ଆସିବା ପରେ ମିଜୋରାମରେ ଥିବା ହଜାର ହଜାର ମେଇତେଇ ଲୋକଙ୍କୁ ନିଜର ଘରଦ୍ୱାର ଛାଡ଼ି ମଣିପୁର ଫେରିବାକୁ ପଡ଼ିଛି। ସେଠାକାର ଆଦିବାସୀ ସଙ୍ଗଠନମାନେ ୨୪ ଘଣ୍ଟା ମଧ୍ୟରେ ରାଜ୍ୟ ଛାଡ଼ିବାକୁ ସେମାନଙ୍କୁ ଧମକ ଦେବା ପରେ ସରକାର ସ୍ୱତନ୍ତ୍ର ବିମାନରେ ସେମାନଙ୍କୁ ମଣିପୁର ପଠାଇବାର ବ୍ୟବସ୍ଥା କରିଛନ୍ତି। ମଣିପୁରରେ ସରକାର ପ୍ରାୟୋଜିତ ଜାତିଗତ ହିଂସା, ସଂଖ୍ୟାଲଘୁ ସମ୍ପ୍ରଦାୟର ଶହ ଶହ ଉପାସନା ପୀଠକୁ ଭିଡ଼ ଦ୍ୱାରା ପୋଡ଼ିବା ତଥା ମହିଳାଙ୍କୁ ଅସଦାଚରଣ ଓ ବଳାତ୍କାର ନେଇ ୟୁରୋପୀୟ ୟୁନିୟନ ଓ ବ୍ରିଟେନ୍ ସଂସଦରେ ଆଲୋଚନା ହୋଇ ଉଦ୍‌ବେଗ ପ୍ରକାଶ କରାଯାଇଛି।

ମଣିପୁରରେ ଗତ ପ୍ରାୟ ତିନି ମାସ ଧରି ଗଣତନ୍ତ୍ର ନୁହେଁ, ଭିଡ଼ତନ୍ତ୍ରର ରାଜୁତି ଚାଲିଛି। ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହଜାର ହଜାର ସଂଖ୍ୟାରେ ଉଗ୍ର ଭିଡ଼ ଅନ୍ୟ ସମ୍ପ୍ରଦାୟର ଲୋକ ଓ ସେମାନଙ୍କ ଗାଁଗଣ୍ଡା ତଥା ଘରଦ୍ୱାର ଉପରେ ଆକ୍ରମଣ କରୁଛନ୍ତି। ଏହି ସାମ୍ପ୍ରଦାୟିକ ହିଂସାରେ ସରକାରୀ ଭାବେ ଏଯାଏ ୧୬୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ବେଳେ ଲକ୍ଷାଧିକ ଲୋକ ପ୍ରାଣ ବିକଳରେ ନିଜର ଘରଦ୍ୱାର ଛାଡ଼ି ରାଜ୍ୟ ଓ ରାଜ୍ୟ ବାହାରେ ଥିବା ରିଲିଫ୍ ଶିବିରରେ ଆଶ୍ରୟ ନେଇଥିବା ଜଣାପଡ଼ିଛି। ଗତ ପ୍ରାୟ ତିନି ମାସ ଧରି ସେଠାରେ ଦୋକାନ ବଜାର, ସ୍କୁଲ କଲେଜ ଏପରି କି ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇ ରହିଛି। ଆଇନ ଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ରାଜ୍ୟର ପୋଲିସ ବାହିନୀ ଜାତି ଆଧାରରେ ଖୋଲାଖୋଲି ଭାବେ ଦୁଇ ଭାଗ ହୋଇଯାଇଛି। ରାଜ୍ୟରେ ସମ୍ବିଧାନର ଧାରା ୩୫୫ ଲଗାଇ କେନ୍ଦ୍ର ସରକାର ଆଇନ ଶୃଙ୍ଖଳା ରକ୍ଷାର ଦାୟିତ୍ୱ ନେଇଛନ୍ତି। ମାତ୍ର ପ୍ରତିଦିନ ହତ୍ୟା, ଗୃହଦାହ, ବଳାତ୍କାର ଘଟଣା ଲଗାତର ଆସିବାରେ ଲାଗିଛି। ସଂଖ୍ୟାଗରିଷ୍ଠ ସମ୍ପ୍ରଦାୟରୁ ଆସିଥିବା ସେଠାକାର ମୁଖ୍ୟମନ୍ତ୍ରୀ ଖୋଲାଖୋଲି ଭାବେ ନିଜ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ହିଂସାକୁ ପ୍ରଶ୍ରୟ ଦେଉଥିବାର ଅଭିଯୋଗ ଆସିବା ପରେ ବି ତାଙ୍କୁ କେନ୍ଦ୍ର ସରକାର ବରଖାସ୍ତ କରିବାକୁ ସାହସ କରିପାରୁନାହାନ୍ତି। ଏଭଳି ପରିସ୍ଥିତିରେ ସେଠାରେ ଚାଲିଥିବା ଭିଡ଼ତନ୍ତ୍ରର ହିଂସାକୁ ଅନ୍ୟ ରାଜ୍ୟର ହିଂସା ସହିତ ତୁଳନା କରିବା ଅବିବେକିତା ବୋଲି କୁହାଯାଇପାରେ।

**ମୋ:୯୪୩୭୧୭୬୩୭୪**

# ମିଛର ଅନେକ ଗୋଡ଼



ଧ୍ରୁବ ଚରଣ ଘିବେଲା

ମିଛ ମିଠା। ସତ ଖଟା। ମିଛ ମିଠା ଏଇଥିପାଇଁ ଯେ ହୃଦୟହୀନଙ୍କୁ ଯଦି 'ବଡ଼ା ଦିଲ୍‌ବାଲା' କୁହାଯାଏ ସେ ଖୁସି ହେବେ କି ନାହିଁ କୁହନ୍ତୁ ତ, ସେ ନିଶ୍ଚୟ ଖୁସି ହେବେ। ହାତ ଦେଖାଳି କାହାକୁ ପ୍ରଶଂସା କରି କହିଲେ ସିନା ସେ କିଛି ପଇସା ପାଇବ। ଯଦି ସେ ସତ କହିବେ ମାନେ ଦୁଷ୍ଟ ଲୋକକୁ ଜାଣି ପାରି ଦୁଷ୍ଟ କହି ଦିଅନ୍ତି, ତେବେ କଥାଟା ଅଡୁଆ ଧରିବ ନିଶ୍ଚୟ। ପାଞ୍ଚ ପଇସା ବି ପାଇବ ନାହିଁ। ଓଲଟା ଧକ୍କା ଖାଇପାରେ। ତେଣୁ ସବୁଠୁ ନିରାପଦ ଦୁଷ୍ଟକୁ ଶିଷ୍ଟ, ଅସାଧୁକୁ ସାଧୁ, ଅସତୀକୁ ସତୀ, ଭୁଲକୁ ଠିକ୍ କହିବା ଏବଂ ଯେ ଯାହା ନୁହଁ ତାହା କହି ତାଙ୍କଠୁ କିଛି ପଇସା ହାତେଇବା। କୌଣସି ହାତ ଦେଖାଳି ସତ କହି ବେଉସା ବୁଡ଼ାଇବାକୁ ଚାହିଁବେ କାହିଁକି ? ବରଂ, ଛଅକୁ ନଅ କହି ଯାହା କିଛି ହାତେଇ ନେବା ବୁଦ୍ଧିମାନର କାମ। ହାତ ଦେଖାଳି ଜ୍ୟୋତିଷ ପ୍ରାୟତଃ ମୁହଁ ମିଠା କଥା କହିଥାନ୍ତି। ତାଙ୍କର କଥାକୁ ସତ ଧରି ନେବାକୁ ହୁଏ। ତାଙ୍କ ମିଛ କଥାକୁ ସତ ମଣି ଅନେକେ ଖୁସି ହୁଅନ୍ତି। ସବୁ ସମୟରେ ମିଛ ମିଠା ଲାଗେ ବୋଲି ତ ମିଛ ମୋହରେ ପଡ଼ିଥାନ୍ତି ପ୍ରାୟତଃ ସଭିଏଁ। ମିଛ କହିବାକୁ ପସନ୍ଦ କରନ୍ତି ଅନେକ। ସବୁଠି ସତ କହି ହରଡ଼ଘଣାରେ ପଡ଼ିବ କାହିଁକି, ବରଂ ମିଛ କହି ନ ଖସିବେ କାହିଁକି ? ଏଇ ଅସୁସ୍ଥ ବିଚାରଧାରା ହିଁ ଅନେକଙ୍କୁ ମିଛ କହିବାକୁ ପ୍ରୋତ୍ସାହିତ କରିଥାଏ। ଆଜିକାଲି ଏମିତି ସମୟରେ ଆମେ ପହଞ୍ଚିଛେ, ମିଛକୁ ଅନେକେ ଯେମିତି ଗ୍ରହଣ କରିନେଇଥାନ୍ତି, ସତକୁ ସହଜେ ଗ୍ରହଣ କରିପାରନ୍ତି ନାହିଁ, କୁଣ୍ଠାବୋଧ କରନ୍ତି। ଯଦି କିଏ କହନ୍ତି ଅମୁକ ଭଲ ଲୋକ ନୁହେଁ, ତାକୁ ଅନେକ ସତ ମଣିପାରନ୍ତି। ଯଦି କହିବେ ଅମୁକ ଭଲ ଲୋକ, ତେବେ ତହିଁରେ ସନ୍ଦେହ ବ୍ୟକ୍ତ କରିପାରନ୍ତି। ସେମିତି ଯଦି କୁହାଯାଏ, ଅମୁକ ଏଇ ସେଇ ପୁରସ୍କାର ପାଇଲେ ତାହା ଶୁଣି କିଏ ପ୍ରତିକ୍ରିୟା ରଖିପାରନ୍ତି, ହଁ ଧରାଧରି କରି ହାତେଇ ଥିବ। ଆଜିକାଲି ବି ଏମିତି ହେଉଛି। ତେଣୁ ସତ କଥାରେ ବି କରାଯାଏ ସନ୍ଦେହ ପ୍ରକଟ। ମିଛକୁ ସହଜରେ ଗ୍ରହଣ କରୁଥିବା ଲୋକଙ୍କ ସଂଖ୍ୟା ବଢୁଛି, ଅନ୍ୟପାଖେ ସତକୁ ସ୍ୱୀକାର କରୁଥିବା ଲୋକଙ୍କ ସଂଖ୍ୟା କମିଛି।

ମିଛ-ସତକୁ ନେଇ ଏକ ସୁନ୍ଦର କାହାଣୀ ରହିଛି,ତା'ର ଅବତାରଣା ନିମ୍ନରେ ଉଲ୍ଲେଖ କରୁଛି। ମିଛ ଓ ସତ ଥିଲେ ଦୁଇ ଭଉଣୀ। ରହୁଥିଲେ ଏକାଠି। ବୁଲୁଥିଲେ ଏକାଠି। ହେଲେ ତାଙ୍କ ଭିତରେ ଏକ ସର୍ତ୍ତ ଥିଲା। କେହି କାହାର ପୋଷାକ ପିନ୍ଧିବେ ନାହିଁ। ଏଇ ସର୍ତ୍ତ ମାନି ଦି' ଭଉଣୀ କରୁଥିଲେ ଏକତ୍ର ସହାବସ୍ଥାନ। ହେଲେ ଦିନେ ଘଟିଗଲା ଏକ ଅଘଟଣ। ସର୍ତ୍ତରେ ଖିଲାପ କଲା ମିଛ। ଦୁହେଁ ଏକା ସମୟରେ ଯାଆନ୍ତି ଗାଧୋଇ। ଗାଧୋଇ ସାରି ଯେ ଯାହାର ପୋଷାକ ପିନ୍ଧି ନେଇଥାନ୍ତି। ହେଲେ ଦିନେ ଆଗୁଆ ଗାଧୋଇ ସାରି ମିଛ ସତର ପୋଷାକ ପିନ୍ଧି ଫେରାର ମାରିଲା ଯେ ଆଉ ଧରାଛୁଆଁ ଦେଲା ନାହିଁ। ସେଇ ସ୍ଥିତିରେ ସତ ମିଛର ପୋଷାକ ପିନ୍ଧିବାକୁ ବାଧ ହେଲା ଏବଂ ମିଛକୁ ଖୋଜି ବୁଲିଲା। ବୁଲିବୁଲି ନୟାନ୍ତ ହେଲା। ହେଲେ ସେଦିନଠୁ ଖୋଜି ଖୋଜି ସତ ମିଛକୁ ଆଉ ପାଉନାହିଁ। ମିଛ ସତର ପୋଷାକ ପିନ୍ଧି ସୁନ୍ଦର ଦେଖାଗଲା। ଆଉ ସତ ମିଛର ପୋଷାକରେ କଦାକାର ବନିଗଲା। ଏଇ ଧାରାରେ ସତ ହୋଇଯାଇଛି ଅସୁନ୍ଦର। ମିଛ ଲାଗୁଚି ସୁନ୍ଦର। ସତ ମିଛକୁ ଖୋଜି ହୋଇଛି କର୍କଶ ଓ କଠିନ, ମିଛ ସାଜିଛି ମିଠା ମଧୁର।




ସବୁଠୁ ଦୁଃଖ ଯେ ମିଛ ସବୁଠି ଅଧିକ ଗ୍ରହଣୀୟ ହେଉଛି। ସତକୁ ସହଜେ ଗ୍ରହଣ କରାଯାଉନାହିଁ । ମିଛ ପଛରେ କାମ କରୁଛି ଆଜିକାଲି ସ୍ୱାର୍ଥ, କେବଳ ସ୍ୱାର୍ଥ। ସ୍ୱାର୍ଥ ନାହିଁ ତ ଗତି ନାହିଁ। ସ୍ୱାର୍ଥ ଥିଲେ ସମ୍ପୃକ୍ତି, ନ ହେଲେ ନାହିଁ। ସ୍ୱାର୍ଥ ପାଇଁ ମିଛ କହିବାରେ, ମିଛର ପକ୍ଷଭୁକ୍ତ ହେବାରେ ଦ୍ୱିଧାବୋଧ ରହୁନାହିଁ। ଅଧିକାରୀ ଲାଞ୍ଚୁଆ, ମିଛୁଆ ହୋଇଥିଲେ ସ୍ୱାର୍ଥୀ ତଳିଆ କର୍ମଚାରୀ ବି ଲାଞ୍ଚ, ମିଛ ପକ୍ଷରେ ରହନ୍ତି। ମୁହଁ ଖୋଲି ମିଛ ବିରୋଧରେ କହନ୍ତି ନାହିଁ କାରଣ ଏଠି ସଂଖ୍ୟାଗରିଷ୍ଠ। ବରଂ ମିଛର ପିଠିରେ ସବୁଠି ମୋହର ମରାଯାଏ। ସ୍ୱାର୍ଥର ଶିଡ଼ି ଲମ୍ବିଛି ତଳୁ ଉପର ପର୍ଯ୍ୟନ୍ତ। ସେମିତି ମିଛର ପାହାଚଚଢ଼ା ସୁଖ ଘାରୁଛି ଅନେକଙ୍କୁ। ମିଛର ଗୋଡ଼ ତଳେ ଆଶ୍ରୟ ନେଉଛନ୍ତି ସ୍ୱାର୍ଥୀ। ମିଛ ବେଳକୁ ବେଳ ହେଉଛି ସଶକ୍ତ। ସତ ହେଉଛି ତେଜହୀନ, ଦୁର୍ବଳ ଯେମିତି ଦିନକୁ ଦିନ।

ସତ ଥାଏ ଯେଉଁଠି କି ସେଇଠି। ମିଛ ଚାଲିପାରେ। ଦୌଡ଼ି ପାରେ। ଆଉ ସତ ପକ୍ଷେ ଗୋଟେ କାନରୁ ଦି' କାନ ହେବା ସହଜ ନ ଥାଏ। ହେଲେ ମିଛ ଚାଲି,ଦୌଡ଼, ଉଡ଼ି ବହୁ କାନରେ ସହସା ପହଞ୍ଚିପାରେ। ମିଛ ବ୍ୟାପେ। ମିଛର ବ୍ୟାପ୍ତି ପ୍ରଖର। ସତ ବ୍ୟାପି ପାରେନା।

ମିଛର ଆଦର ଆଜି ସବୁଠି। ମିଛ ସମସ୍ତଙ୍କର ପ୍ରିୟ ସାଜୁଛି, ସାଜିଛି। ସତଠୁ ଦୂରେଇ ଯାଉଛନ୍ତି ସଂଖ୍ୟାଗରିଷ୍ଠ। ସତ ହୋଇପାରୁନି ଅନେକଙ୍କ ପ୍ରିୟ। ସତ କହିଲେ କଷ୍ଟ। କହିବାକୁ ବି ଲାଗୁଚି କଷ୍ଟ। ପ୍ରାର୍ଥନାରେ ଯାହା ବୋଲାଯାଉଛି, 'ସତ କହିବାକୁ କିଆଁ ଡରିବି'। ସତ କହିବାକୁ ଡର କାହିଁକି କୁହାଗଲେ ବି ତାହା କେବଳ ସେଇ ପ୍ରାର୍ଥନାରେ ସୀମିତ ରହିଯାଇଛି ଯେମିତି। ଲେଖାଯାଇଛି କେବଳ କାନକୁ ଭଲ ଶୁଣାଯିବା ପାଇଁ। ସେଇ ପ୍ରାର୍ଥନାର ସେଇ ପଂକ୍ତି କେବଳ ଆଳଙ୍କାରିକ ହୋଇଛି ସିନା ତାର ପ୍ରୟୋଗ ବିଧି ନାହିଁ କହିଲେ ଚଳେ। ସତ କହିବାକୁ ଅନେକଙ୍କୁ ଡର ମାଡୁଛି ଯେମିତି। ତଥାପି ଆଜିର ଦିନରେ ସତକୁ ଭଲ ପାଉଥିବା ଲୋକ ଅଛନ୍ତି। ହୋଇପାରେ ସେମାନଙ୍କ ସଂଖ୍ୟା ସୀମିତ, ନଗଣ୍ୟ। ଏବେ ବି ରହିଛନ୍ତି ସତ୍ୟପ୍ରିୟ। ସତ ସହିତ ତାଙ୍କର ଥାଏ ସହାବସ୍ଥାନ। କତିପୟ ସତ୍ୟପ୍ରିୟଙ୍କ ଯୋଗୁ ସତ ଏଠି ରହିଛି ସଙ୍କୁଚିତ ସ୍ଥିତିରେ ମଧ୍ୟ। ମିଛୁଆଙ୍କ ହାଉଯାଉ ଭିତରେ ସତ୍ୟପ୍ରିୟଙ୍କ ଉପସ୍ଥିତି ସତର ଆଲୋକକୁ ଉଜ୍ଜୀବିତ କରିରଖିଛି। ମିଛର ଯେତେ ସହସ୍ର ଗୋଡ଼ ଥାଉ, ଯେତେ ଡେଣା ଥାଉ ମିଛ ସବୁବେଳେ ମିଛ। ହୁଏତ ସେ ସମୟ ପାଇଁ, କିଛି ମୁହୂର୍ତ୍ତ ପାଇଁ ମିଛର ବହପ ଅନୁଭୂତ ହୋଇପାରେ। ହେଲେ ତାହା ସର୍ବକାଳୀନ ହୋଇପାରେନା। ସତ ମିଛ ଦ୍ୱାରା କିଛି କାଳ ହୋଇପାରେ କ୍ଷତିଗ୍ରସ୍ତ, କ୍ଷତାକ୍ତ। ସତ ଦିନେ ନା ଦିନେ ପ୍ରତିଷ୍ଠିତ ହୁଏ। ବହଳ ମିଛ ଅନ୍ଧକାରକୁ ଅତିକ୍ରମି ସତ୍ୟର ବିଚ୍ଛୁରିତ ହେବ। ସତ୍ୟପ୍ରିୟଙ୍କ ମୁହଁରେ ଧାରେ ହସର ଆଲୋକ ଖେଳିଯିବ, ଏଥିରେ ସନ୍ଦେହ ନାହିଁ। ଏକଥା ସ୍ପଷ୍ଟ ଶବ୍ଦରେ ଏଠି କହିବାରେ ଅସୁବିଧା ନାହିଁ।

**ବଉଦରାଜ, ଜି. ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

## ଏଇ ଭାରତରେ

ଚୋର ଘରୁ ଚୋରି କରିବାକୁ ଯାଇ କିଛି ନ ପାଇ ବହୁସମୟରେ ଗୃହକର୍ତ୍ତାଙ୍କୁ ଆକ୍ରମଣ କରନ୍ତି, ଏପରି କି ସେମାନଙ୍କ ଜୀବନ ବି ନେଇଯାଆନ୍ତି। କିନ୍ତୁ କେତେଜଣ ଚୋର ଘରୁ କିଛି ନ ପାଇ ଶେଷରେ ଗୃହସ୍ୱାମୀଙ୍କ ଉଦ୍ଦେଶ୍ୟରେ ଟଙ୍କା ଦେଇଯିବା ଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଦିଲ୍ଲୀର ରୋହିଣୀର ସେକ୍ଟର ୮ରେ ଘଟିଛି ଏହି ଘଟଣା। ସେଠାରେ ଚୋରମାନେ ଏକ ଘରେ ପ୍ରବେଶ କରି ନଗଦ ଟଙ୍କା କିମ୍ବା ଅଳଙ୍କାର ସାମଗ୍ରୀ ପାଇଲେ ନାହିଁ। ଏପରି କି ମୋବାଇଲ ଏବଂ ଲାପ୍‌ଟପ ଖୋଜିଲେ ବି ତାଙ୍କ ଆଖିରେ ପଡ଼ିଲାନାହିଁ। ପରେ ଚୋରମାନେ ବିରକ୍ତ ହୋଇ ଘରର ଦ୍ୱାରମୁହଁରେ ୫ ଶହ ଟଙ୍କିଆ ନୋଟ ରଖିଦେଇଗଲେ। ଚୋରମାନଙ୍କର ଏହି କାର୍ଯ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଘରର ମାଲିକ ମଧ୍ୟ ନିଶ୍ଚିତ କରିଛନ୍ତି ତାଙ୍କ ଘରୁ କିଛି ଚୋରି ହୋଇ ନାହିଁ। ସରକାରୀ ଚାକିରିରୁ ଅବସର ନେଇଥିବା ଜଣେ ବୟସ୍କ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ସହ ଦିଲ୍ଲୀର ରୋହିଣୀରେ ରହୁଛନ୍ତି। ସେମାନେ ଘରେ ନ ଥିବା ବେଳେ ଚୋରମାନେ ପଶିଥିଲେ। ଏହିପରି ଆଉ ଏକ ଘଟଣା ଦିଲ୍ଲୀରେ ପୂର୍ବରୁ ଘଟିସାରିଛି। ଜୁନ୍‌ରେ ଶାହାଦରା ଅଞ୍ଚଳରେ ଏକ ଦମ୍ପତିଙ୍କ ଘରୁ ଚୋରି କରିବା ସମୟରେ ତାଙ୍କଠାରୁ ମାତ୍ର ୨୦ ଟଙ୍କା ମିଳିଥିଲା। ପରେ ଚୋରମାନେ ସେମାନଙ୍କୁ ୧୦୦ ଟଙ୍କା ଦେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ଜୁଲାଇ ୧୯୯୮**

- ସାଧାରଣ ସଭା ଉପରେ ଲାଗୁ କରାଯାଇଥିବା ନିଷେଧାଦେଶକୁ ଉଲ୍ଲଘଂନ କରି ଜମ୍ମୁ-କଶ୍ମୀରର ଡେମୋକ୍ରାଟିକ ଫ୍ରିଡମ ପାର୍ଟିର ମୁଖ୍ୟ ଶବିର ଅହମ୍ମଦ ଶାହଙ୍କ ସମେତ ୧୦ ସମର୍ଥକ ଗିରଫ।
- ଅଲିମ୍ପିଆନ ଏମ୍.କେ. କୌଶିକଙ୍କୁ ଜାତୀୟ ସିନିୟର ହକି ଦଳର ନୂତନ କୋଚ ଭାବେ ନିଯୁକ୍ତି ପ୍ରଦାନ।

## ଚିରନ୍ତନୀ

ବହିଯାଏ ସମୀରଣ ସମାଚାର ନାହିଁ ପାଏ
ତା'ର,
ମଧୁକର ଆନମନେ ଫୁଲେ ଫୁଲେ ରଚଇ
ବିହାର,
ହଜିଯାଏ ଯେତେ ଧନ ନାହିଁ ଯା'ର ସତ୍ତା
କେହି ତା'ର ନ ପୁଛେ ବାରତା !
(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | | | 7 | | | |
| | 7 | | | 3 | 4 | | | |
| | | 8 | | 1 | | 7 | 2 | |
| | | 5 | 7 | | 8 | | 6 | |
| 9 | 4 | | | | | | 1 | |
| | | | | | | | | |
| | | 7 | 3 | 6 | | | 9 | 2 |
| 1 | | | 9 | | | | 3 | |
| | | | | | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 9 | 5 | 3 | 4 | 7 | 1 | 8 |
| 3 | 5 | 8 | 7 | 6 | 1 | 4 | 9 | 2 |
| 1 | 7 | 4 | 2 | 9 | 8 | 5 | 6 | 3 |
| 9 | 1 | 7 | 3 | 4 | 2 | 8 | 5 | 6 |
| 4 | 8 | 2 | 9 | 5 | 6 | 1 | 3 | 7 |
| 5 | 6 | 3 | 8 | 1 | 7 | 2 | 4 | 9 |
| 2 | 9 | 6 | 1 | 8 | 5 | 3 | 7 | 4 |
| 8 | 3 | 1 | 4 | 7 | 9 | 6 | 2 | 5 |
| 7 | 4 | 5 | 6 | 2 | 3 | 9 | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରାଇଭିଂ ଟ୍ରେନିଂ ଯୋଗୁ ଦୁର୍ଘଟଣା

ମହାଶୟ,

କଟକରେ ଚାରିଚକିଆ ଯାନ ଡ୍ରାଇଭିଂ ଶିଖିବାପାଇଁ ନିୟମ କାନୁନ ଥିବାବେଳେ ଏହାକୁ ପ୍ରାୟ ସଂସ୍ଥା ଲାଗୁ କରୁନାହାନ୍ତି। ଏଥିପ୍ରତି ପରିବହନ ବିଭାଗର ବି ନଜର ନାହିଁ। ଟ୍ରେନିଂ ଦେଉଥିବା ସଂସ୍ଥା ଆରଟିଓ ଅଫିସରୁ ଲାଇସେନ୍ସ ପାଇ ସାରିବା ପରେ ଡ୍ରାଇଭିଂ ଶିଖିବାକୁ ଆସୁଥିବା ଲୋକଙ୍କୁ ପ୍ରଥମେ ନିଜ ସଂସ୍ଥାରେ ଥିଓରି ତାଲିମ ଦେଇଥା'ନ୍ତି। ପ୍ରାକ୍ଟିକାଲ ତାଲିମ ପାଇଁ ସଂସ୍ଥା ନିଜର ବିସ୍ତୀର୍ଣ୍ଣ ପଡ଼ିଆରେ ଟ୍ରାକ ତିଆରି କରି ତାଲିମ ଦେବା କଥା। ମାତ୍ର ଅଧିକାଂଶ ସଂସ୍ଥାର ପଡ଼ିଆ ନାହିଁ। ଏହି ସଂସ୍ଥାଗୁଡ଼ିକ ବିପୁଳ ପରିମାଣର ଟଙ୍କା ଲୋକଙ୍କଠାରୁ ନେଇ ଜନଗହଳିପୂର୍ଣ୍ଣ ରାସ୍ତାରେ ତାଲିମ ଦେଉଛନ୍ତି। ଏହାଦ୍ୱାରା ପଥଚାରୀ ତଥା ସ୍କୁଲ, କଲେଜ ପିଲାମାନଙ୍କ ପାଇଁ ଅସୁବିଧା ହେଉଛି। ଡ୍ରାଇଭିଂ ସଂସ୍ଥାଗୁଡ଼ିକ ତାଲିମ ଦେବା ପାଇଁ ଉପଯୁକ୍ତ ସ୍ଥାନ ନିରୂପଣ କରିସାରିବା ପରେ ହିଁ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଯଦି ଲାଇସେନ୍ସ ନେଇ ଗହଳି ସ୍ଥାନରେ କେହି ତାଲିମ ଦେଉଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ।

**-ଆଶୁତୋଷ ଦାଶ, ସିଦ୍ଧଳ, କାଦୁଆପଡ଼ା, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଖପ୍ରାଖୋଲ ବନ୍ଦ ଆଜି

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ହିନ୍ଦୁ ସଂଗଠନ ତରଫରୁ ପାଟଣାଗଡ ବ୍ଲକ ଛକରେ ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ଅପସାରଣର ପ୍ରତିବାଦ କରାଯାଇଛି। ବୁଧବାର ଖପ୍ରାଖୋଲ ବନ୍ଦ ଡାକରା ଦିଆଯାଇଛି। ଏନେଇ ଲିଖିତଭାବେ ସ୍ଥାନୀୟ ପୋଲିସକୁ ଜଣାଇ ଦିଆଯାଇଛି। ବନ୍ଦ ସମୟରେ ଦୋକାନ, ବଜାର, ଗାଡ଼ି ଚଳାଚଳ, ସରକାରୀ କାର୍ଯ୍ୟାଳୟ, ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରଖିବାକୁ ଅନୁରୋଧ କରାଯାଇଥିବା ହିନ୍ଦୁ ସଂଗଠନ ସଦସ୍ୟ ଉପେନ୍ଦ୍ର ଭୋଇ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଟ୍ରେନରେ କଟି ଯୁବକ ମୃତ

କଣ୍ଟାବାଞ୍ଜି,୨୫।୭(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା ତୁରେକେଲା ଥାନା ଲର୍କି ଗ୍ରାମର ଜଣେ ଯୁବକଙ୍କର ମଙ୍ଗଳବାର ସକାଳେ ଟ୍ରେନରେ କଟି ମୃତ୍ୟୁ ଘଟିଛି। ମୃତକ ହେଲେ ଦିଲୀପ ସେଠ(୨୩)। ଜିଆରପି ସୂଚନା ଅନୁସାରେ କଣ୍ଟାବାଞ୍ଜି-ତୁରେକେଲା ମଝିରେ ଦିଲୀପ କୌଣସି ଏକ ଟ୍ରେନରେ କଟି ଯାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଏଏସଆଇ ଡି.ଡୁଙ୍ଗଡୁଙ୍ଗ କହିଛନ୍ତି।

### ମାଛଚାଷ ପାଇଁ ପୋଖରୀ ନିଲାମ ଦିଅ

**ଜିଲାପାଳଙ୍କ ନିକଟରେ ଦାବି କଲେ ଏସ୍‌ଏଚ୍‌ଜି ମହିଳା**



ଲୋଇସିଂହା,୧୪।୭(ସୁଶାନ୍ତ ବାରିକ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ କଦଳୀପାଲି ଗ୍ରାମର ଆଡକଟା ପୋଖରୀକୁ ମାଛଚାଷ ପାଇଁ ନିଲାମ ସୂତ୍ରରେ ଦେବାକୁ ଦାବି କରିଛି ଗ୍ରାମର ଧନଲକ୍ଷ୍ମୀ ସ୍ୱୟଂସହାୟିକା ଗୋଷ୍ଠୀ। ଏ ନେଇ ସେମାନେ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଜୁନ ୨୬ରେ ଉକ୍ତ ପୋଖରୀ ନିଲାମ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ଏଥିପାଇଁ ଜିପିଓ କିଶୋର ମାନସିଂ ଗାଁକୁ ଯାଇଥିଲେ। ତେବେ ଗ୍ରାମର କେତେକ ବ୍ୟକ୍ତି ନିଲାମ ପ୍ରକ୍ରିୟାକୁ ସେତେବେଳେ ଭଣ୍ଡୁର କରି ଦେଇଥିଲେ। ମିଶନ ଶକ୍ତି ଜରିଆରେ ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ପ୍ରଶାସନିକ ସ୍ତରରେ ପ୍ରୋତ୍ସାହନ ଦିଆଯାଉଛି। ଅପରପକ୍ଷେ ମାଛ ଚାଷ କରି ସ୍ୱାବଲମ୍ବୀ ଆଶା ରଖିଥିବା ଉକ୍ତ ଏସ୍‌ଏଚ୍‌ଜି ମହିଳାଙ୍କୁ ନିରାଶ ହେବାକୁ ପଡିଛି। ବ୍ଲକ ପ୍ରଶାସନଠାରୁ ନ୍ୟାୟ ନମିଳିବା ପରେ ସୋମବାର ଜିଲାପାଳ ଓ ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣିର ଦ୍ୱାରସ୍ଥ ହୋଇଥିଲେ। ଅପରପକ୍ଷେ ଏହି ସମୟରେ ବ୍ଲକ ପରିସରରେ ମହିଳା ଗୋଷ୍ଠୀ ଏବଂ ଅନ୍ୟ କେତେଜଣ ବ୍ୟକ୍ତି ପୋଖରୀ ନିଲାମକୁ ନେଇ ମୁହାଁମୁହିଁ ହେବା ଆଲୋଚନାର ବିଷୟ ପାଲଟିଥିଲା।

### ରାଜ୍ୟସ୍ତରୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

# ଖପ୍ରାଖୋଲ ଓଏଭି ଛାତ୍ରୀ ପ୍ରଥମ

ଖପ୍ରାଖୋଲ, ୨୫।୭(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଦର ମହକୁମାରେରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ସପ୍ତମ ଶ୍ରେଣୀ ଛାତ୍ରୀ ତୃପ୍ତିମୟୀ ପ୍ରଧାନ ରାଜ୍ୟସ୍ତରୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କନିଷ୍ଠ ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡ଼େମୀର ୬୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ



ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ସମାରୋହରେ ତୃପ୍ତିମୟୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଜ୍ୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ତୃପ୍ତିମୟି ଭାଗ ନେଇ କନିଷ୍ଠ ବର୍ଗରେ ପ୍ରଶ୍ନୋତ୍ତର ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପରେ ଆୟୋଜିତ ଭବ୍ୟ ସମାରୋହରେ ତୃପ୍ତିମୟୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କୃତିତ୍ୱ ପାଇଁ ବିଦ୍ୟାଳୟ ଅଧକ୍ଷା ଦମୟନ୍ତୀ ମହାରଣା ତୃପ୍ତିମୟୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବେଲପଡ଼ା,୨୫।୭(ମନୋଜ କୁମାର ମିଶ୍ର)

ମଦ ପିଇବା ପାଇଁ ମନା କରିବାରୁ ଜଣେ ଯୁବକଙ୍କୁ ଅନ୍ୟ କେତେଜଣ ଯୁବକ ନିଷ୍ଠୁର ମାଡ଼ ମାରିଥିବା ବେଲପଡା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ବେଲପଡ଼ା ଥାନା ଅନ୍ତର୍ଗତ ରାଉବାହାଲ ଗ୍ରାମର ସଦାନନ୍ଦ କୁମ୍ଭାର (୩୫)ଙ୍କ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଛି। ସଦାନନ୍ଦଙ୍କ ଅଭିଯୋଗ ଅନୁସାରେ ତାଙ୍କ ଗାଁର ଜଣେ ବ୍ୟକ୍ତି ମଙ୍ଗଳବାର ମଧ୍ୟାହ୍ନରେ ତାଙ୍କ ଘରକୁ ଆସିଥିଲେ। କାମ ଅଛି କହି ତାଙ୍କୁ ବାଇକରେ ଗାଁର କଳଛିକଛାର ଛକକୁ ନେଇଥିଲେ। ସେହି ସ୍ଥାନରେ ଗାଁର ଅନ୍ୟ ଦୁଇ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ସେମାନେ ସମସ୍ତେ ମିଶି ସଦାନନ୍ଦଙ୍କୁ ମଦ ପିଆଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ପିଇବାକୁ ମନା କରିବାରୁ ତିନି ହେଁ ମଦନଶାରେ ତାଙ୍କୁ ନିଷ୍ଠୁର ମାଡ ମାରିଥିଲେ। ଉଲଗ୍ନ କରି ରାସ୍ତାରେ ଠେଙ୍ଗାରେ ପିଟିବା ସହ ବେକ ଚିପି ଦେଇଥିଲେ। ଫଳରେ ସେ ଚେତାଶୂନ୍ୟ ହେଇ ପଡିଯିବା ପରେ ସେମାନେ ସେହି ସ୍ଥାନ ରୁ ଫେରାର ହୋଇଯାଇଥିଲେ। ଏହି ସମୟରେ ଜଣେ ବ୍ୟକ୍ତି ତାଙ୍କୁ ପାଣି ପିଆଇ ଜୀବନ ବଞ୍ଚାଇଥିଲେ। ଏ ସମ୍ପର୍କରେ ଆଇଆଇସି ରାଜେନ୍ଦ୍ର ବେହେରାଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି, ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପ୍ରକଳ୍ପ ପ୍ରଭାବିତଙ୍କୁ ଜଳସେଚନ ସୁବିଧା ଯୋଗାଅ

**ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକରେ ବିଧାୟକଙ୍କ ପରାମର୍ଶ**

ଲୋଇସିଂହା,୨୫।୭(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ପ୍ରଥମ ଥର ବିଧାୟକ ମୁକେଶ ମହାଲିଙ୍ଗଙ୍କ ଲୋଇସିଂହା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କାମର ସମୀକ୍ଷା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ମୁକେଶ ମହାଲିଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମୀକ୍ଷାର ପ୍ରଥମ ପର୍ଯ୍ୟାୟରେ ଏଡିଏମ ଲମ୍ବୋଦର ଧରୁଆଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ପ୍ରାଣୀସମ୍ପଦ, ମତ୍ସ୍ୟ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କୋଠାବାଡି, ପିଡବ୍ଲ୍ୟୁଡି,ଏମଆଇ, ଏଲଆଇସି, ପାଣି ପଞ୍ଚାୟତ ପରି ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ। ବିଭାଗ ପକ୍ଷରୁ ହେଉଥିବା କାର୍ଯ୍ୟକାରିତା ଏବଂ ବିଗତ ୪ ବର୍ଷର ବିଭାଗୀୟ ସଫଳତାର ରିପୋର୍ଟ କାର୍ଡ ଉପସ୍ଥାପନା କରିଥିଲେ ଅଧିକାରୀ।

ଉଦ୍ୟାନ ବିଭାଗରୁ ସମୀକ୍ଷା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ ବ୍ଲକରେ ଲକ୍ଷ୍ୟ ଧାର୍ଯ୍ୟ ଥିବା ଟାର୍ଗେଟ ଉପରେ ଆଲୋକପାତ କରାଯାଇଥିଲା। କୁଶମେଲ ପଞ୍ଚାୟତ ସଦର ଗ୍ରାମ କୁଶମେଲର ସଂଯୁକ୍ତା ଗଡତ୍ୟା ଓ ଫଟାବାହଲର ଟିଙ୍କିନା ମିଶ୍ର ସଫଳ ଛତୁ ଚାଷୀ ବୋଲି କୁହାଯାଇଥିଲା। ଉପରବାହାଲ ଓଡିଶାର ଟମାଟ




ସମୀକ୍ଷା ବୈଠକରେ ବିଧାୟକ ଏବଂ ଉପସ୍ଥିତ ଅଧିକାରୀ।

ହେବ ବୋଲି ବିଧାୟକ କହିଥିଲେ। ଉପରବାହାଲ, ରୋଥ ସମେତ ୩ଟି ସ୍ଥାନରେ ଶୀତଳ ଭଣ୍ଡାର ସ୍ଥାପନ ଯୋଜନା ରହିଛି। ହେଲେ ଅନୁଦାନ ମିଳି ନ ଥିବାରୁ ନିର୍ମାଣ ହୋଇ ପାରି ନ ଥିବା ବିଭାଗୀୟ ଅଧିକାରୀ କହିଥିଲେ। ଜିଲାରେ ୪୫ ହଜାର ୨୮୨ ଜଣ ବେକାର ଯୁବତୀ ଓ ଯୁବକ ଚାକିରୀ ପାଇଁ ପଞ୍ଜୀକୃତ ହୋଇଛନ୍ତି। ସେଥିରୁ ଜିଲାରେ କେତେଜଣଙ୍କୁ ନିଯୁକ୍ତି ମିଳିଛି ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଡାଟାବେସ ନାହିଁ କହି ତାର ଉତ୍ତର ରଖିପାରି ନ ଥିଲେ ଜିଲା ନିଯୁକ୍ତି ଅଧିକାରୀ। ଅପରପକ୍ଷେ ଚଳିତ ବର୍ଷ ବିଭିନ୍ନ କମ୍ପାନୀ ପକ୍ଷରୁ ୪୬ ଜଣ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳିଛି, ହେଲେ କେହି କର୍ମକ୍ଷେତ୍ରକୁ ଯାଉ ନ ଥିବା ସେ ସୂଚନା ଦେଇଥିଲେ।

ହାଇସ୍କୁଲ, ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସମସ୍ୟାକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ ବିଧାୟକ। ତହସିଲଦାର ଏବଂ ଜିଲା ଶିକ୍ଷା ଅଧିକାରୀ ସମନ୍ୱୟ ରଖି ପ୍ରତି ସ୍କୁଲରେ ଖେଳପଡିଆ ସୁନିଶ୍ଚିତ କରିବାକୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରାଙ୍କୁ ସେ ପରାମର୍ଶ ଦେଇଥିଲେ। ବିଭାଗୀୟ ଅବହେଳାରୁ ଅନ୍ୱେଷା ଯୋଜନା ପାଇଁ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ର ପୂରଣ ହୋଇ ନ ପାରିବାକୁ ନେଇ ବିଧାୟକ ଅସନ୍ତୋଷବ୍ୟକ୍ତ କରିଥିଲେ। ଅବକାରୀ ବିଭାଗର ଢିଲାପଣ ଯୋଗୁ ଲୋଇସିଂହା ଓ ଆଗଲପୁର ବ୍ଲକରେ ପାଉଚ ଓ ଖୋଲା ମଦ ଅବାଧରେ ବିକ୍ରି ଚାଲିଛି। ଏ ଦିଗରେ ଦୃଢ ପଦକ୍ଷେପ ନେବାକୁ ଅବକାରୀ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ରଙ୍କୁ କୁହାଯାଇଥିଲା। ଲୋୟର ସୁକତେଲ ପ୍ରକଳ୍ପ ପାଇଁ ୧ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏବଂ ୫ ହଜାର ପରିବାର ପ୍ରଭାବିତ ହୋଇଛନ୍ତି। ପ୍ରକଳ୍ପ ପାଣି ସୁବର୍ଣ୍ଣପୁର ଜିଲାର ଲୋକେ ପାଇବେ, ହେଲେ ଲୋଇସିଂହା, ଆଗଲପୁର ଏବଂ ପୁଇଁତଳା ବ୍ଲକର ବହୁ ପଞ୍ଚାୟତ ଏଥିରୁ ବାଦ୍ ପଡିବା ପରିତାପର ବିଷୟ। ଉଚ୍ଚକ୍ଷମତା ସମ୍ପନ୍ନ ପମ୍ପ ବ୍ୟବହାର କରି ବାଦ୍ ପଡୁଥିବା ଅଞ୍ଚଳକୁ ଜଳସେଚନ ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏମଆଇ ବିଭାଗ ନିୟମର ଉଲ୍ଲଂଘନ କରି ଗୋଟିଏ ସ୍ଥାନରେ ଲେଆଉଟ ଦେଇ ଆଉ ଗୋଟିଏ ସ୍ଥାନରେ ନିର୍ମାଣ କରୁଛି ବୋଲି ଅଭିଯୋଗ କରିଥିଲେ ବିଧାୟକ ମହାଲିଙ୍ଗ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ। ଜିଲାରେ ଗତ କିଛିମାସ ହେଲା ହିତାଧିକାରୀଙ୍କୁ କିରାସିନି ମିଳୁ ନ ଥିବା ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ ବିଧାୟକ। ମେଶିନରେ ଫାର୍ମପଣ୍ଡ ଖନନ ହେଉଛି ବୋଲି ବିଧାୟକ ଅଭିଯୋଗ କରିଥିଲେ। ଏପରି ଅଭିଯୋଗ ମିଳିବା ପରେ ୨୩ ଜଣ ଚାଷୀଙ୍କ ବିଲ୍ ବନ୍ଦ କରି ଦିଆଯାଇଥିବା ପାଣି ପଞ୍ଚାୟତ ଅଧିକାରୀ କହିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ସମୀକ୍ଷାରେ ନିର୍ବାଚନ ମଣ୍ଡଳୀ ଅଧୀନ ୩ ବ୍ଲକର ବିଡିଓ, ତହସିଲଦାର, ଜିଲା ପ୍ରକଳ୍ପ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂ ଉପସ୍ଥିତ ଥିଲେ।

# ଏତଲା ଦେଲା କୋଶଳ ମୁକ୍ତିମୋର୍ଚ୍ଚା

**ସୋସିଆଲ ମିଡ଼ିଆରେ ଅଭିନେତାଙ୍କୁ ଧମକ**

ଲାଠୋର,୨୫।୭(ଭୁବନେଶ୍ୱର ବାରିକ)

ପଶ୍ଚିମ ଓଡ଼ିଶାର ଜଣାଶୁଣା ଅଭିନେତା ମନୋଜ ମିଶ୍ରଙ୍କୁ ସୋସିଆଲ ମିଡ଼ିଆରେ କେତେକ ବ୍ୟକ୍ତି ଧମକ ଦେବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। ଏହାର ଭିଡ଼ିଓ ଘୁରି ବୁଲିବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦ କରିଛି କୋଶଳ ମୁକ୍ତମୋର୍ଚ୍ଚା। ମଙ୍ଗଳବାର କୋଶଳ ମୁକ୍ତି ମୋର୍ଚ୍ଚା ରାଜ୍ୟ ଆବାହକ କାଶିନାଥ ମେହେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବଲାଙ୍ଗୀର ଜିଲା ଲାଠୋର ଥାନାରେ ଏତଲା ଦେଇଛନ୍ତି। ଧମକଚମକ ଓ ଗାଳିଗୁଲଜ କରିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରି ଆଇନ ଅନୁସାରେ ଦଣ୍ଡ ଦେବାକୁ ଏତଲାରେ



କୋଶଳ ମୁକ୍ତମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଦାବି କରାଯାଇଛି। ଏତଲାକୁ ଏସଆଇ ଦେବାର୍ଚ୍ଚନ ମିର୍ଦ୍ଧା ଗ୍ରହଣ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଏଥିରେ ବିଳମ୍ବ ହେଲେ ମୋର୍ଚ୍ଚା ଆଗାମୀ ଦିନରେ ରାସ୍ତାକୁ ଓହ୍ଲାଇବ ବୋଲି କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମୋର୍ଚ୍ଚାର ରୋହିତ ଶବର, ସୁଶାନ୍ତ ବେହେରା, ସତ୍ୟ ମେହେର,ବେଦବ୍ୟାସ ବେହେରା, ଟିଲୁ ସୁନାନି, ଘନଶ୍ୟାମ ସରାଫ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରମିକ ବଦଳରେ ମେଶିନ କରୁଛି କାମ

ସଇଁତଳା,୨୫।୭(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଳା ବ୍ଲକର କେତେକ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ହେଉଥିବା କାମ ଶ୍ରମିକଙ୍କ ବଦଳରେ ମେଶିନରେ କରାଯାଉଛି। ହେଲେ ପରେ ଶ୍ରମିକମାନଙ୍କ ଜବ୍‌କାର୍ଡ଼ ସଂଗ୍ରହ କରି ସେମାନଙ୍କ ବ୍ୟାଙ୍କଖାତାରେ ପକାଯାଉଛି। ପରେ ଶ୍ରମିକମାନଙ୍କୁ କିଛି ଟଙ୍କା ଦେଇ ସେମାନଙ୍କଠାରୁ ସମସ୍ତ ଟଙ୍କା ଆଦାୟ କରାଯାଉଛି। ଏ ନେଇ ଅଭିଯୋଗ କଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର କାମ ମେଶିନରେ ହେଉଥିବା ଅଭିଯୋଗ ଆସିଲେ ସରପଞ୍ଚମାନେ ସିଏଫସି ଏବଂ ପଞ୍ଚାୟତ ପାଣ୍ଠିରୁ କାର୍ଯ୍ୟ କରାଯାଉଥିବା କହୁଛନ୍ତି। କାମ ସରିଗଲା ପରେ ଉକ୍ତ କାମକୁ ଦେଖାଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବିଲ ସହ ସିଏଫସି ଓ ଏସଏଫସି ବିଲ ପାସ୍ କରୁଥିବା ଅଭିଯୋଗ ହେଉଛି। ଗ୍ରାମ ରୋଜଗାର ସେବକମାନଙ୍କୁ ଗୋଟିଏ ପଞ୍ଚାୟତର ଦାୟିତ୍ୱ ପ୍ରଦାନ କରିବା କଥା। ହେଲେ ଜଣେ ଗ୍ରାମରୋଜଗାର ସେବକ ଦୁଇରୁ ତିନିଟି ପଞ୍ଚାୟତର ଦାୟିତ୍ୱ ନେଇଥିବା ଦେଖିବାକୁ ମିଳୁଛି। ଏ ବିଷୟରେ ବିଡିଓ ଚନ୍ଦ୍ରମଣୀ ନାଗଙ୍କୁ ପଚାରିବାରୁ ଏ ସମ୍ପର୍କିତ କୌଣସି ଅଭିଯୋଗ ଆସିଲେ ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସୌମ୍ୟ ରଞ୍ଜନ



@ ଟିକେଶ୍ୱର



@ ଶେଷଦେବ



@ ଉଚ୍ଛବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦାବିପତ୍ର ପ୍ରଦାନ କଲା ଗରିବ ସେନା

**ବିଦ୍ୟୁତ୍ ବିଭ୍ରାଟ**

ମୁରିବାହାଲ,୨୫।୭(ଶ୍ରୀବତ୍ସ ବେହେରା)

ଅଘୋଷିତ ବିଦ୍ୟୁତ୍ କାଟ, ବିଲିଂରେ ବିଭ୍ରାଟ, ଜୋରଜବରଦସ୍ତ ଆଦାୟ ଉପଭୋକ୍ତାଙ୍କୁ ଅତିଷ୍ଠ କରୁଛି। ଏହାର ପ୍ରତିବାଦ କରିଛି ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଗରିବ ସେନା। ମଙ୍ଗଳବାର ସଙ୍ଗଠନ ତରଫରୁ ମୁରିବାହାଲ ୱେସ୍କୋ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେନା ସଭାପତି ଦୀନେଶ ତାଣ୍ଡି, ଉପସଭାପତି ଯୁବରାଜ ମାଝି, ସମ୍ପାଦକ ଜୟନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଉପଭୋକ୍ତାମାନେ ୱେସ୍‌କୋ କାର୍ଯ୍ୟାଳୟରେ ଏକ ପ୍ରତିବାଦ ସଭା କରିଥିଲେ। ବିଦ୍ୟୁତ୍ ବିତରଣ କମ୍ପାନୀର ମନମୁଖୀ କାର୍ଯ୍ୟକୁ ସଭାରେ ନିନ୍ଦା କରାଯାଇଥିଲା। ପରେ ଏକ ଦାବିପତ୍ର ମୁରିବାହାଲ ୱେସ୍କୋ ଅଧିକାରୀ ମହମ୍ମଦ ଜୁନେଦଙ୍କୁ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଏହି ସମସ୍ତ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଗରିବ ସେନା ସଦସ୍ୟ ମଦନ ମାଝି, ଗୋପାଳ ସିଂ ଭୋଇ, ପ୍ରକାଶ ବାଗ,ସତ୍ୟ ଭୋଇ, ନୀଳକଣ୍ଠ ଦୀପ, ମନୋଜ କୁମାର ସାହୁ, ଗିରିଧାରୀ ଶବର, ସଞ୍ଜୟ ସାହୁ, ମଦନ ମୋହନ ସାହୁ, ସୁବ୍ରତ ମନହୀରା, ପୃଥ୍ୱୀରାଜ ବାଗ ପ୍ରମୁଖ ଉପସ୍ଥିତ ଥିଲେ।



ୱେସ୍କୋ ଅଧିକାରୀ ମହମ୍ମଦ ଜୁନେଦଙ୍କୁ ପ୍ରଦାନ କରାଯାଉଛି।

# ଶ୍ରମିକ ପରିବାରକୁ ୫୫ ଲକ୍ଷର ସହାୟତା ରାଶି ବଣ୍ଟନ

- ୨୦୦ ଶ୍ରମିକ ପାଇଲେ ନୂତନ ପଞ୍ଜିକରଣ କାର୍ଡ
- ଯୋଜନା ସମ୍ପର୍କରେ ଶ୍ରମିକ ପରିବାରକୁ ସଚେତନତାକୁ ଗୁରୁତ୍ୱ

ଟିଟିଲାଗଡ଼,୨୫।୭(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ମଙ୍ଗଳବାର ଶତାଧିକ ଶ୍ରମିକ ପରିବାରକୁ ସହାୟତା ରାଶି ବଣ୍ଟନ କରିଛନ୍ତି। ସ୍ଥାନୀୟ ଅଭିମନ୍ୟୁ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ସମାବେଶରେ ଓଡିଶା କୋଠାବାଡି ନିର୍ମାଣ ଶ୍ରମିକ ଯୋଜନାରେ ଶ୍ରମିକ ପରିବାରଙ୍କୁ ୨ଲକ୍ଷ ୫ହଜାର ଟଙ୍କା ଲେଖାଏ ମୃତ୍ୟୁକାଳୀନ ସହାୟତା, ଶ୍ରମିକ ପରିବାରଙ୍କ ଝିଅ ବିବାହ ପାଇଁ ୫୦ହଜାର ଟଙ୍କା ଲେଖାଏ ସହାୟତା, ଶ୍ରମିକ ପରିବାରର ପିଲାଙ୍କ ମାଟ୍ରିକ ଠାରୁ ଆରମ୍ଭ କରି ବିଟେକ, ମେଡିକାଲ ଭଳି ଉଚ୍ଚତର ଶିକ୍ଷା ପାଇଁ ସହାୟତା ଆଦି ନେଇ ମନ୍ତ୍ରୀ ସାହୁ ଉମିଚେକ ବଣ୍ଟନ କରିଥିଲେ। ଶ୍ରମିକ ପରିବାରଙ୍କୁ ସମସ୍ତ ସହାୟତା ଡିବିଟି ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ପାସବୁକରେ ଜମା ହେବ। ତେବେ ସମାବେଶର ମୂଳ ଲକ୍ଷ୍ୟ ଶ୍ରମିକ ପରିବାରକୁ ଯୋଜନା ସମ୍ପର୍କରେ ସଚେତନତା କରିବା ବୋଲି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ସାହୁ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଶ୍ରମିକ ପରିବାରର ସ୍ୱାର୍ଥରକ୍ଷା




ମନ୍ତ୍ରୀ ଟୁକୁନୀ ସାହୁ ଜଣେ ମହିଳାଙ୍କୁ ୨ଲକ୍ଷ ୫ହଜାର ଟଙ୍କାର ମୃତ୍ୟୁକାଳୀନ ସହାୟତା ଚେକ ପ୍ରଦାନ କରୁଛନ୍ତି।

ପାଇଁ ଯୋଜନାରେ ଅନେକ ପରିବର୍ତ୍ତନ ଆଣିଛନ୍ତି। ଶ୍ରମିକମାନେ ଜିଲା ଶ୍ରମ ବିଭାଗ କାର୍ଯ୍ୟାଳୟକୁ ନ ଧାଇଁ ଏଣିକି ନିଜ ଗାଁରେ ମୋ ସେବା କେନ୍ଦ୍ରରେ ଅନଲାଇନ ଜରିଆରେ ଆବଶ୍ୟକ କାଗଜାତ ଦାଖଲ କରି ମାତ୍ର ୨୦ ଟଙ୍କା ଦେଇ ନିଜନାମ ପଞ୍ଜିକୃତ କରିପାରିବେ। ବିବାହ, ମୃତ୍ୟୁ, ଶିକ୍ଷା ସହାୟତା ପାଇଁ ଅନଲାଇନରେ ଶ୍ରମିକ ପରିବାର ଆବେଦନ କରିବେ। ପ୍ରତ୍ୟେକ ବର୍ଷ ମାତ୍ର ୫୦ ଟଙ୍କା ଦେଇ ଶ୍ରମିକ ପରିବାର ଅନଲାଇନରେ ନିଜ ଶ୍ରମିକ କାର୍ଡର ନବୀକରଣ କରିପାରିବେ। ଶ୍ରମ ବିଭାଗ ପ୍ରତ୍ୟେକ ବ୍ଲକରେ ସ୍ୱତନ୍ତ୍ର ଶିବିର ଆୟୋଜନ କରି ଶ୍ରମିକଙ୍କୁ ଯୋଜନାରେ ସାମିଲ କରିବାକୁ ମନ୍ତ୍ରୀ ଉପସ୍ଥିତ ଶ୍ରମ ବିଭାଗ ଅଧିକାରୀଙ୍କୁ ଏହି ଅବସରରେ ନିର୍ଦ୍ଦେଶ ଦେଇଥିଲେ। ଜିଲା ଶ୍ରମ ବିଭାଗ ଅଧିକାରୀ ସୁକାନ୍ତ ସେଠୀ ବଲାଙ୍ଗୀର ଜିଲାରେ ୮୯ ହଜାର ୩୦୫ ଜଣ ଶ୍ରମିକଙ୍କୁ ଯୋଜନାରେ ସାମିଲ କରାଯାଇଥିବା ସୂଚିତ କରିଥିଲେ। ଏହା ସହ ଗତ ଆର୍ଥିକ ବର୍ଷରେ ୨କୋଟି ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ବାର୍ଷିକ ୯୦ଦିନ କାର୍ଯ୍ୟ କରିଥିବା ଶ୍ରମିକ ଏହି ଯୋଜନାରେ ସାମିଲ ହୋଇପାରିବେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଯେ କୌଣସି ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ ଯୋଜନାରେ ସାମିଲ ହେବା ପାଇଁ ଉକ୍ତ ବିଭାଗ ଅଧିକାରୀ କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଅଧିକୃତ ଟ୍ରେଡ ୟୁନିୟନ ଅନୁଗୃହୀତ କରିପାରିବେ ବୋଲି ଜିଲା ଶ୍ରମ ଅଧିକାରୀ କହିଛନ୍ତି। ସମାବେଶରେ ଟିଟିଲାଗଡ ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଟିଲାଗଡ ଉପଖଣ୍ଡ ଗ୍ରାମୀଣ ଶ୍ରମ ନିରୀକ୍ଷକ ପ୍ରଶାନ୍ତ ସୁନା ଉପସ୍ଥିତ ଥିଲେ। ସମାବେଶରେ ୨୦୦ଜଣ ଶ୍ରମିକଙ୍କୁ ନୂତନ ଭାବେ ପଞ୍ଜିକରଣ କାର୍ଡ, ୪୬ ଶ୍ରମିକଙ୍କୁ ୧ ଲକ୍ଷ ୭୨ ହଜାର ଟଙ୍କାର ଶିକ୍ଷା ସହାୟତା ରାଶି, ୪୮ ଜଣଙ୍କୁ ୨୪ ଲକ୍ଷ ଟଙ୍କାର ବୈବାହିକ ସହାୟତା ରାଶି, ୧୫ଜଣଙ୍କୁ ୨୯ ଲକ୍ଷ ଟଙ୍କାର ମୃତ୍ୟୁକାଳୀନ ସହାୟତା ରାଶି ମନ୍ତ୍ରୀ ବଣ୍ଟନ କରିଥିଲେ।

# ୧୨ଦଫା ଦାବି କଲା ସରପଞ୍ଚ ସଂଘ

ବରଗଡ଼,୨୫।୭(ପ୍ରେମାନନ୍ଦ ଖମାରୀ)



ଜିଲାପାଳଙ୍କୁ ଫେରାଦ ହୋଇଥିବା ସରପଞ୍ଚ ସଂଘର ପ୍ରତିନିଧିବୃନ୍ଦ ।

ରାଜ୍ୟର ବିଭିନ୍ନ ପଞ୍ଚାୟତର ସରପଞ୍ଚଙ୍କୁ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ସେମାନଙ୍କ ଦାବି ସମୂହ ଅସମାହିତ ରହିଛି ବୋଲି ବରଗଡ଼ ଜିଲା ସରପଞ୍ଚ ସଂଘ ଅଭିଯୋଗ କରିଛି। ଏହି କ୍ରମରେ ୧୨ଦଫା ଦାବି ନେଇ ସଂଘର ଏକ ପ୍ରତିନିଧି ଦଳ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେମାନେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ସେମାନଙ୍କ ଦାବି ସମୂହକୁ ବିଚାରକୁ ନେଇ ବିହିତ ପଦକ୍ଷେପ ନେବା ପାଇଁ ସରପଞ୍ଚମାନେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ରାଜ୍ୟ ସରକାର ଆମ ଓଡ଼ିଶା, ନବୀନ ଓଡ଼ିଶା ଯୋଜନାରେ ରାଜ୍ୟର ପ୍ରତି ପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଘୋଷଣା କରିଛନ୍ତି। କିନ୍ତୁ ଏହି ଅନୁଦାନ ରାଶି ସିଧାସଳଖ ପଞ୍ଚାୟତକୁ ମିଳୁ ନ ଥିବା ଅଭିଯୋଗ ହୋଇଛି । ସେହିପରି ପଞ୍ଚାୟତର ଗ୍ରାମସଭାରେ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକୁ ମଧ୍ୟ ଗୁରୁତ୍ୱ ଦିଆଯାଉନାହିଁ ବୋଲି ସରପଞ୍ଚ ସଂଘ ଅଭିଯୋଗ କରିଛି। ଫଳରେ ପ୍ରତି ପଞ୍ଚାୟତକୁ ସିଧାସଳଖ ୫୦ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ପ୍ରଦାନ, ଗ୍ରାମସଭାରେ ଅନୁମୋଦିତ ପ୍ରକଳ୍ପକୁ ପ୍ରାଥମିକତା ଦେବା, ପ୍ରତି ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ନିଯୁକ୍ତି, ନଳକୂପ ମରାମତି ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ପଞ୍ଚାୟତକୁ ପ୍ରଦାନ, ସିଏଫସି ଓ ଏସ୍‌ଏଫସି ଅନୁଦାନ ପାଣ୍ଠି ବୃଦ୍ଧି, ବ୍ଲକକୁ ଆସୁଥିବା ଅନୁଦାନ ସରପଞ୍ଚଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ କରିବା ପାଇଁ ସଂଘ ଦାବି କରିଛି ।

ସେହିପରି ରାଜସ୍ୱ ଗ୍ରାମରେ ରହିଥିବା ସରକାରୀ ଜମି ଚିହ୍ନଟ କରି ପଞ୍ଚାୟତକୁ ହସ୍ତାନ୍ତର, ଏମ୍‌ପି, ବିଧାୟକ ଅନୁଦାନ ପାଣ୍ଠି ଭଳି ସରପଞ୍ଚ ଅନୁଦାନ ପାଣ୍ଠି ସୃଷ୍ଟି କରି ୨୦ ଲକ୍ଷ ଅନୁଦାନ ରାଶି ଯୋଗାଇବା, ପ୍ରତି ସରପଞ୍ଚଙ୍କୁ ୨୦ଟି ଆବାସ ଯୋଜନା ପ୍ରଦାନର କ୍ଷମତା ପ୍ରଦାନ, କାର୍ଯ୍ୟକାଳ ମଧ୍ୟରେ ମୃତ ସରପଞ୍ଚଙ୍କ ପରିବାର ଲୋକଙ୍କୁ ୨୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ, ସରପଞ୍ଚଙ୍କ ଭତ୍ତା ୨୩୫୦ଟଙ୍କାରୁ ୨୦ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ସହିତ ଅବସରକାଳୀନ ଭତ୍ତା ପ୍ରଦାନ ଏବଂ ସରପଞ୍ଚଙ୍କ ତତ୍ତ୍ୱାବଧାନରେ ସାଧାରଣ ବଣ୍ଟନ କାର୍ଯ୍ୟକ୍ରମର ସୁପରିଚାଳନା କରାଯିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି । ସଂଘର ସଭାପତି ଗୋବିନ୍ଦ ପ୍ରଧାନ, ସମ୍ପାଦକ ଆନନ୍ଦ କୁମାର ବେହେରାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

## ସଂକ୍ଷେପରେ

### ୨ ଗଞ୍ଜେଇ ବ୍ୟବସାୟୀ ଗିରଫ

**ପଦ୍ମପୁର,୨୫।୭(ପ୍ରଦୀପ୍ତ ଦାଶ):** ପଦ୍ମପୁର ପୋଲିସ ଜମଲା ଗ୍ରାମରୁ ୪୭୬ କେଜି.୨୮୦ଗ୍ରାମ ଗଞ୍ଜେଇ ଜବତ କରିବା ପରେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଥିଲା। ଥାନାଧିକାରୀ ମମତା ନାଏକଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଜମଲା ଗ୍ରାମର ଶେଷଦେବ ମେହେର ଓ ସୁବ୍ରତ (ସୁରତ)। ମଙ୍ଗଳବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

### ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

**ପାଇକମାଳ, ୨୫।୭(ବଡ ଶତପଥି):** ପାଇକମାଳର ଯୁବ ବ୍ୟବସାୟୀ କମଳେଶ ଶ୍ରୀବାସ୍ତବ(୪୨)ଙ୍କ ପରଲୋକ ହୋଇଛି। ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଛି। ସେ ଜଣେ ମେଳାପୀ, ସଙ୍ଗଠକ ଥିଲେ। ତାଙ୍କ ବିୟୋଗରେ ପାଇକମାଳରେ ଶୋକର ଛାୟା ଖେଳିଯାଇଛି।

### ପୂର୍ବତନ ଶିକ୍ଷକଙ୍କ ପରଲୋକ

**ବରପାଲି,୨୫।୭(ଚିତ୍ତରଞ୍ଜନ ସାହୁ):** ବରପାଲି ଅଞ୍ଚଳର ପୂର୍ବତନ ବିଜ୍ଞାନ ଶିକ୍ଷକ ବିଜୟ କୁମାର ମିଶ୍ର (୬୨)ଙ୍କ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ସେ ବରପାଲି ସରକାରୀ ବାଳକ ଉଚ୍ଚବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସେ ବରପାଲିର ରାଜ ପୁରୋହିତ ଥିଲେ। ବରପାଲି ଶୀତଳ ଷଷ୍ଠୀ ଯାତ୍ରାର ସକ୍ରିୟ ସଭ୍ୟ ସହ ବରଗଡ଼ ଜିଲା ସନାତନୀ ବ୍ରାହ୍ମଣ ସମାଜର ସମ୍ପାଦକ ମଧ ଥିଲେ। ତାଙ୍କ ବିୟୋଗ ଖବର ପାଇ ବରପାଲିର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ପୁତ୍ର ରାହୁଲ ମିଶ୍ର ମୁଖାଗ୍ନି ଦେଇଥିଲେ।

### କ୍ରୀଡ଼ାବିତ୍‌ଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



**ବରଗଡ଼,୨୫।୭(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଦର ଥାନାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ତଥା ବରଗଡ଼ ବ୍ଲକ ସର୍ଲା ନିବାସୀ ଅନ୍ତର୍ଜାତୀୟ କ୍ରୀଡ଼ାବିତ୍ ସନ୍ତୋଷ ପ୍ରଧାନଙ୍କୁ କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱଗୁରୁ ଭାରତ ଏବଂ ୱାର୍ଲ୍ଡ ବୁକ୍ ଅଫ୍ ଷ୍ଟାର ରେକର୍ଡ ଆନୁକୂଲ୍ୟରେ ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ର ପ୍ରେରଣା ସମ୍ମାନ-୨୦୨୩ରେ ସମ୍ବର୍ଦ୍ଧିତ କରାଯାଇଛି। ଏହା ପୂର୍ବରୁ ପ୍ରଧାନ ଇଣ୍ଡିଆ ବୁକ୍ ଅଫ ରେକର୍ଡ ଇଣ୍ଟରନ୍ୟାଶନାଲ ଆଚିଭର୍ସ ପୁରସ୍କାର ପାଇଥିଲେ। ଏହି କ୍ରମରେ କ୍ରୀଡ଼ାବିତ୍ ପ୍ରଧାନଙ୍କୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ାକ୍ଷେତ୍ରରେ ଆହୁରି ସଫଳତା ଆଣିବାକୁ ବିଧାୟକ ଆଚାର୍ଯ୍ୟ ଶୁଭେଚ୍ଛା ଜଣାଇଛନ୍ତି । ବରଗଡ଼ ସଦର ଥାନା ଆଇଆଇସି ମାନସ କୁମାର ଭୋଇ ମଧ୍ୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ଟ୍ରକ୍-କାର୍ ଧକ୍କା, ୩ ଗୁରୁତର

ବାଉଁଶୁଣୀ,୨୫।୭(ଦେବାଶିଷ ନେପାକ)

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ନଂ ଜାତୀୟ ରାଜପଥର ସିଙ୍ଗାରି ନିକଟରେ ଟ୍ରକ ଓ କାର୍ ମଧ୍ୟରେ ଧକ୍କା ହୋଇ ୩ ଜଣ ଗୁରୁତର ହୋଇଛନ୍ତି । ସୋମବାର ବିଳମ୍ବିତ ରାତିରେ ଏକ କାର୍ (ନଂ ଓଡି୦୨ ବିଟି ୦୯୯୪)ଭୁବନେଶ୍ୱରରୁ ସୋନପୁର ଅଭିମୁଖେ ଯାଉଥିଲା। ସେହି ସମୟରେ ସୋନପୁରରୁ ବୌଦ୍ଧ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ସହ କାରର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ କାର୍‌ରେ ଥିବା ୩ ଜଣ ଯାତ୍ରୀ ଗୁରୁତର ଆହାତ ହୋଇଥିଲେ। ସେମାନେ ହେଲେ ସନତ୍ ମେହେର (ନର୍ପା), ଅଶୋକ ମେହେର ( ସୋନପୁର ପଟାଭାଡି) ଓ ସୁବାଷ ଚନ୍ଦ୍ର ରଣା । ୧୦୮ ଆମ୍ବୁଲାନ୍ସ ଯୋଗେ ଆହତ ଯୁବକମାନଙ୍କୁ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ସେଠାରେ ପ୍ରାଥମିକ ଚିକିତ୍ସା ପରେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଘଟଣାସ୍ଥଳରୁ ଟ୍ରକ ଫେରାର ହୋଇଯାଇଛି। ବାଉଁଶୁଣୀ ପୋଲିସ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଖେଳ ପଡ଼ିଆରେ ସରକାରୀ କୋଠା ନିର୍ମାଣକୁ ବିରୋଧ



ବରଗଡ଼ ବିଧାୟକ ପଡ଼ାବାସୀ ଏବଂ ଉପସ୍ଥିତ ସରକାରୀ ଅଧିକାରୀଙ୍କ ସହିତ ଆଲୋଚନା କରୁଛନ୍ତି ।

ବରଗଡ଼,୨୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାପାଳଙ୍କ ଅଫିସ ନିକଟରେ ଥିବା ଡ୍ୟାମ୍ କଲୋନୀର ଏକ ପଡ଼ିଆକୁ ସ୍ଥାନୀୟ ଯୁବକମାନେ ଖେଳ ପଡ଼ିଆ ଭାବେ ବ୍ୟବହାର କରି ଆସୁଥିବାବେଳେ ସେହି ସ୍ଥାନରେ ସରକାରୀ କୋଠାଘର ନିର୍ମାଣ ଉଦ୍ୟମ ଚାଲିଛି । ଏହାକୁ ନେଇ ପଡ଼ାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ସେହି ସ୍ଥାନକୁ ବରଗଡ଼ ତହସିଲଦାର ପ୍ରଶାନ୍ତ ମହାପାତ୍ରଙ୍କ ସମେତ ଅନ୍ୟ କେତେକ ବିଭାଗୀୟ କର୍ମଚାରୀ ପହଞ୍ଚି ଜାଗା ଚିହ୍ନଟ କରୁଥିଲେ। ଏହା ଜାଣିବା ପରେ ପଡ଼ାବାସୀ ତାକୁ ତୀବ୍ର ବିରୋଧ କରିଥିଲେ। ଖବର ପାଇ ସେଠାକୁ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ପହଞ୍ଚିଥିଲେ ଏବଂ ଉପସ୍ଥିତ ସରକାରୀ ଅଧିକାରୀ, ଯୁବକଙ୍କ ସହିତ ଆଲୋଚନା କରିଥିଲେ। ପଡ଼ାବାସୀଙ୍କ ସମସ୍ୟା ଶୁଣିବା ସହିତ ସେହି ଘଟଣାର ତୁରନ୍ତ ସମାଧାନ କରିବା ପାଇଁ ବିଧାୟକ ଆଚାର୍ଯ୍ୟ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ

ଅତାବିରା,୨୫।୭(ହୃଷିକେଶ ଖମାରୀ)

ଅତାବିରା ଏନ୍‌ଏସି ଅଧୀନ ଲାଦେରପାଲିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଙ୍କୁ ନେଇ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃନ୍ଦାବନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆର.ଏସ.ଭି କ୍ରିଷ୍ଣା ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ସେ ଛାତ୍ରୀଛାତ୍ରଙ୍କୁ ଦକ୍ଷତା ବିକାଶ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସେହିପରି ଶିକ୍ଷାକେନ୍ଦ୍ର ପକ୍ଷରୁ ପ୍ରଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ସଂଯୋଜକ ଯତୀନ୍ଦ୍ର ପ୍ରଧାନ, ସରୋଜ ରଥ, ନିରଞ୍ଜନ ପଶାୟତ, ଗିରିଜା ସାହୁ, ସୁନିଲ ଖମାରୀ, ମୀନତି ଦାଶ, ହରିବୋଲ ଅଦାବର ପ୍ରମୁଖ ସହଯୋଗ କରିଥିଲେ।

## ୩ କ୍ରୀଡ଼ା ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ା ଶିକ୍ଷକବୃନ୍ଦ ।

ଅତାବିରା,୨୫।୭(ହୃଷିକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ବାଳକ ହାଇସ୍କୁଲ ପରିସରରେ ମଙ୍ଗଳବାର ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତାବିରା ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସମାରୋହରେ ୩ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧିତ କ୍ରୀଡ଼ା ଶିକ୍ଷକମାନେ ହେଲେ ଲହଣ୍ଡା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ କିଶୋର ପ୍ରଧାନ, କୁଲତା ଟୁକୁରା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ସଦାନନ୍ଦ ପ୍ରଧାନ ଏବଂ ଝିଲିମିଣ୍ଡା ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ଦିଲୀପ ମେହେର। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କାର୍ତ୍ତିକ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଭେଡ଼େନ ବ୍ଲକ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି, ହିମାଂଶୁ ଶେଖର ମେହେର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତାବିରା ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ସମ୍ପାଦକ ଲବ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୪୦ଜଣ କ୍ରୀଡ଼ା ଶିକ୍ଷକ ଉପସ୍ଥିତ ଥିଲେ । ଆଶୁତୋଷ ଦେ ଧନ୍ୟବାଦ ଅର୍ପଣ କରିଥିଲେ।

## ସଚେତନତା ରଥର ଶୁଭାରମ୍ଭ

ବରଗଡ଼,୨୫।୭(ପ୍ରେମାନନ୍ଦ ଖମାରୀ)



ବରଗଡ଼ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି ।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଅନ୍ୟ ବର୍ଷ ଭଳି ଏଥର ମଧ୍ୟ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲାପାଳ ମୋନିଷା ବାନାର୍ଜୀ ସବୁଜ ପତାକା ଦେଖାଇ ସଚେତନତା ରଥ ପରିକ୍ରମାର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଚାଷୀଙ୍କୁ ପଞ୍ଜୀକରଣ ଉପରେ ବିଭିନ୍ନ ତଥ୍ୟ ପ୍ରଦାନ ସହିତ ସଚେତନତା ସୃଷ୍ଟି କରିବ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମିର୍ଦ୍ଧା ଟପ୍ପୋଙ୍କ ସମେତ ବରଗଡ଼ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦୁର୍ଗାପ୍ରସାଦ ଛୁରିଆ ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ସଟ୍ଟା ଚଢ଼ାଉ, ଜଣେ ଗିରଫ

ବରଗଡ଼,୨୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଥାନା ପୋଲିସ ସ୍ଥାନୀୟ ବିଜୟା ଛକରେ ଚାଲିଥିବା ସଟ୍ଟା ଆଡ୍ଡାରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭଟଲି ଇନ୍ଦିରା କଲୋନୀର ସୁରେନ୍ଦ୍ର ମେହେର(୫୨)। ତାଙ୍କ ପାଖରୁ ସଟ୍ଟା କାଗଜାତ୍, ନଗଦ ୧୮୭୦ ଟଙ୍କା, ମୋବାଇଲ ଆଦି ଜବତ ହୋଇଛି। ଏ ନେଇ ଭଟଲି ଥାନାରେ ଏକ ମାମଲା (ନଂ.୧୭୮।୨୩) ରୁଜୁ ହୋଇଛି।

## ବଜ୍ରପାତରେ ମା', ଝିଅ ଗୁରୁତର

ବୌଦ୍ଧ,୨୫।୭( ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କୋଡାସିଙ୍ଗା ଗ୍ରାମରେ ବଜ୍ରପାତରେ ମାଆ ଓ ଝିଅ ଗୁରୁତର ହୋଇଥିବା ଜଣାପଡିଛି । ମଙ୍ଗଳବାର ଅପରାହ୍ନରେ କୋଡାସିଙ୍ଗା ଗ୍ରାମର ବିଦ୍ୟାଧର ବେହେରାଙ୍କ ସ୍ତ୍ରୀ ସମ୍ବାରୀ ଓ ଝିଅ ରଜନୀ ନିଜ ଘର ପିଣ୍ଡାରେ ବସି ଗପସପ ହେଉଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ଉଭୟ ଚେତାଶୂନ୍ୟ ହୋଇପଡିଥିଲେ। ଉଭୟଙ୍କୁ ନିକଟସ୍ଥ ହରଭଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

## ୫-ଟି ରୂପାନ୍ତରୀକରଣ କାର୍ଯ୍ୟର ଶିଳାନ୍ୟାସ



ଶିଳାନ୍ୟାସ ସମାରୋହରେ ଅତିଥିବୃନ୍ଦ ।

ବରଗଡ଼,୨୫।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ମିଳିତ ଗ୍ରାମପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫-ଟି ରୂପାନ୍ତରୀକରଣ କାର୍ଯ୍ୟର ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ୫-ଟି କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ଓ ଭୂମିପୂଜନ କରିଥିଲେ। ଏହି ଅବସରରେ ବିଧାୟକ ଆଚାର୍ଯ୍ୟ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ନିର୍ମିତ ଏକ କମ୍ପ୍ୟୁଟର ଲ୍ୟାବ୍‌ର ନୂତନ ଗୃହକୁ ଲୋକାର୍ପଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଜିଲା ପରିଷଦ ସଭ୍ୟା ପ୍ରଭାସିନୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅଧ୍ୟାପିକା ରାଜଶ୍ରୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରମା ଭୋଇ, ଭରତ ଭୋଇ, ସମୀର ପଣ୍ଡା, ପ୍ରମୋଦ ଭୋଇ, ରାଜେଶ ଭୋଇ, ସୁରେନ ପ୍ରଧାନ, ତପୋଧନ ଭୋଇ, ମିଳନ ନାଗ, ସୁଦାମ ନାଏକ, ବ୍ରହ୍ମାନନ୍ଦ ଭୋଇ, ବଳରାମ ପ୍ରଧାନ, ବ୍ରଜକୃଷ୍ଣ ମିଶ୍ର ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ମୃତକଙ୍କ ପରିବାର ଏସ୍‌ପିଙ୍କ ଦ୍ୱାରସ୍ଥ

**ବାଉଁଶୁଣୀ,୨୫।୭(ଦେବାଶିଷ ନେପାକ):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ମହୁଲି ଗ୍ରାମରେ ଗତ ଫେବୃୟାରୀ ୯ ତାରିଖରେ ଘଟିଥିବା ସୁବଳ ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଅଦ୍ୟାବଧି ଗିରଫ କରାଯାଇ ପାରିନାହିଁ। ସେମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି କରି ମଙ୍ଗଳବାର ମୃତକ ସୁବଳଙ୍କ ପରିବାର ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅପରାହ୍ନ ଗୋଟାଏ ସମୟରେ ସୁବଳଙ୍କ ସ୍ତ୍ରୀ ସାବିତ୍ରୀ ମେହେର, ଭାଇ ପ୍ରଦୀପ ଓ ତାଙ୍କ ମାଆ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି।

**ସୁବଳ ମେହେର ହତ୍ୟା ଘଟଣା**

ଅଭିଯୋଗ ଅନୁଯାୟୀ, ଉକ୍ତ ହତ୍ୟାକାଣ୍ଡରେ ଜଣେ ଅଭିଯୁକ୍ତ ବାଳକୃଷ୍ଣ ମେହେର ଗିରଫ ହୋଇ ଜେଲରେ ଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଗିରଫ କରିବା ଦିଗରେ ପୋଲିସ ନିଷ୍କ୍ରିୟତା ପ୍ରକାଶ କରୁଥିବା ଅଭିଯୋଗ କରିଛନ୍ତ । ଏସ୍‌ପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ।

# ବରଗଡ଼ରେ ମଣିପୁର ହିଂସାର ପ୍ରତିବାଦ

ବରଗଡ଼,୨୫।୭(ପ୍ରେମାନନ୍ଦ ଖମାରୀ)

ମଣିପୁରରେ ଦେଖାଯାଇଥିବା ହିଂସାର ପ୍ରଭାବ ବରଗଡ଼ରେ ପରିଲକ୍ଷିତ ହୋଇଛି। ମଣିପୁର ହିଂସାର ପ୍ରତିବାଦ କରିବା ସହିତ ସେଠାରେ ଶାନ୍ତି ଫେରାଇ ଅଣାଯିବା ଉଦ୍ଦେଶ୍ୟରେ ବରଗଡ଼ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ମଙ୍ଗଳବାର ବରଗଡ଼ ସହରରେ ଏକ ମହମବତି ଯାତ୍ରା ହୋଇଥିଲା। ଏହା ସହିତ ମଣିପୁରରେ ନାରୀଙ୍କ ପ୍ରତି ଅତ୍ୟାଚାର କରିଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ତଥା ଫାଶୀ ଦଣ୍ଡାଦେଶ ପାଇଁ ଦାବି ହୋଇଥିଲା। ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି ଆଜାଦଙ୍କ ନେତୃତ୍ୱରେ ହୋଇଥିବା ମହମବତି ଯାତ୍ରାରେ ଛାତ୍ର କଂଗ୍ରେସର ବହୁ କର୍ମୀ ଉପସ୍ଥିତ ଥିଲେ।




ବରଗଡ଼ରେ ଛାତ୍ର କଂଗ୍ରେସ କର୍ମୀମାନେ ମହମବତି ଜାଳି ଶୋଭାଯାତ୍ରା କରୁଛନ୍ତି।

# ଆନ୍ଦୋଳନ ଚେତାବନୀ ଦେଲା ଭାଜପା

**ପଦ୍ମପୁର ଉପଖଣ୍ଡରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

ପଦ୍ମପୁର,୨୫।୭(ପ୍ରଦୀପ୍ତ ଦାଶ)



ଭାଜପା ପ୍ରତିନିଧି ଦଳ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ପଦ୍ମପୁର ଉପଖଣ୍ଡ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ପ୍ରତିବାଦରେ ସ୍ଥାନୀୟ ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସରୋଜ କୁମାର ସେଠଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ପ୍ରୀତେଶ କୁମାର ବହିଦାର, ପଦ୍ମପୁର ନଗର ସଭାପତି ସୁନୀଲ ଅଗ୍ରୱାଲ, ଭାଜପା ନେତା ଅଶୋକ କୁମାର ମିଶ୍ର, ଡା. ନାରାୟଣ ପୁରୋହିତ, କାଉନସିଲର କୁନାଲ ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ କର, ପ୍ରତାପ ନାଥ, ଅମିତ ଗର୍ଗ, ପ୍ରମୋଦ ମେହେର, ନରେଶ ସୁନ୍ଦର ସାହୁ, ଦିନେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ଭାଜପା ଅଭିଯୋଗ କରିଛି, ପଦ୍ମପୁର ଉପଖଣ୍ଡରେ ଝାରବନ୍ଧ, ପାଇକମାଳ ବ୍ଲକରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ମିଳୁନାହିଁ। ପଦ୍ମପୁର ଉପନିର୍ବାଚନ ସମୟରେ ପାଇକମାଳ ପିଏଚସିକୁ ସିଏଚ୍‌ସି ଘୋଷଣା ତଥା ସମସ୍ତ ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀ ନିୟୋଜିତ ହୋଇଥିଲେ। ତେବେ ନିର୍ବାଚନ ଶେଷ ହେବା ପରେ ଡାକ୍ତରଖାନାରେ ଡାକ୍ତର କି କର୍ମଚାରୀ ନାହାନ୍ତି। ନିରାମୟ ଔଷଧ ମଧ ମିଳୁନାହିଁ। ଫଳରେ ରୋଗୀମାନେ ବିଭିନ୍ନ ସମୟରେ ୫୦/୬୦ କିମି ଦୂର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ କିମ୍ବା ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ସେହିପରି ଝାରବନ୍ଧ ଓ ଡଭା ସିଏଚସିରେ ମଧ ଅନୁରୂପ ସମସ୍ୟା ରହିଛି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ନ ଆସିଲେ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।




## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

**ରାଉରକେଲା,୨୫।୭(ଦିନେଶ ମିଶ୍ର):** ଘର ବାରଣ୍ଡାରେ ଖଟିଆରେ ଶୋଇଥିବା ବେଳେ ଏକ ବିଷଧର ସାପ କାମୁଡି ଦେବାରୁ କେ. ବଲାଙ୍ଗ ଥାନା ଗୋପନା ଅଞ୍ଚଳର ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳିକା ହେଲେ ସୁମିତା ଲୋହାର(୧୬)। ମଙ୍ଗଳବାର ରଘୁନାଥପାଲି ଥାନା ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୭୬।୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ, ସୁମିତା ସୋମବାର ରାତିରେ ଖାଇସାରି ଘର ବାରଣ୍ଡାରେ ଥିବା ଖଟିଆରେ ଶୋଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କ ବାମ ଗୋଡକୁ କାମୁଡି ଦେଇଥିଲା। ଫଳରେ ତାଙ୍କ ବାମଗୋଡ ଫୁଲିବା ସହ ପାଟିରୁ ଗରଳ ବାହାରି ଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କେ. ବଲାଙ୍ଗ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଆର୍‌ଜିଏଚ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁମିତାଙ୍କ ମୃତ୍ୟୁ ହୋଇଥିଲା।

### ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ, ୨ ଗିରଫ

**ରାଉରକେଲା,୨୫।୭(ଦିନେଶ ମିଶ୍ର):** ରାଉରକେଲା ବସ୍‌ଷ୍ଟାଣ୍ଡରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରାଯିବା ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ସରବଜିତ ସିଂ ଓ ହରବିନ୍ଦର ସିଂ। ଅଭିଯୁକ୍ତଙ୍କଠାରୁ ଖଣ୍ଡା ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୨୫୧।୨୩) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ, ସୋମବାର ସନ୍ଧ୍ୟାରେ ରାଉରକେଲା ମଛଲି ମାର୍କେଟର ସୁଧୀର ପ୍ରସାଦ ରାଉରକେଲା ବସ୍‌ଷ୍ଟାଣ୍ଡ ଅଞ୍ଚଳକୁ ଯାଉଥିବାବେଳେ ଅଭିଯୁକ୍ତଦ୍ୱୟ ତାଙ୍କୁ ଅଟକାଇ ଗାଳିଗୁଲଜ କରିଥିଲେ। ଏହାକୁ ସୁଧୀର ବିରୋଧ କରିବାରୁ ତାଙ୍କୁ ଅଭିଯୁକ୍ତ ଗାଳିଗୁଲଜ କରିବା ସହ ଦ୍ୱୟ ଖଣ୍ଡାରେ ଆକ୍ରମଣ କରିଥିଲେ।

### ମୋବାଇଲ ଜବତ, ଜଣେ ଗିରଫ

**ରାଉରକେଲା,୨୫।୭(ଦିନେଶ ମିଶ୍ର):** ରାଉରକେଲା ନାଲା ରୋଡ୍ ଅଞ୍ଚଳରେ ଜଣେ ଯୁବକଙ୍କଠାରୁ ମୋବାଇଲ ଛଡାଇ ନେବା ଅଭିଯୋଗରେ ପ୍ଲାଣ୍ଟସାଇଟ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମହତାବ ରୋଡ ଆର୍‌ଡିଏ ବିଲ୍‌ଡିଂ ଅଞ୍ଚଳର ବିଲା ଓରଫ ଇମ୍ରାନ ଖାନ(୨୬)। ତାଙ୍କଠାରୁ ମୋବାଇଲ ଜବତ କରାଯିବା ସହ ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୨୨ ତାରିଖରେ ବିଲା ନାଲା ରୋଡ ଅଞ୍ଚଳରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଉକ୍ତ ବ୍ୟକ୍ତି ଜଣଙ୍କ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୨୫୦।୨୩) ରୁଜୁ କରି ତଦନ୍ତ କରି ତଦନ୍ତ କରିବା ସହ ଅଭିଯୁକ୍ତ ବିଲାଙ୍କୁ ଗିରଫ କରିଥିଲା।


ରାଉରକେଲା ସେକ୍ଟର-୨୨ରେ ଥିବା ଆର୍‌ଏସ୍‌ପିର ଡମ୍ପ ୟାର୍ଡରୁ ସ୍ଥାନୀୟ ଲୋକମାନେ ଲୁହାପଥର ସଂଗ୍ରହ କରୁଛନ୍ତି। (ଫଟୋ: ବିବେକ)

# ୨୯ରେ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ ଦାବିପତ୍ର

ରାଉରକେଲା,୨୫।୭(ଦିନେଶ ମିଶ୍ର)

**ରେଳ ସମନ୍ୱୟ ସମିତି ବୈଠକରେ ନିଷ୍ପତ୍ତି**

ସେକ୍ଟର-୩ ସ୍ଥିତ ଖଡ୍‌ଗ ଭବନ ପରିସରରେ ମଙ୍ଗଳବାର ଓଡିଶା ରେଳ ସମନ୍ୱୟ ସମିତିର ଏକ ବୈଠକ କାର୍ଯ୍ୟକାରୀ ସଭାପତି ଶଶଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଉରକେଲାରୁ ଚକ୍ରଧରପୁର ବଡବିଲ ଜେକେ ରୋଡ୍ ଭଦ୍ରକ ଦେଇ ବାଲେଶ୍ୱର ପର୍ଯ୍ୟନ୍ତ ଏକ ଟ୍ରେନ ଚଳାଚଳ କରିବା ପାଇଁ ଦାବି କରାଯାଇଥଲା। ଏହାଦ୍ୱାରା ଉତ୍ତର ଓ ପଶ୍ଚିମ ଓଡିଶାର ୭ଟି ଜିଲାର ଅଧିବାସୀ ଉପକୃତ ହେବା ସହିତ ଆର୍ଥିକ ଓ ଆଧ୍ୟାତ୍ମିକ ପ୍ରଗତିରେ ସାହାଯ୍ୟ କରିବ। ଏହି ମର୍ମରେ ଆସନ୍ତା ୨୯ ତାରିଖ ସକାଳ ୮ଟାରେ ରାଉରକେଲା ରେଲୱେ ଷ୍ଟେଶନରୁ ଏକ ଶୋଭାଯାତ୍ରା ବାହାରି ଷ୍ଟେଶନ ଅଧୀକ୍ଷକଙ୍କୁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ ରାଉରକେଲାର ସମସ୍ତ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ସାମିଲ ହେବାକୁ ରେଳ ସମନ୍ୱୟ ସମିଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ବୈଠକରେ ସଦାନନ୍ଦ ସାହୁ, ଶମ୍ଭୁନାଥ ପରିଡା, ଜଗନ୍ନାଥ ରାଉତ, ଅକ୍ଷୟକୁମାର ଦାସ, ମନୋରଞ୍ଜନ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଏଡିଏମ୍‌ଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)


ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ରଘୁନାଥପାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଉରକେଲା ଶିଳ୍ପାଞ୍ଚଳର ଲୋକମାନଙ୍କ ପାଖକୁ ସରକାରଙ୍କ ବହୁମୁଖି ଯୋଜନା ଅପହଞ୍ଚ ହୋଇପଡିଛି। ସେମାନେ ସରକାରୀ ଯୋଜନାର ଲାଭ ପାଉ ନ ଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ରାଉରକେଲା ଶିଳ୍ପାଞ୍ଚଳର ଶତାଧିକ ମହିଳା ପୁରୁଷ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ଆଗରେ ଭିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳର ମହିଳା ପୁରୁଷ ଏକ ଶୋଭାଯାତ୍ରାରେ ଯାଇ ଏଡିଏମ୍‌ଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁସାରେ, ରାଉରକେଲା ଶିଳ୍ପାଞ୍ଚଳ ଆର୍‌ଏମ୍‌ସି କିମ୍ବା କୌଣସି ଗ୍ରାମପଞ୍ଚାୟତ ଅଧୀନରେ ଯାଉନାହିଁ। ଫଳରେ ୧୯୯୫ ମସିହାରୁ ଶିଳ୍ପାଞ୍ଚଳବାସୀ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଇସ୍ପାତ ଶିଳ୍ପାଞ୍ଚଳ କର୍ମଚାରୀଙ୍କୁ ସେବା ପ୍ରଦାନ କରୁଥିବା ବ୍ୟକ୍ତି ଓ ତାଙ୍କ ପରିବାର ବର୍ଗଙ୍କୁ କୌଣସି ସରକାରୀ ଯୋଜନା ମିଳୁନାହିଁ। ଫଳରେ ଗରିବ ଶ୍ରମିକମାନେ ଦୁଃଖ ଦୁର୍ଦ୍ଦିନରେ ଜୀବନଯାପନ କରୁଛନ୍ତି। ଶିଳ୍ପାଞ୍ଚଳର ଏସ୍‌ଏଚ୍‌ଜିଙ୍କୁ ମୁକ୍ତା ଯୋଜନାରେ ସାମିଲ, ରାସ୍ତାକଡ଼ କ୍ଷୁଦ୍ର ବ୍ୟବସାୟୀଙ୍କୁ ସୁନିଧି ଯୋଜନାରେ ସାମିଲ, ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ସହ ଜାଗା ପ୍ରଦାନ, ରାଶନ କାର୍ଡଧାରୀଙ୍କୁ ସରକାରଙ୍କ ଡିଏୱାଇ ଏନ୍‌ୟୁଏଲଏମ ଯୋଜନାରେ ସାମିଲ, ଶିଳ୍ପାଞ୍ଚଳ ରାସ୍ତାକଡ଼ ଆଲୋକୀକରଣ ଏବଂ ବନ୍ଧମୁଣ୍ଡା କୋଇଲା ବସ୍ତି, ଶିବ ଶଙ୍କର ନଗରରୁ ଉତ୍ତମ ବସ୍ତି, ତିଲକା ନଗର, ଫୁଲୱାରୀ, ଚମ୍ପାଗଡ ଓ ଶୀତଳ ନଗର ପର୍ଯ୍ୟନ୍ତ ଅଞ୍ଚଳକୁ ଆର୍‌ଏମ୍‌ସି ଅଧୀନକୁ ଆଣିବା ପାଇଁ ସେମାନେ ଦାବି କରିଥିଲେ। ସ୍ମାରକପତ୍ରର ନକଲ ୫-ଟି ସଚିବ ଓ ସୁନ୍ଦରଗଡ ଜିଲାପାଳଙ୍କୁ ପଠାଯାଇଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ କଳ୍ପନା ବିଶ୍ୱାଳ, ପ୍ରତି ପରିଡା, ରୁକ୍ମିଣୀ ବାଗ, ସବିତା ମୁଦୁଲି, ଲକ୍ଷ୍ମୀ ଦେବୀ ଶତପଥି, ସନ୍ତୋଷିନୀ ପ୍ରଧାନ, ଗୀତା ନାଗ, ନରେନ୍ଦ୍ର ମହାନ୍ତି, ସରୋଜ ନାୟକ, ବିଶ୍ୱ ରଞ୍ଜନ ରାଉତ, ସୀମାଞ୍ଚଳ ଖଣ୍ଡୁଆଳ, ବିଦ୍ୟାଧର ଲେଙ୍କା, ସରୋଜ ଜେନା, ଜିତେନ ମାଛଖଣ୍ଡ, ଦେବକାନ୍ତ ସେଠୀ, ସୋମ୍ୟ ମହାନ୍ତି, ସୌମ୍ୟକାନ୍ତ ଧଳ ପ୍ରମୁଖ ସହଯୋଗ କରିଥିଲେ।

**ଶିଳ୍ପାଞ୍ଚଳବାସୀଙ୍କୁ ସରକାରୀ ଯୋଜନା ଅପହଞ୍ଚ**

### ମହିଳାଙ୍କ ଆକ୍ରମଣରେ ସ୍ୱାମୀ, ଝିଅ ଆହତ

ରାଉରକେଲା,୨୫।୭(ଦିନେଶ ମିଶ୍ର)

ସେକ୍ଟର-୨୦ ଏ ବ୍ଲକ ଅଞ୍ଚଳରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ସେକ୍ଟର-୧୯ ଥାନାରେ ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୬୧।୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ମଙ୍ଗଳବାର ସେକ୍ଟର-୨୦ର ଏକ ଦମ୍ପତିଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ମହିଳା ଜଣଙ୍କ ରାଗିଯାଇ ତାଙ୍କ ସ୍ୱାମୀ ଗଙ୍ଗାଧର ନାୟକଙ୍କୁ ଏକ ଲୁହାରଡରେ ଆକ୍ରମଣ କରିଥିଲେ। ଏହା ଦେଖି ଝିଅ ଗଙ୍ଗାଧରଙ୍କୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆହତ ହୋଇଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଚିକିତ୍ସା ପାଇଁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଛି।

# ଏଥର ୩.୧୩ ଲକ୍ଷ ହେକ୍ଟର ଜମିରେ ଖରିଫ ଫସଲ

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)

**ପାନପୋଷ କୃଷି ଜିଲା**

ସୁନ୍ଦରଗଡ଼ ଜିଲା ପାନପୋଷ କୃଷି ଜିଲାରେ ଚଳିତ ୨୦୨୩ ଖରିଫ ଋତୁରେ ୩ ଲକ୍ଷ ୧୩ହଜାର ହେକ୍ଟର ଜମିରେ ଧାନ ଓ ଅଣଧାନ ଫସଲ କରାଯିବ। ଏହି କୃଷି ଜିଲାରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଜରିଆରେ ଧାନଚାଷ ସହ ଅଣଧାନ ଫସଲ ଯଥା ଡାଲି ଜାତୀୟ, ତୈଳ ଜାତୀୟ, ମାଣ୍ଡିଆ, ମକା ଏବଂ ବର୍ଷାକାଳୀନ ପନିପରିବା ଚାଷ ମଧ ହେବ। ପାନପୋଷ କୃଷି ଜିଲାରେ ଧାନଚାଷ ପାଇଁ ତଳିପକା, ପହ୍ଲାରୁଆ କାମ ଶେଷ ହୋଇଛି। ଜିଲା କୃଷି ବିଭାଗ ତରଫରୁ ଚଳିତ ବର୍ଷ ୧୩ଶହ ହେକ୍ଟର ଜମିରେ ପରିପୃଷ୍ଟ ଧାନ ଚାଷ ସକାଶେ ସରକାରୀ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି। ସେହିପରି ୧୫୦ହେକ୍ଟର ଜମିରେ ଡାଲିଜାତୀୟ ଫସଲ ପାଇଁ ସରକାରୀ କାର୍ଯ୍ୟକ୍ରମ ରହିଛି।

ଚଳିତ ଖରିଫ ଋତୁରେ ଜିଲାର ଚାଷୀଙ୍କୁ ଧାଡ଼ିରୁଆ ଧାନଚାଷ ପାଇଁ ଅଧିକ ପ୍ରୋତ୍ସାହନ ଦେବା ବ୍ୟବସ୍ଥା କରାଯାଇଛି। ଜିଲାରେ ୨ଲକ୍ଷ ୧୨ହଜାର ହେକ୍ଟର ଧାନଚାଷ ଏବଂ ୧ଲକ୍ଷ ୧ହଜାର ହେକ୍ଟର ଜମିରେ ଅଣଧାନ ଚାଷ ହେବ। ଅନ୍ୟପକ୍ଷେ ବିଗତ ୧୦ବର୍ଷରେ ଜିଲାରେ ବୃଷ୍ଟିପାତ ଅନୁପାତ ୧୪୨୨ ମିମି ଥିବା ବେଳେ ଚଳିତ ବର୍ଷ ଏହି ଲକ୍ଷ୍ୟ ଛୁଇଁପାରିବ କି ନାହିଁ ତାହା ଚାଷୀକୁଳ ପାଇଁ ଚିନ୍ତାର ବିଷୟ ହୋଇଛି। ଜିଲାରେ ମେଗା ଜଳସେଚନ, ମଧ୍ୟମ ଜଳସେଚନ, ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନ ମାଧ୍ୟମରେ ୧ଲକ୍ଷ ୯ହଜାର ୭୫୦ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଚାଷୀମାନଙ୍କୁ ମଧ୍ୟମ ଜଳସେଚନ, ହୀରାକୁଦ ଜଳ, ଜିଲା ନଦୀମାଳାର ଉଠାଜଳସେଚନ, କାଂଶବାହାଲ ଓ ପୀତାମହୁଲ ଡ୍ୟାମ୍‌ରୁ ଆବଶ୍ୟକ ଜଳ ଯୋଗାଇ ଦିଆଯିବ।



ପାନପୋଷ କୃଷି ଜିଲା କାର୍ଯ୍ୟାଳୟ ।

ଏଥିସହିତ ଚାଷୀଙ୍କୁ ୨୮ହଜାର ୨୮୬ କୁଇଣ୍ଟାଲ ଧାନ ବିହନ ଓ ୧୪୧୭ କୁଇଣ୍ଟାଲ ଅଣଧାନ ବିହନ ଯୋଗାଇ ଦିଆଯାଇଛି।

କୃଷି ବିଭାଗର ଯୋଜନା ମୁତାବକ ଜିଲାର ୩୦୦ ହେକ୍ଟର ଜମିରେ ଅଣଧାନ ଚାଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଚାଷୀ ପିଛା ଚିନାବାଦାମ ୧ହଜାର ହେକ୍ଟର ପାଇଁ ୨୦କେଜି ଲେଖାଏ ନୂଆ କିସମ ବିହନ ପ୍ୟାକେଟ, ରାଶି ପାଇଁ ୧୫ଶହ ହେକ୍ଟର ଜମିକୁ ୧୦କେଜି ଲେଖାଏଁ, ଅଳସି ଚାଷ ପାଇଁ ୫ଶହ ହେକ୍ଟରକୁ ୧କେଜି ଲେଖାଏଁ ବିହନ ପ୍ରଦାନ କରାଯାଇଛି। ଏଥିସହିତ କୃଷିବିଭାଗ ପକ୍ଷରୁ ସବୁଜ ଖତସାର ପ୍ରସ୍ତୁତ ପାଇଁ ୨୭ଶହ ହେକ୍ଟର ଜମି ପ୍ରସ୍ତୁତ କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଚାଷୀମାନଙ୍କୁ ଧଣିଚା ବିହନ ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ ଜିଲାରେ ଓଡିଶା ମିଲେଟ ମିଶନକୁ ସଫଳ କରିବା ପାଇଁ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱ ଦିଆଯାଉଛି। ଚଳିତ ଖରିଫ ଋତୁରେ ୧୨ହଜାର ୭ଶହ ୫୦ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ସମନ୍ୱିତ ଚାଷ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇବା ଉଦ୍ଦେଶ୍ୟରେ କମ୍ ପରିମାଣ ଜମିରେ ଅଧିକ ଫସଲ କରିବାକୁ ୩ଟି ମଡେଲରେ ସରକାରୀ ସବ୍‌ସିଡି ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କୁ ୫୦ ପ୍ରତିଶତ ସବସିଡି ପ୍ରଦାନ ଏବଂ ମହିଳା, ଏସ୍‌ସି, ଏସ୍‌ଟିଙ୍କ ପାଇଁ ଅଧିକ ସବ୍‌ସିଡି ବ୍ୟବସ୍ଥା ରହିଥିବା ପାନପୋଷ କୃଷି ଜିଲା ଅଧିକାରୀ ରେଲିଜିୟସ ବେକ ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗ ଭଗବାନଙ୍କ ଅମୃତ ସନ୍ତାନ


ସଭାରେ ମଞ୍ଚାସୀନ ଅତିଥିଗଣ। (ଫଟୋ:ବିବେକ)

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୬ ସ୍ଥିତ ଶ୍ରଦ୍ଧା ଶିକ୍ଷାନୁଷ୍ଠାନ ପରିସରରେ ପ୍ରତିଷ୍ଠାତା ରାଜ କିଶୋର ଗୁରୁଙ୍କ ନବମ ପୁଣ୍ୟତିଥି ସୋମବାର ପାଳିତ ହୋଇଯାଇଛି। ଏଥିରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟ ଅତିଥି, ଓଡିଶା ସାହିତ୍ୟ ଏକାଡେମୀ ସଭ୍ୟ ରାଜୀବ ପାଣି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଉପସଭାପତି ଅଶୋକ କୁମାର ବଳଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଶ୍ରଦ୍ଧା ହେଉଛି ଦିବ୍ୟାଙ୍ଗମାନଙ୍କ ପାଇଁ ମନ୍ଦିର ତୁଲ୍ୟ। ଏଣୁ ଏହାର ପ୍ରଗତି ପାଇଁ ସହଯୋଗ କରିବାକୁ ଉଦ୍ୟମ କରିବେ ବୋଲି ମୁଖ୍ୟ ଅତିଥି ତରାଇ କହିଥିଲେ। ସେହିପରି ଦିବ୍ୟାଙ୍ଗ ହେଲେ ଭଗବାନଙ୍କ ଅମୃତ ସନ୍ତାନ। ଏଣୁ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସମସ୍ତଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମୁଖ୍ୟ ବକ୍ତା ପାଣି କହିଥିଲେ। ପରେ ୧୧ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ପଠନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ପ୍ରୀତି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନବଶୃଙ୍ଖଳରେ ସଡ଼କ ସୁରକ୍ଷା ଅଭିଯାନ

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସୁରକ୍ଷା ସଂସ୍କୃତିର ପ୍ରସାର ପାଇଁ କେନ୍ଦ୍ରୀୟ ରକ୍ଷଣାବେକ୍ଷଣ କ୍ଷେତ୍ରରେ ନିଯୁକ୍ତ ୩୫୦ କର୍ମଚାରୀଙ୍କ ପକ୍ଷରୁ ବୃହତ ମାନବଶୃଙ୍ଖଳ କରି ସଡ଼କ ସୁରକ୍ଷା ଅଭିଯାନ ପାଳିତ ହୋଇଯାଇଛି। ସିଜିଏମ(ମେକାନିକାଲ) ଏମ୍. ରାଜେନ୍ଦ୍ରନ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଜିଏମ୍ ଅବକାଶ ବେହେରା ଅଭିଯାନର ନେତୃତ୍ୱ ନେଇଥିଲେ। କେନ୍ଦ୍ରୀୟ ରକ୍ଷଣାବେକ୍ଷଣ ଓ ସେବାକ୍ଷେତ୍ର ଅଧୀନରେ ଥିବା ପ୍ରତ୍ୟେକ ବିଭାଗ ମୁଖ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମୁଖ୍ୟ ଗେଟ୍‌ଠାରୁ ଇଡି (ୱାର୍କ୍ସ) ଅଫିସ ଛକ ପର୍ଯ୍ୟନ୍ତ ଗଠିତ ମାନବଶୃଙ୍ଖଳରେ କେନ୍ଦ୍ରୀୟ ରକ୍ଷଣାବେକ୍ଷଣ ଏବଂ ଶପ୍ସ ବିଭାଗ ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କରିଥିବା ପରଲକ୍ଷିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ଦେଇଥିଲେ। ସେମାନେ ଗାଡ଼ି ଅତିକ୍ରମ କରିବାରୁ ଦୂରେଇ ରହିବା, ରେଡ୍ ଲାଇଟ ଉଲ୍ଲଂଘନକୁ ଏଡାଇବା, ଯାନବାହନ ଚାଳନା ସମୟରେ ମୋବାଇଲ ବ୍ୟବହାର ନ କରିବା, ଅସୁରକ୍ଷିତ ଯାନବାହନ ଚାଳନା ଅଭ୍ୟାସରୁ ଦୂରେଇ ରହିବା ଏବଂ କାରଖାନା ପରିସୀମା ମଧ୍ୟରେ ଗତି ସୀମା ପାଳନ କରିବା ଉପରେ ଆଲୋକପାତ କରିଥିଲେ। ସାମ୍ପ୍ରତିକ ପାଣିପାଗରେ ସୁରକ୍ଷିତ ଗାଡି ଚାଳନା ଦିଗରେ ମଧ ଟିପ୍ସ ଦିଆଯାଇଥିଲା। ଅବକାଶ ବେହେରାଙ୍କ ମାର୍ଗଦର୍ଶନରେ ଆର୍‌ଏସ୍‌ଏମ୍‌ର ଏଜିଏମ୍ ତଥା ଡିଏସ୍‌ଓ ଆଲୋକ ରଞ୍ଜନ ପଣ୍ଡା, ଏଫ୍‌ଏମ୍‌ଏମ୍ ବିଭାଗ ଏଜିଏମ୍ ତଥା ଡିଏସଓ ସୁନୀଲ କୁମାର ଏବଂ ଡେପୁଟି ମ୍ୟାନେଜର ତଥା ଏଏସଓ ସ୍ମୃତିରଞ୍ଜନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ମାନବ ଶୃଙ୍ଖଳ କରି ସଡ଼କ ସୁରକ୍ଷା ଅଭିଯାନ ପାଳନ କରାଯାଉଛି।

# ବିପଦ ଡାକୁଛି ବେଆଇନ ପାର୍କିଂ

ରାଉରକେଲା,୨୫।୭(ଦିନେଶ ମିଶ୍ର)

ସ୍ମାର୍ଟସିଟି ରାଉରକେଲାରେ ଦିନକୁ ଦିନ ପାର୍କିଂ ସମସ୍ୟା ବଢ଼ିବାରେ ଲାଗିଛି। ସହରର ଜନସଂଖ୍ୟା ସାଙ୍ଗକୁ ଗାଡିମୋଟର ବୃଦ୍ଧି ପାଇଛି। ସ୍ମାର୍ଟସିଟି ମାନ୍ୟତା ପାଇବା ପରେ ବିଭିନ୍ନ ସ୍ଥାନରେ ଉନ୍ନତିମୂଳକ କାର୍ଯ୍ୟ ଚାଲିଥିବାବେଳେ ପାର୍କିଂ ଅବ୍ୟବସ୍ଥା ଯୋଗୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି।

ରାଉରକେଲା ସହରରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଜିଯାଏ ସେଭଳି କୌଣସି ଆଖିଦୃଷ୍ଟିଆ ପାର୍କିଂସ୍ଥଳୀ ବ୍ୟବସ୍ଥା କରାଯାଇନାହିଁ। ଫଳରେ ସହରର ପ୍ରମୁଖ ଛକ, ମାର୍କେଟ, ମେନ୍‌ରୋଡ ଅଞ୍ଚଳରେ ବେଆଇନ ଗାଡି ପାର୍କିଂ ହେଉଥିବା ଦେଖିବାକୁ ମିଳୁଛି। ଏହାଦ୍ୱାରା ବିଭିନ୍ନ ସମୟରେ ରାସ୍ତା ଜାମ୍ ହେବା ସାଙ୍ଗକୁ ଦୁର୍ଘଟଣା ଘଟୁଛି। ରାଉରକେଲା ବାସନ୍ତୀ କଲୋନୀ, ସିଭିଲଟାଉନ୍‌ସିପ୍, ଉଦିତନଗର, ଭିଏସ୍‌ଏସ୍ ମାର୍କେଟ, ମନୋରମା ମାର୍କେଟ, ତପସ୍ୱିନୀ ମାର୍କେଟ, ଡେଲିମାର୍କେଟ, ପ୍ଲାଣ୍ଟସାଇଟ ଭଳି ମାର୍କେଟ ଅଞ୍ଚଳରେ ଏଭଳି ପରିସ୍ଥିତି ପ୍ରତିଦିନ ଉପୁଜୁଛି।


ସିଭିଲ ଟାଉନଶିପ୍ ଅଞ୍ଚଳରେ ରାସ୍ତାରେ ବେଆଇନ ଭାବେ ଗାଡ଼ି ପାର୍କିଂ କରାଯାଇଛି।

ସହରରେ ଡେଲିମାର୍କେଟ ଏକ ପ୍ରମୁଖ ସ୍ଥାନ ହୋଇଥିବାବେଳେ ଏଠାରେ ଥିବା ପରିବା ଗଦି, ମାଛ ଗଦି ଓ ବିଭିନ୍ନ ହୋଲସେଲ୍ ଦୋକାନ ରହିଛି। ଏଠାକୁ ହଜାର ହଜାର ଗ୍ରାହକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ଆସନ୍ତି । ଉକ୍ତ ଅଞ୍ଚଳରେ କୌଣସି ପାର୍କିଂ ବ୍ୟବସ୍ଥା ହୋଇ ନ ଥିବାରୁ ଲୋକେ ରାଉରକେଲା ମେନ୍‌ରୋଡ ରାସ୍ତାକଡ଼ରେ ଗାଡି ପାର୍କିଂ କରିଥାନ୍ତି। ଅନ୍ୟପକ୍ଷେ ଏହି ରାସ୍ତାର ଏକ ପାର୍ଶ୍ୱରେ କିଛି ଠେଲା ବ୍ୟବସାୟୀ ବ୍ୟବସାୟ କରୁଥିବାରୁ ରାସ୍ତା ଜାମ୍ ହେଉଛି। ଫଳରେ ଏହି ରାସ୍ତାରେ ଯାତାୟାତ ପାଇଁ ସମସ୍ୟା ଉପୁଜୁଛି।

ପ୍ଲାଣ୍ଟସାଇଟ ରୋଡ ଅଞ୍ଚଳରେ ଏକାଧିକ ଚାଉଳ ଗୋଦାମ ଓ ହୋଲସେଲ୍ ରାଶନ ଦୋକାନ ଥିବାବେଳେ ଗାଡି ପାର୍କିଂ ବ୍ୟବସ୍ଥା ନାହିଁ। ଅଟୋ, ଟ୍ରଲି ରିକ୍ସା ଓ ମିନି ଟ୍ରକ ଆଦି ରାସ୍ତା ଉପରେ ଛିଡାହୋଇ ମାଲ ଅନ୍‌ଲୋଡ କରୁଛନ୍ତି। ବାସନ୍ତୀ କଲୋନୀ ମାର୍କେଟରେ ମଧ ସମାନ ଅବସ୍ଥା। ଏହି ମାର୍କେଟରେ ରାସ୍ତା ସଙ୍କୁଚିତ ହୋଇଛି। ସିଭିଲଟାଉନଶିପ୍ ଅଞ୍ଚଳରେ ଏକାଧିକ ବେସରକାରୀ କାର୍ଯ୍ୟାଳୟ ସାଙ୍ଗକୁ ବଡ ବଡ ଶୋ'ରୁମ୍ ରହିଛି। ଏଠାରେ ଲୋକେ ମଝି ରାସ୍ତାରେ ମନଇଚ୍ଛା ଗାଡ଼ି ପାର୍କିଂ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ସହରରେ ଗାଡି ପାର୍କିଂ ସମସ୍ୟାକୁ ନେଇ ତତ୍‌କାଳୀନ ଏଡିଏମ୍ ମେନ୍ ରୋଡ ସମେତ ମୁଖ୍ୟ ମାର୍କେଟ ଅଞ୍ଚଳର ରାସ୍ତାକଡରେ ଧଳାଦାଗ ଦେଇ ପାର୍କିଂ ପାଇଁ ବ୍ୟବସ୍ଥା କରିଥିଲେ। ଏହାସହ ପାୱାରହାଉସ୍ ରୋଡ୍ ଅଞ୍ଚଳରେ ପାର୍କିଂ ସ୍ଥଳ କରିବାକୁ ନିଷ୍ପତ୍ତି ନେଇଥିଲେ। ତାଙ୍କ ବଦଳି ପରେ ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନ ଥିଲା। ଲକ୍ଷାଧିକ ଲୋକ ବାସ କରୁଥିବା ସହରରେ ପାର୍କିଂ ସୁବିଧା କରାଯାଇପାରିନାହିଁ। ଏ ନେଇ ଆର୍‌ଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କୁ ପଚାରିବାରୁ ସେ କହିଥିଲେ, ରାଉରକେଲାର ବିଭିନ୍ନ ସ୍ଥାନରେ ପାର୍କିଂକୁ ନେଇ ସମସ୍ୟା ଉପୁଜୁଛି। କିନ୍ତୁ ରାଉରକେଲାରେ ଅଧିକାଂଶ ଜମି ଆର୍‌ଏସ୍‌ପି ଓ ରେଲୱେ ଅଧୀନରେ ଥିବାରୁ ଆମେ ସେଠାରେ ପାର୍କିଂ ବ୍ୟବସ୍ଥା କରିପାରୁନାହୁଁ। ଯଦି ଆର୍‌ଏସ୍‌ପି ଓ ରେଲୱେ ସହ ରାଜ୍ୟ ସରକାର ମିଶି ଏ ନେଇ ବିଚାର କରନ୍ତି ତେବେ ସହରରେ ପାର୍କିଂ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ଭୋଇ କହିଥିଲେ।

## ବାଇକ୍‌ରୁ ପଡ଼ି ମହିଳା ଗୁରୁତର

ଉଲୁଣ୍ଡା,(ଉରୁକ୍ରମ ପାଣ୍ଡିଆ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଝାରବାହାଲି ଛକ ନିକଟରେ ବାଇକ୍‌ରୁ ପଡି ଜଣେ ମହିଳା ଗୁରୁତର ହୋଇଛନ୍ତି । ମଙ୍ଗଳବାର ସକାଳେ ଏକ ଦମ୍ପତି ଉଲୁଣ୍ଡା ପଟରୁ ଝାରବାହାଲି ଗ୍ରାମକୁ ଏକ ବାଇକ୍ ଯୋଗେ ଯାଉଥିଲେ । ତେବେ ଝାରବହାଲି ଛକ ନିକଟରେ ମହିଳା ଜଣକ ବାଇକ୍‌ରୁ ହଠାତ୍ ପଡିଯାଇଥିଲେ । ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରାଯାଇ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ତାଙ୍କର ଗୋଟିଏ ହାତ ଭାଙ୍ଗିଯିବା ସହ ମୁଣ୍ଡରେ ଆଘାତ ଲାଗିଛି । ମହିଳା ଜଣକ ଝାରବାହାଲି ଗ୍ରାମର ବୋଲି ଜଣାପଡିଛି ।

## ସଂକ୍ଷେପରେ

### ଓଡ଼ିଶା ଜାଗା ମିଶନ ପକ୍ଷରୁ ଜମି ପଟ୍ଟା ପ୍ରଦାନ

**ଖଡ଼ିଆଳ,୨୫।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳ କଲ୍ୟାଣ ମଣ୍ଡପ ଠାରେ ଓଡିଶା ସରକାରଙ୍କ ଜାଗା ମିଶନ ଜରିଆରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ ଓ ନୂତନ ହିତାଧିକାରୀ ଚିହ୍ନଟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଓଡ଼ିଶା ଜାଗା ମିଶନ ଉପଦେଷ୍ଟା ସାସ୍ୱତୀ ମିଶ୍ର ଯୋଗଦେଇ ହିତାଧିକାରୀ ଚୟନ କରିବା ସହ ପ୍ରକୃତ ହିତାଧିକାରୀ ଏହାର ସୁଫଳ ଉଠାଇବା ପାଇଁ ଆହ୍ୱାନ କରିଥିଲେ। ଖଡିଆଳ ଏନଏସିରେ ମୋଟ ୧୫୬ ଜଣ ହିତାଧିକାରୀ ଚିହ୍ନଟ ହୋଇଥିବା ବେଳେ କେବଳ ୧୩ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଆଗାମି ଦିନରେ ଅନ୍ୟ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯିବ। ବୈଠକରେ ଖଡିଆଳ ନଗର ସଭାପତି ଦୀପକ କୁମାର ଖମାରୀ, ଜିଲା ଛାତ୍ର ସଭାପତି ଅମିତ ସିଂଦେଓ, ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ଛାତ୍ର ରାଜ୍ୟ ସମ୍ପାଦକ ଅଭିଷେକ ଜଗତ, ରାଜ୍ୟ ସାଧାରଣ ସମ୍ପାଦିକା ମମତା ମଞ୍ଜରୀ ଥାପା, ସମ୍ପାଦିକା ସେଫାଳି ସଲମା, ୱାର୍ଡ ମେମ୍ବର ସୁଚିସ୍ମିତା ମହାରଣା, ଚନ୍ଦନ ସାହୁ, ସୁବେର ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦୁଝିରିଆପାଲି ହାଇସ୍କୁଲରେ ବୃକ୍ଷରୋପଣ

**ଅମରପାଲି,୨୫।୭(ପୀତାମ୍ବର ସାହୁ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନ୍ଦୁଝିରିଆପାଲି ହାଇସ୍କୁଲରେ ମଙ୍ଗଳବାରସାମୁହିକ ବୃକ୍ଷରୋପଣ କରାଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ସ୍ଥାନୀୟ ସିଆରସିସି ବିନୟ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଇକୋ କ୍ଲବ ସମ୍ପାଦକ ଗୌରୀଶଙ୍କର ପୂଜାହାରୀ ଜେଆରସି ଶିକ୍ଷକ ଜୀବର୍ଦ୍ଧନ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୀରମହାରାଜପୁର ରେଞ୍ଜ ଅଧିକାରୀ ଅବିନାଶ ବରିହା ବିଦ୍ୟାଳୟରେ ବୃକ୍ଷରୋପଣ ପାଇଁ ଚାରା ଯୋଗାଇ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀ ପ୍ରତ୍ୟେକ ଗୋଟିଏ ଲେଖାଏଁ ଚାରା ରୋପଣ କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ରମାନେ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବିଦ୍ୟାଳୟ ସମ୍ମୁଖରେ ଥିବା ଖେଳ ପଡିଆ ଚାରିପାଖରେ ପ୍ରାୟ ୨ଶହରୁ ଅଧିକ ଚାରା ରୋପଣ କରାଯାଇଛି। ଏହାପରେ ବ୍ଲକ ଶିକ୍ଷା ଅଧିକାରୀ କୁମ୍ଭକାର ବିଦ୍ୟାଳୟର ୫-ଟିରେ ହୋଇଥିବା ସ୍ମାର୍ଟ କ୍ଲାସ, ଆଇସିଟି ଲ୍ୟାବ୍, ଲାଇବ୍ରେରୀ, ବିଜ୍ଞାନଗାର ପରିଦର୍ଶନ କରିବା ସହିତ ଛାତ୍ରୀଛାତ୍ରମାନଙ୍କ ସହିତ ପାଠପଢା ଉପରେ ଆଲୋଚନା କରି ଦିଗଦର୍ଶନ ଦେଇଥିଲେ।

# ବିସ୍ଥାପିତଙ୍କୁ ଭେଟିଲେ, ସମସ୍ୟା ଶୁଣିଲେ

**ବଲାଙ୍ଗୀର,୨୫।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**


ଗଡଶଙ୍କର ଡୁଙ୍ଗୁରିପାଲି ଗାଁ ଜଗନ୍ନାଥ ମନ୍ଦିରରେ ବିଧାୟକ ନରସିଂହ ମିଶ୍ର ବିସ୍ଥାପିତ ହେବାକୁ ଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଗଡଶଙ୍କର ଡୁଙ୍ଗୁରିପାଲିରେ ନରସିଂହ**

- ଝାଙ୍କରପାଲି ଥଇଥାନ କଲୋନୀ ଅସ୍ଥାୟୀ ଆଶ୍ରୟସ୍ଥଳୀ ପରିଦର୍ଶନ କଲେ
- ଲୋକଙ୍କ ସବୁ ସମସ୍ୟାର ଆଇନସଙ୍ଗତ ସମାଧାନ କରାଯିବ
- ଡ୍ୟାମ୍ ଠେଲା ପାଣି ବଢୁଥିବାରୁ ପ୍ରଶାସନକୁ ସହଯୋଗ କରିବାକୁ କହିଲେ
- ଆଜି ହେବ ବିସ୍ଥାପିତଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନ ସହ ଆଲୋଚନା

ଲୋୟର ସୁକ୍‌ତେଲ ଡ୍ୟାମ୍‌ରେ ବନ୍ୟାଜଳ ବୃଦ୍ଧି ଯୋଗୁଁ ଗଡଶଙ୍କର ଡୁଙ୍ଗୁରିପାଲି ଗାଁ ଏବେ ତିନିପଟରୁ ପାଣି ଘେରରେ ରହିଛି। ଏପରିସ୍ଥଳେ ଗାଁରେ ଏବେବି କିଛି ଲୋକ ରହିଛନ୍ତି। ସେମାନଙ୍କୁ ବିସ୍ଥାପିତ କରାଯାଇନାହିଁ। ଏହି ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିବା ପାଇଁ ମଙ୍ଗଳବାର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଗଡଶଙ୍କର ଡୁଙ୍ଗୁରିପାଲି ଗାଁ ଗସ୍ତ କରିଥିଲେ। ଗାଁର ଜଗନ୍ନାଥ ମନ୍ଦିରରେ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଶୁଣିଥିଲେ। ଗଡଶଙ୍କର ଡୁଙ୍ଗୁରିପାଲି ଗାଁଲୋକେ ଅସୁବିଧାରେ ରହିଛନ୍ତି ବୋଲି ଶୁଣିବା ପରେ ସେ ଗାଁକୁ ଆସିଛନ୍ତି ବୋଲି ଲୋକଙ୍କୁ ଜଣାଇ ସେମାନଙ୍କ ସମସ୍ୟା ବିଷୟରେ ପଚାରିଥିଲେ। ଗ୍ରାମବାସୀ କହିଥିଲେ ଯେ, ଏବେବି କିଛି ଲୋକଙ୍କ କ୍ଷତିପୂରଣ ଟଙ୍କା ଦିଆଯାଇନାହିଁ। ତେଣୁ ଡ୍ୟାମ୍ ପାଣି ଛାଡି ଦିଆଯାଇ ତାଙ୍କୁ ଆଉ କିଛି ଅଧିକ ସମୟ ଦିଆଯାଉ। ରାତିରେ ଡ୍ୟାମ୍‌ରୁ ପାଣି ଛାଡିବା ବନ୍ଦ କରିଦିଆଯାଉଥିବାରୁ ପାଣି ବଢୁଛି। ଏଣୁ ପାଣି ଛାଡିବା ବନ୍ଦ କରାନଯାଉ ବୋଲି ମୀନକେତନ ଚାନ୍ଦ, ରାମପ୍ରସାଦ ଚାନ୍ଦ, ବିବେକାନନ୍ଦ ସାହୁ କହିଥିଲେ। ଆଉ କିଛି ଲୋକଙ୍କ ବ୍ୟକ୍ତିଗତ ସମସ୍ୟା ଶୁଣିଥିଲେ।

ବିଧାୟକ ମିଶ୍ର ଲୋକଙ୍କୁ କହିଥିଲେ ଯେ, ଡ୍ୟାମ୍‌ରେ ପାଣି ଭରିଯାଉଛି ଏଣୁ ଲୋକଙ୍କୁ ନିରାପଦ ସ୍ଥାନକୁ ଚାଲିଯିବା ଠିକ୍ ହେବ। ଯାହା ବି ସମସ୍ୟା ଅଛି ଜିଲାପାଳଙ୍କ ସହ ଆଲୋଚନା କରି ଲୋକଙ୍କୁ କିଭଳି ଅଧିକରୁ ଅଧିକ ସୁବିଧା ମିଳିବ ସେନେଇ ଉଦ୍ୟମ କରାଯିବ। ଲୋକେ ମୌଖିକ କିମ୍ବା ଲିଖିତ ଜଣାନ୍ତୁ। ସେ ଜିଲାପାଳଙ୍କ ସହ ବୁଧବାର ଆଲୋଚନା କରିବେ ବୋଲି କହିଥିଲେ। ଡ୍ୟାମ୍ ବିରୋଧୀ ଆନ୍ଦୋଳନର ନେତା ଘୁନୁ ସାହୁଙ୍କୁ ବିଧାୟକ ମିଶ୍ର ଭେଟିବା ପରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିବା ସହ ଗାଁ ଲୋକଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ଗାଁ ଭିତରକୁ କୌଣସି ସମ୍ପର୍କୀୟ ଆସୁଥିଲେ ତାଙ୍କୁ ପୋଲିସ ଅଯଥା ଅଟକାଉଥିବା ଏବଂ କୌଣସି ଲୋକ ନିଜ ଘର ଭାଙ୍ଗି ଲୁହାରଡ କିମ୍ବା ଅନ୍ୟାନ୍ୟ ଜିନିଷ କବାଡିରେ ବିକ୍ରି କରିବାକୁ ଚାହୁଁଥିଲେ ମନା କରାଯାଉଥିବା ଜଣାଇଥିଲେ। ଏଦିଗରେ ପଦକ୍ଷେପ ନିଅନ୍ତୁ ବୋଲି ବିଧାୟକଙ୍କୁ କହିଥିଲେ। ବିଧାୟକ ମିଶ୍ର ଏଦିଗରେ ପଦକ୍ଷେପ ନିଆଯିବ ବୋଲି କହିବା ସହ ଏସ୍‌ଡିପିଓ ତୋଫାନ୍ ବାଗଙ୍କୁ ଡାକି ଲୋକଙ୍କୁ ସହଯୋଗ କରିବାକୁ କହିଥିଲେ। ଉପଜିଲାପାଳ କୁମାର ନାଗଭୂଷଣଙ୍କୁ ସେଠାରେ ଲୋକଙ୍କ କ୍ଷତିପୂରଣ ଟଙ୍କା ପ୍ରଦାନ ସମ୍ପର୍କରେ ବିଧାୟକଙ୍କୁ ଜଣାଇଥିଲେ। ସେଠାରୁ ବିଧାୟକ ମିଶ୍ର ଝାଙ୍କରପାଲିସ୍ଥିତ ଗଡଶଙ୍କର ଡୁଙ୍ଗୁରିପାଲିର ବିସ୍ଥାପିତ ଥଇଥାନ କଲୋନୀ ପରିଦର୍ଶନ କରିଥିଲେ। ସେଠାରେ ଅସ୍ଥାୟୀ ଘର ଦେଖିବା ସହ ପାଣି ଯେପରି ନ ଗଳିବ ଏବଂ ଅନ୍ୟାନ୍ୟ ସୁବିଧା ହେବ ସେଦିଗରେ ଧ୍ୟାନ ଦେବାକୁ ଦାୟିତ୍ୱରେ ଥିବା ଥଇଥାନ କଲୋନୀ ଅଧିକ୍ଷଣ ଯନ୍ତ୍ରୀ ଜିତେନ୍ଦ୍ର ପାଣିଗ୍ରାହୀ ଏବଂ ଡ୍ୟାମ୍ ମୁଖ୍ୟନିର୍ମାଣ ଯନ୍ତ୍ରୀ ଇଂ. ସୁନୀଲ ରାଉତଙ୍କୁ କହିଥିଲେ। ଲୋକଙ୍କ ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଅଧିକାରୀଙ୍କ ସହ ଆଲୋଚନ କରିବା ସହ ବିସ୍ଥାପିତ ପରିବାର ସଦସ୍ୟଙ୍କୁ ବିଦ୍ୟୁତ୍ ପଙ୍ଖା ବଣ୍ଟନ କରିଥିଲେ। ବୁଧବାର ହେବାକୁ ଥିବା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକରେ ଲୋୟର ସୁକ୍‌ତେଲ ପ୍ରକଳ୍ପ ଓ ବିସ୍ଥାପିତଙ୍କ ଉପରେ ସ୍ୱତନ୍ତ୍ର ଆଲୋଚନା କରାଯିବ ବୋଲି ସେ ବିସ୍ଥାପିତଙ୍କୁ ସୂଚନା ଦେଇଥିଲେ।

# ମିଲେଟ୍ ବକ୍ତୃତା ପ୍ରତିଯୋଗିତା


ବଲାଙ୍ଗୀର ପତିତ ପାବନ ଏକାଡେମୀଠାରେ ମିଲେଟ୍ ବକ୍ତୃତା ପ୍ରତିଯୋଗିତା।

**ବଲାଙ୍ଗୀର,୨୫।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ପତିତ ପାବନ ଏକାଡେମୀଠାରେ ମିଲେଟ୍ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ସିନୁ ସୁନ୍ଦର ପାଢ଼ିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରତିଷ୍ଠାତା ସ୍ୱର୍ଗତ ଚକ୍ରଧର ପଣ୍ଡାଙ୍କ ପୁତ୍ରବଧୂ ପଙ୍କଜିନୀ ପଣ୍ଡା ଯୋଗଦେଇଥିଲେ। ପ୍ରତିଯୋଗିତାର ସିନିୟର ବିଭାଗରେ ସୁବ୍ରତ ମହାପାତ୍ର (୧୦ମ ଶ୍ରେଣୀ) ପ୍ରଥମ, ଆଶୁତୋଷ ମିଶ୍ର(୧୦ମ ଶ୍ରେଣୀ) ଦ୍ୱିତୀୟ ଏବଂ ରାଜ କୁମାର୍ ମିଶ୍ର (୯ମ ଶ୍ରେଣୀ) ତୃତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ବିଭାଗରେ ବାସୁଦେବ ବୈମକେଶ ମିଶ୍ର (୮ମ) ପ୍ରଥମ, ଆଶିଷ କୁମାର ସାହୁ (୮ମ ଶ୍ରେଣୀ) ଦ୍ୱିତୀୟ ଏବଂ ବିପ୍ଳବ ମଲ୍ଲିକ (୮ମ ଶ୍ରେଣୀ) ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ଝୁନୁଲତା ସାବତ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରିୟାନୁଷ୍ଠାନ କମିଟିର ଜଳ ସତ୍ୟାଗ୍ରହ

**ବଲାଙ୍ଗୀର,୨୫।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**



ଜଳ ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ସତ୍ୟାଗ୍ରହୀମାନେ।

**ତାଳପାଲି ବନ୍ଧର ପୁନରୁଦ୍ଧାର ଦାବି**

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ତାଳପାଲି ବନ୍ଧର ପଙ୍କୋଦ୍ଧାର ଓ ସଫେଇ ଦାବିରେ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜଳ ସତ୍ୟାଗ୍ରହ କରାଯାଇଥିଲା। କିଛିଦିନ ପୂର୍ବରୁ କ୍ରିୟାନୁଷ୍ଠାନ କମିଟି ଡାକରାରେ ଅଞ୍ଚଳବାସୀ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳ ଏବଂ ପୌରାଧ୍ୟକ୍ଷଙ୍କୁ ଲିଖିତ ଜଣାଇଥିଲେ । ରାଜ୍ୟ ସରକାର ସହରର ବନ୍ଧକଟାର ଉନ୍ନତିକରଣ ପାଇଁ ଅନୁଦାନ ଦେଇଛନ୍ତି । କିନ୍ତୁ ଜଳାଶୟ ସଫେଇ ଏବଂ ପୁନରୁଦ୍ଧାର ହେଉନାହିଁ। ଫଳରେ ଜଳାଶୟ ପାଣି ବ୍ୟବହାରଯୋଗ୍ୟ ହେଉନାହିଁ। ଅନେକ ଚର୍ମରୋଗର ଶିକାର ହେଉଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଜଳ ସତ୍ୟାଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୩ର କ୍ରିୟାନୁଷ୍ଠାନ କମିଟି ସଭାପତି ବଜରଙ୍ଗ ବନଛୋର ଓ ୱାର୍ଡନମ୍ବର ୪ର କ୍ରିୟାନୁଷ୍ଠାନ କମିଟି ସଭାପତି ତଥା କାଉନସିଲର ଅରବିନ୍ଦ ପରୁଆ, କାଉନସିଲର ରଜନୀ ବନଛୋର, ଯୁଗେଶ୍ୱରୀ ତରିଆ, ସୁମିତ୍ରା ବିଶି, ସଙ୍ଗୀତା ପୁଟେଲ, ନିର୍ମଳ ଖୁଣ୍ଟିଆ, ଗୌରୀ ମିଶ୍ର, ଲକ୍ଷ୍ମୀ ପୁଟେଲ, ଅମିତା ପରୁଆ, ଅନିତା ବାଗ, ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲା ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜିଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର, ଅଭିନାଶ ପ୍ରସାଦ ସାଏ, ଜୁଲୁ ପଟ୍ଟନାୟକ, ନାସିର ଖାନ, ମହମ୍ମଦ ଅକବର, ଟୁନା ହୋତା, ଭିକାରୀ ସାହୁ, ଜ୍ୟୋତିଷ ମୁଗ୍ରୀ, ଅଜିତ ମହାନନ୍ଦ ଉପସ୍ଥିତ ଥିଲେ ।

## ୱାର୍ଡ ନମ୍ବର ୨ରେ ନର୍ଦ୍ଦମାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ

**ଖଡ଼ିଆଳ,୨୫।୭(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନମ୍ବର୍ ୨ରେ ନାଳ ନର୍ଦ୍ଦମା ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା ନାହିଁ। ଫଳରେ ଏଭଳି ଦୂଷିତ ଜଳ ଅଟକି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଡେଙ୍ଗୁ, ମେଲେରିଆ ବୃଦ୍ଧି ହେବା ଘଟଣାକୁ ଏଡ଼ାଇ ଦିଆଯାଇ ନ ପାରେ। ଖଡ଼ିଆଳ ଥାନା ପଟୁ ୱାର୍ଡ ନମ୍ବର ୨ ଦେଇ କୋଟିପଦର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଉପରେ ଏକାଧିକ ପୋଲ ନିର୍ମାଣ ହୋଇଥିଲା। ଏହି ପୋଲଗୁଡ଼ିକୁ ଜମି କ୍ରୟ କରି ସମସ୍ତେ ବର୍ଷାଜଳ ନିଷ୍କାସନ ପଥକୁ ବନ୍ଦ କରି ଦେଇଛନ୍ତି। ଫଳରେ ବର୍ଷା ଜଳ ସହ ନାଳ ନର୍ଦ୍ଦମା ଜଳ ନିଷ୍କାସନ ନ ହୋଇ ଅଟକି ରହିଛି। ଏହା ଦ୍ୱାରା ପଡ଼ାବାସୀ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ନିରୀହ ବ୍ୟକ୍ତିଙ୍କ ଜମିରେ ନର୍ଦ୍ଦମା ଜଳ ଅଟକି ରହିବା କାରଣରୁ ନିଜ ଅର୍ଦ୍ଧ ନିର୍ମିତ ଆବାସ ଗୃହ ନିର୍ମାଣ କାର୍ଯ୍ୟ ମଧ ବନ୍ଦ କରି ଦେଇଛନ୍ତି। ଏହାର ସୁବ୍ୟବସ୍ଥା ପାଇଁ ପଡାବାସୀ ଦାବି କରିଛନ୍ତି।

# ସ୍ୱେଚ୍ଛାସେବୀ ସଙ୍ଗଠନର ସଚେତନତା ବାର୍ତ୍ତା



କେଦାରନାଥ ପୀଠ ସମ୍ମୁଖରେ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟଙ୍କ ପରିବେଶ ସଚେତନତା ବାର୍ତ୍ତା।

**ବଲାଙ୍ଗୀର,୨୫।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀରରୁ ବାହାରି ଉତ୍ତରାଖଣ୍ଡସ୍ଥିତ ତେର ହଜାର ଫୁଟ ଉପରେ ଥିବା ବାବା କେଦାରନାଥ ମନ୍ଦିର ପରିସରରେ ପହଞ୍ଚି ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ସ୍ୱେଚ୍ଛାସେବୀମାନେ ଧରାପୃଷ୍ଠକୁ ସବୁଜମୟ ଆମର ଲକ୍ଷ୍ୟ, ଗୋଟିଏ ଜୀବନ ଅଟେ ଗୋଟିଏ ବୃକ୍ଷ ବାର୍ତ୍ତା ଦେଇଛନ୍ତି। ସେଠାରୁ ସଙ୍ଗଠନ ସଦସ୍ୟମାନେ ଏଭଳି ବାର୍ତ୍ତା ଦେଇ ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି। ଆଗାମୀ ଦିନରେ ସଙ୍ଗଠନ ପକ୍ଷରୁ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହି ଅବସରରେ ପରିବେଶ ସୁରକ୍ଷା ସହ ସମସ୍ତଙ୍କ ମଙ୍ଗଳବିଧାନ ପାଇଁ ସଙ୍ଗଠନ ସଦସ୍ଯମାନେ ବାବା କେଦାରନାଥଙ୍କ ଠାରେ ପ୍ରାର୍ଥନା କରିଥିବା ଜଣାଇଛନ୍ତି।

# ଖଡ଼ିଆଳ ଉମେଶ ବାଟିକା ପଡ଼ା ରାସ୍ତା ଶୋଚନୀୟ

**ଖଡ଼ିଆଳ,୨୫।୭(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ସହର ବିଦ୍ୟୁତ୍ ଷ୍ଟକଚରସ୍ଥିତ ଉମେଶ ବାଟିକାପଡା ରାସ୍ତା ଶୋଚନୀୟ ହୋଇପଡିଛି। ଏହି ରାସ୍ତା ପ୍ରତିଦିନ ଶତାଧିକ ଯାନବାହନ ସହିତ ଲୋକମାନେ ଯାତାୟାତ କରିଥାନ୍ତି। ଏହି ରାସ୍ତା ଦେଇ ଅନେକ ସରକାରୀ ଓ ବେସରକାରୀ ବିଦ୍ୟାଳୟ ରହିଛି। ପୁଣି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତରମାନେ ରହୁଥିବାରୁ ରୋଗୀମାନେ ଡାକ୍ତର ପାଖକୁ ଚିକିତ୍ସା କରିବାକୁ ଯାଉଛନ୍ତି। ରାସ୍ତା ଚଳିତ ବର୍ଷାରେ ଅତି ଶୋଚନୀୟ ହୋଇପଡିଛି। ସ୍ଥାନେ ସ୍ଥାନେ ଗର୍ତ୍ତ ହୋଇ ପାଣି ଜମିଥିବାରୁ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଛି। ଖଡ଼ିଆଳ ଏନ୍‌ଏସି ଏହି ରାସ୍ତା ପ୍ରତି ଧ୍ୟାନଦେବା ପାଇଁ ପଡାର ଲକ୍ଷ୍ମୀଧର ବାଗ ଦାବି କରିଛନ୍ତି।

# ବରିଷ୍ଠ ନାଗରିକ ସଂଘ ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି


ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘ ବୈଠକରେ ଉପସ୍ଥିତ ସଦସ୍ୟ।

**ବଲାଙ୍ଗୀର,୨୫।୭**
**(ବୀରେନ୍ଦ୍ର କୁମାର ଝାଙ୍କର)**

ସ୍ଥାନୀୟନରସିଂହ ମନ୍ଦିର ପ୍ରାଙ୍ଗଣରେ ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ସଂଘର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ସଂଘ କାର୍ଯ୍ୟକାରିଣୀ ସଭ୍ୟାସଭ୍ୟ, ନିମନ୍ତ୍ରିତ ସଭ୍ୟ ଯୋଗ ଦେଇଥିଲେ। ବୈଠକରେ ଆସନ୍ତା ୨୭ ତାରିଖରେ ସ୍ଥାନୀୟ ହୋଟେଲ ତ୍ରିବେଣୀଠାରେ ହେବାକୁ ଥିବା ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଉତ୍ସବରେ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି, ଫସ୍‌କୋ ସମ୍ପାଦକ ଯୁଗଳ କିଶୋର ସାହୁ ଅତିଥି ଭାବେ ଯୋଗଦାନ କରିବା କାର୍ଯ୍ୟକ୍ରମ ରହିଛି। ଏଥିରେ ଯୋଗଦେବା ପାଇଁ ଅନ୍ୟ ଜିଲା ତଥା ସବ୍‌ଡିଭିଜନ କର୍ମକର୍ତ୍ତାମାନଙ୍କୁ ନିମନ୍ତ୍ରିତ କରାଯାଇଛି। ସଭାରେ ମୁଖ୍ୟ ଉପଦେଷ୍ଟା ବିକ୍ରମାନନ୍ଦ ବହିଦାର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ସୁବାସ ଚନ୍ଦ୍ର ପଣ୍ଡା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିବ ପ୍ରସାଦ ଖୁଆସ, ଯଥା ବିଶ୍ୱାଳ, ମଦନ ପାଣିଗ୍ରାହୀ, ଶଶୀଭୂଷଣ ପୁରୋହିତ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଉମାକାନ୍ତ ପାତ୍ର, ବିପିନ ବିହାରୀ ପଣ୍ଡା, ରାଧାକାନ୍ତ ମେହେର, ଗୋପବନ୍ଧୁ ପୁରୋହିତ, ପର୍ଶୁରାମ ନାଏକ, ଜ୍ୟୋତ୍ସ୍ନା ନନ୍ଦ, ପ୍ରଭାସିନୀ ବାବୁ, ସରୋଜିନୀ ପଣ୍ଡା, ପ୍ରତିମା ମିଶ୍ର, ବିଦ୍ୟୁତପ୍ରଭା ପଣ୍ଡା ଯୋଗ ଦେଇଥିଲେ । ସମ୍ପାଦକ ବସନ୍ତ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆରମ୍ଭ ହେଲା ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

**ବୌଦ୍ଧ,୨୫।୭(ଅଜିତ କୁମାର ବାରିକ)**



ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ ।

**ବୌଦ୍ଧ ଜିଲା**

ମଙ୍ଗଳବାର ଦିନ ବୌଦ୍ଧ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ଦ୍ୱାରା ଜିଲାରେ ନୂତନ ଭାବେ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଲିଙ୍ଗ ନିରୂପଣ ରୋକିବା, କନ୍ୟା ସନ୍ତାନର ସ୍ୱାସ୍ଥ୍ୟ, ପୁଷ୍ଟି ନିରାପତ୍ତା ଏବଂ ବଞ୍ଚି ରହିବା ସୁନିଶ୍ଚିତ କରିବା, ଝିଅମାନେ ବିଦ୍ୟାଳୟକୁ ଯିବା ଏବଂ ବିଦ୍ୟାଳୟରେ ଉପସ୍ଥାନ ହାର ବଢାଇବା ନିଶ୍ଚିତ କରିବା, କନ୍ୟା ଶିଶୁର ଗୁରୁତ୍ୱ ସମ୍ପର୍କରେ ଗୋଷ୍ଠୀ ଏବଂ ସମସ୍ତ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମ କରାଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଦେବା ସହ ପାୱାର ପଏଣ୍ଟ ମାଧ୍ୟମରେ ବୌଦ୍ଧ ଜିଲାର ସ୍ୱାକ୍ଷରତା ହାର, ଲିଙ୍ଗଗତ ଅସମାନତା ଏବଂ ବାଲ୍ୟ ବିବାହ କ୍ଷେତ୍ରରେ ଜିଲାର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲାପାଳ ନୃସିଂହ ଚରଣ ସ୍ୱାଇଁ ଯୋଗଦେଇ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଜିଲାରେ କନ୍ୟାଭ୍ରୁଣ ହତ୍ୟା, ବାଲ୍ୟ ବିବାହ ରୋକିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଶିକ୍ଷା କ୍ଷେତ୍ରରେ ଝିଅମାନେ ଅଗ୍ରଣୀ ଭୂମିକା ନିର୍ବାହ କରିବ ବୋଲି ମତପୋଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପ-ଜିଲାପାଳ ରବୀନ୍ଦ୍ର ନାଥ କହଁର ଯୋଗଦେଇ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ଓ ଝିଅମାନଙ୍କ ପାଇଁ ଗ୍ରାମ୍ୟସ୍ତରରେ ସଚେତନତା ସୃଷ୍ଟି କରି ଝିଅ ହେଲେ ପାଠୋଇ ଦେଶ ଯିବ ଆଗେଇ ସ୍ଲୋଗାନ ଦେବାକୁ ପରାମର୍ଶ ଦେଇଥିଲେ। ରାଜେନ୍ଦ୍ର ମେହେର ସି.ଇ.ଓ ୱାଇ.ସି.ଡି.ଏ. ଯୋଗଦେଇ ବୌଦ୍ଧ ଜିଲାରେ ବାଳିକା ଶିକ୍ଷା ଉପରେ ନିଜର ଗବେଷଣାତ୍ମକ ତଥ୍ୟ ଉପସ୍ଥାପନା କରିଥିଲେ। ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରିଣୀ ଡ. ସଂଘମିତ୍ରା ପଣ୍ଡା ଯୋଗଦେଇ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ଜନ୍ମ ସଂକ୍ରାନ୍ତ କୌଶଳ ଅଧିନିୟମର କାର୍ଯ୍ୟକାରିତା, ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଆନିମିଆ ମୁକ୍ତଭାରତ ଅଭିଯାନ ଅମ୍ଳାନ, ଖୁସି ନାପକିନ ବ୍ୟବସ୍ଥା ଉପରେ କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ସୁବାସ ଚନ୍ଦ୍ର ସାମଲ ଯୋଗଦେଇ ଅଦ୍ୱିକା, ପୋଷଣ ଆଦି ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଯୋଗଦେଇ ଝିଅ ପିଲାଙ୍କ ଶିକ୍ଷା ତଥା ଶିକ୍ଷାବିଭାଗ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ କହିଥିଲେ। ଏହି ଅବସରରେ ଝିଅମାନଙ୍କ ମଧ୍ୟରେ ସର୍ବାଧିକ ନମ୍ବର ରଖି ଚଳିତବର୍ଷ ଦଶମ ଶ୍ରେଣୀ ସିବିଏସଇ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଜ୍ଞା ପ୍ରିୟଦର୍ଶିନୀ, ମୁସ୍କାନ ମିଶ୍ର, ଅର୍ପିତା ସ୍ୱୟଂଶ୍ରୀ ମିଶ୍ର, ସାଞ୍ଚି ଅଗ୍ରୱାଲ ଓ ବିଏସଇ ବୋର୍ଡ ଉତ୍ତୀର୍ଣ୍ଣ ହୋଇଥିବା ଅର୍ପିତା ପ୍ରିୟଦର୍ଶିନୀ ଶତପଥୀ, ଅପର୍ଣ୍ଣା ମହାପାତ୍ର, ସାନିଆ ଦେହୁରୀ ଏବଂ ଦ୍ୱାଦଶ ଶ୍ରେଣୀ ସିବିଏସଇ ବୋର୍ଡରେ ପ୍ରଜ୍ଞା ପାରମିତା ପ୍ରଧାନ, ଶ୍ୱେତସ୍ୱିନୀ ପ୍ରଧାନ, ତୋସ୍ମିନି ମେହେର ଓ ସିଏଚଏସଇରେ ଲିପ୍ସାରାଣୀ ସେଠୀ, ସୁଚିସ୍ମିତା ପ୍ରଧାନ, ଅନା ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତିକାନ୍ତି ବଳିଆରସିଂହ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଓ ସଦସ୍ୟ, ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ, ସୁପରଭାଇଜର, ୱାଇସିଡିଏ, ରେଆର, ଏଲକେବିକେ, ରାମକୃଷ୍ଣ ବାଳାଶ୍ରମ, ହାରଭେଷ୍ଟ ବ୍ଲେସିଂହୋମ ଆଦି ଅନୁଷ୍ଠାନ ସହ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ଶିଶୁ ସୁରକ୍ଷା ୟୁନିଟ ର ରାଜେନ୍ଦ୍ର ମଲିକ, ସହଦେବ ନାଏକ, ବସନ୍ତ ଦିଶିରି, ସମରସେନ ସିଂହ, ଚିତ୍ରସେନ ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୁଶାନ୍ତ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ନିଆଁ ଲାଗି ଜଳିଗଲା ଦୁଇ ବଖରା

ଲହୁଣୀପଡା (ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଖୁଣ୍ଟୁଗାଁ ପଞ୍ଚାୟତ ଖୁଣ୍ଟୁଗାଁ ଗ୍ରାମର ବିପିନ ସିଂଙ୍କ ଘରେ ମଙ୍ଗଳବାର ସନ୍ଧ୍ୟା ସମୟରେ ହଠାତ ନିଆଁ ଲାଗି ଯିବାରୁ ଦୁଇଟି ବଖରା ଘର ପୋଡି ନଷ୍ଟ ହୋଇଛି। ଏହା ସହିତ ସେହି ଘର ଭିତରେ ଥିବା ଆସବାବପତ୍ର ପୋଡିଜଳି ପାଉଁଶ ହୋଇଯାଇଥିବା ଜଣାପଡିଛି। ସନ୍ଧ୍ୟା ସମୟରେ ବିପିନ ସିଂଙ୍କ ପରିବାରର ସଦସ୍ୟମାନେ କୌଣସି କାମ ପାଇଁ ଅନ୍ୟତ୍ର ଯାଇଥିବାବେଳେ ଘର ଭିତରେ କେବଳ ଜଣେ ବୟସ୍କ ଲୋକ ଥିଲେ। ଘର ଭିତରୁ ହଠାତ ଜଳୁଥିବା ନିଆଁ ଦେଖି ପଡ଼ିଶା ଲୋକମାନେ ଯାଇ ବୃଦ୍ଧଙ୍କୁ ଉଦ୍ଧାର କରିବା ସହିତ ନିଆଁ କୁ ଆୟତ୍ତ କରିଥିଲେ।

## ଅପହରଣ ମାମଲା: ଅଭିଯୁକ୍ତଙ୍କୁ ଗିରଫ କଲା ଝାଡ଼ଖଣ୍ଡ ପୋଲିସ

ବଡ଼ଗାଁ, ୨୫।୭(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସେମଲବାହାଲ ଗ୍ରାମର ଅପହରଣ ମାମଲାରେ ଅଭିଯୁକ୍ତ ଥିବା ଜଣେ ଯୁବକଙ୍କୁ ଝାଡ଼ଖଣ୍ଡ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ତପକରା ଗାଁ ନିକଟରେ ଆଶ୍ରମ କରିଥିବା ଜଣେ ମହିଳାଙ୍କ ଅପହରଣ ହୋଇଥିବା ନେଇ ସ୍ଥାନୀୟ ପୋଲିସରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ତଦନ୍ତ କଲାବେଳେ ଅପହୃତ ମହିଳାଙ୍କ ସହିତ ଯୋଗାଯୋଗରେ ଥିବା ବଡ଼ଗାଁ ଥାନା ଅନ୍ତର୍ଗତ ସେମେଲବାହାଲ ଗାଁର ସୁଶିଲ ଛତ୍ରିଆ (୩୬)ଙ୍କୁ ପୋଲିସ ଗିରଫ କରି ଝାଡ଼ଖଣ୍ଡକୁ ନେଇଛି। ସୁଶିଲ କିଛିଦିନ ପୂର୍ବେ ମହିଳାଙ୍କ ଆଶ୍ରମରେ ରହିଆସୁଥିଲେ।

# ବଢୁଛି ଅନ୍‌ଲାଇନ ଟଙ୍କା ଠକେଇ

ସୁନ୍ଦରଗଡ଼,୨୫।୭(ଜୟନାରାୟଣ ମେଣ୍ଟୁଳି)

ବିଭିନ୍ନ ଗଣମାଧ୍ୟମ, ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସଚେତନତା ସୃଷ୍ଟି କରା ଯାଉଥିଲେ ମଧ ମୋବାଇଲ ବ୍ୟବହାରକାରୀଙ୍କ ଛୋଟ ଛୋଟ ଭୁଲ ପାଇଁ ଏବେ ଅନଲାଇନ ଟଙ୍କା ଠକେଇ ଘଟଣା ବଢ଼ିବାରେ ଲାଗିଛି। ଏହି ସାଇବର ଠକଙ୍କ ଠକେଇର ଶିକାର ହେଉଥିବା ଲୋକେ ଏବେ ପୋଲିସର ଦ୍ୱାରସ୍ଥ ହେଉଥିବା ଦେଖିବାକୁ ମିଳୁଛି। ସୁନ୍ଦରଗଡ଼ ସହରରେ ସୋମବାର ଏଭଳି ୪ଟି ଅନଲାଇନ ଟଙ୍କା ଠକେଇ ଘଟଣା ଘଟିଥିବାର ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ମଧ୍ୟରେ ସୁନ୍ଦରଗଡ଼ ମୁଖ୍ୟ ଡାକଘର ସମ୍ମୁଖରେ ଇଟିଲି ବ୍ୟବସାୟ କରୁଥିବା ଜଗନ୍ନାଥ ସାହୁଙ୍କ ସହ ଘଟିଛି। ସେ ଅପରାହ୍ନରେ ଘରେ ବିଶ୍ରାମ ନେଉଥିଲାବେଳେ ତାଙ୍କୁ ଏକ ନମ୍ବରରୁ ଫୋନ ଆସିଥିଲା, ଯେଉଁଥିରେ ତାଙ୍କର ଗିଫ୍ଟ ଭାଉଚର ଲାଗିଥିବା ନେଇ କହିବା ସହ କିଛି ମୋବାଇଲରେ ଅପସନ ପ୍ରଦାନ କରିବାକୁ କହିଥିଲେ। ଏହା ଜଗନ୍ନାଥ କରିବା ପରେ ତୁରନ୍ତ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରଥମେ ୧୪ ହଜାର ଟଙ୍କା କଟିବା ମେସେଜ ଆସିଥିଲା, ପରେ ଫୋନରେ ଶୀଘ୍ର ତୁମ ସମସ୍ତ ଟଙ୍କା ଫେରିପାଇବ କହି ଦ୍ୱିତୀୟ ଫୋନ ଆସିଥିଲା ଏବଂ ଆଉ କିଛି ବ୍ୟାଙ୍କ ସୂଚନା ଦିଅନ୍ତୁ କହିଥିଲେ। ପ୍ରଥମେ ଜଗନ୍ନାଥ ଏହା ବୁଝି ନ ପାରି ତାଙ୍କ ପୁଅ ଶିବମକୁ ଦେଇଥିଲେ। ସେ ଟଙ୍କା ଫେରିପାଇବା ଆଶାରେ ମୋବାଇଲ ଯୋଗେ ଆଉ କିଛି ସୂଚନା ପ୍ରଦାନ କରିବା ପରେ ପୁନର୍ବାର ୩୦ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ କଟିଗଲା। ତଥାପି ସେ ଟଙ୍କା ଫେରି ପାଇବା ନେଇ ଆଶା ରଖିଥିଲେ। ସକାଳ ପର୍ଯ୍ୟନ୍ତ ଟଙ୍କା ନ ଫେରି ପାଇବାରୁ ଠକାମୀର ଶିକାର ହୋଇଥିବା ଜାଣି ଟାଉନ ଥାନାରେ ଏକ ଏତଲା ଦେଇଛନ୍ତି। ସେହିପରି ଏକ ବିଦ୍ୟାଳୟ ଶିକ୍ଷୟିତ୍ରୀଙ୍କ ଆକାଉଣ୍ଟରୁ ୨୦ ହଜାର, ଅନ୍ୟ ଜଣେ ଶିକ୍ଷୟିତ୍ରୀଙ୍କ ଆକାଉଣ୍ଟରୁ ଓ ଅନ୍ୟ ଜଣେ ଶିକ୍ଷକଙ୍କ ଆକାଉଣ୍ଟରୁ ଅନୁରୂପ ଭାବେ ଅନଲାଇନ ଟଙ୍କା ଠକେଇ ହୋଇଥିବା ନେଇ ଟାଉନ ଥାନାରେ ରିପୋର୍ଟ ହୋଇଛି। ଯାହାକୁ ନେଇ ପୋଲିସ ଅନୁସନ୍ଧାନ ଆରମ୍ଭ କରିବା ସହିତ ଏଭଳି ଅଜଣା ବ୍ୟକ୍ତିଙ୍କ ଫୋନ କଲ କିମ୍ବା ମେସେଜ ସତର୍କ ରହିବାକୁ ଜନସାଧାରଣଙ୍କୁ ପୋଲିସ ଅନୁରୋଧ କରିଛି।

## ମହରମ ପାଳନ ନେଇ ପ୍ରଶାସନ ତରଫରୁ ବୈଠକ

ରାଜଗାଙ୍ଗପୁର, ୨୫।୭(ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରରେ ଶାନ୍ତିଶୃଙ୍ଖଳାରେ ମହରମ ପର୍ବ ପାଳନକୁ ନେଇ ସହରସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ପ୍ରଶାସନ ତରଫରୁ ଏକ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ପ୍ରଶାସନ ତରଫରୁ କିଭଳି ଶାନ୍ତିଶୃଙ୍ଖଳାର ସହ ପର୍ବ ପାଳନ ହେବ, ସହରରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହେବ ସେନେଇ ଆଲୋଚନା ହୋଇଥିଲା। ଏହା ସହ ଭାଇଚାରା ବଜାଇ ରଖିବା ଦିଗରେ ଦୃଷ୍ଟି ଦେବା ସହ ପୋଲିସ ପ୍ରଶାସନ ତରଫରୁ କିଭଳି ସୁରକ୍ଷା ରହିବ ଓ ଅନ୍ୟାନ ବିଷୟରେ ଆଲୋଚନା ହୋଇଥିଲା। ମହରମ ଶୋଭାଯାତ୍ରାରେ କିଭଳି ଶାନ୍ତିଶୃଙ୍ଖଳାର ସହ ସହରରେ ଅନୁଷ୍ଠିତ ହେବ ସେ ନେଇ ବିସ୍ତୃତ ଆଲୋଚନା ମଧ ହୋଇଥିଲା। ଏହି ବୈଠକରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ର ମାଝୀ, ଉପଜିଲାପାଳ ଦାଶରଥି ସରାବୁ, ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ, ରାଜଗାଙ୍ଗପୁର ପୌର ଅଧକ୍ଷା ମାଧୁରୀ ଲୁଗୁନ, ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନା, ରାଜଗାଙ୍ଗପୁର ଥାନା ଏସ୍‌ଆଇ ପ୍ରୀତିରଞ୍ଜନ ପରିଡା,ଏଏସଆଇ ହେମନ୍ତ ଧାରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ଯେପରି ବଜାଇ ରହିବ ସେ ନେଇ ନିଷ୍ପତ୍ତି ହୋଇଥିଲା।



ମହରମ ପର୍ବ ପାଳନକୁ ନେଇ ବୈଠକରେ ବିଧାୟକ, ଅଧିକାରୀ ଓ ଅନ୍ୟମାନେ।

## ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା



କୁତ୍ରା ବ୍ଲକର ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

କୁତ୍ରା, ୨୫।୭(ଦେବାଶୀଷ ସାହୁ)

**ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ ପକ୍ଷରୁ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ମେଧାବୀ ସମ୍ବର୍ଦ୍ଧିତ**

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣାଠାରେ ଅବସ୍ଥିତ ଜେଏସ୍‌ଡବ୍ଲ୍ୟୁର ଶିବା ସିମେଣ୍ଟ କାରଖାନା ପକ୍ଷରୁ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା କରାଯାଇଛି। କାରଖାନା ମୁଖ୍ୟ ଅନିଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ଗତ ମାଟ୍ରିକ ପରୀକ୍ଷାରେ ଏ୧ ଓ ଏ୨ ରଖି ପାଶ ହୋଇଥିବା କୁତ୍ରା ବ୍ଲକର ୨୧ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ସହିତ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଏବଂ ଶିକ୍ଷା କିଟ୍ ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ଉପସ୍ଥିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତକୁ ଦୃଷ୍ଟିରେ ରଖି ବର୍ତ୍ତମାନଠାରୁ ଲକ୍ଷ୍ୟ ସ୍ଥିର କରିବା ସହ ତାକୁ ସାକାର କରିବା ପାଇଁ ନିଷ୍ଠାର ସହ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି ଶୃଙ୍ଖଳା ହିଁ ସଫଳତାର ଚାବିକାଠି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବିଇଓ ଶରତ କୁମାର ପତି, ଶିବା ସିମେଣ୍ଟ ଅପରେସନ ବିଭାଗ ମୁଖ୍ୟ ଅନୀଲ ସିଂ,ଏଚଆର ବିଭାଗ ମୁଖ୍ୟ କୌଶିକ ସେନଗୁପ୍ତା, ଅନୁପମ ମିଶ୍ର, ଗତିକୃଷ୍ଣ ପଣ୍ଡା, ଓଏଚସି ବିଭାଗ ମୁଖ୍ୟ ଆମ୍ରଜା ପଟ୍ଟନାୟକ, ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାଣିନୀ, ଲୋକନାଥ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଏବିଇଓ, ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ କୁତ୍ରା ବ୍ଲକର କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ୧୪ ଜଣ, କହପାଣି ଦିବ୍ୟଜ୍ୟୋତି ଉଚ୍ଚ ବିଦ୍ୟାଳୟର ଜଣେ, ଡାହିଜିରା ବାଳିକା ଉଚ୍ଚ ବିଦ୍ୟାଳୟର ୨ ଜଣ, ତରକେରା ଉଚ୍ଚ ବିଦ୍ୟାଳୟର ୨ଜଣ, କିଙ୍ଗିଂସେରା ଉଚ୍ଚ ବିଦ୍ୟାଳୟର ଜଣେ, ପଞ୍ଚରା ଉଚ୍ଚ ବିଦ୍ୟାଳୟର ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ବିଦ୍ୟାଳୟରେ ପାଠପଢ଼ା ସହ ସେମାନଙ୍କ ସଫଳତାର ଅନୁଭୂତି ବିଷୟରେ କରିଥିଲେ। କାର୍ଯ୍ୟକ୍ରମକୁ ଶିବା ସିମେଣ୍ଟ ସିଏସ୍‌ଆର ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ ପରିଚାଳନା କରିଥିବା ବେଳେ ଏହି ବିଭାଗର ଅଧିକାରୀ ଅଲେଖ କୁମାର ଦଳାଇ ଏବଂ ଲିମା ରୋଜ ଲାକ୍ରା ସହଯୋଗ କରିଥିଲେ।

## ୨ ଟ୍ରକ୍ ମଧ୍ୟରେ ଧକ୍କା, ଜଣେ ମୃତ

କୁଆଁରମୁଣ୍ଡା,୨୫।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଲାସେ ନିକଟରେ ସୋମବାର ବିଳମ୍ବିତ ରାତିରେ ୨ମାଲବାହୀ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆରଜେ୧୪ଜିକେ ୭୪୫୮ର ଚାଳକ ସରବର ଆଲମ(୨୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଛି। ଖବରପାଇ ବୀରମିତ୍ରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସରବରଙ୍କ ମୃତଦେହ ଜବତ କରିବା ସହ ଟ୍ରକଦ୍ୱୟକୁ ଜବତ କରି ଥାନାକୁ ଆଣିଛି। ଅନ୍ୟପକ୍ଷେ ଦୁର୍ଘଟଣା ପରେ ଏଚଆର ୬୩ଇ ୨୬୯୬ ଟ୍ରକର ଚାଳକ ଓ ଖଲାସୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ମୃତ ଟ୍ରକ ଚାଳକ ସରବରଙ୍କ ଘର ଝାଡଖଣ୍ଡ ରାଜ୍ୟର ଲାତେହାର ଅଞ୍ଚଳରେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ।ମାମଲା ରୁଜୁ କରିଛି।

# ସମସ୍ୟା ଘେରରେ ଦେବଗଡ଼ ପୌର ପରିଷଦ

ଦେବଗଡ଼,୨୫।୭(ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ଼ ପୌର ପରିଷଦ କାର୍ଯ୍ୟାଳୟ**



- ଅଧିକ ଦିନ ଛୁଟିରେ ରହୁଛନ୍ତି ପୌର କର୍ମଚାରୀ
- ପୌର ପରିଷଦର ସବୁ କାମ ଠପ୍
- ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ
- ଦୁର୍ଗନ୍ଧରେ ଫାଟି ପଡୁଛି ସହରାଞ୍ଚଳ

ଦେବଗଡ଼ ପୌର ପରିଷଦ ସମସ୍ୟା ଘେରରେ ରହିଛି। ଫଳରେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ୧୧ଟି ୱାର୍ଡ ରହିଛି। ଏହି ପୌର ପରିଷଦ ବହୁତ ପୁରୁଣା ଏବଂ ଶତବାର୍ଷିକୀ ପାଳନ କରିସାରିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଆଜି ଏହି ପୌରପାଳିକା ସମସ୍ୟା ଘେରରେ ରହିଛି। କହିବାକୁ ଗଲେ, ନାହିଁ ନାହିଁରେ ଚାଲିଛି ଦେବଗଡ଼ ପୌରପାଳିକା। କର୍ମଚାରୀ ଅଭାବ। ଏପଟେ କେତେଜଣ କର୍ମଚାରୀ, ଅଧିକାରୀ ଅଧିକ ଦିନ ଛୁଟି ନେଇ ରହୁଛନ୍ତି। ଫଳରେ ବିଭିନ୍ନ ସମସ୍ୟା ଭିତରେ ଗତି କରୁଛି ପୌର ପରିଷଦ। ନିର୍ବାଚନ ଶେଷ ହୋଇ ଦାୟିତ୍ୱ ନେବାର ୧ ବର୍ଷରୁ ଉର୍ଦ୍ଧ୍ୱ ହୋଇସାରିଛି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଆଜି ପର୍ଯ୍ୟନ୍ତ ସବୁ କାମ ବନ୍ଦ ହୋଇ ପଡ଼ିରହିଛି। ସେଥିପାଇଁ ସହରବାସୀ ଅତିଷ୍ଠ ହୋଇ ସାରିଲେଣି। ଉନ୍ନତି ତ ଦୂର କଥା ସାମାନ୍ୟ କାମ ପାଇଁ ମଧ ଲୋକେ ହଇରାଣ ହେଉଛନ୍ତି। ଏଇଠି ଦୀର୍ଘ ବର୍ଷ ହେବ କେହି ସ୍ଥାୟୀ ପୌର ନିର୍ବାହୀ ଅଧିକାରୀ ନାହାନ୍ତି। ଫଳରେ ଛୋଟ ଛୋଟ କାମ ପାଇଁ ମଧ୍ୟ ସହରବାସୀ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ପ୍ରତ୍ୟେକ କାର୍ଯ୍ୟରେ ପୌର ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଦରକାର ପଡ଼ିଥାଏ। କିନ୍ତୁ ବର୍ତ୍ତମାନ ଯିଏ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଅଛନ୍ତି ସେ ନ ଆସିବାରୁ ସରି ଯାଇଥିବା ବ୍ଲିଚିଂ ପାଉଡର, ଫିନାଇଲ, ମଶା ତେଲ ଏପରିକି ଅନେକ ଜିନିଷ ପୌର ପରିଷଦ କାର୍ଯ୍ୟାଳୟକୁ ଆସିପାରୁ ନାହିଁ। ସେଥିପାଇଁ ସହରରେ ପରିମଳ ବ୍ୟବସ୍ଥା ସାଂଘାତିକ ହୋଇଥିବା ଅଭିଯୋଗ ହେଉଛି। ଦୁର୍ଗନ୍ଧରେ ଫାଟି ପଡୁଛି ସହରାଞ୍ଚଳ। କର୍ମଚାରୀ ଦରମା ମଧ ପାଇବାରେ ବହୁତ ବିଳମ୍ବ ହେଉଛି। ଏପଟେ ପୌର ପରିଷଦର ୧୧ଟି ୱାର୍ଡରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେଉଛି। କିନ୍ତୁ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଫିସକୁ ଆସୁ ନ ଥିବାରୁ ଉକ୍ତ କାମର ବିଲ୍ ମଧ୍ୟ ବର୍ଷବର୍ଷ ଧରି ପଡ଼ିରହିଛି। ଫଳରେ ଠିକାଦାର ଓ ଏସ୍‌ଏଚ୍‌ଜି ମହିଳାମାନେ ନିଜର ପ୍ରାପ୍ୟ ପାଇ ନ ଥିବାରୁ ଆର୍ଥିକ ଦୁର୍ଗତିର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ଏହାର କୌଣସି ସ୍ଥାୟୀ ପ୍ରତିକାର ପାଇଁ ଚେଷ୍ଟା ମଧ କରୁ ନ ଥିବା ଜଣାପଡ଼ିଛି। ଏହି ଘଟଣାର ନିଜେ ଜିଲାପାଳ ତଦନ୍ତ କରି ସ୍ଥାୟୀ ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ ହେବା ସୁନିଶ୍ଚିତ ବୋଲି ସହରରେ ଚର୍ଚ୍ଚା ଆରମ୍ଭ ହେଉଛି।

## ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମିଳିତ ଶିକ୍ଷକ ସଂଘର ଦାବିପତ୍ର

କୁତ୍ରା, ୨୫।୭(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ହୋଇଛି। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ବିନା କାରଣରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟରେ ମିଳିତ ଶିକ୍ଷକ ସଂଘ ପକ୍ଷରୁ ଚଢ଼ାଉ କରାଯାଇ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ହେଉଛି କୌଣସି ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କର ତ୍ରୁଟି ବିଷୟରେ ଅବଗତ ନ କରି ସିଧାସଳଖ ଦରମା ବନ୍ଦ କରୁଛନ୍ତି, ଏଣୁ ଦରମା ବନ୍ଦ ଆଦେଶକୁ ତୁରନ୍ତ ପ୍ରତ୍ୟାହାର କରନ୍ତୁ। ବ୍ଲକର ବିଭିନ୍ନ ବିଦ୍ୟାଳୟରେ ନିୟୋଜିତ ଥିବା ଭାରପ୍ରାପ୍ତ ଗଣଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସେମାନଙ୍କ ଦାୟିତ୍ୱରୁ ମୁକ୍ତକରି ତାଙ୍କ ବଦଳରେ ସ୍ଥାୟୀ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଉ। ବିଦ୍ୟାଳୟ ପରିଦର୍ଶନ ସମୟରେ ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ସମ୍ମୁଖରେ ଶିକ୍ଷୟିତ୍ରୀ ଶିକ୍ଷକ ତଥା ରୋଷେୟାମାନଙ୍କୁ ଅସଭ୍ୟ ଭାଷାରେ ମନ୍ତବ୍ୟ ଦେବା ବନ୍ଦ କରନ୍ତୁ, ବିଦ୍ୟାଳୟ ପରିଦର୍ଶନ ସମୟରେ ଉଠାଯାଉଥିବା ବିଭିନ୍ନ ଫଟୋଗୁଡ଼ିକୁ ଅନ୍ୟ ବ୍ଲକ ଗୁଡ଼ିକରେ ଭାଇରାଲ କରାଯାଉଛି। ତେଣୁ ଶିକ୍ଷକ ସମାଜକୁ ମର୍ମାହତ କରୁଛି ଏଣୁ ଏହାକୁ ବନ୍ଦ କରାଯାଉ। ବିଦ୍ୟାଳୟ ପରିଦର୍ଶନକୁ ଅଫିସ କର୍ମଚାରୀଙ୍କ ସହଯୋଗରେ କରାଯାଉ। ବିଦ୍ୟାଳୟ ଶିକ୍ଷାଦାନ ପରେ ୪ ଘଣ୍ଟିକା ପରେ ନିଜ କାର୍ଯ୍ୟପାଇଁ ଅଫିସକୁ ଆସୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅସଦାଚରଣ କରାଯାଉଛି। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଅଭିଯୋଗଗୁଡ଼ିକୁ ଦୁଇଦିନ ମଧ୍ୟରେ ସମାଧାନ କରାଯାଉ। ବର୍ତ୍ତମାନର ଗୋଷ୍ଠୀ ଶିକ୍ଷା ଅଧିକାରୀ ଗତ ମାସରେ ନୂତନ ଭାବରେ କୁତ୍ରାରେ ଯୋଗ ଦେଇଛନ୍ତି। ତେବେ ତାଙ୍କର ଯୋଗଦାନ କରିବାର ମାସେ ନ ହେଉଣୁ ଏଭଳି ବ୍ୟବହାର କରୁଛନ୍ତି ଆଗକୁ ଆଉ କିଭଳି ବ୍ୟବହାର ଦେଖାଇବେ ବୋଲି ଶିକ୍ଷକ ସଂଘ ପକ୍ଷରୁ ପ୍ରଶ୍ନ କରାଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାବିଗୁଡ଼ିକୁ ପୂରଣ କରିବା ସହିତ ତାଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣନ୍ତୁ, ନଚେତ ଆଗାମୀ ଦିନରେ ବଡ଼ଧରଣର ବିକ୍ଷୋଭ କରାଯିବ ବୋଲି ମିଳିତ ଶିକ୍ଷକ ସଂଘ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ କୁମାର ପତିଙ୍କୁ ପଚାରିବାରୁ ମୋର କାର୍ଯ୍ୟ କରୁଛି। ଏମାନେ ମୋ ଉପରେ ମିଛ ଆରୋପ ଲଗାଉଥିବା କହିବା ସହିତ ଜିଲା ଶିକ୍ଷା ଅଧିକାରୀଙ୍କୁ ସମସ୍ତ କଥା ଜଣାଇ ଦେଇଥିବା କହିଛନ୍ତି। ଏଣୁ ଏଦିଗରେ ଜିଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ଶିକ୍ଷକ ସଂଘ ନିବେଦନ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷୟିତ୍ରୀ, ଶିକ୍ଷକ।

# ସରକାରୀ ଜମିରୁ ଉଚ୍ଛେଦ ପାଇଁ ଦାବିକଲେ ଗ୍ରାମବାସୀ

ବଡ଼ଗାଁ, ୨୫।୭(ଅଶୋକ ଷଡଙ୍ଗୀ)

- କୀର୍ତ୍ତନ ମଣ୍ଡପ ଭାଙ୍ଗି କରିଥିଲେ ଘର
- ରାସ୍ତାରେ ଦେଇଥିଲେ ପାଚେରି
- ମାପରେ ବାହାରିଲା ସରକାରୀ ଜମି



ସରପଞ୍ଚଙ୍କ ସହିତ ଗ୍ରାମବାସୀ ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପଟୁଆବେଡା ଗ୍ରାମର କ୍ଷୀର ବେହେରା ଗ୍ରାମର କୀର୍ତ୍ତନ ମଣ୍ଡପ ଜମି ଓ ସମ୍ମୁଖ ମୁଖ୍ୟ ରାସ୍ତା ଜମିକୁ ତାଙ୍କର ବୋଲି ଦାବିକରି କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ଦେଇଥିଲେ। ସେଠାରେ ଘର କରିବା ସହିତ ରାସ୍ତା ଉପରେ ପାଚେରୀ ଦେଇ ଅବରୋଧ କରିଥିଲେ। ଏହା ଉପରେ ଗ୍ରାମବାସୀ ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଜଣାଇଥିଲେ। ଗତ ୨୧ ତାରିଖ ପୋଲିସ ଉପସ୍ଥିତିରେ ତହସିଲଦାରଙ୍କ ସହିତ ୫ ଜଣ ରାଜସ୍ୱ ନୀରିକ୍ଷକ ଜମି ମାପ କଲାପରେ ତାହା ସରକାରୀ ଜମି ଜଣାପଡିଥିଲା। ସେହି ସ୍ଥାନରେ କ୍ଷୀର ବେହେରା କରିଥିବା ଘରକୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ୱାର୍ଡ ମେମ୍ବର ମୁକ୍ତା ସା, ଝସକେତନ୍ ବେହେରା, ସୁନିଲ ନାଏକ, ନକୁଲ ନାଏକ, କ୍ଷେତ୍ର ମୋହନ ପ୍ରଧାନ ପ୍ରମୁଖ ଗ୍ରାମବାସୀ ମଙ୍ଗଳବାର ତହସିଲଦାରଙ୍କୁ ଲିଖିତ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୫ ମସିହାରେ କ୍ଷୀର ବେହେରା କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ସେଠାରେ ଘର ତିଆରି କରିଥିଲେ। ଗ୍ରାମବାସୀ ସରକାରୀ ଜମିରେ ମଣ୍ଡପ ଥିବାରୁ ଭାଙ୍ଗିବାକୁ ମନା କରିଥିଲେ ମଧ ଶୁଣି ନ ଥିଲେ। ଏକ ମାସ ପୂର୍ବେ ଘର ସମ୍ମୁଖ ମୁଖ୍ୟ ରାସ୍ତା ଉପରେ କାଠଗଣ୍ଡି ପୋତି ତାଙ୍କର ଜମି ବୋଲି ଦାବି କରିଥିଲେ। ପ୍ରଥମେ କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ଘର କରିବା ଓ ପରେ ରାସ୍ତା ଅବରୋଧ କରିବା ଦେଖି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ରାସ୍ତା ଅବରୋଧ ନ କରିବାକୁ କହିଥିଲେ ମଧ ସେ ଶୁଣି ନ ଥିଲେ। ଲୋକେ ସମସ୍ୟାରେ ପଡ଼ିବାରୁ କେତେକ ବ୍ୟକ୍ତି ରାସ୍ତାରେ ପୋତିଥିବା କାଠ ଗୁଡ଼ିକୁ ବାହାର କରିଦେଇଥିଲେ। ଏହା ଉପରେ କ୍ଷୀର ବେହେରା ଥାନାରେ ଅଭିଯୋଗ କରିବାରୁ ପୋଲିସ ଗ୍ରାମର ଝସକେତନ୍ ବେହେରା, ଲଳିତା ବେହେରା, କନ୍ଦର୍ପ ସା, କ୍ଷେତ୍ରମୋହନ ପ୍ରଧାନ ଓ ସୁଲୋଚନା ନାଏକଙ୍କ ନାମରେ ମାମଲା ରୁଜୁ କରିଥିଲା। ଜମି ମାପ ନ ହେବା ପର୍ଯ୍ୟନ୍ତ ରାସ୍ତାକୁ ଅବରୋଧ ନ କରିବାକୁ ପୋଲିସ କ୍ଷୀର ବେହେରାଙ୍କୁ କହିଥିଲେ। କିନ୍ତୁ ପୋଲିସର କଥାକୁ ଭ୍ରୁକ୍ଷେପ ନ କରି ଗତ ୨୦ ତାରିଖ କ୍ଷୀର ବେହେରା ରାସ୍ତା ଉପରେ ପାଚେରୀ ନିର୍ମାଣ କରି ଅବରୋଧ କରିଥିଲେ। ଏହାଦେଖି ଗ୍ରାମବାସୀ ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଜଣାଇବାରୁ ପୋଲିସ ଉପସ୍ଥିତିରେ ତହସିଲଦାର ଏବଂ ପାଞ୍ଚ ଜଣ ରାଜସ୍ୱ ନୀରିକ୍ଷକ ଜମି ମାପ କଲାପରେ ସେହି ସ୍ଥାନଟି ସରକାରୀ ଜମି ହୋଇଥିବା ଜଣାପଡିଥିଲା। ଏହା ପରେ ଗ୍ରାମବାସୀ ବୈଠକ କରି ଯେଉଁ କୀର୍ତ୍ତନ ମଣ୍ଡପକୁ ଭାଙ୍ଗି ଘର କରାଯାଇଛି ତାକୁ ଉଚ୍ଛେଦ କରି ସେଠାରେ ସରକାରଙ୍କ ପକ୍ଷରୁ ମିଳିଥିବା ୬ ଲକ୍ଷ ଟଙ୍କାରେ ମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ତହସିଲଦାରଙ୍କୁ ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com



@ ସୌମ୍ୟ ରଞ୍ଜନ



@ ଟିକେଶ୍ୱର



@ ଶେଷଦେବ



@ ଉଚ୍ଛବ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**ମଦ ଜବତ: ଜଣେ ଗିରଫ**

ଉଲୁଣ୍ଡା,(ଉରକ୍ରମ ପାଣ୍ଡିଆ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ବଡ଼ମାଲ ଖେଳପଡିଆଠାରେ ପୋଲିସ ଚଢ଼ାଉ କରି ମଦ ଜବତ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଜଣାପଡିଛି। ସୋମବାର ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ବଡ଼ମାଲ ଖେଳପଡିଆଠାରେ ମଦ ବିକ୍ରି ହେଉଥିବା ଦେଖି ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ସେଠାରୁ ୫୫ଲିଟର ମଦ ଜବତ ହୋଇଛି। ଏହି ଘଟଣାରେ ମଦ ବେପାରୀ ନୀଳାମ୍ବର ମାଝିଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ରାସ୍ତା କଡ଼ରୁ ଯୁବକଙ୍କ ମୃତଦେହ ଜବତ

**ଧର୍ମଗଡ଼,୨୫।୭(ହିଂମାଶୁ ଶେଖର ପଣ୍ଡା):** କଳାହାଣ୍ଡି ଜିଲା ଧର୍ମଗଡ ସହର ନିକଟସ୍ଥ ଗୋଡ଼ଭଞ୍ଜା ଗୋଲେଇ ଛକ ନିକଟରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ସ୍ଥାନୀୟ ପୋଲିସ ଜବତ କରିଛି। ମୃତକ ହେଲେ ଧର୍ମଗଡ଼ ଥାନା ଅନ୍ତର୍ଗତ ଛିଲିପା ଗ୍ରାମର ମଧୁସୂଦନ ନାଏକ (୩୫)। ସୂଚନା ମତେ, ମଧୁସୂଦନ କବାଡି ବ୍ୟବସାୟୀ ହୋଇଥିବା ବେଳେ ସୋମବାର ସକାଳୁ କାମରେ ବାହାରି ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଲୋକେ ବିଜୁ ଏକ୍ସପ୍ରେସ ୱେ ଗୋଡଭଞ୍ଜା ଗୋଲେଇ ଛକ ନିକଟରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଯୁବକଙ୍କ ନିକଟରେ ଏକ ସାଇକଲ ଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ମୃତଦେହ ଚିହ୍ନଟ କରିଛନ୍ତି। ଖବର ପାଇ ଧର୍ମଗଡ଼ ପୋଲିସ ଘଟଣାସ୍ଥଳ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏ ନେଇ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ସୂଚନା ଦେଇଛି।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**କ୍ଷେତ୍ରବାସୀ ହତ୍ୟା ମାମଲା**

**■ଅଭିଯୁକ୍ତ ମା' ଓ ପୁଅ ନିର୍ଦ୍ଦୋଷରେ ଖଲାସ**

**ବୌଦ୍ଧ,୨୫।୭( ଅଜିତ କୁମାର ବାରିକ )** ବୌଦ୍ଧ ଜିଲା ଦୌରାଜଜ୍ ବିକ୍ରମ କୁମାର ପ୍ରଧାନ ମଙ୍ଗଳବାର ଏକ ହତ୍ୟା ମାମଲାର ବିଚାର କରି ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ ସହ ଅନ୍ୟ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନିର୍ଦ୍ଦୋଷରେ ଖଲାସ ହୋଇଥିବା ଅଭିଯୁକ୍ତ ସମ୍ପର୍କରେ ମା' ପୁଅ ବୋଲି ଜଣାଯାଇଛି।

ମାମଲାରୁ ପ୍ରକାଶ ଯେ, ଗତ ୨୩।୧୨।୨୦୧୭ ତାରିଖ ଅପରାହ୍ନ ଗୋଟାଏରେ ବୌଦ୍ଧ ଥାନା ବୁଢିପଦର ଗ୍ରାମର କ୍ଷେତ୍ରବାସୀ ସାହୁ (୬୫) ନିଜ ଘର ସମ୍ମୁଖ ଦାଣ୍ଡରେ ଛିଡା ହୋଇଥିଲେ । ଏହି ସମୟରେ ଗ୍ରାମର ସୁଶିଳ ସାହୁ,ତାଙ୍କ ସ୍ତ୍ରୀ ମଞ୍ଜୁ ଓ ପୁଅ ଅଜିତ ତିନିଜଣ ମିଶି ଜମିବାଡି ବିବାଦକୁ ନେଇ କ୍ଷେତ୍ରବାସୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଠେଙ୍ଗାରେ ମୁଣ୍ଡକୁ ମାଡ଼ ମାରିଥିଲେ। ମାଡ଼ରେ କ୍ଷେତ୍ରବାସୀ ଗୁରୁତର ହୋଇପଡିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ପରିବାର ଲୋକ ଚିକିତ୍ସା ପାଇଁ ବୌଦ୍ଧ ମେଡିକାଲକୁ ନେଇଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ କ୍ଷେତ୍ରବାସୀଙ୍କ ପୁଅ ଗିରିଶ କୁମାର ସାହୁ ତାଙ୍କ ବାପାଙ୍କୁ ଉକ୍ତ ତିନି ଜଣ ପିଟି ମାରିଥିବା ନେଇ ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ବୌଦ୍ଧ ଥାନା ପକ୍ଷରୁ ନଂ ୨୯୯/୨୦୧୭ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସୁଶିଲ ଓ ତାଙ୍କ ସ୍ତ୍ରୀ ମଞ୍ଜୁ ଓ ପୁଅ ଅଜିତଙ୍କୁ ଗତ ୨୪।୧୨।୨୦୧୭ରେ ଗିରଫ କରି କୋର୍ଟଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ମାମଲା ଜିଲା ଦୌରଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନଂ ୪୭/୧୮ ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୧୪ ଜଣଙ୍କ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଥିବା ନେଇ ଅଭିଯୁକ୍ତ ସୁଶିଲ ସାହୁଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ଏଥିସହ ପ୍ରମାଣ ଅଭାବରୁ ତାଙ୍କ ସ୍ତ୍ରୀ ମଞ୍ଜୁ ସାହୁ ଓ ପୁଅ ଅଜିତ ସାହୁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ମାମଲାକୁ ପିପି ସବିତା କୁମାରୀ ପଣ୍ଡା ପରିଚାଳନା କରୁଥିଲେ।

## ଦୁଇ ବାଇକ୍ ମୁହାଁମୁହିଁ, ୫ ଗୁରୁତର

**ପାଟଣାଗଡ,୨୫।୭ (ପ୍ରହ୍ଲାଦ ପାଢ଼ି)**

ବଲାଙ୍ଗୀର ଜିଲା ପାଟଣାଗଡ ଗଡ଼ଗଡ଼ଛାପର ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ୫ ଜଣ ଗୁରୁତର ହୋଇଛନ୍ତି। ଘୁଚାପାଲି ଗ୍ରାମର କୁମର ନାଏକ, ତୁଫାନ ଭୋଇ, ନବୀନ ଭୋଇ ଏବଂ ଅନ୍ୟ ଜଣେ ତାମିଆଁ ଗ୍ରାମରୁ ଏକ ବାଇକରେ ଫେରୁଥିବା ବେଳେ ଗଡ଼ଗଡଛାପର ନିକଟରେ ବିପରୀତ ପଟରୁ ଏକ ବାଇକରେ ଗଡ଼ଗଡଛାପର ଗ୍ରାମର ରମେଶ ଭୋଇ ଆସୁଥିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଉଭୟ ଗାଡିର ୫ ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ପାଟଣାଗଡ଼ ଡାକ୍ତରଖାନା ପଠାଇଥିଲେ। ରମେଶଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ବଲାଙ୍ଗୀର ପଠାଇ ଦିଆଯାଇଛି।

# ନାବାଳିକା ଝିଅଙ୍କୁ ତଣ୍ଟି ଚିପି ହତ୍ୟା କଲା ବାପା

**ନୂଆପଡ଼ା,୨୫।୭(ମକାରୁ ବେମାଲ)** ନୂଆପଡା ସଦର ବ୍ଲକ ଧରମବନ୍ଧା ଥାନା କେନ୍ଦୁବାହାରା ଗାଁରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ବଳିପଡିଲେ ନାବାଳିକା ଝିଅ। ନିଜ ୧୩ ବର୍ଷର ଝିଅ ଜ୍ୟୋତି ମାଝିଙ୍କୁ ତଣ୍ଟି ଚିପି ହତ୍ୟା କରିଛି ବାପା। ଖବର ପାଇ ଧରମବନ୍ଧା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଭିଯୁକ୍ତ ବାପା ଗଜାନନ୍ଦ ମାଝି (୩୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ସୋମବାର ଅପରାହ୍ନରେ କେନ୍ଦୁବାହାରା ଗାଁର ଗଜାନନ୍ଦ ମଦ ପିଇ ଘରକୁ ଆସିଥିଲେ। ସ୍ତ୍ରୀ ଗୋପପୁରୀ ମାଝି (୩୫) ଗଜାନନ୍ଦଙ୍କୁ କାହିଁକି ମଦ ପିଇ ଘରକୁ ଆସୁଛ ବୋଲି କହିବାରୁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାକୁ ନେଇ ଗଜାନନ୍ଦ ସ୍ତ୍ରୀଙ୍କୁ ନିସ୍ତୁକ ମାଡ ମାରିବା ସମୟରେ ଝିଅ ଆସି ଉଭୟଙ୍କୁ ବୁଝାଇଥିଲେ। ହେଲେ ଝିଅ କଥା ନ ଶୁଣି ବାପା ଉତ୍ତ୍ୟକ୍ତ ହୋଇ ତଣ୍ଟି ଚିପି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ନାବାଳିକାଙ୍କ କକା ରୂପସି ମାଝି ଧରମବନ୍ଧା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଧରମବନ୍ଧା ଥାନାରେ ଏକ ମାମଲା (ନଂ.୪୮/୨୩) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଗଜାନନ୍ଦଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ବିନୋଦ ବିହାରୀ ସେଠୀ ସୂଚନା ଦେଇଛନ୍ତି।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-24, ତା.19.07.2023ରିଖ

**କାର୍ଯ୍ୟର ନାମ :** 3 (ତିନି) ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର ଛଅ (06) ଷ୍ଟେସନ୍- ଟିଟିଲାଗଡ଼, କେସିଙ୍ଗା, କାଣ୍ଟେଲ ରୋଡ଼, ରୁପ୍ରା ରୋଡ଼, ନରଲା ରୋଡ଼, ଲାଞ୍ଜିଗଡ଼ ରୋଡ଼ ଠାରେ KYOSAN ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ :** ₹ 3,22,21,152/-, EMD : ₹ 3,11,100/-, ଟେଣ୍ଡର ନଥିପତ୍ର ମୂଲ୍ୟ : ₹ 11,800/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.08.2023ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର

PR-379/O/23-24



**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 17-SBP-TRD-OT-2023-24, ତା.20.07.2023ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଯୋଜନା ଅଧୀନରେ ଝାରସୁଗୁଡ଼ା ରୋଡ଼, ସମ୍ବଲପୁର ସିଟି, ରେଢ଼ାଖୋଲ ଏବଂ ହୀରାକୁଦ ଠାରେ ପ୍ଲାଟଫର୍ମର ସଂପ୍ରସାରଣ ଏବଂ ଉଚ୍ଚତା ବଢ଼ାଇବା, ପ୍ଲାଟଫର୍ମ ସେଲ୍ଟର, ଫୁଟ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 90,92,046.01, EMD : ₹ 1,81,900/-

(2) ଇ-ଟେଣ୍ଡର ସଂ. 18-SBP-TRD-OT-2023-24, ତା.20.07.2023ରିଖ

**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଯୋଜନା ଅଧୀନରେ ମହାସମୁନ୍ଦ, କଣ୍ଟାବାଞ୍ଜି, ଖରିଆର ରୋଡ଼ ଏବଂ ହରିଶଙ୍କର ରୋଡ଼ଠାରେ ପ୍ଲାଟଫର୍ମର ସଂପ୍ରସାରଣ ଏବଂ ଉଚ୍ଚତା ବଢ଼ାଇବା, ପ୍ଲାଟଫର୍ମ ସେଲ୍ଟର, ଫୁଟ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ ଇଲେକ୍ଟ୍ରିକାଲ୍ TRD କାର୍ଯ୍ୟ।

**ଆନୁମାନିକ ମୂଲ୍ୟ :** ₹ 1,05,04,529.98, EMD : ₹ 2,02,500/-

**କାର୍ଯ୍ୟ ଶେଷ ହେବା ଅବଧି:** 08 ମାସ (ଉଭୟ ଟେଣ୍ଡର ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.08.2023ରିଖ 1530 ଘଟିକା (ଉଭୟ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-382/O/23-24


# ଛତିଶଗଡ଼ ସୀମାନ୍ତରେ ମାଓବାଦୀ କ୍ୟାମ୍ପ ଠାବ



ଜବତ ମାଓବାଦୀ ସାମଗ୍ରୀ।

**ନୂଆପଡ଼ା,୨୫।୭(ମକାରୁ ବେମାଲ)** ନୂଆପଡା ଜିଲା ସିନାପାଲି ଥାନା ପାଟଦର୍ହା ସଂରକ୍ଷିତ ଜଙ୍ଗଲ ତଥା ଓଡିଶା–ଛତିଶଗଡ଼ ସୀମାନ୍ତ ନଙ୍ଗଲଘାଟ ନିକଟରେ ପୋଲିସ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ବର୍ତ୍ତମାନ ସୀମାନ୍ତ ଅଞ୍ଚଳରେ ଏସ୍‌ଓଜି, ଡିଭିଏଫ୍ ଓ ସିଆର୍‌ପିଏଫ ଯବାନ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ ଜୋରଦାର କରାଯାଇଥିବା ଏସ୍‌ପି ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଓଡ଼ିଶା–ଛତିଶଗଡ଼ ସୀମାନ୍ତ ଜଙ୍ଗଲରେ ମାଓବାଦୀମାନେ ଏକ ବଡ କ୍ୟାମ୍ପ କରି ରହୁଥିଲେ। ସୁରକ୍ଷା ବଳ ଉପରେ ବଡ ଧରଣର ଅଘଟଣ ଘଟାଇବା ପାଇଁ ଯୋଜନା କରୁଥିବା ଗୁଇନ୍ଦା ସୂତ୍ରରୁ ନୂଆପଡା ପୋଲିସ ଖବର ପାଇଥିଲା। ସୋମବାର ପୂର୍ବାହ୍ନ ୧୧ଟାରେ ନୂଆପଡା ଏସ୍‌ପି ଗିଆର ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ଏସ୍‌ଓଜି, ଡିଭିଏଫ୍ ଓ ସିଆର୍‌ପିଏଫ୍ ଯବାନଙ୍କ ମିଳିତ କୋମ୍ବିଂ ଅପରେଶନ କରିଥିଲା। ସୀମାନ୍ତ ନଙ୍ଗଲଘାଟ ଗାଁ ନିକଟସ୍ଥ ଏକ ଘଞ୍ଚ ଜଙ୍ଗଲ ଭିତରେ ଯବାନମାନେ ଏକ ମାଓବାଦୀ କ୍ୟାମ୍ପ ଉପରେ ଚଢ଼ାଉ କରିଥିଲେ। ଯବାନଙ୍କ କୋମ୍ବିଂ ଅପରେଶନ ଦେଖି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନମାନେ ସେଠାରେ ସର୍ଚ୍ଚ ଅପରେଶନ କରି ୫ କିଗ୍ରା ବିସ୍ଫୋରକ, ୨୦ଟି ବୋମା, ବିଭିନ୍ନ ପ୍ରକାର ଔଷଧ, ରୋଷେଇ ସାମଗ୍ରୀ, ପ୍ଲାଷ୍ଟିକ କଣ୍ଟେନର ସହ ବିପୁଳ ମାଓମାଦୀ ସାମଗ୍ରୀ ଜବତ କରିଥିଲେ।

# କଳାହାଣ୍ଡିରେ ପୁଣି ମାଓବାଦୀଙ୍କ ପୋଷ୍ଟର



ଶଗଡାଠାରେ ଲଗାଯାଇଥିବା ମାଓବାଦୀ ପୋଷ୍ଟର।

**ଜୁଲାଇ ୨୮ରୁ ଅଗଷ୍ଟ ୩ ଯାଏଁ ଶହୀଦ ସପ୍ତାହ ପାଳନ ପାଇଁ ଆହ୍ୱାନ**

**ଭବାନୀପାଟଣା,୨୫।୭ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲାରେ ମାଓବାଦୀମାନେ ପୁଣି ନିଜର ସ୍ଥିତି ଜାହିର କରିଛନ୍ତି। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶଗଡ଼ା ପଞ୍ଚାୟତ କାର୍ଯ୍ୟାଳୟ ଓ ମାର୍କେଟ କମ୍ପ୍ଲେକ୍ସରେ ମଙ୍ଗଳବାର ସକାଳୁ ମାଓବାଦୀଙ୍କ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି। ମାଓବାଦୀଙ୍କ ଏହି ପୋଷ୍ଟର ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସରକାର ଓ ପୋଲିସର ମିଛ ପ୍ରଚାରକୁ ପ୍ରତ୍ୟାଖ୍ୟାନ କରନ୍ତୁ। ସତ୍ୟ ନ୍ୟାୟ ସପକ୍ଷରେ ଏକଜୁଟ ହେବାକୁ ଜନସାଧାରଣଙ୍କୁ ପୋଷ୍ଟରରେ ଆହ୍ୱାନ କରିଛନ୍ତି। ମାଓବାଦୀ ପ୍ରତିଷ୍ଠାତା କମ୍ରେଡ୍ ଚାରୁ ମଜୁମଦାରଙ୍କ ବଳିଦାନକୁ ଆସନ୍ତା ୨୮ରୁ ଅଗଷ୍ଟ ୩ ଯାଏ ଶହୀଦ ସପ୍ତାହ ଭାବେ ପାଳନ କରିବାକୁ ଆହ୍ୱାନ କରାଯାଇଛି। ବିଜିଏନ ଡିଭିଜାଲ କମିଟି ସିପିଆଇ ମାଓବାଦୀ ପକ୍ଷରୁ ଏହି ପୋଷ୍ଟର ଜାରି କରାଯାଇଛି। ଉଲ୍ଲେଖ ଯୋଗ୍ୟ ଯେ, ଗତ ମେ' ମାସରେ କଳାହାଣ୍ଡି ଜିଲା ଏମ୍. ରାମପୁର ଥାନା ଟପରାଙ୍ଗ ଗ୍ରାମରେ ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ଘଟଣାକୁ ନେଇ ମାଓବାଦୀ ପୋଷ୍ଟର ଲଗାଇଥିଲେ। ମାଓବାଦୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟରେ ୩ ମାଓବାଦୀ ନିହତ ହୋଇଥିଲେ। ଏହି ଘଟଣାକୁ ଅମାନବୀୟ କହିବା ସହ ପୋଲିସର ବର୍ବରତାକୁ ମାଓବାଦୀ ସଙ୍ଗଠନ ନିନ୍ଦା କରିଥିଲା। ଏହା ସହିତ କ୍ରୁରତା ଲୁଚାଇ ଏନ୍‌କାଉଣ୍ଟରର ରୂପ ଦେଇ ଖବର ପରିବେଷଣ କରିଥିବା ଗଣମାଧ୍ୟମ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ କରିଥିଲେ ମାଓବାଦୀ।

# ଚୋରି ମାମଲାରେ ୨ ବାଂଲାଦେଶୀଙ୍କୁ ପୁଣି ବର୍ଷେ ଲେଖାଏଁ ଜେଲ ଦଣ୍ଡାଦେଶ

**ଭବାନୀପାଟଣା,୨୫।୭ (ଉତ୍ତମ କୁମାର ଦାଶ)** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କଷାକେନ୍ଦୁ ଗ୍ରାମରେ ୨୦୨୨ରେ ହୋଇଥିବା ଏକ ଚୋରି ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଭବାନୀପାଟଣା ଏସ୍‌ଡିଜିଏମ୍ ପି.ସୀତାଲକ୍ଷ୍ମୀ ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ୨ ବାଂଲାଦେଶୀ ମହମ୍ମଦ ମାସୁଦ ହୁସେନ ଓ ମହମ୍ମଦ ମୁନ୍ନା ମାଜିଙ୍କୁ ଦୋଷୀ ସାବ୍ୟସ୍ତ କରି ବର୍ଷେ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୨ ହଜାର ଟଙ୍କା ଲେଖାଏଁ ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଆହୁରି ୨ ମାସ ଲେଖାଏଁ ଜେଲଦଣ୍ଡାଦେଶ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛି। ପ୍ରକାଶ ଯେ, କଷାକେନ୍ଦୁରେ ରହୁଥିବା ଅଜିତ କୁମାର ବାଣୁଆ କୌଣସି କାମରେ ତାଙ୍କ ପରିବାର ସହ ୩୧।୮।୨୦୨୨ରେ ବୋରିଗୁମାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଉପରୋକ୍ତ ୨ଜଣ ଘର ତାଲା ଭାଙ୍ଗି ଟଙ୍କା ଓ ଅନ୍ୟାନ ସାମଗ୍ରୀ ଚୋରି କରି ନେଇଥିଲେ। ଘର ଭିତରେ ଲାଗିଥିବା ସିସିଟିଭିରେ ଏହି ଚୋରିର ସମସ୍ତ ଦୃଶ୍ୟ କଏଦ ହୋଇଥିଲା। ଫଳରେ ୨ ଅଭିଯୁକ୍ତଙ୍କ ପୋଲିସ ଧରିବା ସକ୍ଷମ ହେବା ସହ ସେତେବେଳେ କୋର୍ଟ ଚାଲଣା କରିଥିଲା। ଏହା ପୂର୍ବରୁ ଭବାନୀପାଟଣା ଏସ୍‌ଡିଜିଏମ ୨ଟି ଚୋରି ମାମଲାରେ ଉପରୋକ୍ତ ୨ ଅଭିଯୁକ୍ତଙ୍କୁ ୨ବର୍ଷ ଓ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ଏହି ମାମଲା ସରକାରଙ୍କ ପକ୍ଷରୁ ଯୁବ କ୍ୟାଡର ଏପିପି ଲକ୍ଷ୍ମୀକାନ୍ତ ପାତ୍ର ପରିଚାଳନା କରିଥିଲେ।


**JHARKHAND STATE RURAL ROAD DEVELOPMENT AUTHORITY**
3rd Floor, F.F.P. Building, Dhurwa, Ranchi – 834004

Letter No. JSRRDA – 686/2023- Dated: - 25.07.2023

**CORRIGENDUM**

Following correction is hereby made in **Walk-in Interview for Forest Officer in JSRRDA** (PR No. 302830, dated 22.07.2023) as given below -

| Sl. No. | Written as | Should be read as |
|---|---|---|
| 1 | Retired Forest Officer not below the rank of **Division** Forest Officer with age limit of 65 years (as on 01.08.2023) of good working knowledge of Forest Diversion act, FRA& obtaining Forest clearance from Forest Department including wild life sanctuary / Reserve Forest by GoI/GoJ. | Retired Forest Officer not below the rank of **Divisional** Forest Officer with age limit of 65 years (as on 01.08.2023) of good working knowledge of Forest Diversion act, FRA& obtaining Forest clearance from Forest Department including wild life sanctuary / Reserve Forest by GoI/GoJ. |

Format in Annexure 'A' cum CV format to engage Forest Officer in JSRRDA, Ranchi, can be downloaded from website:- http://pmgsytendersjhr.gov.inor the same can be obtained from the office of JSRRDA during office hour.

Chief Engineer
JSRRDA, Ranchi

PR 303254 Rural Work Department (23-24)_D



**ODISHA STATE CIVIL SUPPLIES CORPORATION LTD.**
(A Government of Odisha Undertaking)
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894

OSCSC-ANII-Acct-0005-2023 No. 10909 Date : 25.07.2023

**TENDER CALL NOTICE**

Responses are invited to the Request for Proposals ("RFP") from SAP Support Agency ("Bidder") for the following Work/Service.

| Name of the Work/Service | RFP for SAP Support and Maintenance Services |
|---|---|
| Availability of tender documents on the e-tendering portal of Government of Odisha | Date : 26.07.2023 onwards |
| Last date of submission of Pre-Bid Queries | Date : 01.08.2023 Till : 17:30 Hrs. |
| Date of Pre-Bid Meeting | Date : 02.08.2023 Time : 11:30 Hrs. |
| Last date of Submission of Bids | Date : 17.08.2023 Till : 17:30 Hrs. |

All Other details can be seen from the RFP documents available on the e-procurement portal of Government of Odisha **(https://tendersodisha.gov.in)** and on the websites OSCSC Ltd. **(www://oscsc.in/).** FS&CW Dept. Govt. of Odisha **(http://www.foododisha.in/)**. OSCSC reserves the right to reject any or all bids without assigning any reason thereof.

Sd/- FA & CAO
OSCSC Ltd., BBSR



**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड
ई–निविदा आमंत्रण सूचना

ई–निविदा संख्या:- **13/2023-24** दिनांक :- 24.07.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | | कार्य का नाम | प्राक्कलित राशि: अंक में (लाख में) | प्राक्कलित राशि: अक्षर में (रूपये में) | कार्य पूर्ण करने की अवधि |
|---|---|---|---|---|---|---|
| 1 | 3 | | 5 | 6 | 7 | 8 |
| 1 | JH-M-LAT-01/2023-24 | 1 | बालू से मासियातु भाया कुरीयाम गुरतुर तक पथ का विशेष मरम्मति कार्य (ल० – 7.500 कि०मी०) | 626.538 | छः करोड़ छब्बीस लाख तिरपन हजार आठ सौ रू० मात्र | 06 महीना |
| | | 2 | बरनी से हाथडीह तक पथ का विशेष मरम्मति कार्य (ल० – 2.100 कि०मी०) | | | |
| 2 | JH-M-LAT-02 /2023-24 | 1 | पाँकी पी०डब्ल्यू०डी० रोड़ से कोमर तक पथ का विशेष मरम्मति कार्य (ल० – 1.500 कि०मी०) | 609.647 | छः करोड़ नौ लाख चौसठ हजार सात सौ रू० मात्र | 06 महीना |
| | | 2 | पी०डब्ल्यू०डी० रोड़ से बनियो तक पथ का विशेष मरम्मति कार्य (ल० – 1.500 कि०मी०) | | | |
| | | 3 | पी०डब्ल्यू०डी० रोड़ बिजली पावर हॉउस तक पथ का विशेष मरम्मति कार्य (ल० – 2.000 कि०मी०) | | | |
| | | 4 | लावागड़ा यात्री शेड से पी०एम०जी०एस०वाई० पथ तक पथ का विशेष मरम्मति कार्य (ल० – 5.100 कि०मी०) | | | |
| 3 | JH-M-LAT-03 /2023-24 | 1 | बचरा से चमातु तक पथ का विशेष मरम्मति कार्य (ल० – 7.650 कि०मी०) | 601.757 | छः करोड़ एक लाख पचहत्तर हजार सात सौ रू० मात्र | 06 महीना |
| 4 | JH-M-LAT-04 /2023-24 | 1 | मुरू आर०ई०ओ० रोड़ से मुरू विद्यालय होते हुए बेतला फॉरेस्ट सीमाना तक पथ का विशेष मरम्मति कार्य (ल० – 2.700 कि०मी०) | 931.188 | नौ करोड़ इकतीस लाख अठारह हजार आठ सौ रू० मात्र | 06 महीना |
| | | 2 | एन०एच०–75 होटवाग से हेसलबार तक पथ का विशेष मरम्मति कार्य (ल० – 5.000 कि०मी०) | | | |
| | | 3 | पी०डब्ल्यू०डी० रोड़ से बारीदोहर तक पथ का विशेष मरम्मति कार्य (ल० – 4.600 कि०मी०) | | | |
| | | 4 | तरवाडीह से कोदाग तक पथ का विशेष मरम्मति कार्य।(ल० – 5.000 कि०मी०) | | | |
| | | 5 | शिव कुमारी जायसवाल के घर से संत क्लॅरेंट विद्यालय होते हुए लुहुर आर०ई०ओ० पथ तक पथ का विशेष मरम्मति कार्य। (ल० – 3.600कि०मी०) | | | |
| 5 | JH-M-LAT-05 /2023-24 | 1 | एन०एच०–99 दामोदर से एस्सार प्लांट तक पथ का विशेष मरम्मति कार्य (ल० – 5.500 कि०मी०) | 528.435 | पाँच करोड़ अठ्ठाइस लाख तेतालीस हजार पाँच सौ रू० मात्र | 06 महीना |
| | | 2 | एन०एच०–99 से सोपारम भाया जोगियाडीह तक पथ का विशेष मरम्मति कार्य । (ल० – 2.500 कि०मी०) | | | |
| 6 | JH-M-LAT-06 /2023-24 | 1 | एन०एच०–99 गोनिया से सिबला तक पथ का विशेष मरम्मति कार्य।(ल० – 2.025 कि०मी०) | 687.307 | छः करोड़ सतासी लाख तीस हजार सात सौ रू० मात्र | 06 महीना |
| | | 2 | एन०एच०–99 से चुम्बा तक पथ का विशेष मरम्मति कार्य।(ल० – 4.100 कि०मी०) | | | |
| | | 3 | एन०एच०–99 से गुरवे तक पथ का विशेष मरम्मति कार्य। (ल० – 5.700 कि०मी०) | | | |
| 7 | JH-M-LAT-07 /2023-24 | 1 | एन०एच० चंदवा से बोदा तक पथ का विशेष मरम्मति कार्य। (ल० – 7.000 कि०मी०) | 655.646 | छः करोड़ पचपन लाख चौसठ हजार छः सौ रू० मात्र | 06 महीना |
| | | 2 | पी०डब्ल्यू०डी० रोड से बेलगड़ा तक पथ का विशेष मरम्मति कार्य। (ल० – 2.000 कि०मी०) | | | |

2. वेबसाईट मे निविदा प्रकाशन की तिथि: – 02.08.2023
3. ई–निविदा प्राप्ति की अंतिम तिथि एवं समय:– 14.08.2023 अपराह्न 5.00 बजे तक।
4. (क) मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, लातेहार में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 16.08.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड को भेजा जा सकता है। यह निविदाकार की जिम्मेवारी होगी कि स्पीडपोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (16.08.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:–17.08.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
8. ई–निविदा प्रकोष्ठ का दूरभाष सं०– ..............................
9. निविदा शुल्क झारखण्ड राज्य में अवस्थित भारतीय स्टेटबैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंकड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, लातेहार के पक्ष में एवं लातेहार में भुगतेय जमा करना होगा जो लौटाया नही जायेगा।

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

PR 303175 Rural Work Department(23-24)D

मुख्य अभियंता जे०एस०आर०आर०डी०ए०, राँची।



See Career Appointment on every Wednesday & Saturday



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୮୯ **ବିଜ୍ଞାପନ** ତା:୧୩।୦୭।୨୦୨୩

No. CAD-1424: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଘର ନଂ. ଏମ୍.ଆଇ.ଜି.–୨–୧୯/୧ (MIG-II-19/1) ଟିକୁ ୧. ଶ୍ରୀମତୀ ଗୌରୀ ସିହ୍ନା, ସ୍ୱାମୀ: ୰ଗୋପାଳ ଚନ୍ଦ୍ର ସିହ୍ନା, ୨. ଦେବାଶିଷ ସିହ୍ନା, ୩. ସୁଭାଶିଷ ସିହ୍ନା, ୪. ସିପ୍ରା ଅଧିକାରୀ, ୫. ଶୁଭ୍ରା ସିହ୍ନା, ପିତା: ୰ଗୋପାଳ ଚନ୍ଦ୍ର ସିହ୍ନା, ସା: ସିହ୍ନା ହାଉସ, ଦରଜୀ ପୋଖରୀ, ପୋ.: ରାଣୀପାଟଣା, ଥା/ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତାଙ୍କ ତରଫରୁ କ୍ଷମତା ଅଧିକାରୀ ସୁଭାଶିଷ ସିହ୍ନା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରକାଶ ଚନ୍ଦ୍ର ଦାଶ, ପିତା: ୰ବୈକୁଣ୍ଠ ନାଥ ଦାଶ, ସା/ପୋ./ଥା: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0246/2324



**कार्यपालक अभियंता का कार्यालय,**
पथ निर्माण विभाग, पथ प्रमंडल, राँची (ग्रामीण)।
शुद्धि पत्र

**PR 302784 Road(23-24)#D** में प्रकाशित निविदा सूचना को निम्न रुप से संशोधित की जाती है।

| क्रं0 | पूर्व में प्रकाशित | संशोधित |
|---|---|---|
| 1. | वेबसाईट पर निविदा प्रकाशन की तिथि एवं समय 26.07.2023, 10.30 बजे पूर्वाह्न | वेबसाईट पर निविदा प्रकाशन की तिथि एवं समय 02.08.2023, 10.30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय 08.08.2023, 12.00 बजे दोपहर तक | निविदा प्राप्ति की अंतिम तिथि एवं समय 16.08.2023, 12.00 बजे दोपहर तक |

शेष शर्ते यथावत रहेंगे।

कार्यपालक अभियंता
पथ निर्माण विभाग,
पथ प्रमंडल, राँची(ग्रामीण)।

PR 303196 Road(23-24)D



**COLLECTORATE, MALKANGIRI**
**(ST & SC DEV. SECTION)**
e-mail: mkgdwo@gmail.com, Phone No.: 06861-230408
No. 2328/2023 (ANWESHA) Date: 25.07.2023

**TENDER CALL NOTICE**

Sealed tenders are invited from the intending Registered Authorized Dealers, Renowned Firms & Distributors/Dealers for supply School Uniform, Shoes & Socks, Sweater, House Dress, General materials and reading-writing materials to the Students under Urban Education Programme - "ANWESHA" running under ST & SC Dev. Department of Malkangiri district for the academic session 2023-24. The interested bidders may submit the tender documents complete in all respect along with Paper Cost (Non-refundable) and other requisite documents addressing to **The District Welfare Officer, Malkangiri, At/P.O.: Malkangiri, District: Malkangiri, PIN - 764045** by Registered/Speed Post addressing to the **District Welfare Office, Malkangiri, At/P.O./Dist.: Malkangiri, PIN - 764045** on or before **07.08.2023 upto 5.00 P.M.**

The tender papers shall be opened on Date: 08.08.2023 at 11.00 A.M.

The other details like terms & conditions general instruction for the bidders etc. are available in the district website: **www.malkangiri.nic.in.**

Sd./- Collector, Malkangiri

# ବିଧାୟକ ପାଣ୍ଠି ଦୁରୁପଯୋଗ ଅଭିଯୋଗକୁ ଖଣ୍ଡନ

ଦେବଗଡ଼, ୨୫।୭(ଶଶାଙ୍କ ଶେଖର ଝାଙ୍କର)

ବିଧାୟକ ପାଣ୍ଠି ଦୁରୁପଯୋଗ ନେଇ ବିଜେଡି ଆଣିଥିବା ଅଭିଯୋଗକୁ ଖଣ୍ଡନ କରିଛନ୍ତି ଦେବଗଡ଼ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ। ସେ କହିଛନ୍ତି ଯେ, ବିଜେଡି ମୋ ବିରୋଧରେ ଅଭ୍ୟାସଗତ ଭାବେ ଅଭିଯୋଗ କରି ଆସୁଛି। ମୋର ଲୋକପ୍ରିୟତାକୁ ବିଜେଡି ସହି ପାରୁନି। କଲେଜ ପାଚେରୀ ନିର୍ମାଣ ହୋଇ ନ ଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ୩ ଲକ୍ଷ ଟଙ୍କା ବ୍ୟୟରେ ଯୁକ୍ତ ୩ ମହିଳା ମହାବିଦ୍ୟାଳୟର ପାଚେରି ନିର୍ମାଣ ସରିଥିବା ମଧ୍ୟ କଲେଜ କର୍ତ୍ତୃପକ୍ଷ ସାର୍ଟିଫିକେଟ ଦେଇ ସାରିଛନ୍ତି। ପାଚେରୀ କାମ ହୋଇଛି କି ନାହିଁ ଏହାର ତଦନ୍ତ କରାଯାଉ। ଏହାର ତଦନ୍ତ ପାଇଁ ସେମାନେ ୫-ଟି ସଚିବଙ୍କୁ ଦାବିପତ୍ର ଦେଇଛନ୍ତି। ଘଟଣାର ଭିଜିଲାନ୍ସ ତଦନ୍ତ ହେଉ କି ସିବିଆଇ ତଦନ୍ତ ମୋତେ କିଛି ଫରକ ପଡିବ ନାହିଁ । ଅଭିଯୋଗ ଆଣିବା ପୂର୍ବରୁ ବିଜେଡିର ଲୋକ କଲେଜ କର୍ତ୍ତୃପକ୍ଷଙ୍କଠାରୁ ବୁଝିବା କଥା । ନ ବୁଝି ନ ଶୁଝି ସେମାନେ ଅଭିଯୋଗ ଆଣୁଛନ୍ତି। କେଉଁ ଏକ ପୁରୁଣା କାନ୍ଥରେ ଲେଖିଦେଇ ମୋତେ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ସେହିପରି ସାନିଟାଇଜର ପାନ କରିବା ପ୍ରସଙ୍ଗରେ ସେ କହିଛନ୍ତି ଯେ, ଓଡିଶାର ଚାଷୀଙ୍କ ପାଇଁ ସାନିଟାଇଜର ପିଇଥିଲି । ଫଳରେ ଚାଷୀ ନିଜର ଧାନ ବିକ୍ରି କରିପାରିଲେ। ଏଥିରେ ମୋର ଲୋକପ୍ରିୟତା ବୃଦ୍ଧି ପାଇଲା। ଏଣୁ ବିଜେଡି ଅସହିଷ୍ଣୁ ହୋଇପଡିଛି ବୋଲି ଗଣମାଧ୍ୟମକୁ ଏକ ଭିଡିଓ ବାର୍ତ୍ତା ଜାରିକରି ବିଧାୟକ ପାଣିଗ୍ରାହୀ ଏକଥା କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଧାୟକ ପାଣିଗ୍ରାହୀ ତାଙ୍କ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ସ୍ଥାନୀୟ ଯୁକ୍ତ ୩ ମହିଳା ମହାବିଦ୍ୟାଳୟର ପାଚେରି ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବେଳେ ଏହି ଅର୍ଥକୁ ତାଙ୍କର ଅନୁଗତ ତଥା ଝାଲିଆମରା ସ୍କୁଲର ଶିକ୍ଷକ ସୌଭାଗ୍ୟ ପାତ୍ରଙ୍କ ଭୁକାବେଡା ଗ୍ରାମ ସ୍ଥିତ ଘରର ପାଚେରି ନିର୍ମାଣରେ ବ୍ୟବହାର ହୋଇଥିବା ଜିଲା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେଡି ପକ୍ଷରୁ ସୋମବାର ଏକ ଶୋଭାଯାତ୍ରା କରାଯାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ହୋଇଥିବା ସମସ୍ତ ନିର୍ମାଣ କାର୍ଯ୍ୟର ତଦନ୍ତ କରିବାକୁ ଜିଲାପାଳଙ୍କ ଜରିଆରେ ୫-ଟି ସଚିବଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# କଂକ୍ରିଟ ମିକ୍ସ ପ୍ଲାଣ୍ଟ ବନ୍ଦ ନ ହେଲେ ଆନ୍ଦୋଳନ



କଂଗ୍ରେସ ନେତୃବୃନ୍ଦ ଶିକ୍ଷାନୁଷ୍ଠାନର ଅଧକ୍ଷାଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ଜେଲ୍ ରୋଡ୍ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଶିକ୍ଷା ପ୍ରତିଷ୍ଠାନ ପରିସରସ୍ଥ ଛାତ୍ରବାସ ପାର୍ଶ୍ୱରେ କିଛି ମାସ ତଳେ ଉନ୍ନୟନ କାର୍ଯ୍ୟ ନାଁରେ ଏକ କଂକ୍ରିଟ ମିକ୍ସ ପ୍ଲାଣ୍ଟ ସ୍ଥାପନ କରାଯାଇଥିଲା। ତେବେ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ମଧ୍ୟ ଉକ୍ତ ସ୍ଥାନରୁ ପ୍ଲାଣ୍ଟ ଉଠାଯାଇନାହିଁ। ଫଳରେ ବର୍ତ୍ତମାନ ସେଥିରୁ ନିର୍ଗତ ହେଉଥିବା ଧୂଆଁ ଯୋଗୁ ସ୍ଥାନୀୟ ଅଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇଛି। ଏହାର ପ୍ରତିବାଦରେ ମଙ୍ଗଳବାର ରାଉରକେଲା ଜିଲା କଂଗ୍ରେସ କମିଟିର ଏକ ଟିମ୍ ଶିକ୍ଷାନୁଷ୍ଠାନର ଅଧକ୍ଷା ପ୍ରଗତି ଦାସଙ୍କୁ ସାକ୍ଷାତ କରି ଏ ଦିଗରେ ପଦକ୍ଷେପ ନେବାକୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। କଂଗ୍ରେସ ଅଭିଯୋଗ କରିଛି ଯେ, ଏ ସମ୍ପର୍କରେ ରାଉରକେଲା ତହସିଲଦାରଙ୍କୁ ପଚାରିଲେ ଇଡ୍‌କୋ କର୍ତ୍ତୃପକ୍ଷ କହିବେ ବୋଲି କହୁଛନ୍ତି। ଇଡ୍‌କୋ ଅଧିକାରୀଙ୍କୁ ପଚାରିଲେ ମୁ ନୂଆ ଯୋଗ ଦେଇଛି । ମାତ୍ର ଏଭଳି ଅନୁମୋଦନ ଇଡ୍‌କୋ ପକ୍ଷରୁ କାହାକୁ ଦିଆଯାଇନି ବୋଲି କହୁଛନ୍ତି। ତେବେ ବିନା ଅନୁମୋଦନରେ ଦୀର୍ଘମାସ ହେଲା ଜଣେ ବ୍ୟକ୍ତି ନିଜ ସ୍ୱାର୍ଥ ସାଧନ ପାଁ ଅଞ୍ଚଳକୁ ପ୍ରଦୂଷଣ କରିବା କେତେ ଯୁକ୍ତିଯୁକ୍ତ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ୧୫ଦିନ ମଧ୍ୟରେ ପ୍ଲାଣ୍ଟ ବନ୍ଦ ନ ହେଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ ସଭାପତି ଦେବବ୍ରତ ବିହାରୀ, ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପିସିସି ସଦସ୍ୟ ସବିର ହୁସେନ, ପ୍ରଭାତୀ ମିଶ୍ର, ଏଆଇସିସି ଓବିସି ସେଲ୍ ସହ ସଂଯୋଜକ କୈଳାସ ଚନ୍ଦ୍ର ସାହୁ, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଟାଏକୋଣ୍ଡୋରେ ଗୁରୁଙ୍କୁ ବ୍ଲାକ ବେଲ୍ଟ

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)




ବ୍ଲାକ ବେଲ୍ଟ ପ୍ରମାଣପତ୍ର ସହ ଗୁରୁ ମୁଣ୍ଡା।

ସୁନ୍ଦରଗଡ ଜିଲାର ରାଏବଗା ଥାନାର କାର୍ଯ୍ୟରତ ଡ୍ରାଇଭର ଗୁରୁ ମୁଣ୍ଡା ଟାଇକୋଣ୍ଡୋରେ ବ୍ଲାକ ବେଲ୍ଟ ପାଇଛନ୍ତି। ରାଉରକେଲା ସିଭିଲ ଟାଉନଶିପସ୍ଥିତ ଇଣ୍ଡିଆନ ଟାଏକୋଣ୍ଡୋ ୟୁନିୟନ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ମୁକେଶ ସାହୁ ତାଙ୍କୁ ବ୍ଲାକ ବେଲ୍ଟ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଟାଏକୋଣ୍ଡୋ ଫାଷ୍ଟ ଡନ ବ୍ଲାକ ବେଲ୍ଟ ପାଇବା ବହୁତ କଠିନ। ମାତ୍ର ଦୃଢ ମନୋବଳ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁ ତାଙ୍କୁ ଏହି ସଫଳତା ମିଳିଥିବା ଗୁରୁ କହିଛନ୍ତି। ଗୁରୁଙ୍କ କହିବା ଅନୁସାରେ, ସେ ୫ବର୍ଷର ଥିବା ବେଳେ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଥିଲା। ମା' ମଜୁରୀ କରି ପରିବାର ଚଳାଇଲେ। ୧୮ବର୍ଷ ବୟସରେ ଗୁରୁ ଝାଡ଼ଖଣ୍ଡ ରାଞ୍ଚିକୁ ଚାଲି ଯାଇଥିଲେ। ସେଠାରେ ସେ ୩ବର୍ଷ ରେଷ୍ଟୁରାଣ୍ଟରେ କାମ କରି ନିଜ ପରିବାର ଚଳାଇବା ସହ ଟାଏକୋଣ୍ଡୋ ଶିକ୍ଷା ଆରମ୍ଭ କରିଥିଲେ। ଗୁରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। ଶେଷରେ ଦୃଢ ମନୋବଳ ଓ ଅକ୍ଳାନ୍ତ ପରିଶ୍ରମ ଯୋଗୁ ବ୍ଲାକ ବେଲ୍ଟ ପାଇଥିବା ଗୁରୁ କହିଛନ୍ତି। ଏହାସହ ଆଗାମୀ ଦିନରେ ଟାଏକୋଣ୍ଡୋ କ୍ରୀଡାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭାଗନେଇ ଓଡିଶା ଓ ଭାରତର ନାଁ ରଖିବେ ବୋଲି ସେ କହିଛନ୍ତି।

# ମାଓବାଦୀ ନାଁରେ ଅର୍ଥ ଆଦାୟ କରି ଗିରଫ




ପୋଲିସ ହେପାଜତରେ ଗିରଫ ନକଲି ମାଓବାଦୀ।

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)

ମାଓବାଦୀ ନାମରେ ଲକ୍ଷାଧିକ ଟଙ୍କା ଦାବି କରି ଧମକଚମକ ଦେବା ଅଭିଯୋଗରେ ରାଉରକେଲା ବନ୍ଧମୁଣ୍ଡା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଧମୁଣ୍ଡା ବି-କ୍ୟାବିନ୍‌ର ମଧୁସୂଦନ ସାହୁ(୩୮)। ତାଙ୍କଠାରୁ ନଗଦ ୫୦ହଜାର ଟଙ୍କା, ୨ଟି ମୋବାଇଲ ଏବଂ ଏକ ସ୍କୁଟି ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୧୧୯।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁସାରେ, ଦୁଇଦିନ ତଳେ ଅଭିଯୁକ୍ତ ମଧୁସୂଦନ ନିଜକୁ ମାଓବାଦୀ କହି ବନ୍ଧମୁଣ୍ଡା ସି-ସେକ୍ଟର ଛକରେ ମେଡିଶିନ ଷ୍ଟୋର ଖୋଲିଥିବା ଗୋବିନ୍ଦ ତାଣ୍ଡିଙ୍କୁ ଫୋନ ଯୋଗେ ୬ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଟଙ୍କା ନ ଦେଲେ ତୁମ ପୁଅ ଓ ଝିଅର ମୁଣ୍ଡ ଗଣ୍ଡି ଛେଦନ କରାଯିବ ବୋଲି ନକଲି ମାଓବାଦୀ ମଧୁସୂଦନ ଧମକ ଦେଇଥିଲେ। ଏଥିରେ ଗୋବିନ୍ଦ ଭୟଭୀତ ହୋଇ ପାଖରେ ୬ଲକ୍ଷ ଟଙ୍କା ନାହିଁ, ୨ଲକ୍ଷ ଅଛି ବୋଲି କହିଥିଲେ। ଏହାପରେ ଧମକ ଦେଉଥିବା ନକଲି ମାଓବାଦୀ ମୂଲଚାଲ କରିବା ଆରମ୍ଭ କରିଥିଲେ। ଏ ନେଇ ଗୋବିନ୍ଦ ଗତ ରବିବାର ବନ୍ଧମୁଣ୍ଡା ଥାନାରେ ଲିଖିତ ଏତଲା ଦେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ଯୋଜନା ମୁତାବକ ଗୋବିନ୍ଦ ଡୁମେର୍ତା ଷ୍ଟେଶନର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ୫୦ହଜାର ଟଙ୍କା ବିଡ଼ା ରଖି ଦେଇ ମାଓବାଦୀ ନାଁରେ ଧମକ ଦେଉଥିବା ବ୍ୟକ୍ତିଙ୍କୁ ଫୋନ କରି ଟଙ୍କା ନେବାକୁ କହିଥିଲେ। ପରେ ଅଭିଯୁକ୍ତ ଜଣଙ୍କ ଉକ୍ତ ସ୍ଥାନରୁ ଟଙ୍କା ନେଉଥିବା ବେଳେ ପୂର୍ବରୁ ସେଠାରେ ଛପି ରହିଥିବା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ଝୁଲାପୋଲ ନିର୍ମାଣ ପାଇଁ ସାମୂହିକ ଦୀପଦାନ



ଶ୍ରୀରାମ ମନ୍ଦିର ସମ୍ମୁଖରେ ବେଦବ୍ୟାସ ବିକାଶ ପୀଠ ମଞ୍ଚର କର୍ମକର୍ତ୍ତାଗଣ।

ରାଉରକେଲା,୨୫।୭(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାବାସୀଙ୍କ ବହୁ ଆକାଂକ୍ଷିତ ବେଦବ୍ୟାସ ଝୁଲାପୋଲ ପ୍ରକଳ୍ପ ନିର୍ମାଣ ପାଇଁ ସୋମବାର ସନ୍ଧ୍ୟାରେ ପାନପୋଷ ସ୍ଥିତ ଶ୍ରୀରାମ ମନ୍ଦିରଠାରେ ଭଗବାନ ବ୍ୟାସଦେବଙ୍କ ନାଁରେ ୧ ମାସ ଧରି ଅଖଣ୍ଡ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ବେଦବ୍ୟାସ ପୀଠ ବିକାଶ ମଞ୍ଚ ଆବାହକ ବଦ୍ରି ନାରାୟଣ ପାଢ଼ୀଙ୍କ ଦ୍ୱାରା ଅଖଣ୍ଡ ଦୀପ ସ୍ଥାପନ କରିଯାଇଥିଲା। ଏହା ପୂର୍ବରୁ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ପାନପୋଷ ସ୍ଥିତ ମା' ମଙ୍ଗଳାଙ୍କ ମନ୍ଦିରରେ ଦୀପଦାନ କରିଥିଲେ। ନରେନ୍ଦ୍ର କୁମାର ଦାଶ, ଭବାନୀ ଶଙ୍କର ଚନ୍ଦେଲ, ଉପେନ୍ଦ୍ର ପଢ଼ିଆରୀ, ଅଶୋକ କୁମାର ସାହୁ, ଜୟନ୍ତ କୁମାର ମିଶ୍ର, ପୀତବାସ କାଣ୍ଡି, କେଦାର ନାଥ ପାଢ଼ୀ, ବିଭୂଦତ୍ତ ବେହେରା, ସୁରେଶ ଚନ୍ଦ୍ର, ମଳୟ କୁମାର ଆଚାର୍ଯ୍ୟ, ସଞ୍ଜୟ କୁମାର ବାଜପେୟୀ, ଟିକେଶ୍ୱର ପ୍ରଧାନ, ରମେଶ ସାହୁ ଏବଂ ଯୁଗ୍ମ ଆବାହକ ବିଭୂତି ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବେଦବ୍ୟାସ ପୀଠ

ସୂଚନାଯୋଗ୍ୟ, ବେଦବ୍ୟାସ ପୀଠ ଓ ଅପର ପାର୍ଶ୍ୱରେ ଥିବା ପୁରୁଣା ଛେଣ୍ଡ ହାଡ଼ ପକାଘାଟରେ ଅତ୍ୟାଧୁନିକ ଝୁଲାପୋଲ ନିର୍ମାଣ ପାଇଁ ଗତ ୯ରୁ ୧୧ ତାରିଖ ଯାଏ ତିନିଦିନ ଧରି ସର୍ଭେ କାର୍ଯ୍ୟ ହୋଇଥିଲା। ପ୍ରାୟ ଏକ ମାସ ମଧ୍ୟରେ ଝୁଲାପୋଲ ନିର୍ମାଣ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେବା ସମ୍ଭାବନା ଅଛି ବୋଲି ସର୍ଭେ କାର୍ଯ୍ୟ ତଦାରଖ କରିଥିବା ବ୍ରିଜ୍ ପରାମର୍ଶଦାତା ଇଂ. ଅଶୋକ କୁମାର ବାସା କହିଛନ୍ତି। ଏହି ସମୟରେ ସକରାତ୍ମକ ପ୍ରକଳ୍ପ ରିପୋର୍ଟ ଆଶାକରି ସଙ୍ଗଠନ କାର୍ଯ୍ୟକର୍ତ୍ତାମାନେ ମହର୍ଷି ବ୍ୟାସଦେବଙ୍କ ନାମରେ ଦୀପଦାନ କରୁଛନ୍ତି।

# ରାଜ୍ୟସ୍ତରୀୟ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ଦେବଗଡ଼ ଛାତ୍ରୀ ଦ୍ୱିତୀୟ



ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସାଇପ୍ରଜ୍ଞା।

ଦେବଗଡ଼, ୨୫।୭(ଶଶାଙ୍କ ଶେଖର ଝାଙ୍କର)

ଓଡ଼ିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ଦେବଗଡ଼ ଛାତ୍ରୀ ଦ୍ୱିତୀୟ ହୋଇଛନ୍ତି। ସେ ହେଲେ ଦେବଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀ ସାଇପ୍ରଜ୍ଞା ନାୟକ। ଦେବଗଡ଼ ସହର ମଠସାହି ବାସିନ୍ଦା ଶିକ୍ଷକ ତପନ କୁମାର ନାୟକ, ରଞ୍ଜିନି ଝାଙ୍କରଙ୍କ ଝିଅ। ମଙ୍ଗଳବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପର୍ଯ୍ୟଟନ, ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଖବର ପ୍ରକାଶ ପାଇବା ପରେ ଜିଲାରେ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ସୁଅ ଛୁଟିଛି।


**JHARKHAND STATE RURAL ROAD DEVELOPMENT AUTHORITY**
3rd Floor, F.F.P. Building, Dhurwa, Ranchi – 834004

Letter No. JSRRDA – 686/2023- Dated: - 25.07.2023

**CORRIGENDUM**

Following correction is hereby made in **Walk-in Interview for Forest Officer in JSRRDA** (PR No. 302830, dated 22.07.2023) as given below -

| Sl. No. | Written as | Should be read as |
|---|---|---|
| 1 | Retired Forest Officer not below the rank of **Division** Forest Officer with age limit of 65 years (as on 01.08.2023) of good working knowledge of Forest Diversion act, FRA& obtaining Forest clearance from Forest Department including wild life sanctuary / Reserve Forest by GoI/GoJ. | Retired Forest Officer not below the rank of **Divisional** Forest Officer with age limit of 65 years (as on 01.08.2023) of good working knowledge of Forest Diversion act, FRA& obtaining Forest clearance from Forest Department including wild life sanctuary / Reserve Forest by GoI/GoJ. |

Format in Annexure 'A' cum CV format to engage Forest Officer in JSRRDA, Ranchi, can be downloaded from website:- http://pmgsytendersjhr.gov.inor the same can be obtained from the office of JSRRDA during office hour.

Chief Engineer
JSRRDA, Ranchi

PR 303254 Rural Work Department (23-24)_D

**ODISHA STATE CIVIL SUPPLIES CORPORATION LTD.**
(A Government of Odisha Undertaking)
Registered Office : C/2, Nayapalli, Bhubaneswar - 751012
CIN : U51211OR1980SGC000894

OSCSC-ANII-Acct-0005-2023 No. 10909 Date : 25.07.2023

**TENDER CALL NOTICE**

Responses are invited to the Request for Proposals ("RFP") from SAP Support Agency ("Bidder") for the following Work/Service.

| Name of the Work/Service | RFP for SAP Support and Maintenance Services |
|---|---|
| Availability of tender documents on the e-tendering portal of Government of Odisha | Date : 26.07.2023 onwards |
| Last date of submission of Pre-Bid Queries | Date : 01.08.2023 Till : 17:30 Hrs. |
| Date of Pre-Bid Meeting | Date : 02.08.2023 Time : 11:30 Hrs. |
| Last date of Submission of Bids | Date : 17.08.2023 Till : 17:30 Hrs. |

All Other details can be seen from the RFP documents available on the e-procurement portal of Government of Odisha **(https://tendersodisha.gov.in)** and on the websites OSCSC Ltd. **(www://oscsc.in/).** FS&CW Dept. Govt. of Odisha **(http://www.foododisha.in/)**. OSCSC reserves the right to reject any or all bids without assigning any reason thereof.

Sd/- FA & CAO
OSCSC Ltd., BBSR

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड
ई–निविदा आमंत्रण सूचना

ई–निविदा संख्या:- **13/2023-24** दिनांक :- 24.07.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य पूर्ण करने की अवधि |
|---|---|---|---|---|---|
| 1 | 3 | 5 | 6 | 7 | 8 |
| 1 | JH-M-LAT-01/2023-24 | 1 बालू से मासियातु भाया कुरीयाम गुरतुर तक पथ का विशेष मरम्मति कार्य (लं० – 7.500 कि०मी०)<br>2 बरनी से हाथडीह तक पथ का विशेष मरम्मति कार्य (लं० – 2.100 कि०मी०) | 626.538 | छः करोड़ छब्बीस लाख तिरपन हजार आठ सौ रू० मात्र | 06 महीना |
| 2 | JH-M-LAT-02 /2023-24 | 1 पाँकी पी०डब्ल्यू०डी० रोड़ से कोमर तक पथ का विशेष मरम्मति कार्य (लं० – 1.500 कि०मी०)<br>2 पी०डब्ल्यू०डी० रोड़ से बनियो तक पथ का विशेष मरम्मति कार्य (लं० – 1.500 कि०मी०)<br>3 पी०डब्ल्यू०डी० रोड़ बिजली पावर हॉउस तक पथ का विशेष मरम्मति कार्य (लं० – 2.000 कि०मी०)<br>4 लावागड़ा यात्री शेड से पी०एम०जी०एस०वाई० पथ तक पथ का विशेष मरम्मति कार्य (लं० – 5.100 कि०मी०) | 609.647 | छः करोड़ नौ लाख चौसठ हजार सात सौ रू० मात्र | 06 महीना |
| 3 | JH-M-LAT-03 /2023-24 | 1 बचरा से चमातु तक पथ का विशेष मरम्मति कार्य (लं० – 7.650 कि०मी०) | 601.757 | छः करोड़ एक लाख पचहत्तर हजार सात सौ रू० मात्र | 06 महीना |
| 4 | JH-M-LAT-04 /2023-24 | 1 मुरू आर०ई०ओ० रोड़ से मुरू विद्यालय होते हुए बेतला फॉरेस्ट सीमाना तक पथ का विशेष मरम्मति कार्य (लं० – 2.700 कि०मी०)<br>2 एन०एच०–75 होटवाग से हेसलबार तक पथ का विशेष मरम्मति कार्य (लं० – 5.000 कि०मी०)<br>3 पी०डब्ल्यू०डी० रोड़ से बारीदोहर तक पथ का विशेष मरम्मति कार्य (लं० – 4.600 कि०मी०)<br>4 तरवाडीह से कोदाग तक पथ का विशेष मरम्मति कार्य।(लं० – 5.000 कि०मी०)<br>5 शिव कुमारी जायसवाल के घर से संत क्लॉरेंट विद्यालय होते हुए लुहुर आर०ई०ओ० पथ तक पथ का विशेष मरम्मति कार्य। (लं० – 3.600कि०मी०) | 931.188 | नौ करोड़ इकतीस लाख अठारह हजार आठ सौ रू० मात्र | 06 महीना |
| 5 | JH-M-LAT-05 /2023-24 | 1 एन०एच०–99 दामोदर से एस्सार प्लांट तक पथ का विशेष मरम्मति कार्य (लं० – 5.500 कि०मी०)<br>2 एन०एच०–99 से सोपारम भाया जोगियाडीह तक पथ का विशेष मरम्मति कार्य । (लं० – 2.500 कि०मी०) | 528.435 | पाँच करोड़ अठ्ठाइस लाख तेतालीस हजार पाँच सौ रू० मात्र | 06 महीना |
| 6 | JH-M-LAT-06 /2023-24 | 1 एन०एच०–99 गोनिया से सिबला तक पथ का विशेष मरम्मति कार्य।(लं० – 2.025 कि०मी०)<br>2 एन०एच०–99 से चुम्बा तक पथ का विशेष मरम्मति कार्य।(लं० – 4.100 कि०मी०)<br>3 एन०एच०–99 से गुरवे तक पथ का विशेष मरम्मति कार्य। (लं० – 5.700 कि०मी०) | 687.307 | छः करोड़ सतासी लाख तीस हजार सात सौ रू० मात्र | 06 महीना |
| 7 | JH-M-LAT-07 /2023-24 | 1 एन०एच० चंदवा से बोदा तक पथ का विशेष मरम्मति कार्य। (लं० – 7.000 कि०मी०)<br>2 पी०डब्ल्यू०डी० रोड से बेलगड़ा तक पथ का विशेष मरम्मति कार्य। (लं० – 2.000 कि०मी०) | 655.646 | छः करोड़ पचपन लाख चौसठ हजार छः सौ रू० मात्र | 06 महीना |

2. वेबसाईट मे निविदा प्रकाशन की तिथिः – 02.08.2023
3. ई–निविदा प्राप्ति की अंतिम तिथि एवं समयः– 14.08.2023 अपराह्न 5.00 बजे तक।
4. (क) मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, लातेहार में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समयः– 16.08.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड को भेजा जा सकता है। यह निविदाकार की जिम्मेवारी होगी कि स्पीडपोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (16.08.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समयः–17.08.2023 अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पताः– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
8. ई–निविदा प्रकोष्ठ का दूरभाष सं०– ..........................
9. निविदा शुल्क झारखण्ड राज्य में अवस्थित भारतीय स्टेटबैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंकड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, लातेहार के पक्ष में एवं लातेहार में भुगतेय जमा करना होगा जो लौटाया नही जायेगा।

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

PR 303175 Rural Work Department(23-24)D

मुख्य अभियंता जे०एस०आर०आर०डी०ए०, राँची।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2023-24, ତା.19.07.2023ରିଖ

କାର୍ଯ୍ୟର ନାମ : 3 (ତିନି) ବର୍ଷ ନିମନ୍ତେ ସମ୍ବଲପୁର ମଣ୍ଡଳର ଛଅ (06) ଷ୍ଟେସନ୍- ଟିଟିଲାଗଡ଼, କେସିଙ୍ଗା, କାଣ୍ଟେଲ ରୋଡ଼, ରୁପ୍ରା ରୋଡ଼, ନରଲା ରୋଡ଼, ଲାଞ୍ଜିଗଡ଼ ରୋଡ଼ ଠାରେ KYOSAN ଦ୍ୱାରା ନିର୍ମିତ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍ ସିଷ୍ଟମର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତିର ବ୍ୟବସ୍ଥା।

ଟେଣ୍ଡର ମୂଲ୍ୟ : ₹3,22,21,152/-, EMD : ₹3,11,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹11,800/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.08.2023ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର

PR-379/O/23-24

**ପୂର୍ବ ତଟ ରେଳପଥ**

(1) ଇ-ଟେଣ୍ଡର ସଂ. 17-SBP-TRD-OT-2023-24, ତା.20.07.2023ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଯୋଜନା ଅଧୀନରେ ଝାରସୁଗୁଡ଼ା ରୋଡ଼, ସମ୍ବଲପୁର ସିଟି, ରେଢ଼ାଖୋଲ ଏବଂ ହୀରାକୁଦ ଠାରେ ପ୍ଲାଟଫର୍ମର ସଂପ୍ରସାରଣ ଏବଂ ଉଚ୍ଚତା ବଢ଼ାଇବା, ପ୍ଲାଟଫର୍ମ ସେଲ୍ଟର, ଫୁଟ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ TRD ସମ୍ପର୍କିତ କାର୍ଯ୍ୟ।

ଆନୁମାନିକ ମୂଲ୍ୟ : ₹ 90,92,046.01, EMD : ₹1,81,900/-

(2) ଇ-ଟେଣ୍ଡର ସଂ. 18-SBP-TRD-OT-2023-24, ତା.20.07.2023ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଯୋଜନା ଅଧୀନରେ ମହାସମୁନ୍ଦ, କଣ୍ଟାବାଞ୍ଜି, ଖରିଆର ରୋଡ଼ ଏବଂ ହରିଶଙ୍କର ରୋଡ଼ଠାରେ ପ୍ଲାଟଫର୍ମର ସଂପ୍ରସାରଣ ଏବଂ ଉଚ୍ଚତା ବଢ଼ାଇବା, ପ୍ଲାଟଫର୍ମ ସେଲ୍ଟର, ଫୁଟ ଓଭର ବ୍ରିଜର ବ୍ୟବସ୍ଥା ନିମନ୍ତେ ଇଲେକ୍ଟ୍ରିକାଲ୍ TRD କାର୍ଯ୍ୟ।

ଆନୁମାନିକ ମୂଲ୍ୟ : ₹ 1,05,04,529.98, EMD : ₹2,02,500/-

କାର୍ଯ୍ୟ ଶେଷ ହେବା ଅବଧି: 08 ମାସ (ଉଭୟ ଟେଣ୍ଡର ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.08.2023ରିଖ 1530 ଘଟିକା (ଉଭୟ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

PR-382/O/23-24

See Career Appointment on every Wednesday & Saturday

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୧୮୯ **ବିଜ୍ଞାପନ** ତା:୧୩।୦୭।୨୦୨୩

No. CAD-1424: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର, ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଘର ନଂ. ଏମ୍.ଆଇ.ଜି.–୨–୧୯/୧ (MIG-II-19/1) ଟିକୁ ୧. ଶ୍ରୀମତୀ ଗୌରୀ ସିହ୍ନା, ସ୍ୱାମୀ: ୰ଗୋପାଳ ଚନ୍ଦ୍ର ସିହ୍ନା, ୨. ଦେବାଶିଷ ସିହ୍ନା, ୩. ସୁଭାଶିଷ ସିହ୍ନା, ୪. ସିପ୍ରା ଅଧିକାରୀ, ୫. ଶୁଭ୍ରା ସିହ୍ନା, ପିତା: ୰ଗୋପାଳ ଚନ୍ଦ୍ର ସିହ୍ନା, ସା: ସିହ୍ନା ହାଉସ, ଦରଜୀ ପୋଖରୀ, ପୋ.: ରାଣୀପାଟଣା, ଥା/ଜିଲ୍ଲା: ବାଲେଶ୍ୱରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତାଙ୍କ ତରଫରୁ କ୍ଷମତା ଅଧିକାରୀ ସୁଭାଶିଷ ସିହ୍ନା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରକାଶ ଚନ୍ଦ୍ର ଦାଶ, ପିତା: ୰ବୈକୁଣ୍ଠ ନାଥ ଦାଶ, ସା/ପୋ./ଥା: ପଚ୍ଚାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0246/2324

**कार्यपालक अभियंता का कार्यालय,**
पथ निर्माण विभाग, पथ प्रमंडल, राँची (ग्रामीण)।
शुद्धि पत्र

**PR 302784 Road(23-24)#D** में प्रकाशित निविदा सूचना को निम्न रुप से संशोधित की जाती है।

| क्रं0 | पूर्व में प्रकाशित | संशोधित |
|---|---|---|
| 1. | वेबसाईट पर निविदा प्रकाशन की तिथि एवं समय 26.07.2023, 10.30 बजे पूर्वाह्न | वेबसाईट पर निविदा प्रकाशन की तिथि एवं समय 02.08.2023, 10.30 बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय 08.08.2023, 12.00 बजे दोपहर तक | निविदा प्राप्ति की अंतिम तिथि एवं समय 16.08.2023, 12.00 बजे दोपहर तक |

शेष शर्ते यथावत रहेंगे।

कार्यपालक अभियंता
पथ निर्माण विभाग,
पथ प्रमंडल, राँची(ग्रामीण)।

PR 303196 Road(23-24)D

**COLLECTORATE, MALKANGIRI**
**(ST & SC DEV. SECTION)**
e-mail: mkgdwo@gmail.com, Phone No.: 06861-230408
No. 2328/2023 (ANWESHA) Date: 25.07.2023

**TENDER CALL NOTICE**

Sealed tenders are invited from the intending Registered Authorized Dealers, Renowned Firms & Distributors/Dealers for supply School Uniform, Shoes & Socks, Sweater, House Dress, General materials and reading-writing materials to the Students under Urban Education Programme - "ANWESHA" running under ST & SC Dev. Department of Malkangiri district for the academic session 2023-24. The interested bidders may submit the tender documents complete in all respect along with Paper Cost (Non-refundable) and other requisite documents addressing to **The District Welfare Officer, Malkangiri, At/P.O.: Malkangiri, District: Malkangiri, PIN - 764045** by Registered/Speed Post addressing to the **District Welfare Office, Malkangiri, At/P.O./Dist.: Malkangiri, PIN - 764045** on or before **07.08.2023 upto 5.00 P.M.**

The tender papers shall be opened on Date: 08.08.2023 at 11.00 A.M.

The other details like terms & conditions general instruction for the bidders etc. are available in the district website: **www.malkangiri.nic.in.**

Sd/- Collector, Malkangiri

**ଚୋରି ଜେସିବି ବଲାଙ୍ଗୀର ଜିଲାରୁ ଉଦ୍ଧାର**

ଖଡ଼ିଆଳ,(ସୁଜିତ୍ କୁମାର ପ୍ରଧାନ): ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଭୁଲିଆସିକୁଆର କ୍ରଶର ୟୁନିଟରୁ ଚୋରି ହୋଇଥିବା ଜେସିବି ବଲାଙ୍ଗୀର ଜିଲା ମୁରିବାହାଲ ଥାନା ବାଘୁଆବାହାଲ ଗ୍ରାମର ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରୁ ଖଡ଼ିଆଳ ପୋଲିସ ଉଦ୍ଧାର କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସରୋଜ କୁମାର ମେହେରଙ୍କ ଜେସିବି ଗାଡି (ନଂ.ଓଡ଼ି୩୩ଏସି ୨୯୧୫) ଭୁଲିଆସିକୁଆ ଗ୍ରାମ କ୍ରଶର ୟୁନିଟରୁ ଅଜଣା ବ୍ୟକ୍ତି ଚୋରି କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୨୪୮/୨୩) ରୁଜୁ କରିଥିଲା।



## ସଂକ୍ଷେପରେ

### କଳାହାଣ୍ଡି ପାଇଁ ଗୌରବ ଆଣିଲେ ଅରବିନ୍ଦ ସାହୁ

**ଓଡ଼ିଶା ଷ୍ଟେଟ ସୁଟିଂ ଚାମ୍ପିଅନସିପ୍‌ରେ ପ୍ରଥମ ସ୍ଥାନ**



**ଭବାନୀପାଟଣା,୨୫।୭(ଉତ୍ତମ କୁମାର ଦାଶ):** ଓଡିଶା ରାଇଫଲ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୧୨ତମ ଓଡିଶା ଷ୍ଟେଟ ସୁଟିଂ ଚାମ୍ପିଅନସିପ୍-୨୦୨୩ ଅନୁଷ୍ଠିତ ହୋଇଥିଲା। ଏହି ରାଇଫଲ ସୁଟିଂ ଚାମ୍ପିୟନରେ ସିନିୟର(ବରିଷ୍ଠ)ବିଭାଗରେ କଳାହାଣ୍ଡି ଜିଲା ଜୁନାଗଡ଼ ସହର ଅରବିନ୍ଦ ସାହୁ ପ୍ରଥମ ସ୍ଥାନ ଅଧିକାର କରି କଳାହାଣ୍ଡି ଜିଲା ପାଇଁ ଗୌରବ ଆଣିଛନ୍ତି। ଜିଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ସେ ୨୨, ୫୦ ମିଟର ରାଇଫଲ ୩ପିରେ ପ୍ରଥମ ସ୍ଥାନ ଅଧିକାର କରି ସର୍ଣ୍ଣ ପଦକରେ ସମ୍ମାନିତ ହୋଇଛନ୍ତି। ଏହାସହ ୨୨ ଓପନ ସାଇଡ ରାଇଫଲ ପଚାଶ ମିଟରରେ ଦ୍ୱିତୀୟ ସ୍ଥାନରେ ବିଜୟ ଲାଭ କରି ରୌପ୍ୟ ପଦକରେ ସମ୍ମାନିତ ହୋଇଛନ୍ତି।

### ସାପ କାମୁଡ଼ାରେ ମହିଳା ମୃତ

**କୋକସରା,୨୫।୭ (ଦୁଷ୍ମନ୍ତ କୁମାର ପାଇଯୋଶୀ):** କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ରୋହିଣୀ ମାଝି (୫୦)। ରୋହିଣୀ ନିଜ ଭାଇ ଘର ବଡପୋଡାଗୁଡା ପଞ୍ଚାୟତ ସର୍ଗିଗୁଡ଼ାକୁ ଗାଁକୁ ଆସିଥିଲେ। ତାଙ୍କୁ ଏକ ସାପ ଦଂଶନରେ ଗୁରୁତର ହୋଇଥିଲେ। ସମ୍ପର୍କୀୟମାନେ କୋକସରା ଡାକ୍ତରଖାନାରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବା ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ ହୋଇଛି।

### ବହଲପଦରର କଦଳୀ ବଗିଚା ନଷ୍ଟ କଲା ହାତୀ



**ଖଡ଼ିଆଳ,୨୫।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଛତିଶଗଡ଼ ସୀମାରୁ ଏକ ହାତୀ ଆସି ସିନାପାଲି ବ୍ଲକ ଦେଇ ଖଡିଆଳ ବ୍ଲକ କିରକିଟା, ରାଣିମୁଣ୍ଡା ଦେଇ ମଙ୍ଗଳବାର ବହଲପଦର ଗ୍ରାମ ନିକଟସ୍ଥ ଜଙ୍ଗଲରେ ରହିଥିବା ଜଣାପଡ଼ିଛି। ସୋମବାର ରାତ୍ରିରେ ବହଲପଦର ଗ୍ରାମ ଭିତରେ ପ୍ରବେଶ କରି ବୁଲିଥିବା ବେଳେ ଗ୍ରାମବାସୀଙ୍କ ଲାଇଟ ଦେଖି ହାତୀ ଜଙ୍ଗଲ ପଟେ ପ୍ରବେଶ କରିଛି। ମଙ୍ଗଳବାର ସକାଳୁ ସ୍ଥାନୀୟ ଲୋକେ ଜଙ୍ଗଲରୁ ହାତୀର ଶବ୍ଦ ଶୁଣିଛନ୍ତି। ଘଟଣାକୁ ଖଡିଆଳ ବନଖଣ୍ଡ ବିଭାଗ କଡ଼ା ନଜର ରହିଛି। ହାତୀର ସୁରକ୍ଷା ନେଇ ପାଟ୍ରୋଲିଂ କରୁଥିବା ଖଡିଆଳ ବନଖଣ୍ଡ ଅଧିକାରୀ ସୁଶିଲ କୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି। ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ଗ୍ରାମବାସୀଙ୍କୁ ସଚେତନ କରାଇବା ସହ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉପରୋକ୍ତ ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରଖାଯାଇଛି। ହାତୀ ଦଳରୁ ବିଛିଡ଼ି ଯାଇଥିବା ବନଖଣ୍ଡ ଅଧିକାରୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

### ନୂତନ ସରପଞ୍ଚ ସଂଘ ଗଠିତ: ନୀଳାଦ୍ରି ସଭାପତି

**ଖଡ଼ିଆଳ,୨୫।୭(ସୁଜିତ୍ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ନୂତନ ସରପଞ୍ଚ ସଂଘ ଗଠିତ ହୋଇଯାଇଛି। ଡୁଆଝର ସରପଞ୍ଚ ଜିତୁ କୁମ୍ଭରଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଖଡ଼ିଆଳ ବ୍ଲକ ସରପଞ୍ଚ ସଂଘ ସଭାପତି ଭାବେ ଡୁକୁଲା ସରପଞ୍ଚ ନିଳାନ୍ଦ୍ରୀ ମେହେର ମନୋନୀତ ହୋଇଥିବା ବେଳେ ସମ୍ପାଦକ ଭାବେ ସରଧାପୁର ସରପଞ୍ଚ ଉମେଶ କୈବର୍ତ୍ତ, କୋଷାଧ୍ୟକ୍ଷ ଭାବେ ରାଣୀମୁଣ୍ଡା ସରପଞ୍ଚ ତୁକାରାମ ହିଆଲ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ବୈଠକରେ ସୁବସିନୀ ପାନ, ଆହ୍ଲାଦିନୀ ବେହେରା, କୁନୁ ଚରଣ ବେହେରା, ମଥାମଣୀ ତାଣ୍ଡି, ବୈଦେହୀ ମାଝି, ଯେମାମଣି ରଣା, ଅମ୍ବିକା ମାଝି, ଭଲେଶ୍ୱରୀ ଦାସ ପ୍ରମୁଖ ବୈଠକରେ ଯୋଗଦେଇ ନିଜର ମତ ଦେଇଥିଲେ।

# ବାଲି ଚୋରା ଚାଲାଣକୁ ବିରୋଧ

**ଗୌଡ଼ତୁଲା ବାଲି ଘାଟ**
- ରାସ୍ତା ଅବରୋଧ କଲେ ଗ୍ରାମବାସୀ, ମହିଳା ଗୋଷ୍ଠୀ
- ଜିଲାପାଳ, ତହସିଲଦାରଙ୍କ ନିକଟରେ ଅଭିଯୋଗ
- ଏନ୍‌ଜିଟି ନିୟମ ପାଳନ କରୁନି ଠିକା ସଂସ୍ଥା

**କେସିଙ୍ଗା,୨୫।୭(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କୁଣ୍ଡାବାନ୍ଧ ଗ୍ରାମପଞ୍ଚାୟତ ଅଧୀନସ୍ଥ ଗୌଡ଼ତୁଲା ଗ୍ରାମ ବାଲି ଘାଟରୁ ବେଆଇନ ଭାବେ ବାଲି ଚାଲାଣକୁ ଗୁର୍ଜିମୁଣ୍ଡା ଗ୍ରାମ ସମେତ ଲିମଗା ଗ୍ରାମର ମହିଳା ଗୋଷ୍ଠୀ ବିରୋଧ କରିଛନ୍ତି। ସେମାନେ ବାଲି ବୋଝେଇ ହାଇୱା ଗାଡିକୁ ଅଟକାଇ ମଙ୍ଗଳବାର ରାସ୍ତା ରୋକୋ କରିଥିଲେ। ବାଲି ଚୋର ଚାଲାଣ ନେଇ ଗ୍ରାମବାସୀ ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଠିକା ସଂସ୍ଥା ରାଜନୈତିକ ବଳ ପ୍ରୟୋଗ କରି ବେଆଇନ ଭାବେ ଶହଶହ ହାଇବା ଗାଡିରେ ବାଲି ଚୋରା ଚାଲାଣ କରୁଛି। ଜିଲା ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଠିକା ସଂସ୍ଥାକୁ ୩୯୮ ଟଙ୍କା କ୍ୟୁବିକ ମିଟରରେ ୧ ହଜାର କ୍ୟୁବିକ ମିଟର ବାଲି ଉଠାଣ ପାଇଁ ୨ ବର୍ଷ ଲିଜରେ ଦିଆଯାଇଛି। ବାଲି ଉଠାଣ ଦିନଠାରୁ ବିଭିନ୍ନ ଜରିଆରେ ଜାଲିଆତି କରି ବର୍ତ୍ତମାନ ପର୍ଯ୍ୟନ୍ତ ପାଖାପାଖି ୧ ଲକ୍ଷ କ୍ୟୁବିକ ମିଟର ବାଲି ଉଠାଇ ନେଇଥିବା ଅଭିଯୋଗ ହେଉଛି। ଏ ନେଇ ଜିଲାପାଳ, ଭବାନୀପାଟଣା ଉପଜିଲାପାଳ ଓ ତହସିଲଦାରଙ୍କୁ ଅନେକ ବ୍ୟକ୍ତି ବିଶେଷ ଓ ସଙ୍ଗଠନ ବହୁ ଆଗରୁ ବିନା ଟ୍ରାଞ୍ଜିଟ ପାସରେ ଜାଲିଆତି କରି ଦୈନିକ ଶହ ଶହ ହାଇୱା ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଇତିମଧ୍ୟରେ ବାଲି ଉଠାଣ ୬ ମାସ ବିତିଯାଇଥିଲେ ମଧ୍ୟ ଏସେସମେଣ୍ଟ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏସେସମେଣ୍ଟ କରାଯାଇ ନ ଥିବା ଜଣାପଡ଼ିଛି। ଏନ୍‌ଜିଟି ନିୟମ ଅନୁଯାୟୀ ଭାରିଯାନ ନଦୀରେ ପ୍ରବେଶ ପାଇଁ ବାରଣ ଥିବା ବେଳେ ପ୍ରୋକଲିଂ ଓ ହାଇବାରେ ଦିନରାତି ବାଲି ଚୋରା ଚାଲାଣ ହେଉଛି। ଅନ୍ୟପଟେ ବାଲି ଯେପରି ରାସ୍ତାରେ ନ ପଡେ ସେଥିପାଇଁ ବାଲି ଘୋଡାଇ ନେବା ନିୟମ ଥିବା ବେଳେ ଏଠାରେ କୌଣସି ନିୟମ ପାଳନ କରାଯାଉନାହିଁ। ଗୌଡ଼ତୁଲା ଘାଟଠାରୁ ଗୁର୍ଜିମୁଣ୍ଡା, ଲିମପଡାର ଛୋଟିଆ ରାସ୍ତାରେ ଭାରିଯାନ ଯୋଗୁ ଧୂଳିଗୁଣ୍ଡ ଉଡିବା ସହ ରାସ୍ତା କାଦୁଅ ହୋଇଯାଉଛି। ଧୂଳିଗୁଣ୍ଡ ହେବା ଯୋଗୁ ଆଖିରେ ପଶି ଯାଉଛି। ରାସ୍ତାର ଚାରିଆଡେ ବାଲିମୟ ହୋଇପଡ଼ିଛି, ଯାହାକି ଦୁର୍ଘଟଣା ପାଇଁ ଆମନ୍ତ୍ରଣ କରୁଛି। ପ୍ରତ୍ୟେକ ଦିନ ଛୋଟବଡ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁମୁଖରେ ପଡିବାର ସମ୍ଭାବନା ରହିଛି। ଏ ସଂକ୍ରାନ୍ତରେ ତହସିଲଦାର ଯୋଗେଶ୍ୱର ସାହୁଙ୍କୁ ପଚାରିବାରୁ ଏନଜିଟି ନିୟମକୁ ଠିକା ଏଜେନ୍ସି ଅବମାନନା କରୁଛନ୍ତି। ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ସରକାର ଗୌଡ଼ତୁଲା ବାଲି ଘାଟରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛନ୍ତି, ଯେଉଁ ରାଜସ୍ୱ ରାଜ୍ୟର ପ୍ରଗତି ଓ ଲୋକଙ୍କ ଉନ୍ନତିରେ କାମ ଆସନ୍ତା। କିନ୍ତୁ ଏଠାରେ ଉକ୍ତ ରାଜସ୍ୱ ଠିକା ସଂସ୍ଥା ଓ ପ୍ରଶାସନିକ ପକେଟକୁ ଯାଉଛି ଯାହାକି ଦୁର୍ଭାଗ୍ୟର ବିଷୟ ବୋଲି ସାଧାରଣରେ ଆଲୋଚନା ହେଉଛି।



ଲିମଗା ଗ୍ରାମର ମହିଳାଙ୍କ ଦ୍ୱାରା ବାଲି ବୋଝେଇ ହାଇୱା ଗାଡି ଅଟକ ରଖାଯାଇଛି।

# ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ

**ନୂଆପଡ଼ା,୨୫।୭(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଦର୍ଲପଡା ପଞ୍ଚାୟତ ସିଲେଟପାଣି ଗାଁରେ ବନ ବିଭାଗ ଓ ବନ୍ୟପ୍ରାଣୀ ବିଭାଗଙ୍କ ମିଳିତ ଭାବେ ଚଢାଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ କରାଯାଇଛି। ଏଥି ସହ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ରାଂଶ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନେ ଫେରାର ଥିବା ଜଣାପଡିଛି। ସୁନାବେଡା ଅଭୟାରଣ୍ୟ ତଟବର୍ତ୍ତି ଅଞ୍ଚଳ ତଥା ସିଲେଟପାଣି ଗାଁରେ କିଛି ଲୋକ ସୁନାବେଡାରୁ କାଠ କାଟି ଆଣି ବେପାର କରୁଥିବା ଖବର ପାଇ କୋମନା ବନ ବିଭାଗ ରେଞ୍ଜର ଦେବଦତ ସୁତାର ଓ ସୁନାବେଡା ବନ୍ୟପ୍ରାଣୀ ବିଭାଗ ରେଞ୍ଜର ସ-ଜିବ ବନଗୋଳାଙ୍କ ନେତୃତ୍ୱରେ ଏକ ଟିମ ସିଲେଟପାଣି ଗାଁରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ କାଠ ଛାଡି ଅଭିଯୁକ୍ତମାନେ ଫେରେ ହୋଇଥିବା ବେଳେ ତାଙ୍କ ଘରେ ଚଢାଉ କରି ବ୍ୟାପକ ଶାଗୁଆନ କାଠ ଗଣ୍ଡି, କାଠ ତିଆରି ସାମଗ୍ରୀ, ବ୍ୟବହୃତ ଯନ୍ତ୍ରପାତି ଜବତ କରାଯାଇଛି। ଏହି ଅବସରରେ ଅନୌପଚାରିକ ଭାବେ ବିଜୁଳି ଚୋରି କରି କାଠ କାଟୁଥିବା ନେଇ ବିଜୁଳି ବିଭାଗ ପକ୍ଷରୁ ମଧ୍ୟ ୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସୋମବାର ରାତ୍ରିଠାରୁ ଚଢାଉ ଜାରି ରହିଛି। ଏହା ଉପରେ ସବିଶେଷ ତଥ୍ୟ ସଂଗ୍ରହ ପରେ ମାମଲା ରୁଜୁ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# କଳାହାଣ୍ଡି ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର




ଆୟୋଜିତ ଜନସମ୍ପର୍କ ଶିବିରରେ ଉପସ୍ଥିତ ଅତିଥି।

**ଲାଞ୍ଜିଗଡ଼,୨୫।୭(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ମାଓବାଦୀପ୍ରବଣ ଲାଞ୍ଜିଗଡ ବ୍ଲକ ତ୍ରିଲୋଚନପୁର ପଞ୍ଚାୟତ ଅନ୍ତର୍ଗତ ଲଡାଙ୍ଗଠାରେ କଳାହାଣ୍ଡି ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର ସୋମବାର ଅନୁଷ୍ଠିତ ହେଇଯାଇଛି। କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶରେ ଆମ ପୋଲିସର ଜନସମ୍ପର୍କ ଶିବିର ବିଜେପୁର ଥାନାଧିକାରୀ ଲିଙ୍ଗରାଜ ସେଠିଙ୍କ ତ୍ୱବାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିସି ଏସ ବରାଳ, ସରଜେଣ୍ଟ ଖଗେଶ୍ୱର ବିଶ୍ୱାଳ, ତ୍ରିଲୋଚନପୁର ସରପଞ୍ଚ ଲକ୍ଷ୍ମୀ ମାଝି, ସମିତି ସଭ୍ୟା ସୁଦଶା ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପରିକ୍ଷିତ ନାଏକ, ନାଏବ ସରପଞ୍ଚ ତରୁଣୀ ବାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୋଲିସର ଜନସମ୍ପର୍କ ଶିବିରରେ କୁନି କଳାକାରମାନଙ୍କୁ ନେଇ ନୃତ୍ୟ ଓ ସଂଗୀତ ପରିବେଶଣ କରିଥିଲେ। ଜନସମ୍ପର୍କ କାର୍ଯ୍ୟକ୍ରମରେ ସାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରଖିବାକୁ ଅତିଥିମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବୃଦ୍ଧ ବୃଦ୍ଧା ଓ ସାଧାରଣ ଜନତାମାନଙ୍କୁ କମ୍ବଳ, ଛତା, ଟର୍ଚ୍ଚଲାଇଟ ମାଇକସେଟ, ବାଦ୍ୟଯନ୍ତ୍ର, ଛାତ୍ରୀଛାତ୍ରମାନଙ୍କୁ ଖାତା କଲମ ଆଦି ପ୍ରଦାନ କରାଯାଇଥିଲା। ଏଥିରେ ହାବିଲଦାର ଜତିନ ପ୍ରଧାନ, କନଷ୍ଟେବଲ ଦ୍ରୋଣ କୁମାର, ସୁବ୍ରତ ପାଣିଗ୍ରାହୀ, ଦିଲୀପ ସୁନାନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପେଟ୍ରୋଲରେ ପୋଡ଼ି ବିବାହିତ ମହିଳାଙ୍କ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ମା'ବାପା**

**କୋକସରା,୨୫।୭ (ଦୁଷ୍ମନ୍ତ କୁମାର ପାଇଯୋଶୀ)**

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ମାଝିଗୁଡା ଗ୍ରାମରେ ଜଣେ ବିବାହିତ ମହିଳା ପେଟ୍ରୋଲରେ ପୋଡ଼ି ହୋଇ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ମୃତ୍ୟୁ ଘଟିଛି। ସେ ହେଲେ ଉର୍ମିଳା ସାଗର (ପୂଜା)। ହେଲେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ନିର୍ଯାତନା ଓ ଶେଷରେ ପେଟ୍ରୋଲ ଢାଳି ତାଙ୍କୁ ପୋଡି ହତ୍ୟା କରିଥିବା ନେଇ ସଙ୍ଗିନ ଅଭିଯୋଗ କରିଛନ୍ତି ଉର୍ମିଳାଙ୍କ ବାପା। କୋକସରା ଥାନା ଅନ୍ତର୍ଗତ ମାଝିଗୁଡା ଗ୍ରାମର ଜୟନ୍ତ ନାଗ ଏହି ଥାନା ଅନ୍ତର୍ଗତ ଜୟନ୍ତପୁର ଗ୍ରାମର ଦିପେନ ସାଗରଙ୍କ ଝିଅ ଉର୍ମିଳାଙ୍କ ସହ ୨୦୨୦ ମାର୍ଚ୍ଚ ୨୦ରେ ବିବାହ ହୋଇଥିଲା। ବିବାହର କିଛିମାସ ପରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଗତ ୨୩ ତାରିଖରେ ଉର୍ମିଳା ମା'ଙ୍କୁ ଫୋନ କରି ମୋ ଚରିତ୍ର ଉପରେ ଆକ୍ଷେପ କରି ଜୀବନରେ ମାରିଦେବାକୁ ଧମକ ଦେଉଥିବା ଓ ମୋତେ ଶୀଘ୍ର ଆସି ନେଇଯାଅ ବୋଲି କହିଥିଲେ। ସେହିଦିନ ସନ୍ଧ୍ୟାରେ ଝିଅ ପୋଡି ଯାଇଛି ଓ କୋକସରା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଖବର ପାଇ ଝିଅର ମା'ବାପା କୋକସରା ଡାକ୍ତରଖାନାରେ ପହଞ୍ଚିଥିଲେ। ଝିଅର ଶରୀର ସମ୍ପୂର୍ଣ୍ଣ ପୋଡି ଯାଇଥିବା ଦେଖିଥିଲେ। ଡାକ୍ତର ପୀଡୀତାଙ୍କୁ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ରେଫର କରିଥିଲେ। ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହେଲେ ୨୪ ତାରିଖ ସନ୍ଧ୍ୟା ୬ଟାରେ ଉର୍ମିଳାଙ୍କ ମୃତ୍ୟୁ ଘଟିଥିଲା। ଗତ ୨୩ ତାରିଖରେ ଝିଅକୁ ପେଟ୍ରୋଲ ଢାଳି ପୋଡି ମାରି ଦେବାକୁ ଉଦ୍ୟମ କରାଯାଇଥିବା ନେଇ ମହିଳାଙ୍କ ମା' ଆଶା ସାଗର କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ଉର୍ମିଳାଙ୍କ ବାପା ଦିପେନ ସାଗର ପୁଣି କୋକସରା ପୋଲିସ ଥାନାରେ ପହଞ୍ଚି ଝିଅକୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ପେଟ୍ରୋଲ ଢ଼ାଳି ସ୍ୱାମୀ ଜୟନ୍ତ ନାଗ, ଶାଶୁ ଓ ଶ୍ୱଶୁର ପୋଡି ମାରି ଦେଇଥିବା ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଖବର ଲେଖାଯିବା ପର୍ଯ୍ୟନ୍ତ ଏହି ଘଟଣାରେ କାହାକୁ ଗିରଫ କରାଯାଇନାହିଁ। ଅନ୍ୟପଟେ ମୃତଦେହ ଭୁବନେଶ୍ୱରରୁ ଆସୁଥିବା ଜଣାପଡିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୯୩/୨୩) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।



ମୃତ ମହିଳାଙ୍କ ଫାଇଲ ଫଟୋ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପରଲୋକ



**ପଲମ,୨୫।୭(ଭିକାରି ଗଉଡ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ଘୋଡାବନ୍ଧ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସାଇପ୍ରେସ ପଣ୍ଡା(୪୧)ଙ୍କ ପରଲୋକ ହୋଇଯାଇଛି। ଗତ ଜୁଲାଇରେ ଜୁନାଗଡ ବ୍ଲକରୁ ବଦଳି ହୋଇ ପଣ୍ଡା ଘୋଡବନ୍ଧ ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଯୋଗଦେଇଥିଲେ। ଦୀର୍ଘଦିନରୁ ଲିଭର ଜନିତ ସମସ୍ୟାରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିବାରୁ ଘୋଡାବନ୍ଧ ପଞ୍ଚାୟତରୁ ଦାୟିତ୍ୱମୁକ୍ତ କରାଯାଇ ନର୍ଲା ବ୍ଲକରେ ଦାୟିତ୍ୱ ଦିଆଯାଇଥିଲା। ହଠାତ ତାଙ୍କର ଦେହ ଖରାପ ହେବାରୁ ତାଙ୍କୁ ଭବାନୀପାଟଣା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ତାଙ୍କ ନିଜ ଗାଁ ଦେପୁରକୁ ଅଣାଯାଇ ସେଠାରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ସ୍ୱର୍ଗତ ପଣ୍ଡାଙ୍କ ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ପଣ୍ଡାଙ୍କ ଦେହାନ୍ତ ପରେ ନର୍ଲା ବ୍ଲକ ସମ୍ମିଳନୀ କକ୍ଷରେ ଚାଲିଥିବା ପ୍ରସ୍ତୁତି ବୈଠକରେ ବିଡିଓ ବାସନ୍ତ ସେଠୀ, ବ୍ଲକ ଅଧକ୍ଷା ମନୋରମା ମହାନ୍ତି, ବ୍ଲକ ଉପାଧକ୍ଷା ଦୁର୍ଗାପ୍ରସାଦ ମହାନ୍ତି, ବ୍ଲକ ଜିଲା ପରିଷଦ ସଦସ୍ୟା ନମ୍ରତା ସାହୁ, ବ୍ଲକ ସରପଞ୍ଚ ସଂଘ ସଭାପତି ଅନ୍ତରାମ ମାଝି, ଜିପିଓ ଖିତିଶ ଚନ୍ଦ୍ର ନାଏକ, ବ୍ଲକ ଅଧୀନସ୍ଥ ପିଇଓ ବୃନ୍ଦ, ସମସ୍ତ ସରପଞ୍ଚ ଓ ସମିତି ସଦସ୍ୟ/ସଦସ୍ୟା ପ୍ରମୁଖ ୨ ମିନିଟ ନିରବ ପ୍ରାର୍ଥନା କରିବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ।

# କର୍ଲାମୁଣ୍ଡା ବ୍ଲକ: ଧାର କରଜରେ ଚାଲିଛି ଏମ୍‌ଡିଏମ୍

**କର୍ଲାମୁଣ୍ଡା,୨୫।୭(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଏବେ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣ ହୋଇପାରୁ ନାହିଁ ଫଳରେ ବିଦ୍ୟାଳୟଗୁଡିକରେ ଧାର କରଜରେ ମଧ୍ୟାହ୍ନ ଭୋଜନ (ଏମ୍‌ଡିଏମ୍) ବ୍ୟବସ୍ଥା ବହୁ କଷ୍ଟରେ ଚାଲିଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ, ଏହି ବ୍ଲକର ପ୍ରଥମରୁ ଅଷ୍ଟମ ଶ୍ରେଣୀର ୭୧ଟି ବିଦ୍ୟାଳୟରେ ୫୮୨୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଚାଉଳ ଯୋଗାଇବାକୁ ନିଯୁକ୍ତ ହୋଇଥିବା ଟ୍ରାନ୍ସପୋର୍ଟ ଏଜେଣ୍ଟ ଜଳନ୍ଧର ନାଏକ ଗତ ଏପ୍ରିଲ, ମେ, ଜୁନ ମାସରେ ଚାଉଳ ଯୋଗାଣ କରି ନ ଥିବାରୁ ଏହି ସମସ୍ୟା ଦେଖାଦେଇଥିବା ଜଣାପଡିଛି। ଏ ନେଇ ଜିଲା ଶିକ୍ଷାବିଭାଗ ପତ୍ର ସଂଖ୍ୟା–୩୪୦୮, ତାରିଖ ୨୩/୬/୨୦୨୩ରେ ୩୩୨ କୁଇଣ୍ଟାଲ ଚାଉଳ ୧୦/୭/୨୦୨୩ ସୁଦ୍ଧା କର୍ଲାମୁଣ୍ଡା ବ୍ଲକକୁ ଯୋଗାଣ କରିବାକୁ ଟ୍ରାନ୍ସପୋର୍ଟ ଏଜେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏଜେଣ୍ଟ କୌଣସି ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଛି। ଅନ୍ୟପଟେ କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୯୮୫, ତାରିଖ ୭/୭/୨୦୨୩ରେ ଏଜେଣ୍ଟଙ୍କୁ ଓ ଚାଉଳ ଯୋଗାଣ ହୋଇ ନ ଥିବା ସମ୍ବନ୍ଧରେ ୧୧/୭/୨୦୨୩ରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ସୂଚନା ଦିଆଯାଇଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଦୀର୍ଘଦିନ ପରେ ସୋମବାରଠୁଁ କିଛି ବିଦ୍ୟାଳୟରେ ଟ୍ରାନ୍ସପୋର୍ଟ ଏଜେଣ୍ଟ ଚାଉଳ ଦେଇଥିବା ସୂଚନା ମିଳିଛି। ଏଥିପାଇଁ ଜିଲାପାଳ ଦୃଷ୍ଟି ଦେବାକୁ ଅଭିଭାବକ/ଅଭିଭାବିକାମାନେ ଅନୁରୋଧ କରିଛନ୍ତି।

# ୩ ମାସ ହେଲା ରନ୍ଧାଖାଦ୍ୟ ବନ୍ଦ

**ପଲସାପଡା ଅଙ୍ଗନୱାଡ଼ି କେନ୍ଦ୍ର**

**ବେହେରା,୨୫।୭ (ଭୁପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମପଞ୍ଚାୟତସ୍ଥିତ ପଲସାପଡ଼ା ଅଙ୍ଗନୱାଡ଼ି କେନ୍ଦ୍ରରେ ୩ମାସ ହେଲା ରନ୍ଧାଖାଦ୍ୟ ବନ୍ଦ ଥିବା ଅଭିଯୋଗ ହୋଇଛି। ୩ରୁ ୬ ବର୍ଷ ଶିଶୁମାନଙ୍କ ପାଇଁ ପ୍ରତିଦିନ ରନ୍ଧନ ଖାଦ୍ୟ ଦିଆଯିବା ନିୟମ ଥିବା ବେଳେ ଶିଶୁଙ୍କୁ ସେଥିରୁ ବଞ୍ଚିତ କରିବା ଅଭିଭାବକମାନଙ୍କୁ ବ୍ୟଥିତ କରିଛି। ଏ ନେଇ ଗ୍ରାମବାସୀ ସିଡିପିଓଙ୍କୁ ଜଣାଇଥିଲେ ମଧ୍ୟ ଗୁରୁତ୍ୱ ଦେଉ ନ ଥିବା କୁହାଯାଉଛି। ଗତ ଏପ୍ରିଲରୁ ଚାଉଳ ଯୋଗାଣକାରୀ ଏଜେଣ୍ଟ କେନ୍ଦ୍ରକୁ ଚାଉଳ ଦେଇ ନ ଥିବା ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀ ରାଜେନ୍ଦ୍ରୀ ମେହେର ପ୍ରକାଶ କରିଥିଲେ। ସୁପରଭାଇଜର ପୂର୍ଣ୍ଣମୀ ସେନାପତିଙ୍କୁ ଯୋଗାଯୋଗ କଲେ ତାଙ୍କ ସ୍ୱାମୀ ଫୋନ ଉଠାଇ ଆରଟିଆଇ ମାଧ୍ୟମରେ ତଥ୍ୟ ମାଗିବାକୁ କହୁଛନ୍ତି। ସମ୍ପୃକ୍ତ ଯୋଗଣକାରୀ ଏଜେଣ୍ଟ ଚାଉଳ ଯୋଗାଉ ନ ଥିବା ସୂଚନା ଜିଲା କାର୍ଯ୍ୟାଳୟକୁ ଅବଗତ କରାଯାଇଛି କହି ଧର୍ମଗଡ଼ ସିଡିପିଓ ସୁଚାରିତା ମହାପାତ୍ର ଘଟଣାକୁ ଏଡାଇ ଦେଇଥିଲେ। ଗତ ଏପ୍ରିଲରୁ ଲୋକେ ଅଭିଯୋଗ କରିଥିଲେ ମଧ୍ୟ ଛୋଟ ଶିଶୁମାନଙ୍କ ରନ୍ଧନ ଖାଦ୍ୟ ବ୍ୟବସ୍ଥା କରି ନ ପାରିବା ସମ୍ପୃକ୍ତ ଅଧିକାରୀଙ୍କ ଅପାରଗତାକୁ ସୁଚାଉ ଥିବା ବେଳେ ସମ୍ପୃକ୍ତ ଯୋଗଣକାରୀ ଏଜେଣ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଜାଗା ମିଶନ ଜରିଆରେ ୨୧୩ଜଣଙ୍କୁ ମିଳିବ ଘରଡିହ ପଟ୍ଟା

**ନୂଆପଡ଼ା,୨୫।୭(ମକାରୁ ବେମାଲ)**

ନୂଆପଡା ସଦର ବିଜ୍ଞାପିତ ଅଞ୍ଚଳ ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଜାଗା ମିଶନ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ, ଜାଗା ମିଶନ ଉପଦେଷ୍ଟା ଭୁବନେଶ୍ୱର ଶ୍ୱାସତି ମିଶ୍ର, ସଦର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ, ଉପାଧ୍ୟକ୍ଷା ସଂଯୁକ୍ତା ପଣ୍ଡା, ହରିଶ୍ଚନ୍ଦ୍ର ପଣ୍ଡା, ଶିବାନନ୍ଦ ପାତ୍ର, ବିଜ୍ଞାପିତ ପରିଷଦର ଗୋଷ୍ଠି ସଂଯୋଜିକା ସୁରଭି ପାଣିଗ୍ରାହୀ, ସଚ୍ଛସାଥୀ ଯାଜ୍ଞସିନି ମହାପାତ୍ର, ସ୍ୱୟଂ ସହାୟକ ଗୋଷ୍ଠି ମହିଳା, ଆବେଦନକାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାର ଜାଗା ମିଶନ ଜରିଆରେ ସହରାଞ୍ଚଳ ବାସ କରୁଥିବା ଭୂମିହୀନମାନଙ୍କୁ ୪ ଡେସିମିଲ ଲେଖାଏ ଘର ଡିହ ଯୋଗାଇ ଦେଉଛନ୍ତି। ଘର ଡିହ ପାଇଁ ସଦର ବିଜ୍ଞାପିତ ପରିଷଦର ଅନେକ ଭୂମିହୀନ ଆବେଦନ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ କେତେଜଣ ଆବେଦନ କରିଛନ୍ତି, କେତେ ଜଣଙ୍କୁ ଜାଗା ମିଶନରେ ଘର ଡିହ ଯୋଗାଇ ଦିଆଯାଇଛି, କେତେ ଜଣଙ୍କ ଆବେଦନ ପଡି ରହିଛି। ଏହା ବ୍ୟତୁତ ପଡି ରହିଥିବା ଆବେଦନଗୁଡିକର ବର୍ତ୍ତମାନ ସ୍ଥିତି କ'ଣ ରହିଛି। କେଉଁ କାରଣରୁ ଅଟକି ରହିଛି। ସେସବୁର ପୁଙ୍ଖାନୁପୁଙ୍ଖ ଭାବେ ସମୀକ୍ଷା କରାଯାଇ ୨୧୩ଜଣଙ୍କୁ ନୂତନ ଭାବରେ ଘର ଡିହ ପଟ୍ଟା ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ୨୩୧ଜଣଙ୍କୁ ପଟ୍ଟା ଯୋଗାଇ ଦିଆଗଲେ ସେମାନେ ଆବାସ ଯୋଜନାରେ ଘର କରିବାର ସ୍ୱପ୍ନ ସାକାର କରିପାରିବେ ବୋଲି ମନ୍ତ୍ରୀ ଢୋଲକିଆ ପ୍ରକାଶ କରିଥିଲେ। ସେମାନଙ୍କୁ ବହୁତ ଶୀଘ୍ର ପଟ୍ଟା ପ୍ରଦାନ କରିବା ପାଇଁ ବିଜ୍ଞାପିତ ପରିଷଦର ଅଧିକାରୀ ମାନଙ୍କୁ ଅନୁରୋଧ କରିଥିଲେ। ଶେଷରେ ଯାଜ୍ଞସିନି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମଣିପୁର ହିଂସା ଘଟଣା ନେଇ ସିପିଆଇଏମ୍‌ର ବିକ୍ଷୋଭ

**ଏମ୍.ରାମପୁର,୨୫।୭ (ଶଶିଭୂଷଣ ପ୍ରହରାଜ)**

ମଣିପୁର ରାଜ୍ୟରେ ଆଦିବାସୀ ମହିଳାଙ୍କୁ ଶାରୀରିକ ନିର୍ଯାତନା ଦେଇ ଉଲଗ୍ନ କରି ରାଜରାସ୍ତାରେ ଚଳାଇବା ଘଟଣାକୁ ନେଇ ମଙ୍ଗଳବାର ସିପିଆଇ (ଏମ) କଳାହାଣ୍ଡି ଜିଲା ଏମ୍. ରାମପୁରରେ ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ମଣିପୁର ରାଜ୍ୟରେ ଘଟିଥିବା ଏହି ଲଜ୍ଜିତ ଘଟଣା ନେଇ ଥାନାରେ ରିପୋର୍ଟ କରିଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏବେ ଘଟଣାର ଭିଡ଼ିଓ ପ୍ରକାଶିତ ହେବା ପରେ ହିଁ ଏହା ଲୋକ ଲୋଚନକୁ ଆସିଲା। ଭାଜପା ଶାସିତ ସରକାର ହେଉଛନ୍ତି ଅଭିଯୁକ୍ତମାନଙ୍କ ଆଶ୍ରୟ ଦାତା। ଖୋଦ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ନିରାପତ୍ତା ବାହିନୀ ଉପସ୍ଥିତିରେ ହତ୍ୟା, ଲୁଟତରାଜ, ଗୃହଦାହ ବିନା ପ୍ରତିବନ୍ଧକରେ ଅବାରିତ ଚାଲିଛି। ମଣିପୁରରେ ଏଭଳି ଅରାଜକତା ଚାଲିଥିବା ବେଳେ ପ୍ରଧାନମନ୍ତ୍ରୀ, କେନ୍ଦ୍ର ସରକାର ଓ ଭାଜପା କେନ୍ଦ୍ରୀୟ ନେତାମାନେ ମଣିପୁର ମୁଖ୍ୟମନ୍ତ୍ରୀ ଓ ଭାଜପା ରାଜ୍ୟ ସରକାରକୁ ସାହାଯ୍ୟ, ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଇ ଆସୁଛନ୍ତି ବୋଲି ସିପିଆଇଏମ ଅଭିଯୋଗ କରିଛି। ଦେଶବାସୀଙ୍କ ଦୃଢ ଦାବି ସତ୍ତ୍ୱେ ପ୍ରଧାନମନ୍ତ୍ରୀ ମଣିପୁର ଗଲେ ନାହିଁ କି ଅବସ୍ଥା ଅନୁଧ୍ୟାନ ପାଇଁ ବିରୋଧୀ ନେତାମାନଙ୍କୁ ମଧ୍ୟ ଯିବାକୁ ଦେଲେ ନାହିଁ। ବରଂ ମଣିପୁର ଗସ୍ତ କରିଥିବା ମହିଳା ନେତ୍ରୀ ଓ ଆଇନଜୀବୀମାନଙ୍କୁ ଦେଶଦ୍ରୋହୀ ଅପରାଧି ଭାବେ ଗିରଫ କରିବାକୁ ଉଦ୍ୟମ କଲେ ବୋଲି ଦଳ ଅଭିଯୋଗ ଆଣିଛି। ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସିପିଆଇଏମର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ, ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସମ୍ପାଦକ ବିକାଶ ନାଥ, ସିପିଆଇଏମ କଳାହାଣ୍ଡି ଜିଲା ସମ୍ପାଦକ ବିଶ୍ୱଜିତ ଚାଟାର୍ଜୀ, ଜିଲା ନେତା ସତ୍ୟଜିତ ଚାଟାର୍ଜୀଙ୍କ ସମେତ ଗଙ୍ଗାଧର ପ୍ରହରାଜ, ଦେବାଦୀ ମାଝି, ଶତ୍ରୁଘ୍ନ ରଣା, ଲଙ୍କେଶ୍ୱର ମାଝି, ନକୁଳ ମାଝି, କୋଦଣ୍ଡ ଦୋରା, ଦେବଜ୍ୟୋତି ଚାଟାର୍ଜୀ, ଲାଇବନ ରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।



ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି ଝରାପଡ଼ାବାସୀ

**ସୋନପୁର,୨୫।୭(ମୃତ୍ୟୁଞ୍ଜୟ ଶତପଥୀ)**

- ଲୋକଙ୍କ ସମସ୍ୟା ବୁଝିଲେ ଜିଲାପାଳ
- ବାହାରୁ ଆସି ୨୦ ପରିବାର ବସତି କରିଛନ୍ତି
- ଦୟନୀୟ ଅବସ୍ଥାରେ ଭଙ୍ଗା କୁଡିଆରେ ରହୁଛନ୍ତି


ଜିଲାପାଳ ବିମଳେନ୍ଦୁ ରାୟ ପଡ଼ାର ଲୋକଙ୍କ ସମସ୍ୟା ଶୁଣୁଛନ୍ତି ।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସେଲେଡି ପଞ୍ଚାୟତର ଝରାପଡ଼ା(ଖାଡିପଡା)ରେ ୨୦ଟି ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଏହି ପରିବାରଗୁଡିକ ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ସେମାନେ ସୁନ୍ଦରଗଡ ଜିଲାରୁ ଆସି ୩ ବର୍ଷ ହେଲା ଝରାପଡା ସ୍ଥିତ ଖାଡିପଡା ବନ୍ଧ ନିକଟରେ ବସତି ସ୍ଥାପନ କରି ରହୁଛନ୍ତି। ପରିବାରଗୁଡିକ ଦୁର୍ଦ୍ଦଶାରେ ଦିନ କାଟୁଥିବା ଜଣାପଡିବା ପରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମଙ୍ଗଳବାର ଉକ୍ତ ପଡାକୁ ଯାଇଥିଲେ। ପରିବାରଗୁଡିକର ଆର୍ଥିକ ସ୍ଥିତି ଓ ସରକାରୀ ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ସମସ୍ୟା ଜାଣିବା ପରେ ପଡାର ସମସ୍ତ ପରିବାରର ସ୍ଥିତି ସମ୍ପର୍କରେ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କୁ ଜିଲାପାଳ ରାୟ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ସ୍ଥିତିରେ ରହିବା ପାଇଁ ସେମାନଙ୍କୁ ତୁରନ୍ତ ପଲିଥିନ ପ୍ରଦାନ କରିବାକୁ ଜିଲାପାଳ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରିବାର ଗୁଡିକ ସମ୍ପର୍କରେ ସବିଶେଷ ତଥ୍ୟ ମିଳିବା ପରେ ଆବଶ୍ୟକ ସହାୟତା ପ୍ରଦାନ କରାଯିବ ବୋଲି ଜିଲାପାଳ ରାୟ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଏହି ପରିବାରଗୁଡିକ ବାହାର ରାଜ୍ୟକୁ ଇଟା ଗଢିବା ପାଇଁ ଯାଇଥିଲେ। କରୋନା ମହାମାରୀ ସମୟରେ ସେମାନଙ୍କୁ ବିନିକା ବ୍ଲକର ସେଲେଡି ବିଦ୍ୟାଳୟ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଥିଲା। ପରେ ଏହି ପରିବାରଗୁଡିକ ନିଜ ଅଞ୍ଚଳକୁ ନ ଯାଇ ଖାଡିପଡା ବନ୍ଧ ନିକଟରେ ବସତି ସ୍ଥାପନ କରି ରହୁଛନ୍ତି। ଦିନ ମଜୁରିଆ, ଚାଷ କାମ ସହିତ ତମ୍ବା ମୁଦି, ବଳା ଓ ପଥର ମୁଦି ତିଆରି କରି ସେମାନେ ପରିବାର ପ୍ରତିପୋଷଣ କରୁଛନ୍ତି। ପଡ଼ାର ଆଉ କିଛି ଲୋକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ତେବେ ଏହି ପଡ଼ାରେ ନଳକୂପଟିଏ ଖୋଳା ଯାଇ ପାରିନାହିଁ। ଗାଁକୁ ବିଦ୍ୟୁତ୍ ସଂଯୋଗ ନାହିଁ। ଅଧା ପାଲ, ଅଧା ପଲିଥିନ ଘୋଡା ମାଟି ଘରେ ବର୍ଷା ପାଣି ସାଙ୍ଗକୁ ସରୀସୃପ ଭୟରେ ଗରିବ ପରିବାରଗୁଡିକ ରାତି କଟାଉଛନ୍ତି। ଉକ୍ତ ବସ୍ତିରେ ଯଜ୍ଞ ଝରା ଓ ଜାଲ ଝରା ଭଳି ଦୁଇ ଜଣ ବିଧବା ମହିଳା ଅଛନ୍ତି। ସେହିପରି ପଡାର ଶରତ ଝରା, ସୋନିଆ ଝରା, ନୟନ ଝରା, ସୁକାନ୍ତି ଝରାଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ। ମାତ୍ର ସେମାନେ ବିଧବା ଓ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। କେବଳ ଆଧାର କାର୍ଡ ଓ ଭୋଟର ପରିଚୟ ପତ୍ର ଧରି ସେମାନେ ନିଜ ପରିଚୟ ଜାହିର କରୁଛନ୍ତି। ବସ୍ତିରେ ଶିଶୁମାନେ ଫୁଙ୍ଗୁଳା ଦେହରେ ବୁଲୁଥିବା ଦେଖିବାକୁ ମିଳୁଛି। ସରକାରୀ ସହାୟତା ଭାବେ ପଡ଼ାର ମହିଳା ବାବି ବେହେରାଙ୍କୁ ୫ କିଲୋ ଓ ଗିନୁ ଝରାଙ୍କୁ ୨୫ କିଲୋ ଚାଉଳ ମିଳୁଛି। ଗରିବ ହୋଇଥିଲେ ବି ସେମାନେ ରାଶନ କାର୍ଡ ପାଇବାରୁ ବଞ୍ଚିତ ଅଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଓ ବିଜୁ ସ୍ୱାସ୍ଥ୍ୟ କାର୍ଡ ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ଏହି ପଡ଼ାର ସୁରୁବାଲି ଓ ସ୍ୱାମୀ ରାଜୁ ନିଜର ଦୁଇ ଶିଶୁଙ୍କୁ ଛାଡି ହାଇଦ୍ରାବାଦ୍‌କୁ କାମ କରିବାକୁ ଯାଇଛନ୍ତି। ସେଠାରେ ମାଲିକ ସ୍ତ୍ରୀ ଓ ସ୍ୱାମୀଙ୍କୁ ବନ୍ଧକ ରଖିଥିବା ଅଭିଯୋଗ ହୋଇଛି। ତେବେ ଜିଲାପାଳ ଝରାପଡ଼ା ବୁଲିବା ସହିତ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିବାରୁ ଲୋକଙ୍କ ଦୁଃଖ କିଛି ପରିମାଣରେ ଦୂର ହେବ ବୋଲି ଆଶା ସଞ୍ଚାର ହୋଇଛି।

## ବିଶେଷଜ୍ଞ କମିଟିର ସୋନପୁର ଉପକାରାଗାର ପରିଦର୍ଶନ


ସୋନପୁର ଉପକାରାଗାର ସମ୍ମୁଖରେ ବିଶେଷଜ୍ଞ କମିଟିର ସଭ୍ୟ ।

**ସୋନପୁର,୨୫।୭(ମୃତ୍ୟୁଞ୍ଜୟ ଶତପଥୀ)**

ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଦ୍ୱାରା ମନୋନୀତ ବିଶେଷଜ୍ଞ କମିଟି(ଶିଶୁ ସୁରକ୍ଷା) ଓ ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣର କର୍ମକର୍ତ୍ତା ମଙ୍ଗଳବାର ସୋନପୁର ଉପକାରାଗାର ପରିଦର୍ଶନ କରିଛନ୍ତି। ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା କୁମଦିନୀ ମୁଦୁଲିଙ୍କ ତତ୍ତ୍ୱାବଧାନରେ କମିଟିର ପ୍ରଫେସର ଏନ.ଶତପଥୀ, ରାଜୀବ ଲୋଚନ ଗୁରୁ, ହେମନ୍ତ କୁମାର ସା ଓ ଜିଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ପ୍ରମୁଖ ଉକ୍ତ କାରାଗାର ପରିଦର୍ଶନ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ କାରାଗାରର ଅନ୍ତେବାସୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। କମିଟିର ପରିଦର୍ଶନ ସମୟରେ ଉପକାରାଗାର ର ଅଧୀକ୍ଷକ ଡିଲେଶ୍ୱର ଜେନା ସହଯୋଗ କରିଥିଲେ।

## ବାପାଙ୍କୁ ଆଜୀବନ କାରାଦଣ୍ଡାଦେଶ

**କନ୍ଧମାଳ/ଘଣ୍ଟାପଡା,୨୫।୭ (ଆଦିତେଶ୍ୱର ମିଶ୍ର/ପ୍ରଭାତ କୁମାର ସାହୁ)**

**୩ ମାସର ଶିଶୁ କନ୍ୟା ହତ୍ୟା ମାମଲା**

ବୌଦ୍ଧ ଜିଲା କନ୍ଧମାଳ ଅତିରିକ୍ତ ଜିଲା ଦୌରାଜଜ୍ ଶିବପ୍ରସାଦ ମହାପାତ୍ର ମଙ୍ଗଳବାର ଏକ ୩ ମାସର ଶିଶୁ କନ୍ୟା ହତ୍ୟା ମାମଲାର ବିଚାରକରି ଅଭିଯୁକ୍ତ ବାପାଙ୍କୁ ଆଜୀବନ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, କନ୍ଧମାଳ ଥାନା ଅନ୍ତର୍ଗତ ନାରାୟଣପ୍ରସାଦ ଗ୍ରାମର ଲୋକନାଥ ସାହୁଙ୍କ ସାନ ଝିଅ ଦୀପାଞ୍ଜଳିଙ୍କୁ ବଲାଙ୍ଗୀର ଜିଲା କୁଶଙ୍ଗ ଗ୍ରାମର ଶ୍ୟାମସୁନ୍ଦର ଖଟୁଆ ଗତ ୨୦୨୧ରେ ବିବାହ କରିଥିଲେ। ଦୀପାଞ୍ଜଳି ଶାଶୁ ଘରେ ନିର୍ଯାତିତ ହେବାରୁ ବାପା ଘର ଗାଁ ନାରାୟଣପ୍ରସାଦକୁ ଚାଲି ଆସିଥିଲେ। ପରବର୍ତ୍ତୀ ସମୟରେ ସ୍ୱାମୀ ଶ୍ୟାମସୁନ୍ଦର ଶ୍ୱଶୁର ଘର ଗ୍ରାମକୁ ଆସି ରହୁଥିଲେ। ତେବେ ସେ ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ଅଧିକାଂଶ ସମୟରେ ଘରେ ପାଟିତୁଣ୍ଡ କରୁଥିଲେ। ଗତ ୨୦୨୨ ଅଗଷ୍ଟ ୧ ତାରିଖରେ ଦୀପାଞ୍ଜଳିଙ୍କ ମା’ ବାପା କୌଣସି କାମରେ ବାହାରକୁ ଯାଇଥିଲେ। ଦୀପାଞ୍ଜଳି ନିଜର ୩ ମାସର ଶିଶୁ କନ୍ୟାକୁ ଧରି ଘରେ ଶୋଇଥିଲେ। ଏହି ସମୟରେ ଶ୍ୟାମସୁନ୍ଦର ଘରକୁ ଫେରି ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ୩ ମାସର ଶିଶୁ କନ୍ୟାକୁ ଉଠାଇ ଆଣି କଚାଡି ଦେଇଥିଲେ। ଦୀପାଞ୍ଜଳି ବାରଣ କରିବା ସତ୍ତ୍ୱେ ପୁନଶ୍ଚ ଗାଁ ଦାଣ୍ଡ ରାସ୍ତାରେ କଚାଡି ଦେଇଥିଲେ। ଖବର ପାଇ ଦୀପାଞ୍ଜଳିଙ୍କ ମା’ ବାପା ସଙ୍ଗେ ସଙ୍ଗେ ଆସି ଗୁରୁତର ନାତୁଣୀଙ୍କୁ ପ୍ରଥମେ କନ୍ଧମାଳ ମେଡିକାଲ ଓ ପରେ ସୋନପୁର ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଶିଶୁ କନ୍ୟାର ମୃତ୍ୟୁ ଘଟିଥିଲା। ଏନେଇ ଲୋକନାଥ ନାତୁଣୀକୁ ତା’ର ବାପା ଶ୍ୟାମସୁନ୍ଦର ମାରିଥିବା ନେଇ କନ୍ଧମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଥାନା କେସ୍ ନଂ ୯୮/୨୨ରେ ଏକ ହତ୍ୟା ମାମଲା ରୁଜୁ କରି ଶ୍ୟାମସୁନ୍ଦର ଖଟୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ଏସ୍‌ଟି କେସ୍ ନଂ ୯୫/୨୨ ହୋଇ ବିଚାର ହୋଇଥିଲା। ମାମଲାରେ ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଅଭିଯୁକ୍ତ ବାପା ଶ୍ୟାମସୁନ୍ଦର ଖଟୁଆଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବା ସହ ୫୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦୁତିଆ ଚରଣ ସାହୁ ପରିଚାଳନା କରୁଥିଲେ।

## ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହେଲେ ଯନ୍ତ୍ରୀ

**ବୌଦ୍ଧ,୨୫।୭(ଅଜିତ କୁମାର ବାରିକ)**

**୩ ବର୍ଷ କାରାଦଣ୍ଡାଦେଶ ସହ ୫ ହଜାର ଟଙ୍କା ଜରିମାନା**

ବିଲ୍ ପାସ୍ କରିବା ପାଇଁ ଜଣେ ସରପଞ୍ଚଙ୍କ ନିକଟରୁ ଲାଞ୍ଚ ନେବା ଅଭିଯୋଗରେ ଜଣେ ଯନ୍ତ୍ରୀଙ୍କୁ ମଙ୍ଗଳବାର ଫୁଲବାଣୀ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ୩ ମାସ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତଙ୍କ ରାୟରେ ଉଲ୍ଲେଖ ରହିଛି। ଯନ୍ତ୍ରୀ ଜଣକ ହେଲେ ବୌଦ୍ଧ ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଭାବଗ୍ରାହୀ ସାମନ୍ତରାୟ। ସୂଚନା ମୁତାବକ, ଗତ ୨୦୧୯ ମସିହାରେ ବୌଦ୍ଧ ବ୍ଲକ ଅନ୍ତର୍ଗତ ଖୁଣ୍ଟବନ୍ଧ ପଞ୍ଚାୟତର ତତ୍କାଳୀନ ସରପଞ୍ଚ ମିତ୍ରଭାନୁ ପ୍ରଧାନ ଜହ୍ନାପଙ୍କଠାରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ନିର୍ମିତ ଏକ ସୌର ପ୍ରକଳ୍ପର କାମ ସରିବା ପରେ ବିଲ୍ କରାଇ ଦେବାକୁ ତତ୍କାଳୀନ କନିଷ୍ଠଯନ୍ତ୍ରୀ ସାମନ୍ତରାୟଙ୍କୁ ଅନୁରୋଧ କରିଥିଲେ। ତେବେ ବିଲ୍ ଅନୁମୋଦନ ପାଇଁ ଯନ୍ତ୍ରୀ ସାମନ୍ତରାୟ ୫୦ ହଜାର ଟଙ୍କା ଦାବି କରିଥିଲେ। ଫଳରେ ସରପଞ୍ଚ ମିତ୍ରଭାନୁ ଏନେଇ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ ୨୦୧୯ ଫେବୃୟାରୀ ୪ ତାରିଖ ଦିନ ଯନ୍ତ୍ରୀ ସାମନ୍ତରାୟ ତାଙ୍କ କାର୍ଯ୍ୟାଳୟରେ ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବ ପ୍ରସ୍ତୁତି ମୁତାବକ ଭିଜିଲାନ୍ସ ବିଭାଗ କର୍ମଚାରୀ ତାଙ୍କୁ ଧରିଥିଲେ। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ ୩/୧୯ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିବା ପରେ ଫୁଲବାଣୀ ଭିଜିଲାନ୍ସ ଅଦାଲତରେ ମାମଲାର ବିଚାର ହୋଇଥିଲା। ମଙ୍ଗଳବାର ଦିନ ଏହି ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସମର ବିଳାସ ବେହେରା ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଥିବା ନେଇ ଅଭିଯୁକ୍ତ ସାମନ୍ତରାୟଙ୍କୁ ୩ ବର୍ଷ କରାଦଣ୍ଡାଦେଶ ପ୍ରଦାନ କରିବା ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୁକ୍ତ ସାମନ୍ତରାୟ ଇତିମଧ୍ୟରେ ସହକାରୀ ଯନ୍ତ୍ରୀ ଭାବେ ଚାକିରିରୁ ଅବସର ଗ୍ରହଣ କରି ସାରିଛନ୍ତି। ସେହିପରି ଅଭିଯୋଗକାରୀ ପୂର୍ବତନ ସରପଞ୍ଚ ମିତ୍ରଭାନୁ ପ୍ରଧାନଙ୍କ ମଧ୍ୟ ପରଲୋକ ହୋଇସାରିଛି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଭି.ଭି. ରାମଦାସ ପରିଚାଳନା କରୁଥିଲେ।

## ସମ୍ମାନିତ ହେଲେ ପଦକ ବିଜେତା କ୍ରୀଡ଼ାବିତ୍


କ୍ରୀଡା ପ୍ରଶିକ୍ଷକ କଲିମ ମହମ୍ମଦଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

**ସୋନପୁର,୨୫।୭(ମୃତ୍ୟୁଞ୍ଜୟ ଶତପଥୀ)**

ଗତ ଜୁନ୍ ମାସରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସୁବର୍ଣ୍ଣପୁର ଜିଲାର କ୍ରୀଡାବିତ୍ ଭଲ ପ୍ରଦର୍ଶନ କରିଥିଲେ। ଜିଲାର କ୍ରୀଡାବିତ୍ ପ୍ରଥମ ଥର ପାଇଁ ମୋଟ ୧୮ଟି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରି ଗୌରବ ଆଣିଥିଲେ। ପଦକ ବିଜେତା କ୍ରୀଡାବିତ୍‌ଙ୍କୁ ଜିଲା କ୍ରୀଡା ସଂଘ ପକ୍ଷରୁ ସୋନପୁର ଇନ୍‌ଡୋର ଷ୍ଟାଡିୟମରେ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା କ୍ରୀଡା ସଂଘର ସମ୍ପାଦକ ପୀୟୁଷ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଓ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା କ୍ରୀଡା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପଦକ ବିଜେତା କ୍ରୀଡାବିତ୍ ଓ ମୁଷ୍ଟି ଯୋଦ୍ଧା ପ୍ରଶିକ୍ଷକ ରାଜେଶ କୁମାର ମେଣ୍ଡିଲି, ପ୍ରଶିକ୍ଷକ କଲିମ ମହମ୍ମଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କଇରୁ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଫୁଟବଲ ସମ୍ପାଦକ ରାଜୀବ ସାହୁ, ଭଲିବଲ ସମ୍ପାଦକ ପୁରୁଷୋତ୍ତମ ପାଣିଗ୍ରାହୀ, କାର୍ଯ୍ୟକାରୀ ସଦସ୍ୟ ଗୌରୀଶ୍ୟାମ ପଣ୍ଡା, ଦିଲୀପ ଗୁରୁ, କଳାକାହ୍ନୁ ବାଘ, ସୋମନାଥ ସାହୁ, ଆଦିତ୍ୟ କିଶୋର ଦାନୀ, ବିକାଶ ପଣ୍ଡା, କମଳା କାନ୍ତ ସାହୁ, ରାକେଶ ପାଢୀ, ଗୁରୁ ଦଳେଇ ଓ ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com


@ ସୌମ୍ୟ ରଞ୍ଜନ


@ ଟିକେଶ୍ୱର


@ ଶେଷଦେବ


@ ଉଚ୍ଛଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସାପ କାମୁଡ଼ାରେ ମହିଳା ମୃତ

**କୋକସରା,୨୫।୭(ଦୁଷ୍ମନ୍ତ କୁମାର ପାଟଯୋଶୀ):** କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ରୋହିଣୀ ମାଝି (୫୦)। ରୋହିଣୀ ନିଜ ଭାଇ ଘର ବଡପୋଡାଗୁଡା ପଞ୍ଚାୟତ ସର୍ଗିଗୁଡ଼ାକୁ ଗାଁକୁ ଆସିଥିଲେ। ତାଙ୍କୁ ଏକ ସାପ ଦଂଶନରେ ଗୁରୁତର ହୋଇଥିଲେ। ସମ୍ପର୍କୀୟମାନେ କୋକସରା ଡାକ୍ତରଖାନାରେ ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ହୋଇଯାଇଥିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇନାହିଁ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବା ପରେ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ଆମପାଣି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫/୨୩) ରୁଜୁ ହୋଇଛି।

## ୫ ଦିନ ପରେ ସିଲେଟପଡ଼ା ବିଦ୍ୟାଳୟରୁ ଖୋଲିଲା ତାଲା

**ଘଣ୍ଟାପଡ଼ା,୨୫।୭(ପ୍ରଭାତ କୁମାର ସାହୁ)**


ବିଦ୍ୟାଳୟରେ ତାଲା ଖୋଲାଯାଉଛି।

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ସିଲେଟପଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଡିଥିବା ତାଲା ଦୀର୍ଘ ୫ ଦିନ ପରେ ଖୋଲାଯାଇଛି। ଫଳରେ ପାଠପଢା ସ୍ୱାଭାବିକ ହୋଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାକର କହଁରଙ୍କ ବଦଳିକୁ ନେଇ ଗତ୨୦ ତାରିଖ ସକାଳୁ ଛାତ୍ରୀଛାତ୍ର, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ମିଳିତ ଭାବେ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ। ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନ ନେବାରୁ ଗତ ୨୪ ତାରିଖରେ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜନଶୁଣାଣି ଶିବିରରେ ଏହାର ତତ୍କାଳ ସମାଧାନ ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାପରେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଇଓଙ୍କ ଅନୁପସ୍ଥିତିରେ କନ୍ଧମାଳ ଏବିଇଓ ଦୁର୍ଗାଚରଣ ପ୍ରଧାନ ଓ ସିଆରସିସି ରଞ୍ଜିତ ରଣା ସିଲେଟପଡ଼ା ବିଦ୍ୟାଳୟରେ ପହଞ୍ଚି ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଶିକ୍ଷକ କହଁର ପୁନଃ କାର୍ଯ୍ୟରେ ଯୋଗ ଦେବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ମଙ୍ଗଳବାର ପରିଚାଳନା କମିଟିର ଅଧ୍ୟକ୍ଷ ସଦାନନ ରଣା ତାଲା ଖୋଲି ଛାତ୍ରୀଛାତ୍ରଙ୍କୁ ପାଠ ପଢିବା ପାଇଁ ଅନୁରୋଧ କରିଥିଲେ। ପ୍ରତିଶ୍ରୁତି ଅନୁସାରେ ବିଇଓ ୧୫ ଦିନିଆ ଟ୍ରେନିଂ ସାରି କାର୍ଯ୍ୟରେ ଯୋଗ ଦେବା ପରେ ଶିକ୍ଷକ କହଁର ଉକ୍ତ ବିଦ୍ୟାଳୟରେ ପୁନଃ ଯୋଗଦେବେ। ଆଲୋଚନା ସମୟରେ ପରିଚାଳନା କମିଟି ଅଧ୍ୟକ୍ଷ ରଣା, ଉପାଧ୍ୟକ୍ଷ ଦେବେନ୍ଦ୍ର ପାଣିଗ୍ରାହୀ, ରାମେଶ୍ୱର ରଣା, କପିଳ ରଣା, ସ୍କୁଲ କମିଟିର ସଦସ୍ୟାସଦସ୍ୟ ଓ ଅଭିଭାବକ ଉପସ୍ଥିତ ରହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଜୁଲାଇ, ୨୦୨୩



## ସଂକ୍ଷେପରେ

### ଜିଏମ୍‌ୟୁ ଅଡିଟୋରିୟମ ନିମ୍ନମାନର: ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ କଲା ପ୍ରୋଗ୍ରେସିଭ ସମ୍ବଲପୁର

ସମ୍ବଲପୁର,୨୫।୭(ଶୁଭାଶିଷ ପାଢ଼ୀ) ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଉଦ୍‌ଘାଟନ ହୋଇଥିବା ଅତ୍ୟାଧୁନିକ ଅଡିଟୋରିୟମରେ ନିମ୍ନମାନର କାମ ହୋଇଛି। ଏହାର ତଦନ୍ତ ପାଇଁ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ଦାବି ହୋଇଛି। ସଂଗଠନ ଆବାହକ ସଞ୍ଜିତ ମହାନ୍ତି କହିଛନ୍ତି, ଜିଏମ୍‌ୟୁରେ ଅଡିଟୋରିୟମ ନିର୍ମାଣ ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୧୩କୋଟି ବିନିଯୋଗ କରଯାଇଛି। ଉଦଘାଟନକୁ ମାତ୍ର ୧୦ଦିନ ହୋଇଥିବା ବେଳେ ଏଥିରେ ବିଭିନ୍ନ ସମସ୍ୟା ଦେଖାଯାଇଛି। ଛାତରୁ ପ୍ରେକ୍ଷାଳୟକୁ ପାଣି ପଶିବା, ସିଲିଂ ଭାଙ୍ଗିବା, ପ୍ଲେଟ ଉପୁଡ଼ିଯିବା, କାନ୍ଥର ରଙ୍ଗ ଛାଡ଼ିବା, ନିମ୍ନମାନର ଆସବାବପତ୍ର, ସାଉଣ୍ଡ, ଲାଇଟ୍‌କୁ ନେଇ ପ୍ରଶ୍ନ ଉଠିଛି। ଏହାର ତଦନ୍ତ ପାଇଁ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସୀତ ତ୍ରିପାଠୀ, ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍ ନାଗାରାଜୁ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ପାଇଁ ମହାନ୍ତି ଦାବି କରିଛନ୍ତି।

### ନାକଟିଦେଉଳ କଲେଜରେ ଭୋଟର ସାକ୍ଷରତା କାର୍ଯ୍ୟକ୍ରମ

ନାକଟିଦେଉଳ,୨୫।୭(ବୈକୁଣ୍ଠ ନାଥ ସାହୁ): ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୋଟର ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧାପକ ଡ. ମନୋଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାଧାପିକା ଡ. ସରସୀରାଣୀ ନାୟକ ଓ ଅଧାପକ ସଞ୍ଜୀବ ଦାଶ ଅତିଥି ଭାବେ ଯୋଗଦେଇ ନବାଗତଙ୍କ ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ଦେଶ ଗଠନରେ ଜଣେ ଭୋଟରଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଉଭୟ କଳା ଓ ବିଜ୍ଞାନ ବିଭାଗର ୧୬୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅଧାପିକା ବିନିତା ମୁର୍ମୁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷା ବିଭାଗର ଅଧାପକ ଡ. ପ୍ରଶାନ୍ତ କୁମାର ଦାଶ ସଂଯୋଜନା କରିଥିବାବେଳେ ଅଧାପକ ହେମାନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର

ଜମନକିରା,୨୫।୭ (ରବୀନ୍ଦ୍ର ପ୍ରସାଦ ଦାନି) ଜମନକିରା ମହାବିଦ୍ୟାଳୟର ଯୁକ୍ତ ୨ ଅଡିଟୋରିୟମ କକ୍ଷଠାରେ ମଙ୍ଗଳବାର ବିପର୍ଯ୍ୟୟ ମୁକାବିଲା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଏନ୍‌ଡିଆର୍‌ଏଫ୍ ଅଧିକାରୀଙ୍କ ସମେତ ଜମନକିରା ବିଡ଼ିଓ ପ୍ରସନ୍ନ ପଟେଲ, ଯୁକ୍ତ ୩ ଅଧାପକ ପ୍ରଦୀପ କୁମାର ପଣ୍ଡା, ଜମନକିରା ଜିପିଓ ସତ୍ୟପ୍ରିୟ ସାହୁ, ଜମନକିରା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ଏହାର ମୁକାବିଲା କରାଯିବ ସେ ସମ୍ପର୍କରେ ଏନ୍‌ଡିଆର୍‌ଏଫ୍ ଟିମ୍ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ଜମନକିରା ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ଏନ୍‌ସିସି ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ଏଥିରେ ଯୁକ୍ତ ୨ ଓ ଯୁକ୍ତ ୩ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ଥିଲେ।

### ଶତାୟୁ ପୁରୁଷଙ୍କ ପରଲୋକ

କୁଚିଣ୍ଡା,୨୫।୭(ବିରଞ୍ଚି ଦର୍ଣ୍ଣା): କୁଚିଣ୍ଡା ବ୍ଲକ ବଙ୍କମା ପଞ୍ଚାୟତର ଲାଡ (ଚକ୍ରଧରପୁର)ର ଶତାୟୁ ପୁରୁଷ ଭାବଗ୍ରାହୀ ବୁଡାଙ୍କ ମଙ୍ଗଳବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୧୦୩ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ଏକମାତ୍ର ପୁଅ ଅବସରପ୍ରାପ୍ତ ଶିକ୍ଷକ ସୋମବାରୁ ବୁଡା ଓ ତିନି ଝିଅଙ୍କ ସମେତ ନାତିନାତୁଣୀ ଉପସ୍ଥିତ ଥିଲେ। ସେ ଜଣେ ମେଳାପି ଓ ପରୋପକାରୀ ସ୍ୱଭାବର ବ୍ୟକ୍ତି ହୋଇଥିବାରୁ ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ନିକଟସ୍ଥ ଖର୍ଲା ନଦୀ ଶ୍ମଶାନଘାଟରେ ଜ୍ଞାତି କୁଟୁମ୍ବ ଓ ପରିଜନଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ଅଭିଯୁକ୍ତ ୨ ଭାଇଙ୍କୁ ଆଜୀବନ ଜେଲଦଣ୍ଡ

ସମ୍ବଲପୁର, ୨୫।୭ (ଶୁଭାଶିଷ ପାଢୀ)

**ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣା**

ସମ୍ବଲପୁର ଜିଲା ଶାସନ ଥାନା ଟାଙ୍ଗରକେଲା ଗ୍ରାମରେ ୨୦୧୩ ମସିହାରେ ଗୁଣିଗାରେଡି ସନ୍ଦେହରେ ପୂଜକ ସଦାନନ୍ଦ ଦାସଙ୍କୁ ଗାଁ ଦାଣ୍ଡରେ ଗୋଡାଇ ହତ୍ୟା କରାଯାଇଥିଲା। ଏହି ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ପ୍ରଥମଶ୍ରେଣୀ ଅତିରିକ୍ତ ଜିଲା ଜଜ୍ ଦେବାଶିଷ ପଣ୍ଡା ଅଭିଯୁକ୍ତ ଦୁଇଭାଇ ଉକ୍ତ ଗ୍ରାମର ଗିରିଗବର୍ଦ୍ଧନ ଗୁରୁ ଓ ଧ୍ରୁବା ଗୁରୁଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାରେ ୨୬ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ମୃତକଙ୍କ ପରିବାର ପକ୍ଷରୁ ସରକାରୀ ଓକିଲ ମହମ୍ମଦ ସବିର ଅହମ୍ମଦ ମାମଲା ପରିଚାଳନା କରୁଥିଲେ। ପୂର୍ବରୁ ଅଭିଯୁକ୍ତ ଗିରିଗବର୍ଦ୍ଧନ ଜାମିନରେ ଥିବାବେଳେ ଏବେ ସେ ପୁଣି ଜେଲ ଯାଇଛନ୍ତି।

ତଦନ୍ତକାରୀ ପୋଲିସ ଅଧିକାରୀ ତଥା ବର୍ତ୍ତମାନର ନାଟକିଦେଉଳ ଥାନା ଭାରପ୍ରାପ୍ତ ଅଧିକାରୀ କୃପା ବାଗଙ୍କ ସୂଚନା ଅନୁସାରେ, ୨୦୧୩ ସେପ୍ଟେମ୍ବର ୨୯ରେ ଘଟଣା ଘଟିଥିଲା। ଅଧିକାଂଶ ସମୟରେ ଗିରିଗବର୍ଦ୍ଧନଙ୍କ ଝିଅଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗିରହୁଥିଲା। ଏହାକୁ ନେଇ ପରିବାର ଚିନ୍ତାରେ ଥିଲେ। ଗ୍ରାମର ସଦାନନ୍ଦ ଦାସ ଗୁଣିଗାରେଡି କରିଥିବା ସନ୍ଦେହ କରି ଜୀବନରେ ମାରିଦେବାକୁ ସେମାନେ ଯୋଜନା କରିଥିଲେ। ପୂଜା କରିବା ପାଇଁ ସଦାନନ୍ଦ ଫୁଲ ତୋଳିବାକୁ ଘର ନିକଟକୁ ଯାଇଥିଲେ। ସେଠାରେ ପୂର୍ବରୁ ଛକିରହିଥିବା ଦୁଇ ଅଭିଯୁକ୍ତ ଅତର୍କିତ ଭାବେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହା ଜାଣିବା ପରେ ସଦାନନ୍ଦଙ୍କ ସ୍ତ୍ରୀ ଦୌଡିଆସିଥିଲେ। ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରେ ସଦାନନ୍ଦଙ୍କ ମୃତ୍ୟୁ ଘଟିଥିବାବେଳେ ବୁର୍ଲାରେ ତାଙ୍କ ସ୍ତ୍ରୀ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ପୋଲିସ ତଦନ୍ତ ସମୟରେ ଦୁଇଭାଇ ଗିରିଗବର୍ଦ୍ଧନ ଓ ଧ୍ରୁବାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ବୃକ୍ଷ ରୋପଣ ଓ ସଚେତନତା ସଭା



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

**ଜମନକିରା,୨୫।୭(ରବୀନ୍ଦ୍ର ଦାନି):**

ଜମନକିରା ବ୍ଲକ ମହଦା ପଞ୍ଚାୟତର କର୍ଡାଖମନସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚାରା ରୋପଣ ସହ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରକୃତି ବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, କେସାଇବାହାଲର ପୂର୍ବତନ ସମିତି ସଭ୍ୟ ପଦ୍ମଲୋଚନ ଗୁରୁ ମୁଖ୍ୟବକ୍ତା, ବନ କର୍ମଚାରୀ ଯୋଗେଶ୍ୱର ମିଞ୍ଜ, ଅବସରପ୍ରାପ୍ତ ଶିକ୍ଷକ ଚିନ୍ତାମଣି ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଚାରା ଲଗାଇବାକୁ ଶପଥ ପାଠ କରିଥିଲେ। ସ୍କୁଲର ଛାତ୍ରୀଛାତ୍ର କଳ୍ପନା ନାୟକ, ଗୁଲୁବଦନ ବଗର୍ତ୍ତି, ସଂଯୁକ୍ତ ପଟେଲ, ଶ୍ୱେତ ଉପାଧ୍ୟାୟ, ଅଜିତ ଦାସ, ତୃପ୍ତିମୟୀ ଷଣ୍ଢ, ଜୟକୃଷ୍ଣ ରକ୍ସା, ସୁନନ୍ଦା ବଗର୍ତ୍ତି, ଶିବାନୀ ଭୋଇ, ଭାରତୀ ପଟେଲ ପ୍ରମୁଖ ଶତାଧିକ ଚାରା ରୋପଣ କରି ତାହାର ଯତ୍ନ ନେବାକୁ ଶପଥ ନେଇଥିଲେ। ଏହି ଅବସରରେ ତିନିଥର ପ୍ରକୃତି ବନ୍ଧୁ ସମ୍ମାନ ପାଇଥିବା ମୁଖ୍ୟଅତିଥି ନାୟକଙ୍କୁ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ତୃପ୍ତି ଷଣ୍ଢ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ କରି ବୃକ୍ଷ ରୋପଣ ସପକ୍ଷରେ ଜନମତ ସୃଷ୍ଟି କରିଥିଲେ। ସ୍ୱେଚ୍ଛାସେବୀ ରାହୁଲ କାଲୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହୀରାକୁଦର ୧୨ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୨୫।୭(ଶୁଭାଶିଷ ପାଢ଼ୀ): ମଙ୍ଗଳବାର ହୀରାକୁଦ ଡ୍ୟାମ୍‌ର ଆଉ ୪ ଗେଟ୍ ଖୋଲାଯାଇଛି। ଫଳରେ ଏବେ ମୋଟ ୧୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ରାତି ୯ଟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୬୧୩.୨୭ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୧ ଲକ୍ଷ ୪୨ହଜାର ୬୦୪ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ସ୍ପିଲ୍‌ୱେ, ଜଳସେଚନ, ପାୱାର ଚ୍ୟାନେଲ, କଳକାରଖାନା ଏବଂ ଡ୍ୟାମ୍ ବାମ ପାର୍ଶ୍ୱର ୮ଟି ଓ ଡାହାଣ ପାର୍ଶ୍ୱର ୪ଟି ସ୍ଲୁଇସ୍ ଗେଟ୍ ଦେଇ ମୋଟ ୨ ଲକ୍ଷ ୨୨ ହଜାର ୮୫୧ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ବେଲଗାଁରେ ୧୦ହଜାର ୮୦୦, ପର୍ଥଲାରେ ୩୫ ହଜାର ୯୭୦, ଖଇରମାଲରେ ୨ଲକ୍ଷ ୪୧ ହଜାର ୫୦୦, ବରମୁଲାରେ ୧ଲକ୍ଷ ୯୫ହଜାର ୫୦୦ ଓ ମୁଣ୍ଡୁଲିରେ ୧ଲକ୍ଷ ୨୪ହଜାର ୫୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

## ମିନି ଷ୍ଟାଡିୟମ ପାଇଁ ଜିଲାପାଳଙ୍କୁ ଦାବି

ରେଙ୍ଗାଲି,୨୫।୭(ଦେବବ୍ରତ ପଣ୍ଡା) ସମ୍ବଲପୁର ଜିଲା ରେଙ୍ଗାଲି ଜୋନ-୧ ଜିଲା ପରିଷଦ ସଭ୍ୟା ଚୋଲଶ୍ରୀ ମହାନନ୍ଦ ରେଙ୍ଗାଲିରେ ଏକ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ମଙ୍ଗଳବାର ଜିଲାପାଳ ଅନନ୍ୟା ଦାସଙ୍କଠାରେ ଦାବି କରିଛନ୍ତି। ମହାନନ୍ଦ ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନି ନାୟକଙ୍କ ମାଧ୍ୟମରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରେଙ୍ଗାଲି ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳ ହୋଇଥିବା ବେଳେ କ୍ରୀଡାର ଉନ୍ନତି ପାଇଁ କୌଣସି ମାଧ୍ୟମ ନାହିଁ। ତେଣୁ ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ କ୍ରୀଡାରେ ଭବିଷ୍ୟତ ଉଜ୍ଜ୍ୱଳ କରିବା ପାଇଁ ରେଙ୍ଗାଲିରେ ଏକ ମିନି ଷ୍ଟାଡିୟମ ପାଇଁ ଦାବି କରାଯାଇଛି।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଫୁଟ୍‌ବଲ ପ୍ରତିଯୋଗିତା



ଖେଳାଳୀଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

ସମ୍ବଲପୁର,୨୫।୭(ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ଠେଲକୋଲିସ୍ଥିତ ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ଆନ୍ତଃ ବିଭାଗୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ କମ୍ପାନୀ ସଭାପତି ଅନିଲ କୁମାର ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କମ୍ପାନୀ ଟାଉନଶିପରେ ଅନୁଷ୍ଠିତ ପ୍ରତିଯୋଗିତାରେ ମୋଟ ୧୪ ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ପେଲେଟ ଆଣ୍ଡ ବେନିଫିସିଏଶନ ଓ କୋକ ଓଭେନ ମଧ୍ୟରେ ହୋଇଥିଲା। ପେଲେଟ ଟିମ୍ ୧ – ୦ ଗୋଲରେ ବିଜୟୀ ହୋଇଥିଲା। ଖେଳ କମିଟି ଅଧ୍ୟକ୍ଷ ମନୋଜ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ମୋଟ ୧୩ ଗୋଟି ମ୍ୟାଚ ଖେଳାଯିବ ଓ ଫାଇନାଲ ମ୍ୟାଚ ଅଗଷ୍ଟ ୧୫ରେ ହେବ।

## ଖରିଫ ଧାନ ପଞ୍ଜୀକରଣ ସମ୍ବନ୍ଧୀୟ ସମୀକ୍ଷା ବୈଠକ

କୁଚିଣ୍ଡା,୨୫।୭(ବିରଞ୍ଚି ଦର୍ଣ୍ଣା):

କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ମଙ୍ଗଳବାର ଖରିଫ ଧାନ ପଞ୍ଜୀକରଣ, କ୍ଷେତ୍ର ପରିଦର୍ଶନ ଓ ଏହାର ଯାଞ୍ଚ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ବିଭୂତି ଭୂଷଣ ନାୟକ ଏଥିରେ ଅଧ୍ୟକ୍ଷତା କରି ଚଳିତ ଖରିଫ ଋତୁ ଧାନ ବିକ୍ରି ପାଇଁ ପଞ୍ଜୀକରଣ ଚାଲିଥିବା ବେଳେ ପଞ୍ଜିକରଣ ହେଉଥିବା ଜମି ଚାଷ ଉପଯୋଗୀ କି ନୁହେଁ କ୍ଷେତ୍ର ପରିଦର୍ଶନ କରି ଯାଞ୍ଚ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ନାୟକ ଏଥିପାଇଁ ନିୟୋଜିତ ରାଜସ୍ୱ ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ଧାନକ୍ରୟ କରୁଥିବା ଏସ୍‌ଏଚ୍‌ଜିଙ୍କୁ ଯାଞ୍ଚ ପ୍ରକ୍ରିୟା ନିମନ୍ତେ ତାଲିମ ବ୍ୟବସ୍ଥା ପାଇଁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୁଚିଣ୍ଡା ତହସିଲଦାର ପ୍ରସନ୍ନ ଟେଟେ, ବାମରା ତହସିଲଦାର ଦିଲିପ କୁମାର ପ୍ରଧାନ, ଜମନକିରା ତହସିଲଦାର ବ୍ରଜକିଶୋର ସାହୁ, ଏଆର୍‌ସିଏସ୍ ଭବାନୀକାନ୍ତ ନାଏକ, କୃଷି ଜିଲା ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଭାରପ୍ରାପ୍ତ ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରସନ୍ନ ଦେହୁରି, କୁଚିଣ୍ଡା ବ୍ଲକ କୃଷି ଅଧିକାରୀ ଶାନ୍ତନୁ କରାଲି, ଜମନକିରା ବ୍ଲକ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝି ଓ ବାମରା ବ୍ଲକ କୃଷି ଅଧିକାରୀ ଦେବାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କୁଚିଣ୍ଡା,୨୫।୭(ବିରଞ୍ଚି ଦର୍ଣ୍ଣା): ଗୋବିନ୍ଦପୁର ଥାନା ବାଉଁଶଲଗା ପଞ୍ଚାୟତ ବମ୍ଫେଇ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ମନୋଜ ଖଡିଆ(୨୦)। ମିଳିଥିବା ସୂଚନା ଅନୁଯାୟୀ ମନୋଜ ରବିବାର ରାତିରେ ଖାଇପିଇ ସାରି ଗାଁ ଦାଣ୍ଡକୁ ବୁଲିବାକୁ ବାହାରି ଘରକୁ ଫେରି ନ ଥିଲେ। ସେ ଟ୍ରାକ୍ଟର ଡ୍ରାଇଭର ଭାବେ କାମ କରନ୍ତି। ବାପାଙ୍କ ମୃତ୍ୟୁ ପରେ ସେ ଘରେ ଏକୁଟିଆ ରହୁଥିବାରୁ ଘଟଣା ବାବଦରେ କେହି ଜାଣିପାରି ନ ଥିଲେ। ସୋମବାର ସକାଳେ ତାଙ୍କ କାକା ଘର ଲୋକେ ଖୋଜାଖୋଜି କରିଥିଲେ ହେଁ କୌଣସି ଖବର ପାଇପାରି ନ ଥିଲେ। ମଙ୍ଗଳବାର ସକାଳେ ମନୋଜଙ୍କ ମୃତ ଦେହ ନିକଟସ୍ଥ ବିଲରେ ଥିବା ଏକ ପୋଲ ତଳେ ପଡ଼ିଥବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାମରା ଡାକ୍ତରଖାନାକୁ ପଠାଇଥିଲା। ମୃତକଙ୍କ କାକା ଗୋକୁଳ ଖଡିଆଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ଅବଧି ଏକମାସ ବୃଦ୍ଧି କରାଯାଉ

ସମ୍ବଲପୁର, ୨୫।୭ (ଶୁଭାଶିଷ ପାଢୀ)

**ଧାନ ଚାଷ ଆରମ୍ଭ ସମୟରେ ପଞ୍ଜୀକରଣ**

ସମ୍ବଲପୁର ଜିଲାର ବିଭିନ୍ନ ସ୍ଥାନରେ ଠିକ୍ ଚାଷ କାର୍ଯ୍ୟ ଆରମ୍ଭ ସମୟରେ ଚାଷୀ ପଞ୍ଜୀକରଣକୁ ଚାଷୀମାନେ ବିରୋଧ କରିଆସୁଛନ୍ତି। ଏବେ ବାମରା ବ୍ଲକର ଚାଷୀମାନେ ଏହାକୁ ନେଇ ମୁହଁ ଖୋଲିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ପାଣିପାଗ ବିଭାଗର ପୂର୍ବାନୁମାନ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା। ଅନିୟମିତ ଓ କମ୍ ବର୍ଷା ଯୋଗୁ ଅଣଜଳସେଚିତ ବାମରା ଅଞ୍ଚଳରେ ଚାଷ କାର୍ଯ୍ୟ ହୋଇପାରି ନ ଥିଲା। ଏବେ କିଛିଦିନ ହେବ ଚାଷକାର୍ଯ୍ୟ ଆରମ୍ଭ ହୋଇଛି। ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଥିବା ସୂଚନା ମିଳୁଛି। ହେଲେ ବର୍ଷାର ଦେଖା ମିଳୁ ନ ଥିବାରୁ ସବୁପ୍ରକାର ପ୍ରସ୍ତୁତି ଥାଇ ମଧ୍ୟ ପଲ୍ଲା କିଆରି ପ୍ରସ୍ତୁତ ହୋଇପାରୁ ନାହିଁ। ଏପରି ସମୟରେ ସରକାରଙ୍କ ବିଭାଗୀୟ ଅଧିକାରୀ ଧାନ ବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଧାର୍ଯ୍ୟ ସମୟ ଅଗଷ୍ଟ ପ୍ରଥମ ସପ୍ତାହ ବୋଲି କହୁଛନ୍ତି। ଗୋଟିଏ ପଟେ ପାଣି ଅଭାବ ଅନ୍ୟ ପଟେ ଶ୍ରମିକ ଅଭାବ ଯୋଗୁ ଚାଷୀ ବ୍ୟସ୍ତବିବ୍ରତ ରହୁଥିବା ବେଳେ ପଞ୍ଜୀକରଣ ପାଇଁ ଲ୍ୟାମ୍ପସ୍‌କୁ ଯିବା ସମ୍ଭବପର ହୋଇପାରୁ ନାହିଁ। ବର୍ତ୍ତମାନ ପଞ୍ଜୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ଅବଧିକୁ ଅତି କମ୍‌ରେ ଏକମାସ ଘୁଞ୍ଚାଇବା ଆବଶ୍ୟକ। ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି।

ଏହି ପରିପ୍ରେକ୍ଷୀରେ ସୋମବାର କୁଚିଣ୍ଡା ଏଆର୍‌ସିଏସ୍‌ଙ୍କ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଆଲୋଚନା କରିଥିଲେ। ଏହି ସମୟରେ କୁଚିଣ୍ଡା ଉପଖଣ୍ଡ କୃଷକ ସଂଗଠନ କର୍ମକର୍ତ୍ତାଙ୍କ ସହିତ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଂଗଠନର ଉପସଭାପତି ଯୋଗ ବିହାରୀ ପରିଡା, ସରୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀମାନେ ଦର୍ଶାଇଥିଲେ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ବୀମା କମ୍ପାନୀ ଓ ସରକାରଙ୍କ ମଧୁଚନ୍ଦ୍ରିକା ଯୋଗୁ ବୀମାଭୁକ୍ତ ଜମିରେ ଫସଲ କ୍ଷତି ହୋଇଥିବା ସତ୍ତ୍ୱେ ବିଭିନ୍ନ ଆଳ ଦେଖାଇ କ୍ଷତିପୂରଣ ଦିଆଯାଉ ନାହିଁ। ରାଜ୍ୟ ସରକାର ଚଳିତ ବର୍ଷଠାରୁ ବୀମା ଦେୟ ଦେବାର ଘୋଷଣା କରିଛନ୍ତି। କେଉଁ ଆଧାରରେ ତାହା ଦିଆଯିବ ତା'ର ନିର୍ଦ୍ଦିଷ୍ଟ ଭାବେ ନିର୍ଦ୍ଦେଶ ଦିଆଯାଇନାହିଁ। ଫଳରେ ବିଭିନ୍ନ ସମବାୟ ସମିତି, ବ୍ୟାଙ୍କରେ ଦେୟ ପୈଠ କରିବାକୁ ଚାଷୀ ବାଧ୍ୟ ହେଉଛନ୍ତି। ଉପରୋକ୍ତ ସମସ୍ୟା ନେଇ ଶୀଘ୍ର ବିଭାଗୀୟ ଅଧିକାରୀଙ୍କ ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଅନୁରୋଧ କରିଥିଲେ। ସରକାର ଶୀଘ୍ର ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକର ଚାଷୀ ବଡଧରଣର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

# ଜାଲିଆତି କରି ଜମି ବିକ୍ରି: ଥାନାରେ ଅଭିଯୋଗ

ରେଢାଖୋଲ,୨୫।୭(ଅଚ୍ୟୁତାନନ୍ଦ ପୁରୋହିତ):

ଜାଲିଆତି କରି ଜମି ବିକ୍ରି କରିଥିବା ନେଇ କର୍ପୂର ଭୋଇ ନାମ୍ନୀ ଜଣେ ମହିଳା ମଙ୍ଗଳବାର ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଏ ନେଇ କୌଣସି ମାମଲା ରୁଜୁ ନ କରି କୋର୍ଟକୁ ଯିବାକୁ ପରାମର୍ଶ ଦେଇଥିବା କର୍ପୂର କହିଛନ୍ତି। ବୁଧବାର ସେ ଏ ନେଇ ରେଢାଖୋଲ ଏସ୍‌ଡିପିଓ ପ୍ରଶାନ୍ତ ମେହେରଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି। କର୍ପୂରଙ୍କ ଅଭିଯୋଗକ୍ରମେ ରେଢାଖୋଲ ତହସିଲ ଅଧୀନ ସାଗଝୋରୀ ମୌଜାରେ ହାଲ ବନ୍ଦୋବସ୍ତ ଖାତା ନଂ.୮ରେ ୭.୫ ଏକର ଜମି କର୍ପୂର ଓ ବୁଧୁ ଭୋଇଙ୍କ ନାମରେ ରେକର୍ଡ ଥିଲା। ତେବେ କର୍ପୂରଙ୍କ ବିବାହ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଚଡେଇପଙ୍କର ନାରାୟଣଙ୍କ ସହ ହେବା ପରେ ସେ ଶାଶୁଘରେ ରହୁଥିଲେ। ୨୦୧୫ ମସିହା ପର୍ଯ୍ୟନ୍ତ ସେ ଉକ୍ତ ଜମିର ଖଜଣା ମଧ୍ୟ ପ୍ରଦାନ କରୁଥିଲେ। ତେବେ ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ପାଇଁ ଭୁଲେଖରୁ ଜମିପଟ୍ଟାର ନକଲ କାଢିବାକୁ ଯାଇଥିବା ବେଳେ ତାଙ୍କ ନାମରେ ଥିବା ଜମି ଖାତା ନଂ.୮୭/୧୫୦କୁ ପରିବର୍ତ୍ତନ କରାଯାଇ ନିତ୍ୟାନନ୍ଦ ଭୋଇ, ଯୁଧିଷ୍ଠିର ଭୋଇ ଓ କିଶୋରଚନ୍ଦ୍ର ଭୋଇଙ୍କ ନାମରେ ରେକର୍ଡ ଥିବା ଜଣାପଡିଥିଲା। କର୍ପୂର ଏ ନେଇ ରେଢାଖୋଲ ସବରେଜିଷ୍ଟ୍ରାର ଓ ତହସିଲକୁ ଯାଇ ଅନୁଧ୍ୟାନ କରିବା ସହ କପି ମାଗିବା ପରେ ମୃତ ବୁଧୁ ଭୋଇଙ୍କ ପତ୍ନୀ ରାଇମତି ଭୋଇ ଚଞ୍ଚକତା କରି ତାଙ୍କ ନିଜ ପୁତ୍ରମାନଙ୍କ ନାମରେ ରେଜେଷ୍ଟ୍ରି କରିବା ସହ ରେଢାଖୋଲ ତହସିଲରେ ମ୍ୟୁଟେସନ କେସ୍ ନଂ.୩୧୨/୨୦୧୧ ଅନୁଯାୟୀ ରେକର୍ଡ କରିଦେଇଥିବା ଜଣାପଡିଥିଲା।

# ହରିନାମ ସଂକୀର୍ତ୍ତନ, ଭାଗବତ କଥା କାର୍ଯ୍ୟକ୍ରମ



ହିଣ୍ଡାଲକୋ କଲୋନୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭକ୍ତମାନେ।

**ସମ୍ବଲପୁର,୨୫।୭(ବି.ଶଙ୍କର):** ବୁର୍ଲା ଇସ୍କନ ପକ୍ଷରୁ ହୀରାକୁଦ ହିଣ୍ଡାଲ୍‌କୋ କଲୋନୀସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ହରିନାମ ସଂକୀର୍ତ୍ତନ ଓ ଭାଗବତ କଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟହ ସନ୍ଧ୍ୟା ୭ରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଭାଗବତ ଚର୍ଚ୍ଚା ହେଉଛି। ଏଥିରେ ପ୍ରାୟ ୩ଶହ ଭକ୍ତ ଭାଗ ନେଇଥିଲେ। ଭାଗବତ କଥାରେ ପ୍ରବଚକ ଭାବେ ଶ୍ରୀପାଦ ସନ୍ଦିପନି ମୁନି ଦାସ ଓ ଶ୍ରୀପାଦ ଅମାୟୀ ଦାସ ଯୋଗ ଦେଇଥିଲେ।

## ଆଦର୍ଶ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ବୈଠକ

ରେଙ୍ଗାଲି,୨୫।୭(ଦେବବ୍ରତ ପଣ୍ଡା):

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେଙ୍ଗାଲିରେ ଅଧ୍ୟକ୍ଷ ରମଣୀ କାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର ଦଶମ ଶ୍ରେଣୀ ପିଲାଙ୍କ ଅଭିଭାବକ ଓ ଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ପିଲାଙ୍କୁ କିପରି ପ୍ରସ୍ତୁତ କରାଯିବ ସେଥିପାଇଁ ପାଠ୍ୟ ଖସଡ଼ା ପ୍ରସ୍ତୁତ କରାଯିବା ନେଇ ଆଲୋଚନା କରାଯାଇଥିଲା। ଅଭିଭାବକମାନେ ମଧ୍ୟ ନିଜନିଜର ମତ ବ୍ୟକ୍ତ କରିଥିଲେ। ଓଡ଼ିଆ ଓ ଇଂରାଜୀ ବିଷୟରେ ପିଲାଙ୍କ ମଧ୍ୟରେ ଥିବା ଜଟିଳତାକୁ ସରଳୀକରଣ କରିବା ପାଇଁ ମତ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଦୁଷ୍ମନ୍ତ ମେହେର ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଲୁସି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଜମି ଜବରଦଖଲ ଅଭିଯୋଗ

**କୁଚିଣ୍ଡା,୨୫।୭(ବିରଞ୍ଚି ଦର୍ଣ୍ଣା):**

**ତହସିଲ ପକ୍ଷରୁ କାର୍ଯ୍ୟାନୁଷ୍ଠାନ**

ବାମରା ତହସିଲ ଅଧୀନ ଉଚ୍ଚକାପାଟ ଗ୍ରାମରେ ଜଣେ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଥିବା ନେଇ ତହସିଲଦାରଙ୍କଠାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ତହସିଲଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୂଚନା ଅନୁଯାୟୀ ଉଚ୍ଚକାପାଟ ପଞ୍ଚାୟତ ଟାଙ୍ଗରମୁଣ୍ଡା ଗ୍ରାମର ପ୍ରସନ୍ନ ସାହୁଙ୍କ ନାମରେ ଉଚ୍ଚକାପାଟ ମୌଜା ଖାତା ନଂ.୩୭ରେ ଥିବା ୨ ଗୋଟି ପ୍ଲଟର ମୋଟ ୨ ଏକର ୪୧ ଡେସିମିଲ ରୟତି ଜମି ରହିଛି। ଉକ୍ତ ଜମିକୁ ଲାଗି ପ୍ରାୟ ୨ଏକର ୫ ଡେସିମିଲ ସରକାରୀ ଜମି ରହିଛି। ମାତ୍ର ଉଚ୍ଚକାପାଟ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ସରକାରୀ ଜମିକୁ ଅନ୍ୟଜଣଙ୍କଠାରୁ କିଣିଥିବା କହି ଜେସିବି ଦ୍ୱାରା ସମତଳ କରି ଏକ ଡ୍ରେନ ଖୋଲିଛନ୍ତି। ଫଳରେ ପ୍ରସନ୍ନ ସାହୁଙ୍କ ରୟତି ଚାଷ ଜମି ରହିଥିବାରୁ ଡ୍ରେନ୍ ଦ୍ୱାରା ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ବାମରା ତହସିଲଦାରଙ୍କଠାରେ ଗତ ୧୦ତାରିଖ ଲିଖିତ ଅଭିଯୋଗ କରିଛନ୍ତି। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଉଚ୍ଚକାପାଟ ରାଜସ୍ୱ ନିରୀକ୍ଷକ ଦିଲିପ କୁମାର ବେହେରା ଘଟଣାସ୍ଥଳକୁ ଯାଇ ତଦନ୍ତ କରି ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହାକୁ ଭିତ୍ତି କରି ତହସିଲ ପକ୍ଷରୁ ସରକାରୀ ଜମି ଜବରଦଖଲ କରିଥିବା ବ୍ୟକ୍ତି ଓ ଏଥିରେ ଜେସିବି ବ୍ୟବହାର କରିଥିବା ଦୁଇଜଣଙ୍କ ବିରୋଧରେ ଓପିଏଲଇ ଆଇନ ୧୯୭୨ ଅନୁଯାୟୀ ଗତ ୧୮।୭।୨୩ ରେ ନୋଟିସ ଜାରି କରାଯାଇଛି। ବର୍ତ୍ତମାନ ଚାଷ ସମୟରେ ଜମିକୁ ବାଟ ନ ଥିବାରୁ ପ୍ରସନ୍ନ ସାହୁ ପୁଣି ସୋମବାର ବାମରା ତହସିଲଦାରଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇଛନ୍ତି। ଏ ସମ୍ପର୍କରେ ବାମରା ତହସିଲଦାର ଦିଲିପ କୁମାର ପ୍ରଧାନଙ୍କୁ ପଚାରିବାରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇଛି ଓ ଦୋଷୀ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# 'ମଣିପୁର ଜଳୁଥିବା ବେଳେ ପ୍ରଧାନମନ୍ତ୍ରୀ ନିଘୋଡ଼ ନିଦ୍ରାରେ'

ଭୁବନେଶ୍ୱର, ୨୫।୭(ସୁନିତ୍ ମିଶ୍ର)

## ମଣିପୁର ହିଂସା ଘଟଣାକୁ ନିନ୍ଦାକରି ଛାତ୍ର କଂଗ୍ରେସର କ୍ୟାଣ୍ଡେଲ ଶୋଭାଯାତ୍ରା



ମଣିପୁର ହିଂସାକୁ ବିରୋଧ କରି ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା।

ମଣିପୁରରେ ଦେଖାଦେଇଥିବା ହିଂସାକୁ ନେଇ ରାସ୍ତାକୁ ଓହ୍ଲାଇଛି କଂଗ୍ରେସ। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ୍ ୟାସିର ନୱାଜଙ୍କ ନେତୃତ୍ୱରେ ମଣିପୁର ହିଂସାକାଣ୍ଡ, ହତ୍ୟା, ମହିଳାଙ୍କୁ ଉଲଗ୍ନ କରାଯିବା ଘଟଣା ବିରୋଧରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ବେଳେ କଂଗ୍ରେସ ଭବନରୁ ଶୋଭାଯାତ୍ରା ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଜୟଦେବ ଜେନା ଏବଂ ବରିଷ୍ଠ ନେତାମାନେ ମଧ୍ୟ ସାମିଲ ହୋଇଥିଲେ। ରାମମନ୍ଦିର ଠାରେ ସମସ୍ତ ଛାତ୍ର କଂଗ୍ରେସର କର୍ମକର୍ତ୍ତା, କର୍ମୀ ଓ ପିସିସର ବରିଷ୍ଠ ନେତୃବୃନ୍ଦ କ୍ୟାଣ୍ଡେଲ ଲଗାଇ ମଣିପୁର ହିଂସାରେ ଜୀବନ ହରାଇଥିବା ସାଧାରଣ ଜନତାଙ୍କର ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ଶୀଘ୍ର ମଣିପୁରଠାରେ ହିଂସା ବନ୍ଦ ହେବା ପାଇଁ ଭଗବାନ୍‌ଙ୍କ ପାଖରେ ସେମାନେ ପ୍ରାର୍ଥନା କରିଥିଲେ।

ଏହି ଅବସରରେ ୟାସିର ନୱାଜ କହିଛନ୍ତି, ମଣିପୁର ଜଳୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଘୋଡ଼ ନିଦରେ ଶୋଇଛନ୍ତି। ଦଙ୍ଗା କ୍ଷତିଗ୍ରସ୍ତ ମଣିପୁରବାସୀଙ୍କ ପାଇଁ ମୋଦିଙ୍କ ହୃଦୟରେ ଦରଦ ନାହିଁ। ମଣିପୁରରେ ଓ ଭାରତରେ ମୋଦି ଶାସନରେ ମହିଳା ଅସୁରକ୍ଷିତ ଓ ଲୁଣ୍ଠିତ। ମଣିପୁର ହିଂସାକାଣ୍ଡକୁ ଭାଜପା ଆର୍‌ଏସ୍‌ଏସ୍, ଏବିଭିପି ତଥା ମୋଦି ସରକାର ଉସୁକାଉଛନ୍ତି। ମଣିପୁର ହିଂସାକାଣ୍ଡର ଦିନକ ପରେ ୨ ଜଣ ମହିଳାଙ୍କ ଉଲଗ୍ନ କରି ରାସ୍ତାରେ ଚଲାଇବା ସହ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ମଣିପୁର ପୋଲିସ ବଳାତ୍କାରୀ ଓ ଦଙ୍ଗାକାରୀଙ୍କ ସପକ୍ଷରେ ରହିଛନ୍ତି। ଏହି ଘଟଣାକୁ ଚପାଇ ଦିଆଗଲା ଏବଂ ୨ ମାସ ପରେ ଘଟଣାର ପର୍ଦ୍ଦାଫାଶ ହେଲାପରେ ସାରା ଦେଶ କେନ୍ଦ୍ର ଏବଂ ମଣିପୁର ସରକାରଙ୍କର ଅସଲ ସ୍ୱରୂପ ଦେଖିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଣିପୁର ଦଙ୍ଗାକୁ ପ୍ରୋତ୍ସାହନ ଦେଉଥିବା ଭଳି ଜଣାପଡୁଛି। ଦିଲ୍ଲୀରେ ମହିଳା ମଲ୍ଲଯୋଦ୍ଧାଙ୍କୁ ଅତ୍ୟାଚାର ଘଟଣା, ଉନାଓ, କାଠୁଆ, ହାଥରାସ୍, ଯୋଧପୁର ପ୍ରଭୃତି ଘଟଣାରେ ମହିଳା ବଳାତ୍କାର ଓ ହତ୍ୟା ପ୍ରଭୃତିରେ ଭାଜପାର ଭୂମିକାକୁ ସାରା ଦେଶ ନିନ୍ଦା କରୁଛି। ମହିଳାମାନଙ୍କର ସୁରକ୍ଷା ପ୍ରତି ମୋଦି ସରକାର ଉଦାସୀନ ବୋଲି ସେ କହିଛନ୍ତି।

### ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଓଡ଼ିଶା ଏଏପିର ଦାବି

ଆମ୍ ଆଦ୍‌ମୀ ପାର୍ଟି(ଏଏପି) ସାରା ଦେଶରେ ମଣିପୁର ହିଂସା ଏବଂ ମହିଳାଙ୍କ ଉପରେ ବର୍ବର ଅତ୍ୟାଚାର ବିରୋଧରେ ପ୍ରତିବାଦ ଶୋଭାଯାତ୍ରା କରୁଛି। ଦୀର୍ଘ ୩ ମାସ ଧରି ମଣିପୁର ସରକାର ଦଙ୍ଗା ରୋକିବାରେ ଏବଂ ସାଧାରଣ ଜନତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଛନ୍ତି। ହିଂସାରେ ପ୍ରାୟ ୧୫୦ରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଥିବା ବେଳେ ୫୦ ହଜାରରୁ ଅଧିକ ଲୋକ ଅସ୍ଥାୟୀ ଶିବିରରେ ରହିଛନ୍ତି। ଯେଉଁପରି ଭାବେ ୨ ଆଦିବାସୀ ମହିଳାଙ୍କୁ ଉଲଗ୍ନ କରି ହଜାର ହଜାର ଲୋକଙ୍କ ସାମ୍ନାରେ ବଳାତ୍କାର କରାଗଲା ତାହା ସାରା ଦେଶବାସୀଙ୍କୁ ଲଜ୍ଜିତ କରିଛି। ସାମାଜିକ ଗଣମାଧ୍ୟମରୁ ମଣିପୁର ହିଂସା ସମ୍ପର୍କିତ ଭିଡିଓ ହଟାଇବା ପରେ ସଂସଦରେ ମଧ୍ୟ ଏ ସମ୍ପର୍କିତ ଆଲୋଚନା ନ କରିବା ପାଇଁ ଏଏପିର ରାଜ୍ୟସଭା ନେତା ସଞ୍ଜୟ ସିଂଙ୍କୁ ପୂରା ସେଶନ ପାଇଁ ବହିଷ୍କୃତ କରାଯାଇଛି। ଏନେଇ ମଙ୍ଗଳବାର ଆମ ଆଦମୀ ପାର୍ଟି ଓଡ଼ିଶା ତରଫରୁ ଦଳର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ସହ ରାଷ୍ଟ୍ରପତି ଶାସନ ଲାଗୁ ପାଇଁ ଦାବି କରାଯାଇଛି।

# ଜେଡିଏସ୍ ଏକାକୀ ଲୋକ ସଭା ନିର୍ବାଚନ ଲଢ଼ିବ: ଦେବଗୌଡ଼ା

ବେଙ୍ଗାଲୁରୁ, ୨୫।୭


ଏଚ୍. ଡି. ଦେବେଗୌଡ଼ା

ଧର୍ମନିରପେକ୍ଷ ଜନତା ଦଳ(ଜେଡିଏସ୍) ଆସନ୍ତା ଲୋକ ସଭା ନିର୍ବାଚନ ଏକାକୀ ଲଢ଼ିବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଏହାର ସୁପ୍ରିମୋ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ା କହିଛନ୍ତି। ତେବେ ନିକଟରେ ଦଳ ଭାଜପା ସହ ସମ୍ପର୍କରେ ଆସିଥିବାରୁ ଭବିଷ୍ୟତର ସ୍ଥିତି ଦେଖି ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି।

ଦେବେଗୌଡ଼ା କହିଛନ୍ତି, ଚଳିତ ମାସ ପ୍ରାରମ୍ଭରେ ଏଠାରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହୋଇଥିବା ବୈଠକକୁ ତାଙ୍କୁ ଡକାଯାଇ ନ ଥିଲା। କର୍ଣ୍ଣାଟକ କଂଗ୍ରେସର ଗୋଟେ ଗୋଷ୍ଠୀ ତାଙ୍କୁ ବିରୋଧ କରିଥିଲା। ହେଲେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଉକ୍ତ ବୈଠକରେ ତାଙ୍କ ଉପସ୍ଥିତି ଚାହୁଁଥିଲେ ବୋଲି ଦେବେଗୌଡ଼ା କହିଛନ୍ତି। ତାଙ୍କ ପୁଅ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ଗତ ସପ୍ତାହରେ କହିଥିଲେ ଯେ, ତାଙ୍କ ଦଳ ଭାଜପା ସହ ମିଶି କାର୍ଯ୍ୟ କରିବ। ସୂଚନାଯୋଗ୍ୟ, ୧୦ ଜଣ ଭାଜପା ସଦସ୍ୟ ବିଧାନସଭାରେ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗରେ ଗୃହରୁ ନିଲମ୍ବିତ ହେବାରୁ ଉଭୟ ଜେଡିଏସ୍ ଓ ଭାଜପା ବିଧାୟକମାନେ ବିଧାନସଭା ଅଧିବେଶନକୁ ବର୍ଜନ କରିଥିଲେ।

ଦେବେଗୌଡ଼ା କହିଛନ୍ତି, ତାଙ୍କ ଦଳ ଯେଉଁଠାରେ ଭଲ ସ୍ଥିତିରେ ରହିଛି, ସେଠାରେ ଦଳୀୟ କର୍ମକର୍ତ୍ତାଙ୍କ ସହ ବିଚାରବିମର୍ଶ କରି ପ୍ରାର୍ଥୀ ଦେବ। ତା' ପରେ ସ୍ଥିତି ଦେଖି ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ସେ କହିଛନ୍ତି।

# ଭାଜପା ବିଧାୟକଙ୍କ କଳାକାରନାମା ପାଇଁ ଦେବଗଡ଼ବାସୀ ଲଜ୍ଜିତ: ବିଜେଡି

ଭୁବନେଶ୍ୱର, ୨୫।୭(ଅନିଲ ଦାସ)

## ଦୁର୍ନୀତିରେ ଲିପ୍ତ ବିଧାୟକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ନିର୍ବାଚନରେ ବିଜୟୀ ହେଲେ ଦେବଗଡ଼ବାସୀଙ୍କ ସେବା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ଭାଜପା ନେତା ସୁବାସ ପାଣିଗ୍ରାହୀ। ତାଙ୍କ କଥାରେ ଭରସା କରି ୨୦୧୯ ସାଧାରଣ ନିର୍ବାଚନରେ ଦେବଗଡ଼ବାସୀ ମଧ୍ୟ ତାଙ୍କୁ ତୃତୀୟ ଥର ପାଇଁ ବିଧାୟକ ଭାବେ ନିର୍ବାଚିତ କରିଥିଲେ। କିନ୍ତୁ ବିଧାୟକ ହେବା ପରଠୁ ସେ ଦେବଗଡ଼ବାସୀଙ୍କ ସେବା କରିବେ କ'ଣ, ଗୁଣ୍ଡାଗର୍ଦ୍ଦି ଓ ପ୍ରିୟାପ୍ରୀତି ତୋଷଣରେ ମାତିଛନ୍ତି। ବିଧାୟକ ଅନୁଦାନ ପାଣ୍ଠିରେ ଭାଜପାର ଜଣେ କର୍ମୀ ତଥା ତାଙ୍କର ଖାସ୍ ଅନୁଗତଙ୍କ ଘରର ପାଚେରି ନିର୍ମାଣ କରିବା ଘଟଣା ପଦାକୁ ଆସିବା ପରେ ସମଗ୍ର ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଧାୟକଙ୍କ ଏଭଳି କଳାକାରନାମା ପାଇଁ ଦେବଗଡ଼ବାସୀ ଲଜ୍ଜା ଅନୁଭବ କରୁଛନ୍ତି। ସମ୍ପୃକ୍ତ ବିଧାୟକ ଓ ତାଙ୍କ ଅନୁଗତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଜେଡି ଦାବି କରିଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ ଏହି ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି, ବିଧାୟକ ପାଣିଗ୍ରାହୀ ଦେବଗଡ଼ ମହିଳା ମହାବିଦ୍ୟାଳୟର ପାଚେରି ନିର୍ମାଣ ନିମନ୍ତେ ତାଙ୍କ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଥିଲେ। ମାତ୍ର ଏହି ଅନୁଦାନରେ ତାଙ୍କର ଖାସ୍ ଅନୁଗତ ଭୁକାବେଢ଼ା ଗ୍ରାମର ଶିକ୍ଷକ ସୌଭାଗ୍ୟ ପାତ୍ରଙ୍କ ଦ୍ୱାରା ପାଚେରି ନିର୍ମାଣ ହୋଇଥିବା ବିଜେଡି ଅଭିଯୋଗ କରିଛି। ନିକଟରେ ଏହି ଗ୍ରାମର ଜଣେ ଭାଜପା କର୍ମୀ ଏକଥା ଲୋକଲୋଚନକୁ ଆଣିଥିଲେ। ଗଣମାଧ୍ୟମରେ ତଥ୍ୟ ଓ ଚିତ୍ର ସହିତ ଏହି ଖବର ପ୍ରସାରିତ ହେବା ପରେ ଅନିୟମିତତା ଧରାପଡ଼ିଯିବା ଭୟରେ ବିଧାୟକଙ୍କ ନିର୍ଦ୍ଦେଶରେ ତରବରିଆ ଭାବେ ପାଚେରିରେ ଲେଖା ଯାଇଥିବା ସୂଚନାକୁ ଲିଭାଇ ଦିଆଯାଇଥିଲା। ବିଧାୟକଙ୍କ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁଦାନରେ ସିସି ରୋଡ୍ ଓ ଗାର୍ଡ ୱାଲ ନିର୍ମାଣ ହୋଇଛି ବୋଲି ଲେଖାଯାଇଥିଲା। ଫଳରେ ଏହି ଅନିୟମିତତା ଓ ଅର୍ଥ ଲୁଟ୍‌ରେ ବିଧାୟକ ନିଜେ ସମ୍ପୃକ୍ତ ଥିବା ସ୍ପଷ୍ଟ ହୋଇଛି।

ବିଜେଡି ଦେବଗଡ଼ ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳ କହିଛନ୍ତି, ବିଧାୟକଙ୍କ ଖାସ୍ ଲୋକ ଭାବେ ପରିଚିତ ସୌଭାଗ୍ୟ ପାତ୍ର ହେଉଛନ୍ତି ତିଳେଇବଣି ବ୍ଲକ୍ ଅନ୍ତର୍ଗତ ଝାଲିଆମରା ସରକାରୀ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷକ। ତେବେ କୌଣସି ଦିନ ସ୍କୁଲ ନ ଯାଇ ସେ ଭାଜପାର ଦଳୀୟ ସଭାସମିତିରେ ସକ୍ରିୟ ଭାବେ ଅଂଶଗ୍ରହଣ କରନ୍ତି। ଗତ ପଞ୍ଚାୟତ ନିର୍ବାଚନ ସମୟରେ ସୌଭାଗ୍ୟ ଭାଜପାର ଏକ ଗାଡ଼ିରେ ୩ ଲକ୍ଷ ଟଙ୍କା ନେଇ ବାଣ୍ଟିବାକୁ ଯାଉଥିବାବେଳେ ପୋଲିସ ଟଙ୍କା ସହ ତାଙ୍କୁ ଧରି ଥାନାକୁ ନେଇଥିଲା। ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ କହିଥିଲେ, ଓଡ଼ିଶା ଭାଜପାର ସବୁ ନେତା ଓ ବିଧାୟକଙ୍କ ଚରିତ୍ର କ'ଣ ଏଭଳି। ୩ ଥର ବିଧାୟକ ହୋଇଥିବା ଜଣେ ପୁରୁଖାନେତା ସୁବାସ ଜାଣିଶୁଣି ଏତେବଡ଼ ଅନିୟମିତତା କଲେ କିପରି ? ସବୁ କଥାରେ ନୈତିକତାର ଭାଷଣ ଦେଉଥିବା ଭାଜପା ନେତାମାନେ ଦେବଗଡ଼ ବିଧାୟକଙ୍କ ହାତପାଣ୍ଠିର ଏଭଳି ଅପବ୍ୟବହାର ହୋଇଥିବା ଜାଣିବା ପରେ ମଧ୍ୟ ଏଯାଏ ଚୁପ୍ ବସିଛନ୍ତି। ବିଭିନ୍ନ ଘଟଣାରେ ଲୋକଙ୍କୁ ଭୁଆଁ ବୁଲାଇ କେବଳ ହୀନ ରାଜନୀତି କରିବାକୁ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଉଥିବା ଓଡ଼ିଶା ଭାଜପା ନିଜ ଦଳର ବିଧାୟକଙ୍କ ଏଭଳି ଅନିୟମିତତାର ତଦନ୍ତ ଲାଗି କେବେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପଠାଇବ, ତାହା ଦେଖିବାକୁ ଆମେ ଅପେକ୍ଷା କରିଛୁ। ଓଡ଼ିଶାବାସୀ ସବୁ ଦେଖୁଛନ୍ତି। ଜନତା ଠିକଣା ସମୟରେ ଭାଜପାର ଏଭଳି ଗୁଣ୍ଡାଗର୍ଦ୍ଦି, ଅନିୟମିତତା ଏବଂ ପ୍ରିୟାପ୍ରୀତି ତୋଷଣର ଦୃଢ଼ ଜବାବ ଦେବେ। ଏହି ଖବରଦାତା ସମ୍ମିଳନୀରେ ବିଜେଡି କର୍ପୋରେଟର ତଥା ଦେବଗଡ଼ ଜିଲା ବିଜେଡିର ପର୍ଯ୍ୟବେକ୍ଷକ ଅମରେଶ ଜେନା ଉପସ୍ଥିତ ଥିଲେ।

# ରାଜ୍ୟର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି: ଭାଜପା

ଭୁବନେଶ୍ୱର, ୨୫।୭(ସୁନିତ୍ ମିଶ୍ର)

ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଏବଂ ଶୈକ୍ଷିକ ବାତାବରଣ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବିଦ୍ୟାଳୟଗୁଡିକରେ କେଉଁଠି ଛାତରୁ ପ୍ଲାଷ୍ଟର ଖସି ଛାତ୍ରୀଛାତ୍ର ଓ ଶିକ୍ଷକ ଆହତ ହେଉଛନ୍ତି ତ ଆଉ କେଉଁଠି ବର୍ଷାପାଣି ଜମାହେବା ଯୋଗୁ ବାରଣ୍ଡାରେ ପିଲାମାନେ ପାଠ ପଢୁଛନ୍ତି। କେଉଁଠି ଭାଲୁ ପଶିଗଲାଣି ଆଉ କେଉଁଠି ପାଚେରି ଭୁଶୁଡ଼ି ପଡ଼ିଲାଣି। କିନ୍ତୁ ଠିକାଦାରି ତୋଷଣ ପ୍ରୀତି କାରଣରୁ ୫-ଟି ଜରିଆରେ ବିଦ୍ୟାଳୟ କାନ୍ଥରେ ରଙ୍ଗ ବୋଲି ଦେଇ କୋଟି କୋଟି ଟଙ୍କା ହଡ଼ପ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି, ରାଜ୍ୟର ଶିକ୍ଷା ବ୍ୟବସ୍ଥା ବହୁ ତଳେ ରହିଛି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ। ଏହି କାରଣରୁ ଅନେକ ଅଭିଭାବକ ପିଲାଙ୍କୁ ସୁରକ୍ଷା ଦୃଷ୍ଟିରୁ ସରକାରୀ ବିଦ୍ୟାଳୟରେ ନ ପଢ଼ାଇ ବାହାରେ ରଖି କୋଚିଂ ସେଣ୍ଟରରେ ପଢ଼ାଉଛନ୍ତି। ଏହାର ଲାଭ ଉଠାଇ କେତେଜଣ ଅସାଧୁ ଶିକ୍ଷା ବ୍ୟବସାୟୀ ବେଆଇନ ଭାବେ ଛତୁ ଫୁଟିଲା ଭଳି କୋଚିଂ ସେଣ୍ଟର ଖୋଲି ଅର୍ଥ ରୋଜଗାର କରୁଛନ୍ତି। ରାଜ୍ୟ ସରକାର ଏଥିପ୍ରତି କୌଣସି ଧ୍ୟାନ ଦେଉନାହାନ୍ତି। କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ନିଶ୍ଚିନ୍ତପୁରଠାରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଦୀର୍ଘ ୧୫ ବର୍ଷ ଧରି ଅତ୍ୟନ୍ତ ଖରାପ ସ୍ଥିତିରେ ଚାଲିଆସୁଥିବା ଏକ ଘରୋଇ ଆବାସିକ କୋଚିଂ ସେଣ୍ଟରରେ ୧୧୬ ଜଣ ଛାତ୍ର ପଢୁଥିବାବେଳେ ୭୦ରୁ ଊର୍ଦ୍ଧ୍ୱ ହଷ୍ଟେଲରେ ରହିଆନ୍ତି। ଗତ ୨୨ ତାରିଖରେ ଏଠାରେ ସାପ କାମୁଡ଼ିବା କାରଣରୁ ୩ ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଭାଜପାର ଏକ ପ୍ରତିନିଧିଦଳ ଘଟଣାସ୍ଥଳକୁ ଯାଇ ବାସ୍ତବସ୍ଥିତି ନିରୀକ୍ଷଣ କରିଥିଲେ। ଯଦି ଶିକ୍ଷାଦାନର ମାନ ବୃଦ୍ଧି ପାଇଛି, ତେବେ ହଜାର ହଜାର ପିଲା ଘରୋଇ କୋଚିଂ ସେଣ୍ଟରରେ କାହିଁକି ପଢୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାର ତୁରନ୍ତ ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ, ନଚେତ୍ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ମୋହନ ଚେତାବନୀ ଦେଇଛନ୍ତି।

**ରାଜ୍ୟ ଖବର**

## ୨୯ରେ ସବୁ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୫।୭(ଅନୁରାଧା ମହାରଣା):** ସଡ଼କ ସୁରକ୍ଷା ଓ ଟ୍ରାଫିକ ସମ୍ପର୍କିତ ନିୟମ ଜାଣିବେ ଛାତ୍ରୀଛାତ୍ର। ଏଥିପାଇଁ ଆସନ୍ତା ୨୯ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ବା ସଚେତନତା କାର୍ଯ୍ୟକ୍ରମ କରାଯିବ। ଗତ ଏପ୍ରିଲ ୨୨ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଥିଲା। ମାତ୍ର ଆଗୁଆ ଖରାଛୁଟି ଘୋଷଣା ହେବାରୁ ଏହା ସ୍ଥଗିତ ରହିଥିଲା। ତେବେ କାର୍ଯ୍ୟକ୍ରମ ପରିଚାଳନା ନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ବିଦ୍ୟାଳୟର ଶେଷ ପିରିୟଡ଼ରେ ପିଲାଙ୍କୁ ଏହି ଟ୍ରାଫିକ ନିୟମ ସମ୍ପର୍କିତ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ବିଦ୍ୟାଳୟର ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସହ ସେମାନଙ୍କ ଅଭିଭାବକ ଯୋଗଦେବେ। ଜିଲା ହେଲ୍ପଲାଇନ୍‌ର ନୋଡାଲ ଅଫିସର ଆବଶ୍ୟକତା ଅନୁଯାୟୀ ବିଷୟବସ୍ତୁ ଓ ନିୟମାବଳୀକୁ ପ୍ରତ୍ୟେକ ବିଦ୍ୟାଳୟରେ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ବିଦ୍ୟାଳୟର ଅଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉପରେ ଆଲୋଚନାର ଦାୟିତ୍ୱ ରହିଛି। ଆଲୋଚନାର ବିଷୟବସ୍ତୁକୁ କଳାପଟାରେ ଚିତ୍ର ମାଧ୍ୟମରେ ବୁଝାଇବାକୁ ପରାମର୍ଶ ଦିଆଯାଇଛି। ବିଦ୍ୟାଳୟସ୍ତରରେ ଏହି କାର୍ଯ୍ୟକ୍ରମର ପରିଚାଳନା ଦିଗରେ ନୋଡାଲ ଅଫିସରମାନେ ଦୃଷ୍ଟି ଦେବାକୁ କୁହାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କିତ ଫଟୋଚିତ୍ର ପଠାଇବା ପାଇଁ ମେଲ୍ ଠିକଣା ଦିଆଯାଇଛି।

# ଲେଖକ କେବେ କାହାର ଖୋସାମତ କରେ ନାହିଁ

## ଓଡ଼ିଶା ସାହିତ୍ୟ ଏକାଡେମୀର ୬୬ତମ ସ୍ୱନକ୍ଷତ୍ର ଉତ୍ସବ


ଉତ୍ସବରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ମରାଠୀ ଲେଖକ ବିଶ୍ୱାସ୍ ପାଟିଲ ଓ ଅନ୍ୟ ଅତିଥି।

ଭୁବନେଶ୍ୱର, ୨୫।୭(ଶର୍ମିଷ୍ଠା ପାଣିଗ୍ରାହୀ)

ସାହିତ୍ୟକୁ ବାଦ୍ ଦେଇ ଜୀବନ ସମ୍ଭବ ନୁହେଁ। ଆମ ଭାଷା କୌଣସି ଗୁଣରେ କମ୍ ନୁହେଁ। ଜୀବନ, ସାହିତ୍ୟ ଓ ସାହିତ୍ୟ, ଜୀବନକୁ କେବେ ଅଲଗା କରିହେବ ନାହିଁ। ଜଣେ ଲେଖକ କେବେ କାହାର ଖୋସାମତ କରେ ନାହିଁ। ନିଜ ଚିନ୍ତାଧାରା ହିସାବରେ ଲେଖେ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି। ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଶା ସାହିତ୍ୟ ଏକାଡେମୀର ୬୬ତମ ସ୍ୱନକ୍ଷତ୍ର ଉତ୍ସବକୁ ଉଦ୍‌ଘାଟନ କରି ମନ୍ତ୍ରୀ ପାତ୍ର ଏହା କହିବା ସହ ଏକାଡେମୀର ବିଭିନ୍ନ ପଦକ୍ଷେପକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ମରାଠୀ ଲେଖକ ବିଶ୍ୱାସ୍ ପାଟିଲ ଯୋଗଦେଇ କହିଲେ, ବର୍ତ୍ତମାନର ଯୁବପିଢ଼ୀ ସ୍ମାର୍ଟଫୋନ୍ ଓ ୟୁଟ୍ୟୁବ୍ ଦ୍ୱାରା ଏଭଳି ଭାବେ କବଳିତ ଯେ ସାହିତ୍ୟ ପାଠ ଓ ଚର୍ଚ୍ଚା ସେମାନଙ୍କ ପାଇଁ ଅପ୍ରାସଙ୍ଗିକ ହୋଇପଡ଼ିଛି। ଗୋଟିଏଥର ପ୍ରାୟ ୫୦ ଘଣ୍ଟାର ରେଳଯାତ୍ରାରେ ମୁଁ ସ୍ମାର୍ଟଫୋନ୍, ଲାପଟପ୍ ଛଡ଼ା କାହା ହାତରେ ପତ୍ରିକାଟିଏ ଦେଖିପାରିଲି ନାହିଁ। ମାତୃଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ବୃଦ୍ଧି କରିବ। ଓଡ଼ିଶା ସାହିତ୍ୟ ଏକାଡେମୀ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିଜ ସହ ଯୋଡ଼ିପାରିଥିବାରୁ ଭବିଷ୍ୟତରେ ଏହା ବଡ଼ ବଡ଼ ସାହିତ୍ୟିକଙ୍କୁ ଜନ୍ମ ଦେବ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥି ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି, ସୃଜନଶୀଳ ସାହିତ୍ୟର ପ୍ରୋତ୍ସାହନ ପାଇଁ ଏକାଡେମୀ ପକ୍ଷରୁ ମଙ୍ଗଳବାର ଆଦିକବି ସାରଳା ଦାସଙ୍କ ନାମରେ ନାମିତ ନୂଆ ପତ୍ରିକା 'ସାରଳା' ଓ ସାରଳା ଦାସଙ୍କ ମହାଭାରତର ପୂର୍ଣ୍ଣାଙ୍ଗ ହିନ୍ଦୀ ଅନୁବାଦ ତଥା ଅନ୍ୟ ୨୦ଟି ଉପାଦେୟ ପୁସ୍ତକ ପ୍ରକାଶ ପାଇଛି। ସ୍କୁଲ, କଲେଜ ସ୍ତରରେ କିଭଳି ପିଲାମାନଙ୍କର ସାହିତ୍ୟରେ ରୁଚି ବଢ଼ିବ ଓ ମାତୃଭାଷା ସହ ନିବିଡ ହୋଇ ରହିବେ ସେନେଇ ଏକାଡେମୀ ତା'ର କାର୍ଯ୍ୟ ଜାରି ରଖିଛି। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗଦେଇ ପ୍ରସିଦ୍ଧ ଓଡ଼ିଆ ସାହିତ୍ୟକୁ ଅଣ ଭାରତୀୟ ଭାଷାରେ ଅନୁବାଦ କରାଯିବା ନେଇ ସୂଚନା ଦେଇଥିଲେ। ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ସଭାପତିତ୍ୱ କରି କହିଲେ, ଓଡ଼ିଆ ସଂସ୍କୃତି ହେଉଛି ପୋଥି-ପୁସ୍ତକର ସଂସ୍କୃତି। ଜନ୍ମରୁ ମୃତ୍ୟୁ ଯାଏ ବ୍ୟକ୍ତିର ଜୀବନ ସହିତ ବହି ଯୋଡ଼ି ହୋଇଥାଏ। ଓଡ଼ିଶା ସାହିତ୍ୟ ଏକାଡେମୀ ସେହି ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ପ୍ରତିବଦ୍ଧ।

ଏହି ଅବସରରେ ଏକାଡେମୀ ପକ୍ଷରୁ ବିଦ୍ୟାଳୟସ୍ତରରେ ହୋଇଥିବା ସାରସ୍ୱତ ପ୍ରତିଯୋଗିତାର କୃତୀ ୨୫ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ୮ଟି ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ୧୨ଜଣ ଛାତ୍ରୀଛାତ୍ରଙ୍କୁ ଯଥାକ୍ରମେ ୧୦ହଜାର ଓ ୧୫ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ ସହ ପୁରସ୍କୃତ କରାଯାଇଥିଲା। ସେହିଭଳି ମାଧ୍ୟମିକ ଶିକ୍ଷା ପରିଷଦର ଶୀର୍ଷ ପରୀକ୍ଷାରେ ଓଡ଼ିଆରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଙ୍କୁ ୫ହଜାର ଟଙ୍କା ଅର୍ଥରାଶି ସହ ଫଳକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏକାଡେମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ ଅତିଥି ପରିଚୟ ଓ ଉପ ସଭାପତି ଡ. ସଂଗ୍ରାମ ଜେନା ସମାପନୀ ବକ୍ତବ୍ୟ ଦେଇଥିଲେ। ଆରମ୍ଭରେ ପୂର୍ବତନ ସଚିବ ପ୍ରବୋଧ ରାଉତଙ୍କ ବିୟୋଗରେ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁଣି ସନ୍ଦେହ, ସ୍ତ୍ରୀ ସମ୍ମୁଖରେ ସ୍ୱାମୀଙ୍କୁ ହତ୍ୟା


ଗ୍ରାମରେ ପୋଲିସ ପହଞ୍ଚି ତଦନ୍ତ କରୁଛି।

ସମ୍ବଲପୁର/ନାକଟିଦେଉଳ, ୨୫।୭
(ଶୁଭାଶିଷ ପାଢୀ/ବୈକୁଣ୍ଠ ସାହୁ)

- ୪ ବର୍ଷ ପୁଅର ମୃତ୍ୟୁକୁ ନେଇ ତିକ୍ତତା
- ଜଣେ ଅଟକ, କୋଦାଳ, କାଠଫାଳିଆ ଜବତ

ରାତ୍ରଭୋଜନ ପ୍ରସ୍ତୁତ କରୁଥିଲେ ଦମ୍ପତି ଶୁକ୍ରୁ ମାଝି (୫୨) ଓ ରତନି। ହଠାତ୍ ୩ରୁ ୪ଜଣ ଦୁର୍ବୃତ୍ତ କାଠଫାଳିଆ, କୋଦାଳ ଧରି ଘର ଭିତରକୁ ପଶିଆସିଥିଲେ। କିଛି ବୁଝିବା ଆଗରୁ ସେମାନେ ଅତର୍କିତ ଭାବେ ଶୁକ୍ରୁଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଦେଲେ। ସ୍ତ୍ରୀ ରତନି ସ୍ୱାମୀଙ୍କୁ ବଞ୍ଚାଇବାକୁ ଚାହିଁଥିଲେ ମଧ୍ୟ ନିରୁପାୟ ହୋଇ ରହିଲେ। ତାଙ୍କ ସାମ୍‌ନାରେ ସ୍ୱାମୀଙ୍କ ଜୀବନ ଚାଲିଯାଇଥିଲା। ସେମାନେ ରତନିଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ହେଲେ ସେ ଜୀବନ ବଞ୍ଚାଇବାରେ ସଫଳ ହୋଇଥିଲେ। ଏଭଳି ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି ସମ୍ବଲପୁର ଜିଲା କିସିଣ୍ଡା ଥାନା ଡିମିରିକୁଦା ଗ୍ରାମରେ। ମୃତ ଶୁକ୍ରୁଙ୍କ ସମ୍ମୁଖ ଘରର ସଞ୍ଜୁ ମାଝିଙ୍କ ୪ବର୍ଷ ପୁଅର ମୃତ୍ୟୁକୁ ନେଇ ଗୁଣିଗାରେଡ଼ି ସନ୍ଦେହ କରି ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ପୋଲିସ ସାଇଣ୍ଟିଫିକ ଟିମ୍, ରେଢାଖୋଲ ଏସ୍‌ଡିପିଓ ପି.କେ. ମେହେର, କିସିଣ୍ଡା ଥାନା ଅଧିକାରୀ ଅଞ୍ଜଳି କୁମ୍ଭାର ପହଞ୍ଚି ତଦନ୍ତ କରିଛନ୍ତି। ରତନିଙ୍କ ଅଭିଯୋଗ ଆଧାରରେ ଥାନାରେ ୫୫/୨୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସଞ୍ଜୁଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି। ଘଟଣାସ୍ଥଳରୁ କୋଦାଳ, କାଠଫାଳିଆ, ରକ୍ତଲଗା କପଡା ଆଦି ପୋଲିସ ଜବତ କରିଛି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ଦୁର୍ଗମ ଅଞ୍ଚଳରେ ରହିଛି ଡିମିରିକୁଦା ଗ୍ରାମ। ଏଠାରେ ପ୍ରାୟ ୧୨ ଆଦିବାସୀ ପରିବାର ବସବାସ କରୁଛନ୍ତି। ଆଧୁନିକତାର ବହୁ ପଛରେ ଥିବା ଗ୍ରାମର ଲୋକେ ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି। ଗ୍ରାମର ଶୁକ୍ରୁ ମାଝି ଘରେ ପୂଜା, ସାଧନା କରିଆସୁଥିଲେ। ଲୋକେ ତାଙ୍କ ପାଖକୁ ଝଡାଫୁଙ୍କା କରିବା ପାଇଁ ମଧ୍ୟ ଆସୁଥିଲେ। ପ୍ରାୟ ୪ ବର୍ଷ ପୂର୍ବରୁ ସଞ୍ଜୁଙ୍କ ୪ ବର୍ଷର ପୁଅର ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପରିବାର ଲୋକେ ଭାଙ୍ଗି ପଡିଥିଲେ। ପୁଅର ମୃତ୍ୟୁ ପାଇଁ ସେମାନେ ଶୁକ୍ରୁଙ୍କୁ ଦାୟୀ କରିଥିଲେ । ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବାରମ୍ବାର ବଚସା ହେଉଥିଲା। ସୋମବାର ରାତିରେ ଏହା ଉଗ୍ରରୂପ ନେଇଥିଲା। ଘରେ ପଶି ଅଭିଯୁକ୍ତମାନେ କାଠଫାଳିଆ ଓ କୋଦାଳରେ ତାଙ୍କୁ ଆକ୍ରମଣ କରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଶୁକ୍ରୁଙ୍କ ସ୍ତ୍ରୀ ରତନି ଏହା ଦେଖି ଘରୁ ପଳାଇ ଯାଇଥିଲେ। ପରେ ମଙ୍ଗଳବାର ସକାଳୁ ସେ ଏ ନେଇ କିସିଣ୍ଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଘଟଣାରେ ସଞ୍ଜୁଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେଉଛି। ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ତା'ର ତଦନ୍ତ ଚାଲିଥିବା ଥାନା ଅଧିକାରୀ କୁମ୍ଭାର ସୂଚନା ଦେଇଛନ୍ତି।

# ମାଧ୍ୟମିକ ଶିକ୍ଷକ ବଦଳି ବ୍ୟବସ୍ଥାକୁ ନେଇ ତେଜୁଛି ଅସନ୍ତୋଷ

ଭୁବନେଶ୍ୱର, ୨୫।୭(ଅନୁରାଧା ମହାରଣା)

## ଧାର୍ଯ୍ୟ ସମୟରେ ଖୋଲୁନି ବଦଳି ପୋର୍ଟାଲ

ମାଧ୍ୟମିକ ଶିକ୍ଷକଙ୍କ ବଦଳି ନୀତିକୁ ସ୍ୱଚ୍ଛ ତଥା ନିରପେକ୍ଷ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୯ରେ ଅନ୍‌ଲାଇନ୍ ବଦଳି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଅର୍ଥାତ୍ ବଦଳି ପାଇଁ କେବଳ ଅନ୍‌ଲାଇନ୍‌ରେ ହିଁ ଆବେଦନ କରିବାକୁ ହେବ। ଏଥିଲାଗି ସ୍ୱତନ୍ତ୍ର ପୋର୍ଟାଲ ରହିଥିବାବେଳେ ଏହି ବ୍ୟବସ୍ଥାରେ ବ୍ୟାପକ ବିଭ୍ରାଟ ଦେଖାଦେଉଥିବାରୁ ଅସନ୍ତୋଷ ତେଜିବାରେ ଲାଗିଛି। ଧାର୍ଯ୍ୟ ସମୟରେ ଉକ୍ତ ପୋର୍ଟାଲ ଖୋଲୁ ନ ଥିବାରୁ ବଦଳି ପାଇଁ ଆବେଦନ କରି ନ ପାରି ବହୁ ଶିକ୍ଷକ ହଇରାଣ ହେଉଛନ୍ତି। ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ମଧ୍ୟ ସମାନ ଅଭିଯୋଗ ହୋଇଛି। ବିଭ୍ରାଟ ଯୋଗୁ ଗତ ଶିକ୍ଷାବର୍ଷରେ ଅନ୍‌ଲାଇନ ମାଧ୍ୟମରେ ବଦଳି ପ୍ରକ୍ରିୟା ବହୁ ବିଳମ୍ବରେ ସରିଥିବା ସଂଘ ପକ୍ଷରୁ କୁହାଯାଇଛି। ସେହିପରି ମାର୍ଚ୍ଚ କିମ୍ବା ଏପ୍ରିଲ ମାସରେ ଏହି ପୋର୍ଟାଲ ଖୋଲିବା କଥା, ମାତ୍ର ୪ ମାସ ବିତିଯାଇଥିଲେ ମଧ୍ୟ ଚଳିତବର୍ଷର ଅନ୍‌ଲାଇନ ବଦଳି ଆବେଦନ ପାଇଁ ପୋର୍ଟାଲ ଏଯାଏ ଖୋଲିନାହିଁ। ଫଳରେ ବଦଳି ପ୍ରକ୍ରିୟାକୁ ଅପେକ୍ଷା କରିଥିବା ହଜାର ହଜାର ଶିକ୍ଷୟିତ୍ରୀଶିକ୍ଷକ ନିରାଶ ହୋଇ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ରହୁଛନ୍ତି। ଅନ୍ୟପଟେ ସରକାର ବଦଳି ପାଇଁ ଯେଉଁ ନୀତି ନିର୍ଦ୍ଧାରଣ କରିଛନ୍ତି, ତାହାଦ୍ୱାରା ଅଧିକାଂଶ ଶିକ୍ଷୟିତ୍ରୀଶିକ୍ଷକ ଉପକୃତ ହୋଇପାରୁନାହାନ୍ତି। ସରକାରଙ୍କ ନିୟମାବଳୀ ସାମାନ୍ୟ କୋହଳ କରାଗଲେ ଶିକ୍ଷକ ସମାଜ ଉପକୃତ ହେବେ। ଏହାଛଡା ଅନ୍‌ଲାଇନ୍ ସହିତ ଅଫ୍‌ଲାଇନରେ ମଧ୍ୟ ବଦଳି କରାଯାଉ ବୋଲି ସଂଘ ସଦସ୍ୟଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୬ ଜୁଲାଇ, ୨୦୨୩



## ଲାଭଜନକ ଫଳଚାଷ



ଆମ ରାଜ୍ୟର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି , ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳିରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା, ନଡ଼ିଆ,ପିଜୁଳି,ପଣସ,ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

## ଗୋଖାଦ୍ୟ ଫସଲରେ ସାର ପ୍ରୟୋଗ



ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡ଼ି ଶଢ଼ାଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

## କପାରେ ପତ୍ରଡିଆଁ ପୋକ ଦମନ



କପା ପତ୍ର ପ୍ରତି ଦୁଇଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଟି ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମି.ଲି. ମିଥାଇଲ୍ ଅକ୍ସି ଡେମିଟନ୍ ମିଶାଇ ସକାଳବେଳା ଶୁଖିଲାପାଗ ଦେଖି ସିଞ୍ଚନ କରନ୍ତୁ। ଜଉପୋକ, ପତ୍ରଡିଆଁ ପୋକ ଆଦି ଶୋଷକ କୀଟ ଆକ୍ରମଣକୁ କିଛି ପରିମାଣରେ ସହ୍ୟ କରାଯାଇପାରେ। ଅତ୍ୟଧିକ ହେଲେ ଏକର ପ୍ରତି ୫୦ମି.ଲି. ଇମିଡାକ୍ଲୋପ୍ରିଡ୍ କିମ୍ବା ଥାୟୋମେଥୋକ୍ସାମ୍‌କୁ ସିଞ୍ଚନ କରନ୍ତୁ। ଶଁବାଳୁଆ ପୋକର ଦମନ ପାଇଁ କୀଟନାଶକ ପ୍ରୟୋଗର ଆବଶ୍ୟକତା ନାହିଁ। କିନ୍ତୁ ଅତ୍ୟଧିକ ହେଲେ ଏକର ପ୍ରତି ୧୦କି.ଗ୍ରା. କ୍ଲୋରୋପାଇଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ।

# ଧାନଚାଷ : ଜାଣିବା କଥା



ଡ. ପରେଶ କୁମାର ପଣ୍ଡା



'ତଳିଗୁଡ଼ିକୁ ବୁଦା ପ୍ରତି ୨ଟି କରି ସିଧା ଓ ଅଗଭୀର କରି ରୋଇଲେ ତଳି ଶୀଘ୍ର ଚେର ଧରି ପିଲ ଦେଇଥାଏ। ପରନ୍ତୁ, ଧାନ ତଳିକୁ ବଙ୍କା ଭାବେ ରୋଇଲେ ଗଛ ସିଧା ହୋଇ ବଢ଼ିବାକୁ ସମୟ ଅଧିକ ନେଇଥାଏ ଓ ବିଳମ୍ବରେ ପିଲ ଆସିଥାଏ। ଆହୁରି ମଧ୍ୟ ଅଧିକ ଗଭୀରରେ ଚାରା ରୋଇଲେ ପିଲ ବାହାରିବା ପରେ ଡେରି ହୋଇ କମ୍ ପିଲ ଆସିଥାଏ। ତଳି ଉପାଡ଼ିବାର ୧ ଦିନ ପୂର୍ବରୁ ତଳି କିଆରିରେ ପାଣି ଦିଆଯାଏ। ତଳି ଉପାଡ଼ିବା ସହଜ କରିବା ପାଇଁ ବର୍ଗ ମିଟର ପ୍ରତି ୨୫ଗ୍ରାମ୍ ହିସାବରେ ଜିପ୍‌ସମ୍ ବିଞ୍ଚି ଦିଆଯାଏ। '

ଧାନଚାଷ ବିଷୟରେ ଚାଷୀମାନେ ଅନେକ କଥା ଜାଣିବା ଆବଶ୍ୟକ। କାରଣ ଠିକ୍ ପ୍ରଣାଳୀରେ ଏହି ଚାଷ କଲେ ଅଧିକ ଅମଳ ମିଳିଥାଏ। ବିଶେଷଭାବରେ ସେମାନେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନଦେବା ଦରକାର।

**ମରୁଡ଼ି ସହଣୀ ଧାନ କିସମ :** ମନ୍ଦାକିନୀ, ସହଭାଗୀ ଧାନ, ଜଲ୍‌ଦିଧାନ-୬,ଶତାବ୍ଦୀ,ଏମ୍‌ଟିୟୁ-୧୦୧୦,ଡିଆର୍‌ଆର୍ ୪୨, ଡିଆର୍‌ଆର୍ ୪୩, ଡିଆର୍‌ଆର୍୪୪,ଶୁଖାଧାନ-୫,ଶୁଖା ଧାନ-୬।

**ବନ୍ୟାଜଳ ସହଣୀ :** ସୁମିତ୍, ସିଆର୍ ଧାନ-୪୦୩(ଲୁଣା ସମ୍ପଦ), ରୀତା, ସ୍ୱର୍ଣ୍ଣ ସବ-୧, ବୀଣାଧାନ ୧୧(ଚିୟେରାଙ୍ଗ ସବ୍-୧), ସାମ୍ବା ମସୁରୀ ସବ୍-୧ସିଆର୍୧୦୦୯ ସବ୍-୧।

**ବିଳମ୍ବ ରୁଆ ଧାନ :** ଆର୍‌ଜିଏଲ୍ ୨୫୩୭,ମନସ୍ୱିନୀ,ହିରଣ୍ମୟୀ।

**ଲୌହ ବିଷାକ୍ତ ସହଣୀ ଓ ଉନ୍ନତମାନର ମୁଢ଼ି ପାଇଁ :** ବର୍ଷାଧାନ।

**ଲୁଣା ସହଣୀ :** ସିଆର୍ ଧାନ ୪୦୫(ଲୁଣା ସାଙ୍ଖି),ସିଆର୍ ଧାନ୪୦୩ (ଲୁଣା ସମ୍ପଦ),ସିଆର୍ ଧାନ ୪୦୨(ଲୁଣା ସୁବର୍ଣ୍ଣା), ସିଆର୍ ଧାନ-୪୦୬(ଲୁଣା ବରିଆଲ୍),ସିଏସ୍‌ଆର୍ ୩୬, ସିଏସ୍‌ଆର ୪୩, ଡିଆର୍‌ଆର୍ ୩୯(ଜଗଜୀବନ),ଗୋସାବା-୫।

**ବାସନା କିସମ :** ନୂଆ କଳାଜିରା, ନୂଆ ଆଚାରମତି, କେତକୀଜୋହ।(ବର୍ଷାଦିନ)ଓ ସିଆର୍ ଧାନ ୯୦୨ (ପୂର୍ଣ୍ଣଭୋଗ) (ଉଭୟ ବର୍ଷା ଓ ଡାଲୁଅ ଚାଷ ପାଇଁ)।

**ବଢ଼ିପାଣି ସହଣୀ ଉନ୍ନତ, ଲୋକପ୍ରିୟ ଧାନ କିସମ :** ସ୍ୱର୍ଣ୍ଣ ସବ୍-୧,ସାମ୍ବା ମସୁରୀ ସବ୍-୧,ଆଇଆର୍ ୩୬ ସବ୍-୧,ସିଆର୍୧୦୦୯ ,ସବ୍-୧ ଓ ବର୍ଷା ଧାନ। ପତଳା ବାୟୋ ଗ୍ୟାସ୍ ମଣ୍ଡରେ ଧାନ ମଞ୍ଜିକୁ ୧୨ଘଣ୍ଟା ଉପଚାର କଲେ ଚାରା ଗଛର ରୋଗପୋକ ସହଣୀ ଶକ୍ତି ବଢ଼ିଥାଏ। ତଳିଘରାରେ ତଳି ବଳିଷ୍ଠ ଓ ହୃଷ୍ଟପୁଷ୍ଟ ହୋଇଥିବା ଦରକାର। ତଳିଘରାରେ ୨ ସପ୍ତାହବେଳକୁ ବର୍ଗମିଟର ପ୍ରତି ୧୦ଗ୍ରାମ୍ ଯବକ୍ଷାରଜାନ ଓ ୧୦୦ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରାଯାଏ। ସେଥିଲାଗି ତଳିରେ ସାର ପ୍ରୟୋଗ କରାଯାଏ। ସର୍ବଦା ସୁସ୍ଥ,ସତେଜ ଓ ଓଜନିଆ ତଳି ରୋଇବା ଭଲ। ତଳିଗୁଡ଼ିକୁ ବୁଦା ପ୍ରତି ୨ଟି କରି ସିଧା ଓ ଅଗଭୀର କରି ରୋଇଲେ ତଳି ଶୀଘ୍ର ଚେର ଧରି ପିଲ ଦେଇଥାଏ। ପରନ୍ତୁ, ଧାନ ତଳିକୁ ବଙ୍କା ଭାବେ ରୋଇଲେ ଗଛ ସିଧା ହୋଇ ବଢ଼ିବାକୁ ସମୟ ଅଧିକ ନେଇଥାଏ ଓ ବିଳମ୍ବରେ ପିଲ ଆସିଥାଏ। ଆହୁରି ମଧ୍ୟ ଅଧିକ ଗଭୀରରେ ଚାରା ରୋଇଲେ ,ପିଲ ବାହାରିବା ପରେ ଡେରି ହୋଇ କମ୍ ପିଲ ଆସିଥାଏ। ତଳି ଉପାଡ଼ିବାର ୧ ଦିନ ପୂର୍ବରୁ ତଳି କିଆରିରେ ପାଣି ଦିଆଯାଏ। ତଳି ଉପାଡ଼ିବା ସହଜ କରିବା ପାଇଁ ବର୍ଗମିଟର ପ୍ରତି ୨୫ଗ୍ରାମ୍ ହିସାବରେ ଜିପ୍‌ସମ୍ ବିଞ୍ଚି ଦିଆଯାଏ। ସଅଳ ଧାନ ରୁଆ ଦ୍ୱାରା ପିଲ ଅଧିକ ,ରୋଗପୋକ ସଂକ୍ରମଣ କମ୍ ଓ ଦ୍ୱିତୀୟ ଫସଲ ପାଇଁ ଆଗୁଆ ଜମି ପ୍ରସ୍ତୁତ ହୋଇଯାଏ। ଯନ୍ତ୍ର ଦ୍ୱାରା ଧାନ ରୁଆ ସହଜ, ଅଳ୍ପ ଖର୍ଚ୍ଚରେ ଓ ଅଳ୍ପ ସମୟରେ ହୋଇଥାଏ। ଧାନରୁଆ ଯନ୍ତ୍ର ଦ୍ୱାରା ଘଣ୍ଟାକୁ ୦.୪-୦.୫ ଏକର ଓ ଦିନକୁ (୮ଘଣ୍ଟା)୩-୪ ଏକର ଜମିରେ ଧାନ ରୁଆଯାଇପାରେ। ଅଧିକନ୍ତୁ,ଯନ୍ତ୍ର ଦ୍ୱାରା ରୁଆରେ ଏକର ପ୍ରତି ମାତ୍ର ୧୪କି.ଗ୍ରା ବିହନ ଦରକାର। ସେହିପରି ହାତ ରୁଆରେ ଏକର ପ୍ରତି ୨୦୦୦ଟଙ୍କା ଖର୍ଚ୍ଚ ଦରକାର ପଡୁଥିବା ବେଳେ ମେଶିନ ରୁଆରେ ମାତ୍ର ୭୦୦ରୁ ୮୦୦ଟଙ୍କା ଖର୍ଚ୍ଚ ହୋଇଥାଏ। ଏଥିରେ ଏକାଥରେ ୮ଟି ଧାଡ଼ିରେ ତଳି ରୁଆଯାଏ।

ସଅଳ ଧାନ ରୋଇଲେ ପିଲ ଅଧିକ,ରୋଗପୋକ ପ୍ରାଦୁର୍ଭାବ କମ୍ ଏବଂ ପରବର୍ତ୍ତୀ ଫସଲ ପାଇଁ ଜମି ପ୍ରସ୍ତୁତି ସହଜରେ ହୋଇଥାଏ। କାଦୁଅ ତଳି ରୋଇବାର ବିକଳ୍ପ ହେଉଛି ଡ୍ରମ୍ ସିଡର। ଏହି ପ୍ରଣାଳୀ ସହଜ ଓ କମ୍ ଖର୍ଚ୍ଚଯୁକ୍ତ। ଏହାକୁ ବ୍ୟବହାରକରି ଗାଲି ଗଜା ଧାନକୁ ଧାଡ଼ିରେ ବୁଣାଯାଏ। ଧାଡ଼ିକୁ ଧାଡ଼ି ଦୂରତା ୨୦ସେ.ମି. ଥାଇ ୪ଟି ବା ୮ଟି ଧାଡ଼ି ଏକାଥରେ ବୁଣାଯାଏ। ଟାଣିବା ବେଳେ ଗଜା ଧାନ ଠିକ୍ ଭାବେ ପଡୁଛି କି ନାହିଁ ଲକ୍ଷ୍ୟ କରାଯାଏ। ଡ୍ରମ୍‌ରୁ ଗଜାଧାନ ଏକ ଚତୁର୍ଥାଂଶ ରହିଥିବାବେଳେ ପୁଣି ଧାନ ଭରି ଦିଆଯାଏ। ମୁଖ୍ୟ କ୍ଷେତର ପାଖରେ ତଳି ଘରା ପ୍ରସ୍ତୁତ କରିବା ଭଲ। ସାର ପ୍ରୟୋଗ ସମୟରେ ଜମିରୁ ଜଳ ନିଷ୍କାସନ କରି ସାର ପ୍ରୟୋଗର ଦିନକ ପରେ ଜଳସେଚନ କରିବା ଭଲ। ଏହାଦ୍ୱାରା ଫସଲରେ ସାରର ଉପଯୋଗିତା ବଢ଼ିଥାଏ।

**ସମନ୍ୱିତ ଖାଦ୍ୟସାର ପରିଚାଳନା :** ଏହି ସମୟରେ ସବୁଜ ସାର, ଆଜୋଲା, ଆଜୋଟୋବ୍ୟାକ୍ଟର-ଆଜୋସ୍ପିରିଲମ୍, ଫସ୍‌ଫୋବ୍ୟାକ୍ଟରର ଉପଚାର-ପ୍ରୟୋଗ କଲେ ରାସାୟନିକ ସାର କମ୍ ଦେବାକୁ ପଡ଼ିଥାଏ। ଧାନ ରୁଆର ୨ ସପ୍ତାହ ପୂର୍ବରୁ ସବୁଜସାର (ଧଣିଚା, ଛଣି, ବରଗୁଡ଼ି, ମୁଗ, ବିରି, ଗୁଆର ବା ଖେସାରୀ) ବୟସ ୩୦-୪୫ ଦିନର ହୋଇଥିବାବେଳେ କାଦୁଅ କରି ମାଟିରେ ମିଶାଇ ଦିଆଯାଏ। ସବୁଜସାର ଯୋଗୁ ଏକର ପ୍ରତି ୬୦-୮୦ କୁଇଣ୍ଟାଲ ସବୁଜ ଜୈବିକ ପଦାର୍ଥ ମାଟିରେ ମିଶିଯାଇ ୨୬-୩୦ କି.ଗ୍ରା. ଯବକ୍ଷାରଜାନ (୫୭-୬୬ କି.ଗ୍ରା. ୟୁରିଆ ଅନୁରୂପ) ଯୋଗାଇଥାଏ। ଧାନ ରୁଆ ପୂର୍ବରୁ ବା ୧ ସପ୍ତାହ ପରେ ଆଜୋଲା ଧାନ ଜମିରେ ପାଣି ଉପରେ ଛାଡ଼ି ପରେ କାଦୁଅ କରି ମାଟିରେ ମିଶାଇଦେଲେ ଏକର ପ୍ରତି ୩୨-୪୦ କୁଇଣ୍ଟାଲ ଜୈବିକ ଖତ ମାଟିରେ ମିଶିଯାଇ ୮-୧୬ କି.ଗ୍ରା. ଯବକ୍ଷାରଜାନ (୧୭.୬-୩୫.୨ କି.ଗ୍ରା. ୟୁରିଆ ଅନୁରୂପ) ଯୋଗାଇଥାଏ। ଆଜୋସ୍ପିରିଲମ୍- ଆଜୋଟୋବ୍ୟାକ୍ଟର ଓ ଫସ୍‌ଫୋବ୍ୟାକ୍ଟର (ପିଏସ୍‌ବି)ର ୨୦ ଗ୍ରାମ୍ କରି କି.ଗ୍ରା. ବିହନ ପ୍ରତି ଉପଚାର କରାଯାଏ। ଏସବୁ ଉପଚାର ପ୍ରୟୋଗ ଦ୍ୱାରା ଫସଲକୁ ଏକ ତୃତୀୟାଂଶରୁ ୫୦ପ୍ରତିଶତ ରାସାୟନିକ ସାର କମ୍ ଦିଆଯାଏ। ନଚେତ୍ ଏକର ପ୍ରତି ୫ କି.ଗ୍ରା. କରି ୨୫ କି.ଗ୍ରା. ଖତ ସହ ମିଶାଇ ବେଉଷଣ ବା କାଦୁଅ କରିବା ସମୟରେ ଦିଆଯାଏ। ଅନୁମୋଦିତ ସମୁଦାୟ ଯବକ୍ଷାରଜାନ ସାରକୁ ୪ ଭାଗ କରି ୧ ଭାଗ ମୂଳସାର, ୨ ଭାଗ ପିଲ ସାର (ରୁଆର ୩ ସପ୍ତାହ ବେଳକୁ) ଓ ଅବଶିଷ୍ଟ ୧ ଭାଗ ଥୋଡ ସାର (ଫୁଲ ଉଡ଼ାଇବାର ୩ ସପ୍ତାହ ପୂର୍ବରୁ) ଭାବେ ପ୍ରୟୋଗ କରିବା ଆବଶ୍ୟକ। ମିଶ୍ରିତ ସୁକ୍ଷମ ଅଣୁସାର (ଦସ୍ତା, ମାଙ୍ଗାନିଜ୍, ଲୌହ, ତମ୍ବା, ବୋରନ୍, ମଲିବଡିନମ୍ ସହ କ୍ୟାଲସିୟମ୍, ଗନ୍ଧକ, ମ୍ୟାଗ୍ନେସିୟମ୍ ପରି ଗୌଣ ସାର) ଏକର ପ୍ରତି ୫ କି.ଗ୍ରା. କାଦୁଅ କରିବା ସମୟରେ ପ୍ରୟୋଗ କରାଯାଏ। ଫସଲରେ ଦସ୍ତାର ଅଭାବ ପରିଲକ୍ଷିତ ହେଲେ ୧୦ ଦିନ ଓ ୨୦ ଦିନ ବେଳକୁ ୨ ଥର ଜିଙ୍କ୍ ସଲ୍‌ଫେଟ୍ ୫ ଗ୍ରାମ୍ + ଚୂନ ୨.୫ ଗ୍ରାମ୍ ବା ଜିଙ୍କ୍‌ହାଇ ୧ ଗ୍ରାମ୍ ଲିଟର ପ୍ରତି ଗୋଳାଇ ଫସଲରେ ସିଞ୍ଚନ କରାଯାଏ। ଯବକ୍ଷାରଜାନ ସାର (ବିଶେଷକରି ୟୁରିଆ) ପ୍ରୟୋଗରୁ ଧାନ ଫସଲ ୩୦-୩୫ ପ୍ରତିଶତ ଆହରଣ କରିପାରେ। ତେଣୁ ଏହି ସାରକୁ ଯଥାସମ୍ଭବ ୨-୪ ଭାଗକରି ପ୍ରୟୋଗକଲେ ସାର ନଷ୍ଟ ବା ପାଣି ସହ ବୋହି ନ ଯାଇ ଅଥବା ତଳକୁ ନ ଯାଇ ଗଛର କାମରେ ଆସିଥାଏ ଓ ଫସଲର ବୃଦ୍ଧି ଆଶାନୁରୂପ ହୋଇଥାଏ। (କ୍ରମଶଃ)

-ସହକାରୀ କୃଷି ନିର୍ଦ୍ଦେଶକ, ଯାଜପୁର
ମୋ : ୯୪୩୭୧୧୨୭୦୪

## ଚାଷୀଙ୍କ ପାଇଁ...

- ପ୍ରାଣୀଙ୍କ ଗୁହାଳ ପରିଷ୍କାର ଓ ଶୁଖିଲା ରଖନ୍ତୁ । ଗୁହାଳ ଓ ଘର ଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବା ଆଶଙ୍କା ଥାଏ ।
- ମଶା ଓ ମାଛିଙ୍କ ଉପଦ୍ରବରୁ ରକ୍ଷା କରିବାକୁ ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ। ଏହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ।
- ଗୁହାଳ ତଳ ଓଦା ରଖନ୍ତୁ ନାହିଁ। ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ବର୍ଷାଋତୁରେ ଗୋ-ମହିଷ ଓ ବାଛୁରୀଙ୍କୁ ସାହାଣ ଓ ବଜବଜିଆ ରୋଗ ହେବା ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।
- ଚଳିତ ମାସରେ ଗୋ-ମହିଷଙ୍କୁ ଅଢ଼େଇ ଦିନିଆ ଜ୍ୱର ହୋଇଥାଏ। ଗୋ-ମହିଷଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।

## ଅଧିକ ଅମଳକ୍ଷମ ରାଶି

ଉନ୍ନତ ଅଧିକ ଅମଳକ୍ଷମ କିସମ ଯଥା ପ୍ରାଚୀ, ନିର୍ମଳା, କନକ, କାଳିକା, ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୩ ଗ୍ରାମ୍ ହିସାବରେ ଥିରାମରେ ବିଶୋଧନ କରନ୍ତୁ। ଶେଷ ଓଡ ଚାଷବେଳେ ବିହନ ବୁଣିବା ପୂର୍ବରୁ ଏକର ପ୍ରତି ୬ କି.ଗ୍ରା. ଯବକ୍ଷାରଜାନ, ୮ କି.ଗ୍ରା. ଫସ୍‌ଫରସ୍, ୮ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ। ପାଗ ଦେଖି ଏକର ପ୍ରତି ଏକ କେଜି ୧୨୦୦ ଗ୍ରାମ୍ ରାଶି ବିହନ ଧାଡିରେ ବୁଣନ୍ତୁ।





# ବର୍ଷାଦିନିଆ ଘାସ

(ଶେଷ ଭାଗ)

**ବିହନ ପରିମାଣ ଓ ବୁଣିବା ପ୍ରଣାଳୀ :** ଏକର ପିଛା ହାତିଆ ଘାସ ପାଇଁ ୫ ହଜାର ମୂଳ ବା କାଣ୍ଡ, ଗିନି ଘାସ - ୪ହଜାର ମୂଳ, ପାରାଘାସ -୧୦ ହଜାର କାଣ୍ଡ ଏବଂ ମକା ପାଇଁ -୨୦କି.ଗ୍ରା., ଏମ୍.ପି.ଚେରୀ ବା ଜୁଆର ୧୨-୧୫ କି.ଗ୍ରା., ବାଜରା ୫-୧୦ କି.ଗ୍ରା . ବରଗୁଡ଼ି ୧୨-୧୬ କି.ଗ୍ରା. ଗୁଆଁର -୧୬ କି.ଗ୍ରା., ଷ୍ଟାଇଲୋ ୨.୫-୩ କି.ଗ୍ରା. ମଞ୍ଜି ବା ବିହନ ଦରକାର ହୋଇଥାଏ । ସବୁଦିନିଆ ଘାସର କାଣ୍ଡ ବା ମୂଳଗୁଡ଼ିକ ଧାଡ଼ିକୁ ଧାଡ଼ି ଓ ଗଛକୁ ଗଛ ବ୍ୟବଧାନରେ ଲଗାଯାଏ । ମକା, ଏମ୍.ପି.ଚେରୀ, ବାଜରା, ବରଗୁଡ଼ି ଓ ଗୁଆଁର ବିହନକୁ ଛାଟିକରି ବୁଣିବା ଅପେକ୍ଷା ଧାଡ଼ିକରି ବୁଣିଲେ ଅଧିକ ଫସଲ ଉତ୍ପାଦନ ହୁଏ । ନେପିଅର, ଗିନି ଓ ପାରା ଘାସର ପ୍ରତିଖଣ୍ଡରେ ୨।୩ଟି ଗଣ୍ଠିଥିବା ଦରକାର । ପ୍ରତି ମନ୍ଦାରେ ୨ଖଣ୍ଡ କରି ଲଗାଇଲେ ଭଲ । ତେଣୁ ଏକର ପିଛା ୧୦ହଜାର ମୂଳ ଅବା କାଣ୍ଡର ଆବଶ୍ୟକତା ପଡ଼ିଥାଏ । ଷ୍ଟାଇଲୋ ମଞ୍ଜିର ଉପର ଚୋପା ଟାଣ। ଏଣୁ ଏହା ଭଲଭାବରେ ଗଜା ହେବା ପାଇଁ ମଞ୍ଜିକୁ ଉଷୁମପାଣିରେ ୫ମିନିଟ୍ ବୁଡ଼ାଇସାରି ରାତିସାରା ଥଣ୍ଡା ପାଣିରେ ଭିଜାଇ ରଖନ୍ତୁ । ସକାଳୁ ମଞ୍ଜିକୁ ଛାଣି ଛାଇରେ କିଛି ସମୟ ରଖିବାପରେ ଶୁଖିଲା ବାଲି ବା ଗୁଣ୍ଡ ମାଟି ସହ ମିଶାଇ ଜମିରେ ଧାଡ଼ିକୁ ଧାଡ଼ି ୩୦ସେ.ମି .ବ୍ୟବଧାନରେ ବୁଣନ୍ତୁ । ଏହି ଫସଲର ମଞ୍ଜି ଅତି ଛୋଟ ହୋଇଥିବାରୁ ଏହାକୁ ଅଧିକ ଗଭୀରରେ ବୁଣିବା ଅନୁଚିତ । ମଞ୍ଜି ବୁଣିବାର ୨୫ ରୁ ୩୦ ଦିନ ପରେ କୋଡ଼ା ଖୁସା କରି ଅନାବନା ଗଛ ବାଛିଦିଅନ୍ତୁ।

**ଅମଳ ସମୟ :** ସଙ୍କର ହାତିଆ, ଗିନି ଓ ପାରା ଘାସ ଫସଲ ଲଗାଇବାର ୬୦ ଦିନ ପରେ ଏବଂ ପ୍ରତି କଟାର ୪୫ ଦିନ ବ୍ୟବଧାନରେ ଘାସ ଫସଲ କଟାଯାଏ । ମକା ୪୫-୫୦ ଦିନ, ଏମ୍.ପି.ଚେରୀ ବା ଜୁଆର ୭୦-୮୦ ଦିନ, ବାଜରା ୬୦-୬୫ ଦିନ, ବରଗୁଡ଼ି ୫୦-୬୦ ଦିନ, ଗୁଆଁର ୬୦ ଦିନରେ ଅମଳ ମିଳିଥାଏ । ମକା, ବାଜରା ଇତ୍ୟାଦି ଫୁଲ ଉଡ଼ାଇବା ପୂର୍ବରୁ ଗୋରୁଙ୍କୁ କାଟି ଖାଇବାକୁ ଦିଆଯାଏ । ଷ୍ଟାଇଲୋ ଫସଲ ଅଢ଼େଇ ମାସ ହୋଇଗଲେ ପ୍ରଥମ କାଟି ଅମଳ ହୁଏ । ଏହାପରେ ପ୍ରତି ୬୦ଦିନ ଅନ୍ତରରେ ପରବର୍ତ୍ତୀ କଟ୍ ଫସଲ ଅମଳ କରାଯାଏ। ହାତିଆ ଘାସ କଅଁଳିଆ ଅବସ୍ଥାରେ ଗୋରୁଙ୍କ ଖାଇବାକୁ ଦେବା ଅନୁଚିତ। କାରଣ ଏ ସମୟରେ ଅକ୍‌ଜାଲିକ୍ ଅମ୍ଳ ଏହି ଘାସ ଫସଲରେ ନିହିତ ଥିବାରୁ ଗୋରୁଙ୍କୁ ଖାଇବାକୁ ଦେଲେ କ୍ୟାଲ୍‌ସିୟମ ଅଭାବର ଶିକାର ହୋଇ ଦୁର୍ବଳ ଦିଶନ୍ତି ।

**ଅମଳ ପରିମାଣ :** ହାତିଆ ଘାସ ୪୦୦ ରୁ ୫୦୦ କୁଇଣ୍ଟାଲ, ଗିନି ଘାସ ୨୫୦ ରୁ ୩୦୦ କୁଇଣ୍ଟାଲ, ପାରାଘାସ ୪୦୦ ରୁ ୫୦୦ କୁଇଣ୍ଟାଲ, ମକା ୧୦୦ରୁ ୧୨୦ କୁଇଣ୍ଟାଲ, ଏମ୍.ପି.ଚେରୀ ୧୦୦ ରୁ ୧୩୦ କୁଇଣ୍ଟାଲ, ବାଜରା ୧୦୦ ରୁ ୧୨୦ କୁଇଣ୍ଟାଲ, ବରଗୁଡ଼ି ୬୦ ରୁ ୭୦ କୁଇଣ୍ଟାଲ, ଗୁଆଁର ୭୦ ରୁ ୮୦ କୁଇଣ୍ଟାଲ, ଷ୍ଟାଇଲୋ ୧୫୦ ରୁ ୩୦୦ କୁଇଣ୍ଟାଲ ବର୍ଷକୁ ଏକର ପ୍ରତି ଅମଳ ମିଳିଥାଏ।

**ଅନ୍ତଃଚାଷ ବା ମିଶ୍ରିତ ଫସଲ ଚାଷ :** ମକା+ବରଗୁଡ଼ି, ମକା+ଡଙ୍ଗରରାଣୀ, ଟି ଓ ସି ଣ୍ଟେ + ବରଗୁଡ଼ି / ଡଙ୍ଗରରାଣୀ, ବାଜରା+ବରଗୁଡ଼ି/ଏମ୍.ପି.ଚେରୀ ବା ଜୁଆର +ଗୁଆଁର/ବରଗୁଡ଼ି, ଦୀନନାଥ+ବରଗୁଡ଼ି/ଗୁଆଁର ଆଦି ମିଶ୍ରିତ ଫସଲ ବା ଅନ୍ତ ଚାଷ ଭାବେ କରାଗଲେ, ସବୁଜ ଗୋଖାଦ୍ୟ ସୁଷମ ହୋଇଥାଏ ଏବଂ ଗୋରୁ ବା ଗୃହପାଳିତ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ରୁହେ ଏବଂ ସେମାନେ ଅଧିକ ଉତ୍ପାଦନକ୍ଷମ ହୋଇଥାନ୍ତି । ଗବେଷଣାରୁ ଜଣାଯାଇଛି, ଗୋଟିଏ ଗାଈ ଦିନକୁ ୩୫ ରୁ ୪୦ କି.ଗ୍ରା. ଭଲ ସବୁଜ ଖାଦ୍ୟ ଖାଇଲେ ବିନା ଦାନାରେ ୬ରୁ ୭ ଥର କ୍ଷୀର ଦେଇପାରିବ। ଏକ ଏକରର ୪ଭାଗରୁ ଭାଗେ ଜମିର ଅର୍ଦ୍ଧେକରେ ସବୁଦିନିଆ ଓ ଅନ୍ୟ ଅର୍ଦ୍ଧେକରେ ଋତୁକାଳୀନ ଗୋଖାଦ୍ୟ ଫସଲ ଚାଷ କଲେ ଗୋଟିଏ ଗାଈ ପାଇଁ ବର୍ଷ ସାରା ଦୈନିକ ୩୫ରୁ ୪୦କି.ଗ୍ରା. ସବୁଜ ଖାଦ୍ୟ ମିଳିପାରିବ।

-ଡା. ବୀରକିଶୋର ପରିଡ଼ା,
ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ),
ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
ମୋ : ୯୪୩୭୬୦୭୩୧୨

# ଜେଏସ୍‌ପିକୁ ଶ୍ରେଷ୍ଠ କାର୍ଯ୍ୟସ୍ଥଳୀର ପ୍ରମାଣପତ୍ର

ଭୁବନେଶ୍ୱର,୨୫।୭(ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସ୍‌ପି) କୁ ନିକଟରେ ଆଉ ଏକ ସ୍ୱୀକୃତି ତଥା ଶ୍ରେଷ୍ଠ କାର୍ଯ୍ୟସ୍ଥଳୀର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ବିଶେଷକରି ଉନ୍ନତ କର୍ମକ୍ଷେତ୍ରର ସଂସ୍କୃତି ପାଇଁ ୨୦୨୩ ଜୁଲାଇରୁ ୨୦୨୪ ଜୁଲାଇର ଅବଧି ପର୍ଯ୍ୟନ୍ତ ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ (ଜିପିଟିଡବ୍ଲ୍ୟୁ)ର ପ୍ରମାଣପତ୍ର ଦିଆଯାଇଛି। ଏପରିକି ଏହି ପ୍ରମାଣପତ୍ର ପ୍ରଦାନ କରୁଥିବା ସଂସ୍ଥା ଗ୍ରେଟ୍ ପ୍ଲେସ୍ ଟୁ ୱାର୍କ'ର ବିଶ୍ୱବ୍ୟାପୀ ସୁନାମ ରହିଛି। ତେଣୁ ଏହି ପ୍ରମାଣପତ୍ର ଗ୍ରହଣ କରିବାକୁ ଏକ ଗୌରବର ବିଷୟ ବୋଲି ବିବେଚନା କରାଯାଏ। ଯେପରି ପ୍ରତ୍ୟେକ କର୍ମଚାରୀ ଆଗକୁ ବଢ଼ିପାରିବେ। ସେହିଭଳି କମ୍ପାନୀର ଅଭିବୃଦ୍ଧିରେ ଏହା ଏକ ସକାରାତ୍ମକ ପ୍ରଭାବ ପକାଇବା ସହ ଯୋଗଦାନ କରିବ। ଏପରିକି ସବୁ ସ୍ତର ଓ ବର୍ଗର କର୍ମଚାରୀମାନଙ୍କୁ ଏହା ଅନୁପ୍ରାଣିତ କରାଇବ। ସେହିପରି ଏକ ଉନ୍ନତ କାର୍ଯ୍ୟ କ୍ଷେତ୍ର ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଜେଏସ୍‌ପିର ଅଦମ୍ୟ ପ୍ରତିବଦ୍ଧତାର ଏକ ସ୍ୱୀକୃତି ବୋଲି ଆଶା କରାଯାଉଛି। ଏ ସମ୍ପର୍କରେ ଜେଏସ୍‌ପିର ଚେୟାରମ୍ୟାନ ନବୀନ ଜିନ୍ଦଲ କହିଛନ୍ତି, ଆମ ଲୋକମାନଙ୍କର ନିଷ୍ଠା ଏବଂ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଏହା ସମ୍ଭବ ହୋଇପାରିଛି। ଏପରିକି ମୁଁ ଦୃଢ ଭାବେ ବିଶ୍ୱାସ କରୁଛି ଯେ ଜେଏସ୍‌ପିର ଦୀର୍ଘମିଆଦୀ ଦୂରଦୃଷ୍ଟିର ଏହା ଏକ ଅଂଶ ହୋଇଥିବାବେଳେ ମୂଳ କେନ୍ଦ୍ରରେ ଲୋକମାନଙ୍କୁ ରଖି ଏବଂ ସମସ୍ତଙ୍କ ପାଇଁ ଏକ ସ୍ୱପ୍ନର କର୍ମକ୍ଷେତ୍ର ସୃଷ୍ଟି କରିବା ଦ୍ୱାରା ଆମେ ଆମର ବ୍ୟବସାୟକୁ ନୂତନ ଉଚ୍ଚତାରେ ପହଞ୍ଚାଇବା ସହିତ ଦେଶର ଉନ୍ନତ ଭବିଷ୍ୟତ ନିର୍ମାଣରେ ମଧ୍ୟ ଯୋଗଦାନ କରିପାରିବୁ। ଗ୍ରେଟ୍ ପ୍ଲେସ୍ ଟୁ ୱାର୍କର ପ୍ରମାଣପତ୍ର ହାସଲ କରିବା ଜେଏସ୍‌ପି ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଥିବାବେଳେ ଯାହା ଏହାର କର୍ମଚାରୀମାନଙ୍କୁ ସଶକ୍ତ କରିଥାଏ ଏବଂ ନୂତନତା, ଅଭିବୃଦ୍ଧି ଏବଂ ସଫଳତାକୁ ପ୍ରୋତ୍ସାହିତ କରିଥାଏ।

# ଜେଏସ୍‌ଏଲ୍‌କୁ ଏକ୍ସପାଣ୍ଡ ଗ୍ଲୋବାଲ ମାର୍କେଟ୍ସ ଆୱାର୍ଡ

ଭୁବନେଶ୍ୱର,୨୫।୭




ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ୍ (ଜେଏସ୍‌ଏଲ୍)କୁ ନିକଟରେ ଅଉ ଏକ ଅନ୍ତର୍ଜାତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ଆମେରିକାସ୍ଥିତ ଡାନା ଇନ୍‌କୋରପୋର୍ଟେଡ୍ ଦ୍ୱାରା ଜେଏସ୍‌ଏଲ୍‌କୁ ଏକ୍ସପାଣ୍ଡ ଗ୍ଲୋବାଲ ମାର୍କେଟ୍ସ ଆୱାର୍ଡ ଦିଆଯାଇଥିଲା। ବିଶେଷକରି ୨୯ଟି ଦେଶ ମଧ୍ୟରେ ଥିବା ୧୮୦୦ ନାମାଙ୍କନ ମଧ୍ୟରୁ ବହୁମୁଖୀ ଗ୍ରାହକକେନ୍ଦ୍ରିକ ଆଭିମୁଖ୍ୟ କାର୍ଯ୍ୟ ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍‌କୁ ଉକ୍ତ ସ୍ୱୀକୃତି ଓ ସମ୍ମାନ ପ୍ରଦାନ କରାଯାଇଛି। ସେହିଭଳି ବିଭିନ୍ନ ମୋବିଲିଟି ବଜାର ପାଇଁ ଶକ୍ତି ପରିଚାଳନା ସମାଧାନରେ ବିଶେଷଜ୍ଞ ଥିବା ଓହିଓ-ଆଧାରିତ କମ୍ପାନୀ ଡାନା ତା'ର ୨୦୨୨ ଯୋଗାଣକାରୀ ପୁରସ୍କାର ବିଜେତାଙ୍କୁ ବିଭିନ୍ନ ବର୍ଗରେ ସମ୍ମାନିତ କରିବା ପାଇଁ ମାଉମିରେ ଆୟୋଜିତ ଏକ ଭର୍ଚୁଆଲ୍ ସମାରୋହରେ ଘୋଷଣା କରିଥିଲା। ଏଥି ମଧ୍ୟରେ କୋର୍ ଆୱାର୍ଡ, ଡେଲିଭର ଇନୋଭେଟିଭ୍ ସଲ୍ୟୁସନ୍ ଆୱାର୍ଡ, ବାର୍ଷିକ ପରୋକ୍ଷ ଯୋଗାଣକାରୀ, ବାର୍ଷିକ ନିରନ୍ତର ଯୋଗାଣକାରୀ ଇତ୍ୟାଦି ଅନ୍ତର୍ଭୁକ୍ତ। ଏପରିକି ଅଧିକାଂଶ ବର୍ଗରେ ଏକାଧିକ ବିଜେତା ଥିବାବେଳେ ଏକ୍ସପାଣ୍ଡ ଗ୍ଲୋବାଲ ମାର୍କେଟ୍ସ ପୁରସ୍କାର ପାଇଁ ଜିନ୍ଦଲ ଷ୍ଟେନ୍‌ଲେସ୍ ସ୍ପଷ୍ଟ ବିଜେତା ଥିଲା।

ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା କମ୍ପାନୀ ପରିଚାଳିତ ହେଉଥିବାବେଳେ ଗ୍ରାହକ ସମାଧାନକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ଗ୍ରାହକଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବାକୁ ପ୍ରତିଶ୍ରୁତିବଦ୍ଧ। ସେହିଭଳି ବଜାର ଯୋଗାଣ ଅଭିବୃଦ୍ଧିରେ ଆମର ଦକ୍ଷ ଯୋଗାଣ ଶୃଙ୍ଖଳା ପରିଚାଳନା ବ୍ୟବସ୍ଥା ଏବଂ ଜଷ୍ଟ-ଇନ୍-ଟାଇମ୍ ବିତରଣ ପଦ୍ଧତି ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏପରିକି ଡାନା ସହ ଆମର ସମ୍ପର୍କ ଏକ ଦୀର୍ଘସ୍ଥାୟୀ ହୋଇଥିବାବେଳେ ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ଆମେ ଜର୍ମାନୀ,ଆମେରିକା, କାନାଡା, ମେକ୍ସିକୋ, ସ୍ପେନ୍, ବ୍ରାଜିଲ ଏବଂ ଭାରତ ସମେତ ଅନେକ ଦେଶରେ ଡାନାକୁ ଷ୍ଟେନ୍‌ଲେସ୍ ଷ୍ଟିଲ୍ ସମାଧାନ ଯୋଗାଇ ଦେଇଛୁ ଏବଂ ଭବିଷ୍ୟତରେ ମଧ୍ୟ ଏହା ଜାରି ରଖିବୁ। ଏହି ସ୍ୱୀକୃତି ଜିନ୍ଦଲ ଷ୍ଟେନ୍‌ଲେସକୁ ଇଣ୍ଡଷ୍ଟ୍ରିରେ ଜଣେ ଅଗ୍ରଣୀ ଭାବେ ପ୍ରତିଷ୍ଠିତ କରିବା ସହ ଏହାର ବିଶ୍ୱସ୍ତରୀୟ ଉପସ୍ଥିତିକୁ ୩୬୦ ଡିଗ୍ରୀ ଆଭିମୁଖ୍ୟରେ ଉତ୍କର୍ଷ ପାଇଁ ଏକ ମାନଦଣ୍ଡ ସ୍ଥିର କରିଛି। ସେହିପରି କମ୍ପାନୀ ପୁରସ୍କାରଗୁଡ଼ିକୁ ସ୍ୱୀକାରକରି ନିଜର ସଙ୍ଗଠିତ ଯୋଗାଣ ଶୃଙ୍ଖଳା, ଗ୍ରାହକଙ୍କ ସନ୍ତୁଷ୍ଟି, ନବସୃଜନ, ସ୍ଥାୟୀ ଅଭ୍ୟାସ ଗ୍ରହଣ ଇତ୍ୟାଦି ପାଇଁ ଉଲ୍ଲେଖନୀୟ ଉତ୍ସର୍ଗ ପ୍ରଦର୍ଶନ କରିଛି।

## ଆଇଟିସି ୧ ନମ୍ବର ଏଫ୍‌ଏମ୍‌ସିଜି

ଭୁବନେଶ୍ୱର,୨୫।୭: ଦେଶର ପ୍ରମୁଖ ତଥା ଏସିଆର ସର୍ବବୃହତ୍ ସିଗାରେଟ୍ ନିର୍ମାତା ଆଇଟିସି ବର୍ତ୍ତମାନ ୧ ନମ୍ବର ଫାଷ୍ଟ ମୁଭିଂ କଞ୍ଜ୍ୟୁମର ଗୁଡ୍ (ଏଫ୍‌ଏମ୍‌ସିଜି) ଷ୍ଟକ୍ କମ୍ପାନୀ ଭାବେ ଉଭା ହୋଇଛି। ବିଶେଷକରି କମ୍ପାନୀ ଗ୍ରାହକ ସମ୍ପର୍କିତ ଦୈନନ୍ଦିନ ବ୍ୟବହାର୍ଯ୍ୟ ସାମଗ୍ରୀ ଉତ୍ପାଦନ କରିଥାଏ। ଏପରିକି କମ୍ପାନୀ ଖାଦ୍ୟ, ପାନୀୟ, ଟୋବାକୋ ଏବଂ ଫାର୍ମାସ୍ୟୁଟିକାଲ ଭଳି ଉତ୍ପାଦ ବଜାରରେ ଉପଲବ୍ଧ କରାଇଥାଏ। ସେହିଭଳି ଆଇଟିସି ଲିମିଟେଡ୍ ହିନ୍ଦୁସ୍ଥାନ ୟୁନିଲିଭରକୁ ପଛରେ ପକାଇ ଭାରତର ପ୍ରମୁଖ ଉପଭୋକ୍ତା ସାମଗ୍ରୀ ପ୍ରଦାନକାରୀ କମ୍ପାନୀ ହେବାକୁ ଯାଉଛି। ଏପରିକି ବ୍ୟବସାୟ ଆରମ୍ଭରୁ କମ୍ପାନୀ ସିଗାରେଟ୍ ବ୍ୟବସାୟରେ ଥିବାବେଳେ ବର୍ତ୍ତମାନ କମ୍ପାନୀ ହୋଟେଲ, ପେପର ଏବଂ ଗ୍ରାହକ ସମ୍ପର୍କିତ ଉତ୍ପାଦନ ବ୍ୟବସାୟରେ କାରବାର କରୁଛି। ନିକଟରେ କମ୍ପାନୀର ଆୟ ତୁଳନାରେ ହିନ୍ଦୁସ୍ଥାନ ୟୁନିଲିଭରକୁ ପଛରେ ପକାଇ ୧ ନମ୍ବର ସ୍ଥାନରେ ରହିଛି। ଏପରିକି ଏହାର ବଜାର ମୂଲ୍ୟ ୬.୧ ଟ୍ରିଲିୟନ ଟଙ୍କା (୭୪ ବିଲିୟନ ଆମେରିକୀୟ ଡଲାର) ହୋଇଥିବା ବେଳେ ହିନ୍ଦୁସ୍ଥାନ ୟୁନିଲିଭର ବଜାର ମୂଲ୍ୟ ୬.୦୯ ଟ୍ରିଲିୟନ ଟଙ୍କା ରହିଛି।

## ଆଇଡିବିଆଇ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର,୨୫।୭: ଆଇଡିବିଆଇ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର ୨୦୨୩-୨୪ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଶେଷ ସୁଦ୍ଧା ବ୍ୟାଙ୍କର ମୋଟ ଲାଭ ୧୨୨୪ କୋଟି ଟଙ୍କା ରହିଥିବା ବେଳେ ବାର୍ଷିକ ଆଧାରରେ ବ୍ୟାଙ୍କର ଅଭିବୃଦ୍ଧି ହାର ୬୨%ର ଏକ ମଜଭୁତ ବୃଦ୍ଧି ପଞ୍ଜୀକରଣ କରିଛି। ଏହି ସମୟ ମଧ୍ୟରେ ବ୍ୟାଙ୍କର ପରିଚାଳନାଗତ ଲାଭ ୩୦୧୯ କୋଟି ଟଙ୍କା ରହିଛି, ବାର୍ଷିକ ଆଧାରରେ ବ୍ୟାଙ୍କର ଅଭିବୃଦ୍ଧି ୪୭% ରହିଛି। ସେହିଭଳି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୧୭୮ ବିପିଏସ୍‌ର ବାର୍ଷିକ ଅଭିବୃଦ୍ଧି ସହିତ ଏନ୍‌ଆଇଏମ୍ ୫.୮୦% ରହିଛି ଏବଂ ମୋଟ ସୁଧର ଆୟ ୬୧%ର ବାର୍ଷିକ ଅଭିବୃଦ୍ଧି ସହ ୩୯୯୮ କୋଟି ଟଙ୍କା ରହିଛି। ବିଶେଷକରି ୨୦୨୩-୨୪ ଆର୍ଥିକ ବର୍ଷର ୧ମ ତ୍ରୈମାସରେ କଷ୍ଟ ଅଫ୍ ଡିପୋଜିଟ୍ ୪.୧୨% ରହିଛି, ସିଆର୍‌ଏଆର୍ ୭୬ ବିପିଏସ୍‌ର ବାର୍ଷିକ ଅଭିବୃଦ୍ଧି ସହ ୨୦.୩୩% ରହିଛି। ରିଟର୍ନ ଅନ୍ ଆସେଟ୍ସ (ଆର୍‌ଓଏ) ୧.୪୯% (ବାର୍ଷିକ ଆଧାରରେ ବୃଦ୍ଧି ୪୬ବିପିଏସ୍) ରହିଥିବା ବେଳେ ରିଟର୍ନ ଅନ୍ ଇକ୍ୱିଟି (ଆର୍‌ଓଇ) ୧୮.୬୩% (୩୮୩ ବିପିଏସ୍‌ର ବାର୍ଷିକ ବୃଦ୍ଧି) ରହିଛି। ଏହି ତ୍ରୈମାସରେ ମୋଟ ଏନ୍‌ପିଏ ୮୨ ବିପିଏସ୍ ହ୍ରାସ ହୋଇ ୦.୪୪% ରହିଛି ଯାହା ଜୁନ୍ ୩୦, ୨୦୨୨ରେ ୧.୨୬% ରହିଥିଲା। ସେହିପରି ଗ୍ରସ୍ ଏନ୍‌ପିଏ ୧୪୮୫ ବିପିଏସ୍ ହ୍ରାସ ହୋଇ ୫.୦୫ ରହିଛି, ଯାହା ଗତ ବର୍ଷର ସମାନ ଅବଧିରେ ୧୯.୯୦% ଥିଲା। ପିସିଆର୍ ୧୨୧ବିପିଏସ୍ ବୃଦ୍ଧି ହୋଇ ୯୮.୯୯% ରହିଛି, ଯାହା ଗତବର୍ଷ ସମାନ ତ୍ରୈମାସରେ ୯୭.୭୮% ରହିଥିଲା।

# ତନିସ୍କରେ ଡାଇମଣ୍ଡ ଫେଷ୍ଟିଭାଲ

ଭୁବନେଶ୍ୱର,୨୫।୭



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ତନିସ୍କ ପକ୍ଷରୁ ଏକ ଆକର୍ଷଣୀୟ ଡାଇମଣ୍ଡ ଫେଷ୍ଟିଭାଲର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ରାଣ୍ଡର ନୂତନ କଲେକ୍ସନ 'ଦି ଅଟମ୍ ଏଡିଟ୍' ଓ ହୀରା ଗହଣାର ବ୍ୟାପକ ସମ୍ଭାରକୁ ଫେଷ୍ଟିଭାଲରେ ପ୍ରଦର୍ଶନୀ କରାଯିବ ବୋଲି ତନିସ୍କ ପକ୍ଷରୁ କୁହାଯାଇଛି। ବିଶେଷକରି ମହିଳାମାନେ ପିନ୍ଧୁଥିବା ବିଭିନ୍ନ ପ୍ରକାର ହୀରାଗହଣା ଯଥା ମୁଦି,କାନଫୁଲ,ପେଣ୍ଡେଣ୍ଟ,ନେକ୍‌ଲେସ୍, ବ୍ରେସ୍‌ଲେଟ୍, ବ୍ୟାଙ୍ଗେଲ ଭଳି ଅନେକ ପ୍ରକାର ଡିଜାଇନ ଉପଲବ୍ଧ ରହିଛି। ପ୍ରତ୍ୟେକ ଅବସରକୁ ସ୍ୱତନ୍ତ୍ର କରିବା ପାଇଁ 'ଦି ଅଟମ୍ ଏଡିଟ୍'ରେ ବ୍ୟାପକ ରେଞ୍ଜ୍‌ର ନୂଆ ଏବଂ ସତେଜ ଡିଜାଇନ୍ ଉପଲବ୍ଧ କରାଯାଇଛି। ଅପରପକ୍ଷରେ 'ଦି ଅଟମ୍ ଏଡିଟ' ଜରିଆରେ ତନିସ୍କ ଚଳିତ ଋତୁର ହୀରା ଉତ୍ସବକୁ ପାଳନ କରୁଛି। ଏହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ତନିସ୍କ ହୀରା ଗହଣା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଦେଶରେ ଥିବା ସମସ୍ତ ତନିସ୍କ ଷ୍ଟୋରରେ ଏହି ଅଫର ଉପଲବ୍ଧ। ଖାଲି ସେତିକି ନୁହେଁ, ତନିସ୍କ ମଧ୍ୟ ୨୨କ୍ୟାରେଟ୍‌ରୁ ଉର୍ଦ୍ଧ୍ୱ ପୁରୁଣା ସୁନା ବଦଳ ଉପରେ ଶତପ୍ରତିଶତ ମୂଲ୍ୟ ପ୍ରଦାନ କରୁଛି। ଯେକୌଣସି ଗହଣା ଦୋକାନରୁ କିଣାଯାଇଥିବା ସୁନା ଉପରେ ଏହା ସମ୍ପୂର୍ଣ୍ଣ ଏକ୍ସଚେଞ୍ଜ ମୂଲ୍ୟ ପ୍ରଦାନ କରୁଛି। ଗ୍ରାହକ ନିଜ ପୁରୁଣା ସୁନା ବଦଳାଇ ତନିସ୍କର ନୂଆ ଡିଜାଇନକୁ ଅପ୍‌ଗ୍ରେଡ୍ ହୋଇପାରିବେ ବୋଲି ତନିସ୍କ ପକ୍ଷରୁ ସୂଚନା ଦିଆଯାଇଛି।

## obcc
## OFFICE OF THE GENERAL MANAGER
## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking)
## PURI PROJECT DIVISION-II, PURI
Email Id: puridiv2@obcc.in

Letter No.1263 | **Bid Identification No.4/2023-24** | Date:21.07.2023

**Tender Call Notice**

**No.CAD-1404:**1. The **General Manager, Puri Division-II**, Odisha Bridge & Construction Corporation Limited (O.B. & C.C. Ltd), Puri, on behalf of E.I.C-Cum-Managing Director, OB&CC Ltd. invites Percentage bids in Double Cover system for the following works from 'B' Class Contractors registered with the State Government and contractors of equivalent grade/class registered with Central Government/ MES/Railways to be eventually drawn up in P-1 form / other available forms for execution of the works, on production of definite proof from the appropriate authority. But successful bidder other than State/MES/ Railways/ CPWD/MSME Company in equivalent rank must register under the State PWD before signing the agreement.

| Sl. No. | Name of work | Approx Value of work (Rs. in lakhs) | Concerned Tender Inviting Authority | EMD (To be remitted Online) | Cost of Bid Documents including GST (To be remitted Online) | Class of Bidder | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Compound Wall and other Development works for waste treatment plant near Malatipatpur Bus Stand. | 66.81 | General Manager, Puri Project Division No.-II, O.B. & C.C. Ltd, Puri | Rs.66,900 /- | Rs.11, 800 /- | 'B' Class | 4 (Four) calendar months |

2.The Bid document shall be available in the website **https://tendersodisha.gov.in** from **11.00 A.M.** of **Dt 25.07.2023 to 04.30 P.M. of Dt.10.08.2023** for online bidding.3. The bidder must possess compatible **Digital Signature Certificate (DSC)** of Class II or Class III. The online bidding procedure is indicated in the document. 4.The bid shall be received only **through "online"** on or before **04.30 P.M. of Dt 10.08.2023.** 5.Bids received online shall be opened at **05.00 P.M. on Dt 10.08.2023** in the office of the General Manager, Puri Division-II, Odisha Bridge & Construction Corporation Ltd, Odisha, Puri. If the office happens to be close on the last date of opening the bids as specified, the bids will be opened on the next working day at the same time and venue. 6.The authority reserves the right to cancel any or all bids without assigning any reason thereof.7.Further details with any addendum, corrigendum, cancellation can be seen from the website only **https://tendersodisha.gov.in.**

Sd./- General Manager
Puri Project Divn-II, O.B.& C.C. Ltd., Puri
OIPR-34152/11/0004/2324

## ODISHA PUBLIC SERVICE COMMISSION
## CUTTACK
## NOTICE
**No. 6002/P.S.C., Dt.24.07.23**
**PF-07-1E-01-2023/24 (DR-III)**

**No. D-94:-** It is for information of all concerned that the written examination held on **03.07.2022** for recruitment to the post of **Post Graduate Teachers in Chemistry**, pursuant to Advt. No.12 of 2020-21, **54 (Fifty four)** candidates bearing following Roll Nos. have been qualified for admission to Document Verification & Viva Voce test. The physical verification of original certificates/documents etc. and Viva Voce test in respect of above qualified candidates, will be conducted simultaneously in the office of the Commission at 19, Dr. P.K. Parija Road, Cuttack-753001 from **17.08.2023 to 19.08.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening**), three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para-10** of the aforesaid Advertisement and duly filled in "**Attestation Form**" & "**Bio-Data Form**" (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce test**. The candidates shall be allowed to the Viva Voce test on scheduled date and time mentioned below subject to fulfillment of their eligibility in all respect as per verification of original certificate/ documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | ROLL No. of Candidates |
|---|---|---|---|---|
| 1. | 17.08.2023 | 8.30 A.M. | 10.30 A.M. | 200020, 200032, 200035, 200043, 200050, 200071, 200076, 200097, 200101 & 200111 **= 10 candidates** |
| | | 12.30 P.M. | 2.30 P.M. | 200120, 200128, 200139, 200141, 200142, 200148, 200152 & 200160 **= 08 candidates** |
| 2. | 18.08.2023 | 8.30 A.M. | 10.30 A.M. | 200161, 200174, 200175, 200187, 200194, 200196, 200229, 200232, 200233 & 200262 **= 10 candidates** |
| | | 12.30 P.M. | 2.30 P.M. | 200266, 200267, 200274, 200277, 200283, 200290, 200293 & 200329 **= 08 candidates** |
| 3. | 19.08.2023 | 8.30 A.M. | 10.30 A.M. | 200333, 200334, 200349, 200357, 200358, 200360, 200365, 200368, 200388 & 200395 **= 10 candidates** |
| | | 12.30 P.M. | 2.30 P.M. | 200409, 200433, 200434, 200441, 200442, 200446, 200460 & 200473 **= 08 candidates** |

**N.B. - The candidates are advised to report at the office of the Commission half an hour before the commencement of verification on their scheduled dates & time as mentioned against each.**

**NOTE:-** THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

OIPR-12002/11/0067/2324 **Sd./- Secretary**

## RAVENSHAW UNIVERSITY
**CUTTACK-753003, ODISHA**

**Engagement of Temporary Faculty in Integrated B. Ed. Programme**

**No. CAD-1407:-**Applications are invited from the eligible candidates for appointment of Temporary Faculty for Four Year Integrated B. Ed. Programme of Ravenshaw University for the subjects: Perspectives in Education, Pedagogy of Languages, Physical Sciences and Mathematics, Health & Physical Education, Yoga Education, Fine/Visual Art and Performing Art.

For details please visit www.ravenshawuniversity.ac.in

Registrar
Ravenshaw University, Cuttack
OIPR-11008/11/0010/2324

No.CAD-1405:

## obcc
## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)
## ODISHA BRIDGE & CONSTRUCTION CORPORATION LIMITED
**(A Government of Odisha Undertaking under Works Department)**

**No.6608** **Date:21.07.2023**
**File: SMT-1922**

**NOTICE INVITING TENDER**

| | | |
|---|---|---|
| 1. | Name of Work | Selection of an agency for Survey, Architectural Services and preparation of Master Plan for BBSR Campus, other College at outline Campus (Chiplima in Sambalpur, Bhawanipatna in Kalahandi & Rangeilunda in Ganjam) and other infrastructure of OUAT. |
| 2. | Bid Identification No. of the Tender Document | 32/Tender/OBCC/2023-24 |
| 3. | Date of availability in e-procurement portal | from 26.07.2023 |
| 4. | Last date of receipt of pre-bid queries | upto 5:00 P.M of 01.08.2023 |
| 5. | Last Date & time of receipt of online bid | 18.08.2023 till 5.00 P.M. |
| 6. | Date of Opening of online technical bid | 19.08.2023 at 11:30 A.M |
| 7. | Period of completion | 10 Months |

8. Further details can be seen from the e-Procurement portal **https://www.tendersodisha.gov.in.**
9. OBCC has the right to accept or reject the Notice/ RFP/Proposal without assigning any reasons thereof.
10. Agencies empanelled with OBCC under Category-A of Comprehensive Architectural Services are only eligible to apply for this assignment.

OIPR-34161/11/0040/2324 **Sd./- Senior Chief General Manager-I**

## ODISHA PUBLIC SERVICE COMMISSION
## NOTICE
**No. 5964 /PSC, Dt.24.7.23**

**TIME TABLE FOR WRITTEN EXAMINATION OF ODISHA MUNICIPAL ADMINISTRATIVE SERVICES-2021**

**No.D-92:-** The Commission has decided to conduct the written examination of Odisha Municipal Administrative Services-2021 on **13.08.2023 (Sunday)** in five zones i.e. Balasore, Berhampur, Bhubaneswar, Cuttack & Sambalpur, pursuant to Advertisement No. 06 of 2022-23 as per time table mentioned below:-

| Date | Timing | Subject | Subject Code No. to be filled up in the OMR Answer script. |
|---|---|---|---|
| 13.08.2023 (Sunday) | 10.00 A.M. to 12.00 P.M. | General Studies (Paper-I) | 01 |
| | 2.00 P.M. to 4.00 P.M. | General Studies (Paper-II) | 02 |

**N.B.-** As there is no vacancy for PwD candidates, no extra compensatory time will be allowed to PwD candidates.
2. **"Admission Certificate"** & **"Instructions to candidates"** of the eligible candidates will be available in the website of the Commission later. The candidates are advised to visit the website of the Commission at http://opsc.gov.in to download their "Admission Certificate" & "Instructions to Candidates".

OIPR-12002/11/0066/2324 **Sd./- Secretary**

## OFFICE OF THE SORO MUNICIPALITY
**e-Mail: soromunicipality@gmail.com**

**Letter No. 1892** **Date: 21.07.2023**

**EXPRESSION OF INTEREST FOR PREPARATION OF STORM WATER DRAINAGE MASTER PLAN & DPR OF SORO MUNICIPALITY**

No. C-886:- Soro Municipality proposes to undertake Preparation of storm water drainage master plan & DPR for Soro Municipality area.

Proposals are invited to conduct the assignment and submit the deliverables from engineering consultants/Consulting registered architectural firms that have requisite experience in preparation of drainage/Pipeline/Sewerage network plan.

Details of the bid document can be obtained from the Office of Soro Municipality by paying the Bid processing fees Rs.10,000 (Rupees Ten thousand) only non refundable during office hour on or before **Dt: 07.08.2023**

The completed applications, as per instructions in the EOI document should reach the following address by hand/Registered Post/ Speed Post/Courier latest by **1 PM on Dt: 08.08.2023**

Soro Municipality reserves the sole right to accept or reject any or all proposals without assigning any reason whatsoever.

Sd./- Executive Officer
Soro Municipality
OIPR-13166/11/0010/2324

## ODISHA PUBLIC SERVICE COMMISSION
## NOTICE
No. 6006 /PSC., Dt.24.7.23
(1E-75-2022-23) DR-II)

**Corrigendum to Advertisement No. 02 of 2023-24 for recruitment to the post of Dental Surgeons (Junior Branch) in Group-A, under H & F.W. Department.**

**No.D-93:-** As per the revised proposal communicated by the Govt. in Health & Family Welfare Department in their letter No. 16425/H, dt.11.07.2023 for recruitment to the posts of Dental Surgeons in the rank of Group-A (Junior Branch), the vacancy position along with reservation thereof are hereby modified as indicated in the table given below:-

| Sl. No. | Category | No. of Vacancies |
|---|---|---|
| i | ii | iii |
| 1 | UR | 72 (24-w) |
| 2 | SEBC | 15 (05-w) |
| 3 | SC | 24 (08-w) |
| 4 | ST | 84 (28-w) |
| **Total** | | **195 (65-w)** |

All other terms and conditions outlined in advertisement No.02 of 2023-24 shall remain unchanged.

The concerned candidates are advised to visit the website of the Commission at www.opsc.gov.in.

OIPR-12002/11/0068/2324 **Sd./- Secretary**

## OFFICE OF THE MUNICIPAL COUNCIL, DHENKANAL
**DHENKANAL (ODISHA), PIN-759001**
Tel.No.06762-224401 (O), FAX No.06762-223355
E-mail:- dhenkanalm.hud@gmail.com

No.2702 Date:21.07.23

**QUOTATION CALL NOTICE**

**No.C-899:**Sealed quotations in the prescribed quotation paper are invited from the registered firm for **"Supply and Installation of Dandi Yatra Statue (with base, material-Cement)".** The rate should be quoted inclusive of all taxes, cost conveyance and fixing.

1- The Cost of each Quotation Paper:- Rs. 5,000.00 (Non Refundable)
2- Start Date of Sale of Quotation Paper: - 24.07.2023
3- Last Date of Sale of Quotation Paper:- 03.08.2023
4- Last Date of Receipt of Quotation Paper :- 03.08.2023 at 5.00 PM
5- Date of Opening of Sealed Quotation :- 04.08.2023 at 12.00 Noon

The Quotation will be opened in the presence of the quotationers or their authorized agents. The quotationers should deposit EMD @1% of the total quoted price in shape of Bank Draft/Bankers Cheque drawn **in favour of Executive Officer, Dhenkanal Municipality**. The quotation with enclosures will be received only through Speed Post/ Regd. Post by the undersigned in the schedule date and time and not be accepted in any means beyond the date and time. Any postal delay will not be considered. The quotation paper will be available in the Office of Dhenkanal Municipality during the office hours (except holidays) till dt 03.08.2023 (up to 11.00 AM) and may download from the Dhenkanal website i.e. **dhenkanalmunicipality.com.**

The authorized reserves the right to reject any or all the quotations without assigning any reason thereof.

**Sd./- Executive Officer**
**Dhenkanal Municipality**
**OIPR-13146/11/0018/2324**

ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା

# ଗଣତନ୍ତ୍ରର ୩ ସ୍ତମ୍ଭକୁ ଧରି ରଖିଛି ଗଣମାଧ୍ୟମ






ବକ୍ତୃତା ପ୍ରତିଯୋଗିତାର ମୁଖ୍ୟ ଅତିଥି ପାରାଦୀପ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ଉଦ୍‌ବୋଧନ ଦେଉଥିବାବେଳେ ମଞ୍ଚାସୀନ ବିଚାରକ, ବରେଣ୍ୟ ଅତିଥି ଏବଂ ଉପସ୍ଥିତ ଛାତ୍ରୀଛାତ୍ରମାନେ ।

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଏସ୍. ପ୍ରଭା ବାସୁ


ପି. ମଧୁସ୍ମିତା


କୃଷ୍ଣପ୍ରିୟା ପାଲଟାସିଂହ


ଲିପ୍ସା ପ୍ରିୟଦର୍ଶିନୀ


ଖୁସ୍‌ବୁ ମଣ୍ଡଳ


ତାପସ ମଣ୍ଡଳ


ଅଭିସ୍ମିତା ସ୍ୱାଇଁ

**ଜଗତ୍‌ସିଂହପୁର, ୨୫ା୭ (ପ୍ରମୋଦ କୁମାର ନାୟକ )**

ଗଣତନ୍ତ୍ରର ୩ଟି ସ୍ତମ୍ଭ କଥା ଆମେ ଜାଣିଛନ୍ତି, କିନ୍ତୁ ଚତୁର୍ଥ ସ୍ତମ୍ଭଟି ହେଉଛି ଗଣମାଧ୍ୟମ। ଏହା ଆଜିର ସମାଜରେ ସବୁଠାରୁ ମୁଖ୍ୟ ତତ୍ତ୍ୱ। ଆମେ ଯେତେବେଳେ ଶିବଙ୍କ ପାଖରେ ବେଲପତ୍ର ଅର୍ପଣ କରୁଛୁ, ସେତେବେଳେ ଗୋଟିଏ ତ୍ରିଶାଖା ବେଲପତ୍ରର ଆବଶ୍ୟକତା ଅଧିକ ମନେହୁଏ। ଗଣତନ୍ତ୍ରରେ ଏହି ତ୍ରିଶାଖା ବେଲ ପତ୍ର ହେଉଛି ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଆଉ ଚତୁର୍ଥ ସ୍ତମ୍ଭ ଅର୍ଥାତ୍ ଗଣମାଧ୍ୟମ ହେଉଛି ଏହି ୩ ପତ୍ରକୁ ଧରି ରଖିଥିବା ଗୁରୁତ୍ୱପୂର୍ଣ୍ଣ ଅଂଶ ଅର୍ଥାତ୍ ଡେମ୍ଫ। ସମାଜକୁ ସୁଧାରିବା କ୍ଷେତ୍ରରେ ଏହାର ବହୁତ ଦାୟିତ୍ୱ ରହିଛି। ମଙ୍ଗଳବାର ପାରାଦୀପସ୍ଥିତ ପାରାଦୀପ ମହାବିଦ୍ୟାଳୟ ପରିସରରେ ଧରିତ୍ରୀ ପକ୍ଷରୁ ଏହାର ୫୦ ବର୍ଷ ପାଳନ ଉପଲକ୍ଷେ ଆୟୋଜିତ 'ଗଣତନ୍ତ୍ର, ଗଣମାଧ୍ୟମ ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ଏହା କହିଛନ୍ତି। ପ୍ରତ୍ୟେକସ୍ତରରେ ଦୁର୍ନୀତି ହେଉଛି। ଏ ପରିସ୍ଥିତିରେ ଦୁର୍ନୀତିରୁ ଆମେ କିପରି ମୁକ୍ତି ପାଇବା ସେନେଇ ଗଣମାଧ୍ୟମର ବିଶେଷ ଭୂମିକା ରହିଛି। ମହତ୍ ଲକ୍ଷ୍ୟ ରଖି ପରମାଣୁ ଶକ୍ତି ଆବିଷ୍କାର ହୋଇଥିଲା। ଏହି ଶକ୍ତିରୁ ବିଦ୍ୟୁତ ଶକ୍ତିର ଆବଶ୍ୟକତା ପୂରଣ ହୋଇପାରୁଛି। କିନ୍ତୁ ପରମାଣୁ ଶକ୍ତିରୁ ଅଣୁ ଓ ପରମାଣୁ ବୋମା ମଧ ପ୍ରସ୍ତୁତ ହେଉଛି, ଯାହା ଖୁବ କମ୍‌ସମୟ ମଧ୍ୟରେ ପୃଥିବୀରେ ବିଭୀଷିକା ସୃଷ୍ଟି କରିପାରିବ। ତେଣୁ ଯୁବପିଢ଼ି ବାସ୍ତବରେ ପରମାଣୁ ଶକ୍ତିରୁ ବିଦ୍ୟୁତ ଭଳି ସକାରାତ୍ମକ ଦିଗକୁ ଗ୍ରହଣ କରିବେ କି ବୋମା ତିଆରି ଆଡ଼କୁ ଯିବେ, ତାହା ବିଚାର କରିବାର ସମୟ ଆସିଛି। ଶକ୍ତିର ବାସ୍ତବ ଉତ୍ସକୁ ଗ୍ରହଣ କରି ଏହାର ସୁପରିଚାଳନା କରିବା ଯୁବ ସମାଜର ଦାୟିତ୍ୱ। ଛାତ୍ର ଜୀବନରେ ଶୃଙ୍ଖଳା ବଡ଼ ପୁଞ୍ଜି। ଅହରହ ସକାରାତ୍ମକ ଚିନ୍ତା ରଖି କର୍ତ୍ତବ୍ୟ କରିଚାଲିଲେ ଲକ୍ଷ୍ୟ ପୂରଣ ହେବ। ଏନେଇ ଯୁବଗୋଷ୍ଠୀ ଗଣମାଧ୍ୟମର ଠିକ୍ ଉପଯୋଗ କରିବା ଦରକାର। ଗଣତନ୍ତ୍ରର ଚାରୋଟି ଯାକ ସ୍ତମ୍ଭକୁ ମଜଭୁତ କରିବା ଜରୁରୀ ବୋଲି ଅଧ୍ୟକ୍ଷା ଶତପଥୀ କହିଥିଲେ। ଅନ୍ୟତମ ଅତିଥି ତଥା ପାରାଦୀପ ପୌରାଧ୍ୟକ୍ଷ ତଥା ମୋ କଲେଜ ଅଭିଯାନ ସଭ୍ୟ ବସନ୍ତ ବିଶ୍ୱାଳ ଧରିତ୍ରୀର ଅଭିଯାନକୁ ସାଧୁବାଦ ଜଣାଇଥିଲେ। ସେ କହିଥିଲେ, 'ଧରିତ୍ରୀ' ତା'ର ପ୍ରତିଷ୍ଠା ବଜାୟ ରଖିପାରିଛି। ସାଧାରଣ ଜନତାଙ୍କ ସ୍ୱର ସରକାରଙ୍କ ପାଖରେ ପହଞ୍ଚାଇପାରୁଛି। ନ୍ୟାୟରୁ ବଞ୍ଚିତ ଲୋକଙ୍କ ପାଇଁ ଅହରହ ଚେଷ୍ଟା ଜାରି ରଖିଛି। ଗଣମାଧ୍ୟମର ମୌଳିକତା ଅର୍ଥାତ୍ ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ କରି ଲୋକଙ୍କ ପ୍ରିୟଭାଜନ ହୋଇପାରିଛି। ଏହି ଅବସରରେ ସେ ଗଣତନ୍ତ୍ରର ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ସୁଶାସନ ଦେବା ଲୋକ ପ୍ରତିନିଧିଙ୍କ ଦାୟିତ୍ୱ। ଏଥିରୁ ବିଚ୍ୟୁତି ହେଲେ କିମ୍ବା ଶାସକ ସ୍ୱେଚ୍ଛାଚାରୀ ହେଲେ, ତା'ଉପରେ ଅଙ୍କୁଶ ଲଗାଇବା ପାଇଁ ଗଣମାଧ୍ୟମର ଗୁରୁ ଦାୟିତ୍ୱ ରହିଛି। ଶାସକଙ୍କୁ ତାଙ୍କ ପୂର୍ବ କଥା ମନେପକାଇ ସତର୍କ କରେଇ ଦେବା ପାଇଁ ଗଣମାଧ୍ୟମ ଚେଷ୍ଟିତ ରହୁଛି ବୋଲି ବିଶ୍ୱାଳ କହିଥିଲେ। ବକ୍ତୃତା ପ୍ରତିଯୋଗିତାର ବିଚାରକ ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ବୈଜ୍ଞାନିକ ଅନ୍ୱେଷା ପଣ୍ଡା କହିଥିଲେ, ଯୁବପିଢ଼ିଙ୍କ ପାଖରେ ପ୍ରସଙ୍ଗର ଗମ୍ଭୀରତା ବୁଝିବା ଶକ୍ତି ଅଛି। କେବଳ ସେମାନେ ଏହାର ବିନିଯୋଗ କଲେ ସଫଳତା ନିଶ୍ଚୟ ମିଳିବ ବୋଲି କହି ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ। ଅନ୍ୟତମ ବିଚାରକ ତଥା ପାରାଦୀପ ଏନ୍‌ଏସସି ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ରୋହିତ ମହାପାତ୍ର କହିଥିଲେ, ନିର୍ଭୀକ, ସତ୍ୟ, ନିରପେକ୍ଷ ଏବଂ ତଥ୍ୟଭିତ୍ତିକ ଖବରର ଆବଶ୍ୟକତା ସବୁବେଳେ ରହିଛି। ଯୁବପିଢ଼ି ଆଧୁନିକତାର ଦ୍ୱାହି ଦେଇ ପଥଭ୍ରଷ୍ଟ, ନୀତିଭ୍ରଷ୍ଟ ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ। ତେଣୁ ସମାଜ ତଥା ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଯେତିକି ଭୂମିକା ରହିଛି, ଯୁବ ସମାଜର ମଧ୍ୟ ଅନୁରୂପ ଭୂମିକା ଥିବା ସେ କହିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା କେତେଜଣ ଛାତ୍ରୀଛାତ୍ର ସମ୍ପ୍ରତି ସମାଜରେ ଗଣମାଧ୍ୟମର ସକାରାତ୍ମକ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। କିନ୍ତୁ କେତୋଟି ଗଣମାଧ୍ୟମ ସାଧାରଣ ଲୋକଙ୍କ ମୂଲ୍ୟହୀନ ମନ୍ତବ୍ୟ ଓ ସମ୍ପାଦକମାନଙ୍କର ତ୍ରୁଟିପୂର୍ଣ୍ଣ ଖବର ପରିବେଶ ଉପରେ କୁପ୍ରଭାବ ପକାଉଥିବା ଯୁକ୍ତି ଉପସ୍ଥାପନ କରିଥିଲେ । ଯୁବ ସମାଜକୁ ଦିଶା ଦେଖାଇବା କ୍ଷେତ୍ରରେ ଏହି ଗଣମାଧ୍ୟମ ଦିଗହରା ହୋଇ ପଡିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ପ୍ରତିଯୋଗିତାରେ ୧୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଶିବ ପ୍ରସାଦ ମହାନ୍ତି ପ୍ରଥମ, ରଶ୍ମିତା ମଣ୍ଡଳ ଦ୍ୱିତୀୟ ଓ ଅଙ୍କିତା ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ମଞ୍ଚ ପରିଚାଳନା କରିଥିଲେ । ଧରିତ୍ରୀ ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାରାଦୀପ ପ୍ରତିନିଧି ଶରତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଧରିତ୍ରୀର ବରିଷ୍ଠ ସହ ସମ୍ପାଦକ ଅରୁଣପ୍ରସାଦ କାନୁନ୍‌ଗୋ, ସହ ସମ୍ପାଦକ ଅରବିନ୍ଦ ମହାନ୍ତି, ରାହାମା ଖବରଦାତା ଶ୍ରୀକାନ୍ତ ଦାସ ସହଯୋଗ କରିଥିଲେ।

## ବିଜେତାଙ୍କ ମୁହଁରୁ...



"ଗଣମାଧ୍ୟମକୁ ସ୍ୱାଧୀନତା ଦେବାରେ ସାରା ବିଶ୍ୱରେ ଭାରତ ୧୫୦ତମ ସ୍ଥାନରେ ଅଛି। ୨୦୨୧ରେ ଆମ ଦେଶ ୧୪୨ତମ ସ୍ଥାନରେ ଥିଲା। ଏଠାରେ ଗଣମାଧ୍ୟମକୁ ହତ୍ୟା କରାଯାଉଛି। ଏହାର ମୁଖ୍ୟାଂଶରେ ରାଜନେତା ତଥା ଶାସକ ରହିଛନ୍ତି। ବିଧାନସଭାଠାରୁ ବିଭିନ୍ନ କ୍ଷେତ୍ରରେ ଗଣମାଧ୍ୟମକୁ ଦୂରେଇ ରଖାଯିବା ଯନ୍ତ୍ରଣାଦାୟକ କଥା। ଏହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ। ଏହାସତ୍ତ୍ୱେ ଓଡ଼ିଶାରେ ଏକ ଦାୟିତ୍ୱବାନ୍ ଖବରକାଗଜ ହିସାବରେ ଧରିତ୍ରୀ କେବଳ ଖବର ପରିବେଷଣ କରୁନାହିଁ ବରଂ ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣ ବା ପ୍ରତିଭାକୁ ଲୋକଲୋଚନକୁ ଆଣିବା କ୍ଷେତ୍ରରେ ଆମ୍ଭମାନଙ୍କୁ ବଡ଼ ସୁଯୋଗ ଦେଇଛି। ଧରିତ୍ରୀର ଏହି ଉଦ୍ୟମ ପ୍ରଶଂସନୀୟ। **– ଶିବ ପ୍ରସାଦ ମହାନ୍ତି, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର**



"ଛାତ୍ରୀଛାତ୍ରଙ୍କ ଭିତରେ ଥିବା ପ୍ରତିଭାକୁ ପରଖିବା ପାଇଁ ଧରିତ୍ରୀ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ନିଆଯାଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ସ୍ୱରାଷ୍ଟ୍ର ଗଠନରେ ଯୁବପିଢ଼ିଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ ନ ଥିଲେ ଗଣତନ୍ତ୍ର ତିଷ୍ଠି ରହିପାରି ନ ଥାନ୍ତା ।

**–ରଶ୍ମିତା ମଣ୍ଡଳ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ**



"ଭାରତରେ ଅନେକ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ରହିଛି। ଏସବୁରେ ଲୋକଙ୍କ ସ୍ୱାର୍ଥ ପାଇଁ ବହୁତ ଖବର ପ୍ରକାଶ ପାଉଛି ସତ, କିନ୍ତୁ କେତେକରେ ମୂଲ୍ୟହୀନ ଖବର ପ୍ରକାଶ ପାଇବା ଦୁଃଖଦାୟକ ଘଟଣା। ଏ ପରିସ୍ଥିତିରେ ଧରିତ୍ରୀ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ।

**– ଅଙ୍କିତା ପଟ୍ଟନାୟକ, ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ**

# ସାପ କାମୁଡ଼ାରେ ୩ ମୃତ

## ଦୁଇ ଭାଇଙ୍କ ଜୀବନ ଗଲା

**ଦେବଗଡ଼, ୨୫ା୭, (ଶଶାଙ୍କ ଶେଖର ଝଙ୍କର)**

ମଙ୍ଗଳବାର ଭୋରୁ ବିଷାକ୍ତ ସାପ କାମୁଡ଼ାରେ ଦେବଗଡ଼ ପୌରାଞ୍ଚଳ ୯ନମ୍ବର ୱାର୍ଡ ଜାଙ୍ଗଲିକୁଦରର ୨ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ସର୍ବେଶ୍ୱର ଦେହୁରୀଙ୍କ ପୁଅ ଗୌରାଙ୍ଗ (୧୪) ଓ ସୌଭାଗ୍ୟ (୮)। ସୋମବାର ରାତିରେ ଦୁଇ ଭାଇ ଖିଆପିଆ ସାରି ଘର ଚଟାଣରେ ଶୋଇ ପଡ଼ିଥିଲେ। ତେବେ ଭୋର ପ୍ରାୟ ୪ଟାରେ ଏକ ଚିତିସାପ ଉଭୟଙ୍କୁ କାମୁଡି ଦେଇଥିଲା। ଗୌରାଙ୍ଗ ଏକଥା ପରିବାର ଲୋକଙ୍କୁ ଜଣାଇବାରୁ ସେମାନେ ଉଭୟଙ୍କୁ ଚିକିତ୍ସା ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରଥମେ ସୌଭାଗ୍ୟ ଓ କିଛି ସମୟ ପରେ ଗୌରାଙ୍ଗଙ୍କ ମୃତ୍ୟୁ ଘଟିଥିଲା। ସୂଚନାପାଇ ଦେବଗଡ଼ ଆଦର୍ଶ ଥାନା ପୋଲିସ ୨ଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ୨ନାବାଳକ ଭାଇଙ୍କର ମୃତ୍ୟୁ ଖବର ଶୁଣି ୯ନମ୍ବର ୱାର୍ଡର କାଉନ୍‌ସିଲର ସରୋଜିନୀ ମୁଣ୍ଡା ଓ ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପରିବାରକୁ ସମବେଦନା ଜଣାଇବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିଥିଲେ। ସେହିପରି ରାଜସ୍ୱ ବିଭାଗ ପକ୍ଷରୁ ଦେବଗଡ଼ ରାଜସ୍ୱ ନିରୀକ୍ଷକ ହିମାଂଶୁ ଶେଖର ଗୁରୁ ମଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ।

## ପୁଅ ମୃତ, ମା' ଗୁରୁତର

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଉଦଳା(ସନ୍ତୋଷ କୁମାର ବାଛିନୀ),୨୫ା୭**

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ କଟୁରିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସାପ କାମୁଡ଼ାରେ ପୁଅର ମୃତ୍ୟୁ ହୋଇଥିବା ବେଳେ ମା' ଗୁରୁତର ହୋଇଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ସୋମବାର କଟୁରିଆ ଗ୍ରାମର ମିନତୀ ମହାକୁଡ଼ ୬ ମାସର ଶିଶୁପୁତ୍ର ଘନକୁ ଧରି ଘରେ ଶୋଇଥିଲେ। ରାତି ପ୍ରାୟ ୧ଟା ସମୟରେ ଏକ ବିଷାକ୍ତ ଚିତି ସାପ ଉଭୟ ମା' ଏବଂ ପୁଅଙ୍କୁ କାମୁଡ଼ିଥିଲା। ସ୍ୱାମୀ ଜଗା ଏବଂ ପରିବାର ଲୋକେ ଏହା ଜାଣି ମଙ୍ଗଳବାର ସକାଳେ ଉଭୟଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ମିନତୀଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ପୂର୍ବତନ ବିଧାୟକ ରମେଶ ସୋରେନଙ୍କ ପରଲୋକ

**ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଖୁଣ୍ଟା (ଦେବରଞ୍ଜନ ବେହେରା), ୨୫ା୭**

ମୟୂରଭଞ୍ଜ ଜିଲା ଖୁଣ୍ଟା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରମେଶ ସୋରେନ(୮୨)ଙ୍କ ସୋମବାର ଭୁବନେଶରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ବୟସାଧିକ କାରଣରୁ ଦୀର୍ଘ ୩ ମାସ ଧରି ସେ ଚିକିତ୍ସାଧୀନ ଥିଲେ। ସେ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଭାବେ ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ



ସେ ପ୍ରତ୍ୟକ୍ଷ ରାଜନୀତିରେ ସକ୍ରିୟ ନ ଥିଲେ। ସୋରେନ ଖୁଣ୍ଟା ହାଇସ୍କୁଲରେ ଖେଳ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥିବା ବେଳେ ୧୯୭୧ରେ ରାଜନୀତିରେ ପ୍ରବେଶ କରିଥିଲେ। ସେ ସମୟରେ ସେ କଂଗ୍ରେସ ଦଳର ଜିଲା ସାଂଗଠନିକ ଦାୟିତ୍ୱ ତୁଲାଇଥିଲେ। ପରେ ୧୯୭୪, ୧୯୭୭ ଓ ୧୯୮୦ ମସିହାରେ କଂଗ୍ରେସ ଦଳରୁ ଖୁଣ୍ଟା ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚତ ହୋଇଥିଲେ। ତାଙ୍କ ବିୟୋଗ ଖବର ପ୍ରଚାର ହେବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଖୁଣ୍ଟା ବ୍ଲକ ଅଧୀନ ଭାଲିଆଡ଼ିହା ଗ୍ରାମସ୍ଥିତ ତାଙ୍କ ବାସଭବନରେ ମରଶରୀର ପହଞ୍ଚିବା ପରେ ପୂର୍ବତନ ସାଂସଦ ସୁଶୀଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ପିସିସି ସଭ୍ୟ ରାକେଶ ସିଂ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଏସ୍‌ଏସ୍‌ଡି ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ନିରୁପମା ଦାସ, ଜ୍ୟେଷ୍ଠ ପୁତ୍ର ତଥା ମୟୂରଭଞ୍ଜ ଜିଲା ଲକ୍ଷ୍ମୀପୋଷି ବାଟାଲିୟନ (ଆର୍ମ୍ସ)ର ସବ୍ ଇନ୍ସପେକ୍ଟର ଭିଏସ୍ ଜୀବନ ସଂଗ୍ରାମ ଏବଂ କନିଷ୍ଠ ପୁତ୍ର ତଥା ୧୩ ନଂ.ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ଭିଏସ୍ ଜ୍ୟୋତି ସଂଗ୍ରାମ ପ୍ରମୁଖ ଉପସ୍ଥିତ ଥିଲେ।

# ସମସ୍ତ ସରକାରୀ ହସ୍ପିଟାଲରେ ରହିବ ଆଣ୍ଟିଭେନମ୍

## ସାପ କାମୁଡ଼ା ମୃତ୍ୟୁ ରୋକିବାକୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା

- ସିଡିଏମ୍‌ଓଙ୍କୁ ଚିଠି ଲେଖିଲା ଜନସ୍ୱାସ୍ଥ୍ୟ ବିଭାଗ
- ତ୍ୱରିତ ଚିକିତ୍ସା, ସଚେତନତାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୫ା୭(ଅଭିଜିତ ଦାସ)**

ରାଜ୍ୟରେ ଦିନକୁ ଦିନ ସାପ କାମୁଡା ମୃତ୍ୟୁସଂଖ୍ୟା ବଢୁଛି। ଚଳିତ ଜୁଲାଇ ମାସର ଏବେ ପର୍ଯ୍ୟନ୍ତ ୧୫ଜଣ ସାପ କାମୁଡ଼ା ରୋଗୀଙ୍କ ମୃତ୍ୟୁ ଘଟିବା ପରେ ଚିନ୍ତା ବଢ଼ିଛି। ସାପ କାମୁଡାଜନିତ ମୃତ୍ୟୁ ରୋକିବା ଲାଗି ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲାର ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କୁ ଚିଠି ଲେଖାଯାଇଛି। ଏଥିସହ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ମଧ ଜାରି କରାଯାଇଛି। ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ସାପ କାମୁଡା ରୋଗୀଙ୍କୁ ଔଷଧ ଓ ଟେଷ୍ଟିଂ ମାଗଣାରେ ଯୋଗାଇ ଦିଆଯିବ। ଏଥିସହ ଆଣ୍ଟିଭେନମ୍ ଇଞ୍ଜେକ୍ସନ ସମେତ ଜରୁରୀକାଳୀନ ଔଷଧ ମହଜୁଦ ରହିବ। ରୋଗୀଙ୍କ ଚିକିତ୍ସା ସଂକ୍ରାନ୍ତ ସମସ୍ତ ତଥ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱାସ୍ଥ୍ୟ ବିଭାଗକୁ ପଠାଇବେ। ସମସ୍ତ ଫିଲ୍ଡ କର୍ମଚାରୀ ସାପକାମୁଡା ରୋଗୀଙ୍କୁ ଡାକ୍ତରଖାନା ଆଣିବା ଓ ଚିକିତ୍ସା କରିବାରେ ସାହାଯ୍ୟ କରିବେ। ବିନା ତାଲିମପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ଯେପରି କୌଣସିଠାରେ ସାପକାମୁଡ଼ା ରୋଗୀଙ୍କ ଚିକିତ୍ସା ନ ହୁଏ, ସେଥିପାଇଁ ଧ୍ୟାନ ରଖିବେ। ଅନ୍ୟପକ୍ଷରେ ସଚେତନତାକୁ ବିଭାଗ ଅଧିକ ଗୁରୁତ୍ୱ ଦେଇଛି। କେଉଁ ସାପ ବିଷଧର, ସାପ କାମୁଡା ଚିକିତ୍ସାକୁ ନେଇ ଲୋକଙ୍କୁ ସାଧାରଣ ସଭା ଓ ବୈଠକ ମାଧ୍ୟମରେ ସଚେତନ କରାଯିବ। ଝଡ଼ାଫୁଙ୍କା ଭଳି ଅନ୍ଧବିଶ୍ୱାସକୁ ଲୋକେ ଯେପରି ବିଶ୍ୱାସ ନ କରନ୍ତି, ସେଥିଲାଗି ପଦକ୍ଷେପ ନେବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ ଟିମ୍ ବିଭିନ୍ନ ସ୍ଥାନକୁ ଯାଇ ଲୋକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇବେ। ସାପ ଦେଖିଲେ ଲୋକମାନେ ସ୍ଥାନୀୟ ସ୍ନେକ ହେଲ୍ପ ଲାଇନ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିବାବେଳେ ବିଷାକ୍ତ ସାପକୁ ଚିହ୍ନଟ କରିବା ସହ ଆବଶ୍ୟକ ସଚେତନତା ସୃଷ୍ଟି କରାଯିବ। ସାପକାମୁଡା ରୋଗୀର ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଜରୁରିକାଳୀନ ପରିସ୍ଥିତିରେ ମେଡିକାଲ କଲେଜ ଓ ଉପରିସ୍ଥ ହସ୍ପିଟାଲକୁ ପଠାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ଏବଂ ପୁରୀ ପାଇଁ ଡ୍ରାଇଭର ଆବଶ୍ୟକ
ଉପଯୁକ୍ତ ଡ୍ରାଇଭିଂ ଲାଇସେନ୍ସ ଥିବା ଦରକାର
ଶିକ୍ଷାଗତ ଯୋଗ୍ୟତା - ମାଟ୍ରିକ ପାସ କରିଥିବେ
୨ ରୁ ୪ ବର୍ଷ ଅଭିଜ୍ଞତା ଥିଲେ - ଟଙ୍କା ୧୨୫୦୦
୪ ରୁ ୬ ବର୍ଷ ଅଭିଜ୍ଞତା ଥିଲେ - ଟଙ୍କା ୧୩୫୦୦
୬ ବର୍ଷରୁ ଅଧିକ ଅଭିଜ୍ଞତା ଥିଲେ - ଟଙ୍କା ୧୪୫୦୦
ଦରମା + PF + ESIC + ରହିବା ସୁବିଧା ଅଛି
ଯୋଗାଯୋଗ:
ବସୁଧା ଏଣ୍ଟରପ୍ରାଇଜେସ, ଭୁବନେଶ୍ୱର,
ମୋ.: ୯୯୩୭୦୨୭୪୭୮

BADRIPRASAD Group of Institutions
NURSING PROGRAMMES
B.Sc Nursing
Eligibility : +2 Science PCB with 45% Genral, 40% ST/SC
PB BSc Nursing
Eligibility : GNM Pass with onmrc Registration
BADRIPRASAD Institute of Medical Science SAMBALPUR
9937380097, 9238400140, 8908119285
AT- DEBAIPALI, MAJHIPALI CHOWK, PO - SASON, DIST:-SAMBALPUR, PIN-768200
Web : www.bitsambalpur.org / Email : bitechsbp@gmail.com / bcetsbp@gmail.com
BADRIPRASAD College of Nursing BARGARH
7504241329, 7978356289, 9668822600
At - Ambapali, Ward No. 17, Po/PS/ Dist - Bargarh, PIN - 768028,
Email : badriprasad.nursing@gmail.com

MARUTI SUZUKI ARENA
NEXA
WALK-IN INTERVIEW
ON
29th July (Sat.) 2.30pm to 5.30pm
30th July (Sun.) 10am to 1pm
REQUIRED FOR ARENA & NEXA OUTLETS ACROSS AT BHUBANESWAR & CUTTACK
➤ RURAL SALES MANAGER - 02
Minimum 5 years experience in rural Sales of Automobiles or any other industry
➤ SR. RELATIONSHIP MANAGERS - 05
(Team Leaders)
Graduate with 5 years experience in Automobile Sales
➤ USED CAR SOURCING EXECUTIVES - 03
(Evaluators) - DL Mandatory
Diploma/ITI (Fitter/Mechanical/Automobiles)
➤ RELATIONSHIP MANAGERS - 20
(Sales Executives)
Graduate with 2 years experience in any Sales
Freshers can also apply
LOCATIONS
Bhubaneswar City & Cuttack City
Districts - Khordha, Cuttack, Dhenkanal, Jajpur, Kendrapada.
Bring along your resume, passport size photos & qualification documents copies
SKY AUTOMOBILES sales • service • spares - SINCE 1987
Nexa Twin City, NH-16, Naharkanta, Bhubaneswar
Call: 7440025913, 7064806480
Email: hr.ass@skyautomobiles.in, training.odisha@skyautomobiles.in

# ଦ୍ୱିତୀୟ ସ୍ଥାନକୁ ଖସିଲା ଭାରତ

**ଦୁବାଇ, ୨୫।୭ (ପି.ଟି.):** ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟ ଡ୍ର ପରେ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ଦ୍ୱିତୀୟ ସ୍ଥାନକୁ ଖସିଆସିଛି। ଦୁଇ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ରହିବା ପରେ ଭାରତ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟରେ ମଧ୍ୟ ବିଜୟୀ ହେବ ବୋଲି ମନେ ହେଉଥିଲା। ମ୍ୟାଚରେ ବିଜୟ ଲକ୍ଷ୍ୟ ପିଛା କରୁଥିବା ୱେଷ୍ଟଇଣ୍ଡିଜ ଚତୁର୍ଥ ଦିବସ ଖେଳ ଶେଷ ସୁଦ୍ଧା ୨ ଉଇକେଟ ହରାଇ ଆହୁରି ୨୮୯ ରନ ପଛରେ ରହିଥିଲା। ମାତ୍ର ବର୍ଷା ଯୋଗୁ ୫ମ ଦିବସ ଖେଳ ଆଦୌ ସମ୍ଭବ ହୋଇ ନ ଥିଲା। ଫଳରେ ମ୍ୟାଚ ଡ୍ର ଘୋଷଣା କରାଯାଇଥିଲା। ଏହାଦ୍ୱାରା ଭାରତର ବିଜୟ-ପରାଜୟ ପ୍ରତିଶତ ୧୦୦ରୁ ୬୬.୬୭କୁ ହ୍ରାସ ପାଇଛି। ଷ୍ଟାଣ୍ଡିଂରେ ୧୦୦ ପ୍ରତିଶତ ବିଜୟ-ପରାଜୟ ସହ ପାକିସ୍ତାନ ଏକାକୀ ନମ୍ବର ୱାନ ସ୍ଥାନରେ ରହିଛି। ପାକିସ୍ତାନ ଗତ ସପ୍ତାହରେ ଗାଲେଠାରେ ଶ୍ରୀଲଙ୍କା ବିପକ୍ଷରେ ୪ ଉଇକେଟରେ ବିଜୟ ହାସଲ କରିଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଚାମ୍ପିୟନ ଅଷ୍ଟ୍ରେଲିଆ (୫୪.୧୭) ଓ ଇଂଲଣ୍ଡ (୨୯.୧୭) ବର୍ତ୍ତମାନ ଆଶେସ ସିରିଜ ଖେଳୁଛନ୍ତି। ଉଭୟେ ଷ୍ଟାଣ୍ଡିଂରେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି। ଭାରତ ବିପକ୍ଷରେ ଡ୍ର'ରୁ ୱେଷ୍ଟଇଣ୍ଡିଜକୁ ଫାଇଦା ମିଳିଛି। ଦଳର ବିଜୟ-ପରାଜୟ ପ୍ରତିଶତ ୧୬.୬୭କୁ ବୃଦ୍ଧି ପାଇଛି। ଦଳ ୫ମ ସ୍ଥାନକୁ ଉନ୍ନୀତ ହୋଇଥିବା ବେଳେ ଶ୍ରୀଲଙ୍କା ଗୋଟିଏ ପରାଜୟ ସହ ୯ମ ସ୍ଥାନରେ ଅଛନ୍ତି।

# ଭାରତୀୟ ଦଳରେ ଓଡ଼ିଶାର ଅମିତ

**ନୂଆଦିଲ୍ଲୀ, ୨୫।୭**

ହିରୋ ଏସିଆନ ଚାମ୍ପିୟନ୍ସ ଟ୍ରଫି ଚେନ୍ନାଇର ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମରେ ଅଗଷ୍ଟ ୩ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ମଙ୍ଗଳବାର ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାରୁ କେବଳ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। ଡ୍ରାଗଫ୍ଲିକର ହରମନପ୍ରୀତ ସିଂ ଅଧିନାୟକ ଏବଂ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଉପ-ଅଧିନାୟକ ଭାବେ ଅପରିବର୍ତ୍ତିତ ରହିଛନ୍ତି। ଭାରତ ଏହି ପ୍ରତିଯୋଗିତାରେ କୋରିଆ, ମାଲେସିଆ, ପାକିସ୍ତାନ, ଜାପାନ ଓ ଚାଇନା ସହିତ ଖେଳିବ। ଆସନ୍ତା ହାଙ୍ଗଝୋଉ ଏସିଆନ ଗେମ୍ସପୂର୍ବରୁ ଏହି ଟୁର୍ନାମେଣ୍ଟରେ ଭାରତକୁ ଭଲ ପ୍ରସ୍ତୁତି ମିଳିବ।

ଦୁଇ ଅଭିଜ୍ଞ ଗୋଲକିପର ପି.ଆର. ଶ୍ରୀଜେଶ ଓ କ୍ରିଶନ ବାହାଦୂର ପାଠକଙ୍କୁ ପୁଣି ଗୁରୁଦାୟିତ୍ୱ ଦିଆ ଯାଇଛି। ସେହିପରି ଅମିତ ରୋହିଦାସଙ୍କ ସମେତ ଜରମନପ୍ରୀତ ସିଂ, ସୁମିତ, ଯୁଗରାଜ ସିଂ, ହରମନପ୍ରୀତ ସିଂ ଓ ବରୁଣ କୁମାରଙ୍କ ଉପରେ ରକ୍ଷଣଭାଗ ଦାୟିତ୍ୱ ରହିବ। ପ୍ରୋ ଲିଗ୍‌ର ୟୁରୋପିଆଚ ଚରଣରେ ଡିଫେଣ୍ଡରଭାବେ ଖେଳିଥିବା


ଅମିତ ରୋହିଦାସ

ମନପ୍ରୀତ ସିଂଙ୍କୁ ପୁଣି ମିଡ୍‌ଫିଲ୍ଡରେ ଦେଖିବାକୁ ମିଳିବ। ''ଆମେ ବିଭିନ୍ନ ଦିଗକୁ ଲକ୍ଷ୍ୟରେ ରଖି ଦଳ ଚୟନ କରିଛୁ। ଏହା ଯୁବ ଏବଂ ଅଭିଜ୍ଞ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ। ସ୍ପାନିଶ ହକି ଫେଡେରେଶନର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପରେ ଭାରତୀୟ ଦଳ ସିଧାସଳଖ ପ୍ରତ୍ୟାବର୍ତ୍ତନ କରି ଘରୋଇ ପରିବେଶରେ ଚାମ୍ପିୟନ୍ସ ଟ୍ରଫି ଖେଳିବ। ଆମ ଖେଳାଳିମାନେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଘରୋଇ ପରିବେଶରେ ଖେଳିବାପାଇଁ ବ୍ୟଗ୍ର ଅଛନ୍ତି'' ବୋଲି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ ପ୍ରକାଶ କରିଛନ୍ତି।

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଷ୍ଟାର ସ୍ପୋର୍ଟ୍ସ ଓ ଫ୍ୟାନକୋଡ୍‌ରେ ପ୍ରସାରିତ ହେବ। ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ ଭାରତ ଅଗଷ୍ଟ ୩ରେ ଚାଇନା ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୪ରେ ଜାପାନ, ୬ରେ ମାଲେସିଆ, ୭ରେ କୋରିଆ ଓ ୯ରେ ପାକିସ୍ତାନକୁ ଭେଟିବ। ଅଗଷ୍ଟ ୧୧ରେ ୨ଟି ଯାକ ସେମିଫାଇନାଲ ଏବଂ ୫-୬ ସ୍ଥାନପାଇଁ ପ୍ଲେସିଂ ମ୍ୟାଚ ହେବ। ୧୨ ତାରିଖରେ ଫାଇନାଲ ଓ ତୃତୀୟ ସ୍ଥାନପାଇଁ ମ୍ୟାଚ ଅନୁଷ୍ଠିତ ହେବ।

**ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି**

**ଭାରତର ମ୍ୟାଚ**

ଅଗଷ୍ଟ ୩: ବନାମ ଚାଇନା
ଅଗଷ୍ଟ ୪: ବନାମ ଜାପାନ
ଅଗଷ୍ଟ ୬: ବନାମ ମାଲେସିଆ
ଅଗଷ୍ଟ ୭: ବନାମ କୋରିଆ
ଅଗଷ୍ଟ ୯: ବନାମ ପାକିସ୍ତାନ

**ଭାରତୀୟ ଦଳ**

ଗୋଲକିପର୍ସ: ପି.ଆର. ଶ୍ରୀଜେଶ, କ୍ରିଶନ ବାହାଦୂର ପାଠକ। ଡିଫେଣ୍ଡର୍ସ: ଜରମନପ୍ରୀତ ସିଂ, ସୁମିତ, ଯୁଗରାଜ ସିଂ, ହରମନପ୍ରୀତ ସିଂ (ଅଧିନାୟକ), ବରୁଣ କୁମାର, ଅମିତ ରୋହିଦାସ। ମିଡ୍‌ଫିଲ୍ଡର୍ସ: ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ବିବେକ ସାଗର ପ୍ରସାଦ, ମନପ୍ରୀତ ସିଂ, ନିଲକାନ୍ତ ଶର୍ମା, ସମଶେର ସିଂ। ଫରୱାର୍ଡ୍ସ: ଆକାଶଦୀପ ସିଂ, ମନଦୀପ ସିଂ, ଗୁରଜାନ୍ତ ସିଂ, ସୁଖଜିତ ସିଂ, ଏସ. କାର୍ଥୀ।

# ହରମନପ୍ରୀତ୍ ୨ ମ୍ୟାଚରୁ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୨୫।୭**

ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନ୍‌ପ୍ରୀତ କୌରଙ୍କୁ ପରବର୍ତ୍ତୀ ଦୁଇ ଅନ୍ତର୍ଜାତୀୟ ମ୍ୟାଚରୁ ସସ୍‌ପେଣ୍ଡ କରାଯାଇଛି। ଶନିବାର ଢାକାଠାରେ ବାଂଲାଦେଶ ବିପକ୍ଷ ଆଇସିସି ମହିଳା ଚାମ୍ପିୟନଶିପ୍ ତୃତୀୟ ମ୍ୟାଚ ବେଳେ ଦୁଇଟି ପୃଥକ୍ ପୃଥକ ଘଟଣାରେ ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଆଚରଣ ବିଧି ଉଲ୍ଲଂଘନ କରିଥିଲେ। ଭାରତ ଇନିଂସର ୩୪ତମ ଓଭରରେ ସ୍ପିନର ନାହିଦା ଅକତରଙ୍କ ବୋଲିଂରେ ସ୍ଲିପ୍ ଅଞ୍ଚଳରେ କ୍ୟାଚ ଆଉଟ ହୋଇଯାଇଥିଲେ ହରମନ୍‌ପ୍ରୀତ। ଏଥିରେ ହତାଶାଭାବ ପ୍ରକାଶ କରିବାକୁ ଯାଇ ସେ ତାଙ୍କ ବ୍ୟାଟ୍‌ରେ ଉଇକେଟକୁ ପ୍ରହାର କରିଥିଲେ। ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ ଲାଗି ଉଦ୍ଦିଷ୍ଟ ଆଇସିସି ଆଚରଣ ବିଧି ଧାରା ୨.୮ ଅନ୍ତର୍ଗତ ଲେଭଲ-୨ ଅପରାଧ ପାଇଁ କୌରଙ୍କୁ ତାଙ୍କ ମ୍ୟାଚ ଫି'ର ୫୦ ପ୍ରତିଶତ ଜରିମାନା ହୋଇଥିବା ବେଳେ ତାଙ୍କ ଡିସିପ୍ଲିନାରି ରେକର୍ଡରେ ୩ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରିଥିବାରୁ ଭାରତୀୟ ଅଧିନାୟିକାଙ୍କୁ ଏହି ଦଣ୍ଡ ମିଳିଛି। କୌରଙ୍କୁ ଆହୁରି ମଧ୍ୟ ଲେଭଲ ୧ ଅପରାଧ ପାଇଁ ତାଙ୍କ ମ୍ୟାଚ ଫି'ର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏକ ଅନ୍ତର୍ଜାତୀୟ ମ୍ୟାଚରେ ସର୍ବସାଧାରଣରେ ସମାଲୋଚନା ପାଇଁ ତାଙ୍କୁ ଏହି ଦଣ୍ଡ ମିଳିଛି। ପୁରସ୍କାର ବିତରଣ ଉତ୍ସବରେ ସେ ଖୋଲାଖୋଲି ଭାବେ ଅମ୍ପାୟରିଂକୁ ସମାଲୋଚନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ନିଜର ବକ୍ତବ୍ୟ ରଖି କୌର ମ୍ୟାଚର ଅମ୍ପାୟରିଂକୁ ନିମ୍ନ ସ୍ତରର କହି ସମାଲୋଚନା କରିଥିଲେ। ଟ୍ରଫି ହସ୍ତାନ୍ତର କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଅମ୍ପାୟରମାନଙ୍କୁ ମଧ୍ୟ ଆମନ୍ତ୍ରଣ କରାଯିବା ଉଚିତ ବୋଲି ପରିହାସ ଛଳରେ କହିଥିଲେ। ତାଙ୍କ ଅଭଦ୍ର ବ୍ୟବହାରରେ ଅତିଷ୍ଠ ହୋଇ ବାଂଲାଦେଶ ଅଧିନାୟିକା ନିଗାର ସୁଲତାନ ତାଙ୍କ ଦଳ ସହିତ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଗଲାବେଳେ ଭାରତୀୟ ଅଧିନାୟିକାଙ୍କର କିଛି ସିଷ୍ଟାଚାରର ଅଭାବ ରହିଥିବା କହିଥିଲେ।


ହରମନପ୍ରୀତ କୌର

# କେସି ଫେୟାର ସର୍ବକନିଷ୍ଠ ଖେଳାଳି

**ସିଡ୍‌ନୀ, ୨୫।୭ (ପି.ଟି.):** ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍ ଇତିହାସର ସର୍ବକନିଷ୍ଠ ଖେଳାଳି ପାଲଟିଛନ୍ତି ଦକ୍ଷିଣ କୋରିଆର କେସି ଫେୟାର। ୧୬ ବର୍ଷ ୨୬ ଦିନରେ କେସି ଖେଳିବା ସହିତ ଇତିହାସ ରଚିଛନ୍ତି। ମ୍ୟାଚ୍‌ର ୭୮ ତମ ମିନିଟରେ କେସି ବଦଳ ଖେଳାଳି ଭାବରେ ଆସିଥିବା ବେଳେ ଦିବଙ୍ଗତ ଇଫେଆନଲ୍ ଚିଏଜିନଙ୍କ ରେକର୍ଡ ଭାଙ୍ଗିଥିଲେ। ୧୯୯୯ରେ ନାଇଜେରିଆର ପ୍ରତିନିଧିତ୍ୱ କରିଥିବା ଚିଏଜିନଙ୍କ ବୟସ ୧୬ ବର୍ଷ ୩୪ ଦିନ ଥିଲା।

# ଦିନିକିଆ ସିରିଜ ପାଇଁ ୱେଷ୍ଟଇଣ୍ଡିଜ ଦଳ

**ସେଣ୍ଟ ଜନ୍ସ, ୨୫।୭ (ପି.ଟି.)**

ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ୱେଷ୍ଟଇଣ୍ଡିଜ ଦଳ ଘୋଷଣା କରାଯାଇଛି। ଦଳରେ ବିସ୍ଫୋରକ ବ୍ୟାଟର ଶିମରନ ହେଟମେର ଓ ପେସ୍ ବୋଲର ଓଶାନେ ଥୋମାସ୍‌ଙ୍କୁ ସାମିଲ କରାଯାଇଛି। ଦିନିକିଆ ସିରିଜ ବାର୍ବାଡୋସରେ ଗୁରୁବାରଠାରୁ ଆରମ୍ଭ ହେବ। ପୂର୍ବତନ ଅଧିନାୟକ ନିକୋଲସ ପୁରନ ଏବଂ ଅଲରାଉଣ୍ଡର ଜାସନ ହୋଲ୍ଡର ସିଲେକ୍ସନ ପାଇଁ ଉପଲବ୍ଧ ହେଲେ ନାହିଁ। ଆଘାତପ୍ରାପ୍ତ ଅଲ୍‌ରାଉଣ୍ଡର କିମୋ ପଲ୍ ମଧ୍ୟ ସିରିଜରୁ ବଞ୍ଚିତ ହେବେ ବୋଲି କ୍ରିକେଟ ୱେଷ୍ଟଇଣ୍ଡିଜ ତରଫରୁ ସୂଚନା ଦିଆଯାଇଛି। ୧୫ଜଣିଆ ଦଳରେ ଫାଷ୍ଟ ବୋଲର ଜେଡେନ ସିଲ୍ସ ଓ ଲେଗ୍ ସ୍ପିନର ୟାନିକ୍ କାରିଆଙ୍କୁ ନିଆଯାଇଛି। ଇଞ୍ଜୁରିରୁ ମୁକ୍ତି ପାଇବା ପରେ ବାମହାତୀ ସ୍ପିନର ଗୁଡାକେଶ ମୋତିଙ୍କୁ ଦଳରେ ସାମିଲ କରାଯାଇଛି। ପ୍ରଥମ ଦୁଇ ଗେମ୍ କେନ୍‌ସିଙ୍ଗଟନ୍ ଓଭାଲରେ ପ୍ରଥମ ଦୁଇଟି ଗେମ୍ ଜୁଲାଇ ୨୭ ଓ ୨୯ରେ ଖେଳାଯିବ। ଦିନିକିଆ ସିରିଜ ପରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ।

**ୱେଷ୍ଟଇଣ୍ଡିଜ ଦଳ**

ଶାଇ ହୋପ୍ (ଅଧିନାୟକ), ରୋଭମାନ ପାୱେଲ (ଉପଅଧିନାୟକ), ଆଲିକ ଆଥାନେଜ୍, ୟାନିକ୍ କାରିଆ, କେସି କାର୍ଟି, ଡୋମିନିକ୍ ଡ୍ରେକ୍ସ, ଶମରନ ହେଟମେର, ଅଲ୍‌ଜାରି ଯୋଶେଫ୍, ବ୍ରାଣ୍ଡନ କିଙ୍ଗ୍, କାଇଲ ମେୟର୍ସ, ଗୁଡାକେଶ ମୋତି, ଜେଡେନ ସିଲ୍ସ, ରୋମାରିଓ ଶେଫର୍ଡ, କେଭିନ ସିନ୍‌କ୍ଲେୟର, ଓସାନେ ଥୋମାସ।

# ଭାରତ ୫ ଟେଷ୍ଟ, ୩ ଦିନିକିଆ, ୮ ଟି୨୦ ଖେଳିବ

**ନୂଆଦିଲ୍ଲୀ, ୨୫।୭ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ୨୦୨୩-୨୪ ଘରୋଇ ସିଜନ ପାଇଁ ଟିମ୍ ଇଣ୍ଡିଆର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଏହି ସମୟ ମଧ୍ୟରେ ଭାରତୀୟ କ୍ରିକେଟ ଦଳ ୫ ଟେଷ୍ଟ, ୮ ଟି୨୦ ଓ ୩ଟି ଦିନିକିଆ ମ୍ୟାଚ ଖେଳିବ। ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଥିବାରୁ ଭାରତର ବିଶ୍ୱକପ ପ୍ରସ୍ତୁତି ଭଲଭାବେ ହୋଇପାରିବ। ଇଂଲଣ୍ଡ ବିପକ୍ଷରେ ଭାରତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ବିଶ୍ୱକପ ମ୍ୟାଚ ଆୟୋଜନରୁ ବଞ୍ଚିତ ହୋଇଥିବା ମୋହାଲି, ନାଗପୁର, ରାଜକୋଟ, ଇନ୍ଦୋର, ଥିରୁଭାନନ୍ତପୁରମ ଭେନ୍ୟୁକୁ ଘରୋଇ ସିଜନରେ ଗୁରୁତ୍ୱ ଦିଆ ଯାଇଛି ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି।

ସେପ୍ଟେମ୍ବର ୨୨ରେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ମୋହାଲିରେ ପ୍ରଥମ ଦିନିକିଆ ଖେଳିବ। ଆସନ୍ତା ବର୍ଷ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି୨୦ ବିଶ୍ୱକପ ହେବାର ଥିବାରୁ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳକୁ ଘରୋଇ ପରିବେଶରେ ୮ଟି ଟି୨୦ ଖେଳିବା ସୁଯୋଗ ଦିଆଯାଇଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ୫ଟି ଓ ଆଫଗାନିସ୍ତାନ ବିପକ୍ଷରେ ୩ ଟି୨୦ ସାମିଲ। ଆଫଗାନିସ୍ତାନ ପୂର୍ବରୁ ୨୦୧୮ରେ ଭାରତରେ ଏକ ଟେଷ୍ଟ ମ୍ୟାଚ ଖେଳିଥିଲା। ମାତ୍ର ସୀମିତ ଓଭର ସିରିଜ ଖେଳିବା ଏହା ପ୍ରଥମ ହେବ। ଭାରତ ଓ ଇଂଲଣ୍ଡ ମଧ୍ୟରେ ଆଣ୍ଟୋନୀ ଡି ମେଲୋ ଟ୍ରଫି ପାଇଁ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅନୁଷ୍ଠିତ ହେବ।

**୨୦୨୩-୨୪ ଘରୋଇ ସିଜନ**

ମ୍ୟାଚ ଗୁଡ଼ିକ ହାଇଦ୍ରାବାଦ, ବିଶାଖାପାଟଣା, ରାଜକୋଟ, ରାଞ୍ଚି ଓ ଧର୍ମଶାଳାରେ ଖେଳାଯିବ। ଚଳିତ ବର୍ଷ ପ୍ରାରମ୍ଭରେ ଠିକ୍ ସମୟରେ ପଡ଼ିଆ ପ୍ରସ୍ତୁତ ହୋଇପାରି ନ ଥିବାରୁ ଧର୍ମଶାଳା ବର୍ଡର-ଗାଭାସ୍କର ଟ୍ରଫିର ଏକ ମ୍ୟାଚ ଆୟୋଜନରୁ ବଞ୍ଚିତ ହୋଇଥିଲା। ତେଣୁ ଭାରତ-ଇଂଲଣ୍ଡ ସିରିଜର ଏକ ଟେଷ୍ଟ ଧର୍ମଶାଳାରେ ରଖାଯାଇଛି। ଇଂଲଣ୍ଡ ବିପକ୍ଷ ସିରିଜର ୩ ସପ୍ତାହ ବ୍ରେକ୍ ପରେ ଇଣ୍ଡିଆନ ପ୍ରିମିୟର ଲିଗ୍ ଆରମ୍ଭ ହେବ।

**କାର୍ଯ୍ୟସୂଚୀ**

**ଅଷ୍ଟ୍ରେଲିଆ ସିରିଜ**

ସେପ୍ଟେମ୍ବର ୨୨: ପ୍ରଥମ ଦିନିକିଆ, ମୋହାଲି
ସେପ୍ଟେମ୍ବର ୨୪: ଦ୍ୱିତୀୟ ଦିନିକିଆ, ଇନ୍ଦୋର
ସେପ୍ଟେମ୍ବର ୨୭: ତୃତୀୟ ଦିନିକିଆ, ରାଜକୋଟ
ନଭେମ୍ବର ୨୩: ପ୍ରଥମ ଟି୨୦, ବିଶାଖାପାଟଣା
ନଭେମ୍ବର ୨୬: ଦ୍ୱିତୀୟ ଟି୨୦, ଥିରୁଭାନନ୍ତପୁରମ
ନଭେମ୍ବର ୨୮: ତୃତୀୟ ଟି୨୦, ଗୁଆହାଟି
ଡିସେମ୍ବର ୧: ଚତୁର୍ଥ ଟି୨୦, ନାଗପୁର
ଡିସେମ୍ବର ୩: ପଞ୍ଚମ ଟି୨୦, ହାଇଦ୍ରାବାଦ

**ଆଫଗାନିସ୍ତାନ ସିରିଜ**

ଜାନୁୟାରୀ ୧୧: ପ୍ରଥମ ଟି୨୦, ମୋହାଲି
ଜାନୁୟାରୀ ୧୪: ଦ୍ୱିତୀୟ ଟି୨୦, ଇନ୍ଦୋର
ଜାନୁୟାରୀ ୧୭: ତୃତୀୟ ଟି୨୦, ବେଙ୍ଗାଲୁରୁ

**ଇଂଲଣ୍ଡ ସିରିଜ**

ଜାନୁୟାରୀ ୨୫ରୁ ୨୯: ପ୍ରଥମ ଟେଷ୍ଟ, ହାଇଦ୍ରାବାଦ
ଫେବୃୟାରୀ ୨ରୁ ୬: ଦ୍ୱିତୀୟ ଟେଷ୍ଟ, ବିଶାଖାପାଟଣା
ଫେବୃୟାରୀ ୧୫ରୁ ୧୯: ତୃତୀୟ ଟେଷ୍ଟ, ରାଜକୋଟ
ଫେବୃୟାରୀ ୨୩ରୁ ୨୭: ଚତୁର୍ଥ ଟେଷ୍ଟ, ରାଞ୍ଚି
ମାର୍ଚ୍ଚ ୩ରୁ ୭: ପଞ୍ଚମ ଟେଷ୍ଟ, ଧର୍ମଶାଳା

# ଫିଫା ମହିଳା ବିଶ୍ୱକପ: ଫିଲିପାଇନ୍ସ, କଲମ୍ବିଆ ବିଜୟୀ

**ୱେଲିଂଟନ୍, ୨୫।୭ (ପି.ଟି.)**

ଫିଫା ମହିଳା ଫୁଟବଲ୍ ବିଶ୍ୱକପ୍‌ରେ ମଙ୍ଗଳବାର ଫିଲିପାଇନ୍ସ, କଲମ୍ବିଆ ବିଜୟ ହାସଲ କରିଥିବା ବେଳେ ସୁଇଜରଲାଣ୍ଡ ବିପକ୍ଷରେ ପଏଣ୍ଟ ବାଣ୍ଟିଛି ନରୱେ। ଫିଲିପାଇନ୍ସ ବିଶ୍ୱକପ୍ ଇତିହାସରେ ଏହାର ପ୍ରଥମ ବିଜୟ ହାସଲ କରିଥିବା ବେଳେ ସରିନା ବୋଲ୍ଡେନ୍ ପ୍ରଥମ ଗୋଲ ସ୍କୋର କରିଥିଲେ।

**ଫିଲିପାଇନ୍ସର ଐତିହାସିକ ବିଜୟ:** ପ୍ରଥମ ଥର ପାଇଁ ମହିଳା ବିଶ୍ୱକପ୍ ଖେଳୁଥିବା ଫିଲିପାଇନ୍ସ ଆୟୋଜକ ନ୍ୟୁଜିଲାଣ୍ଡକୁ ପରାସ୍ତ କରି ଐତିହାସିକ ବିଜୟ ହାସଲ କରିଛି। ଫିଲିପାଇନ୍ସ ବିଶ୍ୱକପ ଇତିହାସରେ ପ୍ରଥମ ଗୋଲ ସ୍କୋର କରିବାର ସୌଭାଗ୍ୟ ହାସଲ କରିଛନ୍ତି ସରିନା ବୋଲ୍ଡେନ୍। ଉଦ୍‌ଘାଟନୀ ମ୍ୟାଚ୍‌ରେ ଶକ୍ତିଶାଳୀ ନରୱେକୁ ପରାସ୍ତ କରିଥିବା ନ୍ୟୁଜିଲାଣ୍ଡ ଦୃଢ ଭାବରେ ଖେଳ ଆରମ୍ଭ କରିଥିଲା। ପ୍ରଥମ ୨୦ ମିନିଟର ଖେଳକୁ ଘରୋଇ ଦଳ ନିୟନ୍ତ୍ରଣରେ ରଖିଥିଲା। ନ୍ୟୁଜିଲାଣ୍ଡ ଦଳକୁ ସମର୍ଥନ କରି ୩୩ ହଜାର ଦର୍ଶକ ଷ୍ଟାଡିୟମରେ ରହିଥିବା ବେଳେ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଥିଲେ ସରିନା। ୨୪ ତମ ମିନିଟରେ ସେ ସ୍କୋର କରିଥିବା ବେଳେ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଥିଲା। ପ୍ରଥମ ୨୦ ମିନିଟରେ ନ୍ୟୁଜିଲାଣ୍ଡ ୮୦ ପ୍ରତିଶତ ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ଏହି ସମୟ ମଧ୍ୟରେ ୫ ଶଟ୍ ଟାର୍ଗେଟ୍‌ରେ ରହିଥିବା ବେଳେ ଘରୋଇ ଦଳ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ୨୦ତମ ମିନିଟରେ ଫିଲିପାଇନ୍ସକୁ ପ୍ରଥମ ଫ୍ରି କିକ୍ ମିଳିବା ପରେ ଖେଳର ଗତି ବଦଳି ଯାଇଥିଲା। ଭିକ୍ ଏସନ୍ ଏହାକୁ ରୋକିବାରେ ସଫଳ ହୋଇଥିଲେ। ଏହାର ୪ ମିନିଟ ପରେ ଆଉ ଏକ ଫ୍ରି କିକ୍ ମିଳିଥିଲା। ସାରା ଏଗେସ୍‌ଭିକ୍‌ଙ୍କ ଶଟ୍‌କୁ ଭିକ୍ ରୋକିଥିଲେ ମଧ୍ୟ ସରିନା ହେଡର ଜରିଆରେ ଏହାକୁ ଗୋଲରେ ପରିଣତ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଗୋଲ୍ ପରିଶୋଧ ପାଇଁ ଆପ୍ରାଣ ଉଦ୍ୟମ ବିଫଳ ରହିଥିଲା।

**କଲମ୍ବିଆ ବନାମ ଦକ୍ଷିଣ କୋରିଆ:** ସିଡ୍‌ନୀରେ ଅନୁଷ୍ଠିତ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୨-୦ରେ ପରାସ୍ତ କରିଛି କଲମ୍ବିଆ। କାଟାଲିନା ଉସ୍ମେ(୩୦ ମିନିଟ) ଓ କ୍ୟାନ୍ସରରୁ ଆରୋଗ୍ୟ ଲାଭ କରିଥିବା ଲିଣ୍ଡା କାଇସେଡୋ ୩୯ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ୧୫ ବର୍ଷ ବୟସରେ ଜରାୟୁ କ୍ୟାନ୍ସରରୁ ଆରୋଗ୍ୟ ଲାଭ କରିଥିବା ୧୮ ବର୍ଷୀୟ କାଇସେଡୋଙ୍କର ଏହା ବିଶ୍ୱକପରେ ପ୍ରଥମ ଗୋଲ୍। ୩୦ ତମ ମିନିଟରେ କୋରିଆ ଡି ମଧ୍ୟରେ ଶିମ୍ ସିଓ ୟେଅନ୍ ଏକ ଫାଉଲ୍ ମାରିଥିଲେ। କଲମ୍ବିଆକୁ ପେନାଲ୍ଟି କର୍ନର ମିଳିଥିବା ବେଳେ ଉସ୍ମେ ଏହାକୁ ଗୋଲରେ ପରିଣତ କରିଥିଲେ। ୩୯ତମ ମିନିଟରେ କାଇସେଡୋ କୋରିଆ ମିଡ୍‌ଫିଲ୍ଡରଙ୍କୁ ପରାସ୍ତ କରି ଦଳ ପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ କୋରିଆ ପକ୍ଷରୁ ଲି ଜିଉମ୍ ମିନ୍ ସ୍କୋର କରିବାର ନିକଟତର ହୋଇଥିଲେ ହେଁ ଗୋଲକିପର କାଟାଲିନା ପେରେଜ୍ ଚମତ୍କାର ସେଭ୍ କରିଥିଲେ।

**ପଏଣ୍ଟ ବାଣ୍ଟିଲା ନରୱେ**

ହାମିଲଟନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ହାମିଲଟନ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପଏଣ୍ଟ ବାଣ୍ଟିଛି ନରୱେ। ଷ୍ଟାର ଫରୱାର୍ଡ ଖେଳାଳି ତଥା ବାଲନ୍ ଡି ଓର୍ ବିଜୟିନୀ ଆଡା ହେଗରବର୍ଗ ଆହତ କାରଣରୁ ଖେଳି ନ ଥିବା ବେଳେ ମ୍ୟାଚ୍‌ଟି ୦-୦ରେ ଅମୀମାଂସିତ ଭାବରେ ଶେଷ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ନିକଟରୁ ପରାଜିତ ହୋଇଥିବା ନରୱେ ପାଇଁ ଫିଲିପାଇନ୍ସ ବିପକ୍ଷ ଅନ୍ତିମ ମ୍ୟାଚ୍ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ପାଲଟି ଯାଇଛି।


ନରୱେ ଓ ସୁଇଜରଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

**ଆଜିର ମ୍ୟାଚ୍**

ଜାପାନ ବନାମ କୋଷ୍ଟାରିକା
ସମୟ-ସକାଳ ୧୦.୩୦
ସ୍ପେନ୍ ବନାମ ଜାମ୍ବିଆ
ସମୟ-ଅପରାହ୍ନ ୧.୦୦
କାନାଡା ବନାମ ଆୟର୍ଲାଣ୍ଡ
ସମୟ-ଅପରାହ୍ନ ୫.୩୦
**ପ୍ରସାରଣ: ଡିଡି ସ୍ପୋର୍ଟସ୍**

# ଏସିଆନ୍ ଗେମ୍ସ ଯୋଗ୍ୟତା ହରାଇପାରନ୍ତି ଭିନେଶ, ବଜରଙ୍ଗ

**ନୂଆଦିଲ୍ଲୀ, ୨୫।୭ (ପି.ଟି.)**

ଏସିଆନ୍ ଗେମ୍ସ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିଥିବା ଭିନେଶ ଫୋଗଟ ଓ ବଜରଙ୍ଗ ପୁନିଆଙ୍କ ଅଡୁଆ ବଢିବାରେ ଲାଗିଛି। ଅନ୍ୟ ସମସ୍ତ ଖେଳାଳିଙ୍କ ପାଇଁ ଟ୍ରାଏଲ୍ସ ରହିଥିବା ବେଳେ ଏହି ଦୁଇ ଖେଳାଳିଙ୍କୁ ଟ୍ରାଏଲ୍ସରୁ ରିହାତି ମିଳିଥିଲା। ଏସିଆନ୍ ଚାମ୍ପିୟନଶିପ୍ ଆସନ୍ତା ସେପ୍ଟେମ୍ବର ୨୩ ତାରିଖରେ ଚାଇନାର ହାଙ୍ଗଝୋଉରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବିଶ୍ୱ କୁସ୍ତି ଚାମ୍ପିୟନଶିପ୍ ପାଇଁ ଟ୍ରାଏଲ୍ସ ଅନୁଷ୍ଠିତ ହେବ। ଏଥିରେ ଯୋଗ୍ୟତା ହାସଲରେ ବିଫଳ ହେଲେ ଭିନେଶ ଓ ବଜରଙ୍ଗଙ୍କୁ ଏସିଆନ୍ ଗେମ୍ସରୁ ଓହରିବାକୁ ପଡିବ ବୋଲି ଆଡହକ୍ ପ୍ୟାନେଲ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୨ ଓ ୨୩ ତାରିଖରେ ଅନୁଷ୍ଠିତ ଟ୍ରାଏଲ୍ସରେ ପୁରୁଷ ୬୫ କିଗ୍ରା ଫ୍ରି ଷ୍ଟାଇଲରେ ବିଶାଳ କାଳୀରମଣ ଓ ୫୩ କିଗ୍ରା ବର୍ଗରେ ଅନ୍ତିମ ପାଙ୍ଘଲ ବିଜୟୀ ହୋଇଥିଲେ। ଉଭୟ ଖେଳାଳିଙ୍କୁ ବର୍ତ୍ତମାନ ଷ୍ଟାଣ୍ଡବାଇ ଭାବରେ ଦଳରେ ରଖାଯାଇଛି। ଆଡ୍‌ହକ ପ୍ୟାନେଲର ଅନ୍ୟତମ ସଦସ୍ୟ ଚେନ୍ ସିଂ ଏହି ସୂଚନା ଦେଇଛନ୍ତି।

# ବାରବାଟୀରେ ଟେଷ୍ଟ ଆୟୋଜନ ନେଇ ଆଶ୍ୱାସନା



୨୦୨୩-୨୪ ସିଜନ ପାଇଁ ବିସିସିଆଇ ପକ୍ଷରୁ ପ୍ରକାଶିତ ଘରୋଇ କ୍ରିକେଟ ସୂଚୀରେ କଟକର ବାରବାଟୀ ଷ୍ଟାଡିୟମ ସ୍ଥାନ ପାଇନାହିଁ। ମାତ୍ର ଭବିଷ୍ୟତରେ ଏଠାରେ ଟେଷ୍ଟ ମ୍ୟାଚ ଆୟୋଜନ ନେଇ ବିସିସିଆଇ ପକ୍ଷରୁ ଆଶ୍ୱାସନା ଦିଆ ଯାଇଥିବା ଜଣାଯାଇଛି। ବର୍ତ୍ତମାନ ବାରବାଟୀ ପଡ଼ିଆର ପୁନଃନିର୍ମାଣ କାର୍ଯ୍ୟ ଚାଲିଛି। ଏହା ସମ୍ପୂର୍ଣ୍ଣ ହୋଇଗଲେ ଭବିଷ୍ୟତରେ ଅର୍ଥାତ୍ ଇଂଲଣ୍ଡ ବିପକ୍ଷ ସିରିଜପରେ ଯେତେବେଳେ ଫ୍ୟୁଚର ଟୁର୍ କାର୍ଯ୍ୟସୂଚୀ ପ୍ରକାଶ ପାଇବ ସେତେବେଳେ ବାରବାଟୀ ଭେନ୍ୟୁକୁ ବିଚାରକୁ ନିଆଯିବ। ଏ ସମ୍ପର୍କରେ ବିସିସିଆଇ ସମ୍ପାଦକ ଜୟ ଶାହାଙ୍କ ସହିତ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରାଙ୍କର ଆଲୋଚନା ହୋଇଛି ବୋଲି ଜଣାଯାଇଛି। ପ୍ରକାଶ ଯୋଗ୍ୟ ଯେ, ବାରବାଟୀରେ ପୂର୍ବରୁ ମୋଟ ୨ଟି ଟେଷ୍ଟ ମ୍ୟାଚ ଅନୁଷ୍ଠିତ ହୋଇଛି। ୧୯୮୭ ଜାନୁୟାରୀ ୪ରୁ ୭ ପ୍ରଥମ ଟେଷ୍ଟ ଭାରତ ବନାମ ଶ୍ରୀଲଙ୍କା ଏବଂ ୧୯୯୫ ନଭେମ୍ବର ୮ରୁ ୧୨ ଭାରତ ବନାମ ନ୍ୟୁଜିଲାଣ୍ଡ ମଧ୍ୟରେ ଏହି ୨ଟି ଟେଷ୍ଟ ଖେଳା ଯାଇଥିଲା। ଏହାପରେ ବିଭିନ୍ନ କାରଣ ବଶତଃ ବାରବାଟୀରୁ ଟେଷ୍ଟ ଭେନ୍ୟୁ ମାନ୍ୟତାକୁ ପ୍ରତ୍ୟାହାର କରି ନିଆ ଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ